
# ଉତ୍କଳ ପ୍ରସଙ୍ଗ

ଏପ୍ରିଲ - ୧୯



VOL. LIII, No. 8 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍ଘାଟନ କରୁଛନ୍ତି ।



କେଶରୀ ନଗରଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବ[illegible] କୁମାର ବିଶ୍ୱାଳ ଜଳ ସମ୍ପଦ ଭବନର ଶିଳାନ୍ୟାସ କରୁଛନ୍ତି ।
ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କିଶୋର ଭୁଜବଳ ଓ ଜଳସମ୍ପଦ ବିଭାଗ ଶାସନ ସଚିବ ଶ୍ରୀ ରବିନାରାୟଣ ସେନାପତି
ଉପସ୍ଥିତ ଅଛନ୍ତି । ତା ୧୯.୨.୯୭.



ଭୁବନେଶ୍ୱରଠାରେ ଆୟୋଜିତ ପୁସ୍ତକ ମେଳାର ଉଦ୍‌ଯାପନ ଉତ୍ସବରେ
ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍, ପଶ୍ଚିମ ବଙ୍ଗର
ପ୍ରଖ୍ୟାତ ଲେଖକ ଶ୍ରୀ ବୁଦ୍ଧଦେବ ଗୁହଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି । ପୁସ୍ତକ
ମେଳାର ସଭାପତି ଶ୍ରୀ ସାତକଡ଼ି ହୋତା ଉପସ୍ଥିତ ଅଛନ୍ତି ।



ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ୧୯୯୭-୯୮
ଆର୍ଥିକ ବର୍ଷର ବଜେଟ୍ ପ୍ରଦାନ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୫୩ ଭାଗ ୯ମ ସଂଖ୍ୟା ଚୈତ୍ର-ବୈଶାଖ ୧୯୧୮ ଶକାବ୍ଦ ଏପ୍ରିଲ ୧୯୯୬

**ଶ୍ରୀ ଶଶଧର ପାଣିଗ୍ରାହୀ**

ନିର୍ଦ୍ଦେଶକ

ସୂଚନା ଓ ଲୋକ ସମ୍ପର୍କ ବିଭାଗ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**

କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**

ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

**ଶ୍ରୀ ମାନସ ନାୟକ**

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ: ଟ ୨.୦୦

ଓଡିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ **''ଉତ୍କଳ ପ୍ରସଙ୍ଗ''**ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

**''ଉତ୍କଳ ପ୍ରସଙ୍ଗ''** ଓଡିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ

ଏବଂ

ଟାଇପ୍ ସେଟିଂ: ସୂଚନା ଓ ଲୋକ ସମ୍ପର୍କ ବିଭାଗ

# ସୂଚୀ


| | | |
|---|---|---|
| ନବ-ଉତ୍କଳ ନିର୍ମାଣରେ ମଧୁସୂଦନ ଦାସଙ୍କ ଭୂମିକା | ଡଃ ଅତୁଲ ଚନ୍ଦ୍ର ପ୍ରଧାନ | ୧ |
| ଓଡ଼ିଶାର ସ୍ୱାଭିମାନ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ | ଡଃ ବେଣୀ ମାଧବ ପାଢ଼ୀ | ୬ |
| ଓଡ଼ିଶାର ସଂସ୍କୃତି | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି | ୯ |
| ଉତ୍କଳ ସଂଗୀତମ୍ | ଡକ୍ଟର କ୍ଷୀରୋଦ ଚନ୍ଦ୍ର ଦାଶ | ୧୪ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମର ଭୂମିକା | ଶ୍ରୀ ମାଗୁଣି ଦାଶ | ୧୫ |
| ପ୍ରତ୍ନାଭିଲେଖରେ ଓଡ଼ିଶାର କେତେକ ପ୍ରାଚୀନ ବୌଦ୍ଧ ବିହାର | ଡଃ ସ୍ନିଗ୍ଧା ତ୍ରିପାଠୀ | ୧୮ |
| ଉତ୍କଳ ସମ୍ମିଳନୀ ଓ ଜଗବନ୍ଧୁ ସିଂହ | ଶ୍ରୀ ସଦାଶିବ ମିଶ୍ର | ୨୧ |
| ଭଦ୍ରକର ମନ୍ଦିର ସ୍ଥାପତ୍ୟ ଓ ପ୍ରସିଦ୍ଧ ଦେବଦେବୀ | ଅଧ୍ୟାପକ ଶାନ୍ତନୁ କୁମାର ମହାନ୍ତି | ୨୩ |
| ଉତ୍କଳ ଜ୍ୟୋତି, ହେ 'କୃଷ୍ଣଚନ୍ଦ୍ର ଗଜପତି' | ଶ୍ରୀ ଦାମୋଦର ପାଢ଼ୀ | ୨୯ |
| ବନ୍ଦନା | ଶ୍ରୀ ସନ୍ତୋଷ କୁମାର ଦାସ | ୩୨ |
| ଭାରତରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକର | ଶ୍ରୀ ତାରାକାନ୍ତ ମହାନ୍ତି | ୩୩ |
| ସମ୍ବଲପୁର ଭାଷା ଆନ୍ଦୋଳନରେ ଶ୍ରୀପତି ମିଶ୍ରଙ୍କ ଭୂମିକା | ଶ୍ରୀ ଗଣେଶରାମ ନାହାକ | ୩୫ |
| ଉତ୍କଳ ପ୍ରୀତିର ପ୍ରତୀକ: କୃଷ୍ଣଚନ୍ଦ୍ର ଗଜପତି | ଡଃ ସୀମାଞ୍ଚଳ ପ୍ରଧାନ | ୩୮ |
| ସାତବର୍ଷ ନ'ମାସ ତେର ଦିନ | ଶ୍ରୀ କାନ୍ତି ନାରାୟଣ ମହାନ୍ତି | ୪୦ |
| ଭାଷା ଆନ୍ଦୋଳନ: ଜାତୀୟ ଜାଗରଣର ଆଦ୍ୟ ଅବଦାନ | ଶ୍ରୀମତୀ ମମତା ନାୟକ | ୪୩ |
| ନାଚି ଉଠ ଓଡ଼ିଆ ଭାଇ | ଶ୍ରୀ ଦେବରାଜ ସାମନ୍ତରାୟ | ୪୮ |
| ସମ୍ବାଦ ପରିକ୍ରମା | | ୪୯ |


# ନବ ଉତ୍କଳର ନିର୍ମାତା



ଉତ୍କଳ ଗୌରବ ମଧୁସୂଦନ



ଉତ୍କଳମଣି ଗୋପବନ୍ଧୁ



ମହାରାଜା କୃଷ୍ଣଚନ୍ଦ୍ର ଗଜପତି


ଶ୍ରୀ ରାମଚନ୍ଦ୍ର ଭଞ୍ଜ


ବ୍ୟାସକବି ଫକୀର ମୋହନ


କବିବର ରାଧାନାଥ


ସ୍ୱଭାବ କବି ଗଙ୍ଗାଧର


ପଣ୍ଡିତ ନୀଳକଣ୍ଠ ଦାସ


ଡକ୍ଟର ହରେକୃଷ୍ଣ ମହତାବ

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ
ଜନନୀ........ ଜନନୀ........ ଜନନୀ !

ପୂତ-ପୟୋଧି-ବିଧୌତ-ଶରୀରା,
ତାଳ-ତମାଳ-ସୁଶୋଭିତ-ତୀରା,
ଶୁଭ୍ର ତଟିନୀ କୂଳ ଶୀକର ସମୀରା,
ଜନନୀ........ ଜନନୀ........ ଜନନୀ !

ଘନ ଘନ ବନରାଜି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ........ ଜନନୀ........ ଜନନୀ !

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



# ଉତ୍କଳ ଦିବସ ଉପଲକ୍ଷେ

# ମାନ୍ୟବର ରାଜ୍ୟପାଳ

# ଶ୍ରୀ ଗୋପାଳ ରାମାନୁଜମ୍‌ଙ୍କ

# ବାର୍ତ୍ତା

ଭାଇ ଓ ଭଉଣୀମାନେ,

ପବିତ୍ର 'ଉତ୍କଳ ଦିବସ'ର ଏହି ସ୍ମରଣୀୟ ତଥା ଐତିହାସିକ ଅବସରରେ, ମୁଁ ଆପଣମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆମ ଜାତିର ଇତିହାସ ହେଉଛି, ବିଭିନ୍ନତା ମଧ୍ୟରେ ଏକତାର ଏକ ଜ୍ୱଳନ୍ତ ନିଦର୍ଶନ । ଏପରିକି, ଆମ ଦେଶ ସ୍ୱାଧୀନତା ହାସଲ କରିବା ପାଇଁ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ କରୁଥିଲା ବେଳେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ନିଜର ଯଥାର୍ଥ ମାନ୍ୟତା ଲାଭ କରିବା ପାଇଁ ଦାବୀ ଜଣାଇ ସାମନ୍ତବାଦ ବିରୁଦ୍ଧରେ ଏକ ବଳିଷ୍ଠ ତଥା ଦୀର୍ଘ ସଂଗ୍ରାମ ଚଳାଇଥିଲା । ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ଏହା ପରମ ସନ୍ତୋଷର ବିଷୟ ଯେ ସ୍ୱାଧୀନତା ଲାଭ ପରେ ବହୁ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଓଡ଼ିଶା ପ୍ରଦେଶ ସହିତ ମିଶି ଯାଇଥିଲା ।

ବହୁ କୃତୀ ଓ ପ୍ରବୀଣ ବ୍ୟକ୍ତିଙ୍କର ଐତିହାସିକ ସଂଗ୍ରାମ ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ପରିଗଣିତ ହୋଇପାରିଥିଲା । ଓଡିଶା ପ୍ରଦେଶର ଅଭ୍ୟୁଦୟ ପାଇଁ ଯେଉଁମାନଙ୍କର ଅବଦାନ ରହିଛି ଏବଂ ଏହି ନୂତନ ରାଜ୍ୟ ତଥା ଏହାର ଜନସାଧାରଣଙ୍କ ଉନ୍ନତି ପାଇଁ ଯେଉଁ ନରନାରୀଗଣ କାର୍ଯ୍ୟ କରି ଯାଇଛନ୍ତି, ଆଜିର ଏହି ମହାନ୍ ଦିବସରେ ମୁଁ ଆପଣମାନଙ୍କ ସହ ସେମାନଙ୍କୁ ମୋର ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଆପଣମାନେ ମୋ ସହିତ ନିଶ୍ଚିତ ଏକମତ ହେବେ ଯେ ଏଭଳି ସ୍ତୁତିଚାରଣ ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ସେହି ମହାନ ବ୍ୟକ୍ତି ଓ ମହୀୟସୀ ମହିଳାମାନଙ୍କର ଜୀବନରେ ଯେଉଁ ଆଦର୍ଶ, କଠିନ ପରିଶ୍ରମ ଓ ସାମୂହିକ ଉଦ୍ଦେଶ୍ୟ ସାଧନ ନିମନ୍ତେ ଅସୀମ ତ୍ୟାଗ ରୂପାୟିତ ହୋଇଥିଲା, ଆମେ ସେ ସବୁକୁ ଆମର ଦୈନନ୍ଦିନ ଜୀବନରେ ପ୍ରତିଫଳିତ କରିବା ପାଇଁ ପ୍ରଗାଢ଼ ପ୍ରଚେଷ୍ଟା କରିବା ଉଚିତ ।

ଆମ ରାଜ୍ୟ ବର୍ତ୍ତମାନ ଏକ ଅଭୂତପୂର୍ବ ମରୁଡି ପରିସ୍ଥିତି ଦେଇ ଗତି କରୁଛି । ମରୁଡିର ଭୟାବହ ପରିଣତିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁ ଉଦ୍ୟମ ଚଳାଇଛନ୍ତି, ସେଥିରେ ସହଯୋଗ କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଆହ୍ୱାନ ଜଣାଉଛି । ସଂପ୍ରତି ବାରିପଦାଠାରେ ଘଟିଯାଇଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ବରଣ କରିଥିବା ହତଭାଗ୍ୟ ଲୋକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ଏକାଠି ପ୍ରାର୍ଥନା କରିବା । ମୁଁ ମଧ୍ୟ ଆପଣମାନଙ୍କ ସହିତ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତ ଲୋକମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

ଜଣେ କବି ତାଙ୍କର ଏକ କବିତାରେ ଲେଖିଛନ୍ତି -

''ସ୍ୱପ୍ନ ସବୁ ଉଭେଇ ଯିବ ଏବଂ
ତୁମେ ଥିବ ନିଥର ନିଶ୍ଚଳ
ଏକ ସ୍ଥିର ପାହାଡ ପରି,
ଯାହାର ଉପର ଦେଇ
ବାଦଲର ବଡ଼ ଛାଇ ପଡି
ଅପସରି ଯାଏ,
ଅଥଚ ପାହାଡ ଉପରେ ଥିବା
କୋମଳ ଘାସଟିକୁ
ଦୋହଲାଇ ପାରେନା ।''

ଯେତେବେଳେ ପ୍ରତିବନ୍ଧକ ଆସିବ, ଆମେ ସଂହତି ମାଧ୍ୟମରେ ତାହାର ମୁକାବିଲା କରିବା, ସେଗୁଡିକୁ ପ୍ରତିହତ କରିବା ଏବଂ ଓଡିଶାକୁ ସୁଖ, ଶାନ୍ତି ଓ ସମୃଦ୍ଧିର ଶୀର୍ଷ ସ୍ଥଳରେ ପହଞ୍ଚାଇବା ।

ଜୟହିନ୍ଦ୍

## ଉତ୍କଳ ଦିବସ ଉପଲକ୍ଷେ

# ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ

# ବାର୍ତ୍ତା



ଆଜି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବାର ୬୦ ବର୍ଷ ପୂରି ୬୧ ବର୍ଷ ଚାଲିଲା । ଗୋଟିଏ ଜାତିର ଇତିହାସରେ ୬୦ ବର୍ଷ କିଛି ନୁହେଁ । ଓଡ଼ିଆ ଜାତିର ଇତିହାସ ହେଉଛି ହଜାର ହଜାର ବର୍ଷର ଇତିହାସ । ''ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥା-ଯୁଗ ଯୁଗ ଧାବିତ ଯାତ୍ରୀ'' ବୋଲି କବି ଯାହା ଉଲ୍ଲେଖ କରିଥିଲେ, ଓଡ଼ିଆ ଜାତି ହେଉଛି ସେହିପରି । ତାହାର ଯାତ୍ରା ଏକ ଅସୀମ ପଥର ଯାତ୍ରା ଏବଂ ଇତିହାସରେ, ଭାରତ ବର୍ଷରେ ଖୁବ୍ କମ୍ ଜାତି ଅଛନ୍ତି, ଯେଉଁମାନଙ୍କର ଏପରି ଗୌରବମୟ ସୁଦୀର୍ଘ ଇତିହାସ ରହିଛି ।

ଆଜି ଆମେ ବିଶେଷ ଭାବରେ ସ୍ମରଣ କରିବାର କଥା ସେହିମାନଙ୍କୁ; ଯେଉଁମାନେ ଓଡ଼ିଶାର ସଭ୍ୟତା ଏବଂ ସଂସ୍କୃତିକୁ ଭାରତ ବାହାରେ ବଣିକ ଭାବରେ, ଧର୍ମ ପ୍ରଚାରକ ଭାବରେ, ବିଭିନ୍ନ ଭାବରେ ପ୍ରଚାର କରିଥିଲେ, ସୁଦୂର ସିଂହଳ, ଜାଭା, ସୁମାତ୍ରା, ଥାଇଲାଣ୍ଡ, ମ୍ୟାଲେସିଆ, ସିଙ୍ଗାପୁର, ଭିଏତ୍‌ନାମ, କାମ୍ବୋଡ଼ିଆ, ବ୍ରହ୍ମଦେଶ ଆଦି ଦେଶମାନଙ୍କରେ । ଆଜି ଏ ସବୁ ଦେଶକୁ ଆମେ ଯଦି ଯିବା, ତା'ହେଲେ ପ୍ରାଚୀନ ଓଡ଼ିଆ ଜାତିର ପଦଚିହ୍ନ ଆମେ ଦେଖିପାରିବା । ଇତିହାସ ଆଜି ସେମାନଙ୍କର ପଦଚିହ୍ନ ବହନ କରିଛି । ଏସବୁ ଦେଶମାନଙ୍କର ସଂସ୍କୃତି, ସଭ୍ୟତା ଓ ପ୍ରଗତି, ଇତିହାସ ଯଦି ଆମେ ଖୋଳିବା, ତା'ହେଲେ ସେମାନଙ୍କର କଳା, ନୃତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ ସବୁଥିରେ ଆମେ ଓଡ଼ିଆ ଜାତିର ଅବଦାନ ଅନୁଭବ କରିପାରିବା । ଯେଉଁମାନେ ସେହିଦିନୁ ଏ ଯାତ୍ରା ଆରମ୍ଭ କରିଛନ୍ତି, ସେହିମାନେ ଓଡ଼ିଆ ଜାତିର ପୂର୍ବସୂରୀ, ନମସ୍ୟ ।

ସିଂହଳର ଇତିହାସ ହେଉଛି କଳିଙ୍ଗର ଇତିହାସ । କଳିଙ୍ଗ ରାଜବଂଶ ବହୁକାଳ ଧରି ସେଠି ରାଜପଣ କରିଥିଲେ । ଏହି କଳିଙ୍ଗରୁ ସିଂହଳକୁ ଯାଇଥିଲା ବୌଦ୍ଧଧର୍ମ । ଏଠାରୁ ସଂଘମିତ୍ରା ଏବଂ ମହେନ୍ଦ୍ର, ଅଶୋକଙ୍କର ପୁତ୍ର ଏବଂ କନ୍ୟା ପବିତ୍ର ବୋଧିଦ୍ରୁମର ଶାଖା ନେଇ ରୋପଣ କରିଥିଲେ ଅନୁରାଧାପୁରରେ । ଏଠାରୁ ବୁଦ୍ଧଙ୍କର ଦନ୍ତ ନେଇ କଳିଙ୍ଗର ରାଜକନ୍ୟା ହେମମାଳା ସିଂହଳ ଯାଇଥିଲେ ଏବଂ ଆଜି ମଧ୍ୟ ବୁଦ୍ଧଙ୍କର ଏ ଦନ୍ତ କାଣ୍ଡି ମନ୍ଦିରରେ ପୂଜିତ ହେଉଛି ।

ଆଜି ସେହି ଓଡ଼ିଆ ଜାତିର ଇତିହାସରୁ ଗୌରବମୟ ଦିନଗୁଡ଼ିକୁ ଆମକୁ ସ୍ମରଣ କରିବାକୁ ପଡ଼ିବ । ଇତିହାସର ଦୁଇ ଜଣ ବୀରପୁରୁଷଙ୍କର କଥା ଆଜି ବିଶେଷ ଭାବରେ ଆମେ ସ୍ମରଣ କରିବା । ଜଣେ ଖାରବେଳ, ଯେକି ଖ୍ରୀଷ୍ଟପୂର୍ବ ୨୦୦ ବର୍ଷ ପୂର୍ବେ ସାରା ଭାରତବର୍ଷରେ ଏକ ବିଶାଳ ସାମ୍ରାଜ୍ୟ ନିର୍ମାଣ କରିଥିଲେ । ଯେଉଁ ସାମ୍ରାଜ୍ୟ ମଗଧରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏବଂ ଜଣେ ସାମ୍ରାଜ୍ୟର ନିର୍ମାତା, ବୀର ଭାବରେ କେବଳ ନୁହେଁ, ଜଣେ ରାଷ୍ଟ୍ରନାୟକ ଶାସକ ଭାବରେ । ଖାରବେଳ ଯେଉଁସବୁ ଉନ୍ନତିକର କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ, ଯେଉଁ ସବୁ ପୟଃ ପ୍ରଣାଳୀ, କେନାଲ ସବୁ ନିର୍ମାଣ କରିଥିଲେ, ଯେଉଁ ଗୁମ୍ଫା ସବୁ ନିର୍ମାଣ କରିଥିଲେ, ପ୍ରାସାଦ ନିର୍ମାଣ କରିଥିଲେ, ନୃତ୍ୟ ଏବଂ ଗୀତ ଚର୍ଚ୍ଚା ବୃଦ୍ଧି କରିଥିଲେ ତାହା ଆଜି ଆମେ ବିଶେଷ ଭାବରେ ସ୍ମରଣ କରିବାର କଥା ।

ଆମେ ସ୍ମରଣ କରିବାର କଥା ସୁଦୂର ଅତୀତର ଅନ୍ୟ ଗୋଟିଏ ଅଧ୍ୟାୟ । ତାହା ହେଉଛି କପିଳେନ୍ଦ୍ର ଦେବ । ଯିଏ ଓଡ଼ିଶାର ସୀମାକୁ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । ଓଡ଼ିଶାର ସୀମା ଶହ ଶହ ବର୍ଷ ଧରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ଏହି ବିଶାଳ ସାମ୍ରାଜ୍ୟରେ ଯାହା ସବୁ ଅଭ୍ୟୁଦୟ ଘଟିଥିଲା, ମନ୍ଦିରର ସ୍ଥାପତ୍ୟରେ, ଭାଷା ଏବଂ ସାହିତ୍ୟରେ, କଳା ଏବଂ ନୃତ୍ୟରେ ତା'ର ଅବଦାନ ଭାରତବର୍ଷର ଇତିହାସରେ,ଆଜି ଉଦ୍‌ଘୋଷିତ ହେଉଛି ।

ଆମେ ଏହି ଅବସ୍ଥାରୁ ପୁଣି ଚିନ୍ତା କରିବା ଦୁର୍ଦ୍ଦିନର ଇତିହାସ । ଯେତେବେଳେ ପ୍ରାୟ ୩୦୦ ବର୍ଷଧରି ଓଡ଼ିଆ ଜାତି ଏକ ସଙ୍କୁଚିତ ଅବସ୍ଥାରେ ବିଦେଶୀ ଶାସନର ବଶୀଭୂତ ହୋଇଥିଲା, ବିଭିନ୍ନ ଶାସନର ବଶୀଭୂତ ହୋଇଥିଲା - ଆଫଗାନ୍, ମୋଗଲ, ମରହଟ୍ଟା ଏବଂ ଇଂରେଜ ।

ତାହାରି ଭିତରେ ଯେଉଁମାନେ ଏ ଜାତିର ଆତ୍ମାକୁ ଧରି ରଖିଥିଲେ, ଯେଉଁମାନେ ଆମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିଥିଲେ, ଘୋର ଅନ୍ଧକାର ଦିନରେ ଯେଉଁମାନେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରି ରଖିଥିଲେ, ସେହି ସବୁ କବିମାନଙ୍କୁ ଲେଖକମାନଙ୍କୁ ବିଶେଷ ଭାବରେ ଆମେ ସ୍ମରଣ କରିବା ।

ସ୍ମରଣ କରିବା ଓଡ଼ିଆ ଜାତିର ନମସ୍ୟ ଜଗନ୍ନାଥ ଦାସ, ଯେକି ଭାଗବତ ରଚନା କରି ଗାଁ ଗାଁରେ ଓଡ଼ିଆ ଜାତିର ଭାଷାକୁ ବଞ୍ଚେଇ ରଖିଥିଲେ, ଓଡ଼ିଆ ଭାଷାକୁ ବଞ୍ଚେଇ ଥିଲେ ।

ଆମେ ସ୍ମରଣ କରିବା ସେହି ଦିନର କଥା, ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କେତେକ ଆଧୁନିକ ଇଂରେଜୀ ଭାଷା ଗର୍ବିତ ଅନ୍ୟ ପ୍ରଦେଶର ଲୋକ ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ଚେଷ୍ଟା କରିଥିଲେ ଏବଂ ସେତେବେଳେ ଓଡ଼ିଆ ଭାଷାକୁ ବଞ୍ଚେଇ ରଖିବା ପାଇଁ ଉଦ୍ୟମ ଯେଉଁମାନେ କରିଥିଲେ - ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ସେମାନଙ୍କୁ ମଧ୍ୟ ଆମେ ଆଜି ଶ୍ରଦ୍ଧାର ସହିତ ସ୍ମରଣ କରିବାର ଦିନ ।


ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ନିର୍ମାଣ କରିବା ପାଇଁ ଇଂରେଜ ଶାସନ ଅମଳରେ ଯେଉଁମାନେ ଉଦ୍ୟମ କରିଥିଲେ, ସଂଗ୍ରାମ କରିଥିଲେ, ପ୍ରାଣପାତ କରିଥିଲେ, ସେମାନଙ୍କୁ ଆମେ ଆଜି ବିଶେଷ ଭାବରେ ପ୍ରଣାମ କରିବାର ଦିନ ଏବଂ ସେମାନେ ହେଉଛନ୍ତି ଉତ୍କଳ ଗୌରବ ସ୍ୱର୍ଗୀୟ ମଧୁସୂଦନ ଦାସ, ସ୍ୱର୍ଗୀୟ ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି ଏବଂ ଆହୁରି ଅନେକ ବ୍ୟକ୍ତି, ଯେଉଁମାନେ ବିଶେଷ ଭାବରେ ଓଡ଼ିଆ ଜାତିର ଆଜି ପ୍ରଣମ୍ୟ ଏବଂ ପୁଣ୍ୟଶ୍ଳୋକ ପୁରୁଷ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମଲାଭ କରିବା ପରେ, ପୁଣି ଯେଉଁ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏହି ପ୍ରଦେଶ ସହିତ ରାଜନୈତିକ ଦୃଷ୍ଟି କୋଣରୁ ମିଶ୍ରଣ କରିବା ପାଇଁ ଉଦ୍ୟମ ହୋଇଥିଲା, ଯେଉଁମାନେ ଏ ଉଦ୍ୟମ କରିଥିଲେ ସେମାନଙ୍କୁ ମଧ୍ୟ ଆମେ ବିଶେଷ ସ୍ମରଣ କରିବାର ଦିନ । ବିଶେଷ ଭାବରେ ଦୁଇଜଣ ବ୍ୟକ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ଡକ୍ଟର ହରେକୃଷ୍ଣ ମହତାବ, ଯେଉଁମାନଙ୍କର ଉଦ୍ୟମ ଯୋଗୁଁ ୧୯୪୮ ମସିହାରେ ଏକ ବିଶାଳ ଉତ୍କଳ ଗଠନ ସମ୍ଭବ ହୋଇଥିଲା ଏବଂ ଯେଉଁସବୁ ଗଡ଼ଜାତ ଅଞ୍ଚଳ ଓଡ଼ିଶାରୁ ବିଚ୍ଛିନ୍ନ ହୋଇରହିଥିଲା ବହୁ ବର୍ଷଧରି ସେମାନଙ୍କର ସମ୍ମିଶ୍ରଣ ସମ୍ଭବ ହୋଇ ପାରିଥିଲା । ସ୍ୱାଧୀନୋତ୍ତର ଓଡ଼ିଶାରେ ଯେଉଁସବୁ ପ୍ରଗତି ହୋଇଛି, ସେହି ପ୍ରଗତି ପାଇଁ ଯେଉଁମାନେ କାର୍ଯ୍ୟ କରିଛନ୍ତି, ସେମାନେ ମଧ୍ୟ ଆଜିର ଦିନରେ ଆମ୍ଭମାନଙ୍କର ସ୍ମରଣର ପାତ୍ର ।

ଅତୀତର ସମସ୍ତ ଗୌରବ ସତ୍ତ୍ୱେ, ଓଡ଼ିଶାର ସମସ୍ତ କଳା, ଭାସ୍କର୍ଯ୍ୟ, ସଂସ୍କୃତିର ବିଭବ ସତ୍ତ୍ୱେ ଓଡ଼ିଆ ଜାତି ଆଜି ଦାରିଦ୍ର୍ୟର ଅଭିଶାପରେ ଅଭିଶପ୍ତ । ଏହି କଳଙ୍କ ଆମକୁ ଦୂର କରିବାକୁ ହେବ ।'' ଦାରିଦ୍ର୍ୟଦୋଷୋ ଗୁଣରାଶିନାଶୀ ବୋଲି କବି କହିଛନ୍ତି । ଓଡ଼ିଶାରେ ସବୁ କିଛି ଅଛି । ଓଡ଼ିଶାରେ ଅଛି ବିରାଟ ପ୍ରାକୃତିକ ସମ୍ପଦ, ବିପୁଳ ଖଣିଜ ସମ୍ପଦ, ବିଶାଳ ବେଳାଭୂମି, ଅରଣ୍ୟ ସଂପଦ, ଶାନ୍ତିପ୍ରିୟ, ଦକ୍ଷ, ବୁଦ୍ଧିମାନ, ଲୋକ ସଂପଦ; କିନ୍ତୁ ଏ ସମସ୍ତ ସତ୍ତ୍ୱେ ଆଜି ଦାରିଦ୍ର୍ୟର ଦୋଷ ଓଡ଼ିଶାର ସମସ୍ତ ଗୁଣକୁ ଲୋପ କରିବା ପାଇଁ ବସିଛି । ଆଜି ଓଡ଼ିଶା କହିଲେ ଦାରିଦ୍ର୍ୟର ପ୍ରତୀକ ବୋଲି ବୁଝାଉଛି, ଯାହାକି ମହାତ୍ମାଗାନ୍ଧୀ ୧୯୨୦ ମସିହାରେ ଓଡ଼ିଶାକୁ ଆସି କହିଥିଲେ । ଅଳ୍ପକାଳ ଭିତରେ ଏ କଳଙ୍କର କାଳିମାକୁ ଦୂର କରିବାକୁ ହେବ ଏବଂ ଆଜି ଆମେ ଆମର ଜନନୀର କପାଳରେ ଏକ ଉଜ୍ଜ୍ୱଳ ଜ୍ୟୋତି ପୁଣି ଫେରାଇ ଆଣିବା, ପୁଣି ଓଡ଼ିଶାକୁ ଭାରତବର୍ଷର ଏକ ଗୌରବମୟ ରାଜ୍ୟରେ ପରିଣତ କରିବା ।

ଆଜି ଯୁବକମାନଙ୍କ ମଧ୍ୟରେ ଯେଉଁ ଉଦାସଭାବ ଦେଖାଦେଉଛି, ଜନସାଧାରଣଙ୍କ ଭିତରେ ଆଜି ଯେପରି ଏକ ଭାଗ୍ୟବାଦ ଦେଖାଯାଉଛି ତାକୁ ଦୂର କରିବା ପାଇଁ ହେବ । ଅଳ୍ପକାଳ ଭିତରେ ଓଡ଼ିଶାର ଏ ସମସ୍ତ ବିଭବକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଏକ ବିପୁଳ ଉଦ୍ୟମ ଆବଶ୍ୟକ ଏବଂ ସେହି ବିପୁଳ ଉଦ୍ୟମ ଆରମ୍ଭ ହୋଇଛି । ଆଜି ଆମେ ସଂକଳ୍ପ କରିଛେ ''ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ।'' ଯାହାକି ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ - ''ଜଗତ ସରସେ ଭାରତ କମଳ, ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ'' । ଆଜି ସେହି ବ୍ୟକ୍ତିମାନଙ୍କୁ ସ୍ମରଣ କଲାବେଳେ ଆମକୁ ମନେ ପକେଇବାକୁ ହେବ ଏକ ଭବିଷ୍ୟତକୁ, ଯେଉଁ ଭବିଷ୍ୟତ ବଂଶଧରମାନେ ପୁଣି ମନେ ପକେଇବେ ଆମକୁ; ଆମେ ଯଦି ଓଡ଼ିଆ ଜାତିର ଉତ୍‌ଥାନରେ ସାହାଯ୍ୟ କରିପାରିବା, ଆମେ ଯଦି ଓଡ଼ିଶାକୁ ପୁଣି ଏକ ବିଭବଶାଳୀ ଗୌରବମୟ ରାଜ୍ୟରେ ପରିଣତ କରିପାରିବା । ଓଡ଼ିଶାର ସମସ୍ତ ସମ୍ପଦକୁ ଆଜି କାର୍ଯ୍ୟକାରୀ କରିବା ପାଇଁ ଯେଉଁ ବିପୁଳ ଉଦ୍ୟମ ଆରମ୍ଭ ହୋଇଛି, ଶିଳ୍ପରେ, କୃଷିରେ, ପର୍ଯ୍ୟଟନରେ, ଶିକ୍ଷାରେ, କଳା ଏବଂ ସଂସ୍କୃତିରେ ଏବଂ ବିଭିନ୍ନ କ୍ଷେତ୍ରରେ, ଆଜି ତାକୁ ଆମେ ପୂର୍ଣ୍ଣାଙ୍ଗ କରି ତୋଳିବା । ଆଜି ଆମେ ସଂକଳ୍ପ କରିବା ପୁଣି ଫେରି ଆସିବ ଓଡ଼ିଶାର ସେହି ସୁଦିନ, ସେହି ଗୌରବର ଦିନ ।

**ବନ୍ଦେ ଉତ୍କଳ ଜନନୀ**
**ଭାରତମାତାକୀ ଜୟ**



## ଉତ୍କଳ ଦିବସ ଉପଲକ୍ଷେ

# ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ବାର୍ତ୍ତା ।

ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛି ।

ଏକଷଠି ବର୍ଷ ପୂର୍ବେ ୧୯୩୬ ମସିହାର ଏହି ପବିତ୍ର ଏପ୍ରିଲ ପହିଲା ଦିନ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଓଡ଼ିଶାର ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ମହାରଥୀ, ଯେଉଁମାନଙ୍କର ଅବିଶ୍ରାନ୍ତ ଉଦ୍ୟମ ଓ ନିରବଚ୍ଛିନ୍ନ ସାଧନା ବଳରେ ଆଜିର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା, ମୁଁ ସେମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଇତ୍ୟବସରରେ ଅନେକ ଦଶନ୍ଧି ଅତିକ୍ରାନ୍ତ ହୋଇ ସାରିଛି ଓ ଓଡ଼ିଶା ସମୃଦ୍ଧି ଓ ପ୍ରଗତି ପଥରେ ଆଗେଇ ଚାଲିଛି ।

ଏହି ପରିପ୍ରେକ୍ଷୀରେ ମୁଁ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଆହ୍ୱାନ କରୁଛି-ସେମାନେ ଏ ଜାତିକୁ ଏ ରାଜ୍ୟକୁ ସମଗ୍ର ଭାରତବର୍ଷର ଏକ ସମୃଦ୍ଧ ରାଜ୍ୟ ଭାବରେ ପ୍ରତିପାଦିତ କରିବା ପାଇଁ ଆଜିର ପବିତ୍ର ଦିନରେ ପ୍ରତିଜ୍ଞାବଦ୍ଧ ହୁଅନ୍ତୁ ।

**ବନ୍ଦେ ଉତ୍କଳ ଜନନୀ**

# ସମ୍ପାଦକୀୟ

## ସେମାନେ ଆମର ସ୍ମରଣୀୟ

**‘ଉତ୍କଳ ଦିବସ’** - ଓଡ଼ିଆ ଜାତୀୟ ଜୀବନରେ ବହୁ ସ୍ମୃତି ବିଜଡ଼ିତ ଏକ ଐତିହାସିକ ଦିନ । ୬୧ ବର୍ଷ ତଳେ ଏହି ଶୁଭ ଦିନରେ ଯୁଗ ଯୁଗର ଜଡ଼ତା ନାଶି ଘନ ଅନ୍ଧକାର ଭିତରୁ ଓଡ଼ିଶାର ଭାଗ୍ୟାକାଶରେ ଦେଖା ଦେଇଥିଲା ନୂତନ ପ୍ରଦେଶର ସୂର୍ଯ୍ୟୋଦୟ । ସେଇଦିନରୁ ଆରମ୍ଭ ହୋଇଛି ଏକ ଐତିହ୍ୟସଂପନ୍ନ ଜାତିର ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଅଭ୍ୟୁଦୟ । ଯେଉଁ ପୂର୍ବସୂରୀମାନଙ୍କ ସ୍ୱପ୍ନ, ସଂକଳ୍ପ ଓ ସଂଗ୍ରାମ ଫଳରେ ଘୋର ସଂକଟ ମଧ୍ୟରୁ ଆମେ ଆମର ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନ ଫେରି ପାଇଛୁ, ଆଜି ଏଇ ପୁଣ୍ୟ ଦିବସରେ ସେମାନଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ବିନମ୍ର ପ୍ରଣିପାତ ଜଣାଉଛୁ । ଓଡ଼ିଆ ଜାତିପାଇଁ ସେମାନଙ୍କ ଦାନର ପଟାନ୍ତର ନାହିଁ । ସେମାନଙ୍କର ତ୍ୟାଗ, ତପସ୍ୟା ଉତ୍ତରପୁରୁଷଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ସବୁ ଶ୍ରେଣୀର ବ୍ୟକ୍ତି ଓ ସବୁ ଓଡ଼ିଆଭାଷୀ ଅଞ୍ଚଳର ସମ୍ମିଳିତ ସଂଗ୍ରାମର ଫଳ । ଏଥିରେ ବିଦ୍ୟମାନ ବିଭିନ୍ନ ସଂଗଠନ, ପତ୍ରପତ୍ରିକା, ବୁଦ୍ଧିଜୀବୀ, ସାହିତ୍ୟସାଧକ, ଜନନେତା, ସାଧାରଣ ଜନତା, ରାଜା-ଜମିଦାର, ଏପରିକି ଉତ୍କଳ ହିତୈଷୀ ଇଂରେଜ ପ୍ରଶାସକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ।

ଉତ୍କଳ ଗୌରବ ମଧୁସୂଦନ । ଓଡ଼ିଆ ଜାତୀୟତାର ଜନକ । ମୁମୂର୍ଷୁ ଓଡ଼ିଆ ପ୍ରାଣରେ ସେ ପ୍ରଜ୍ୱଳିତ କରି ଦେଇଗଲେ ଜାତିପ୍ରେମର ବହ୍ନି । ଭାଷା-ପ୍ରୀତିର ପବିତ୍ର ମନ୍ଦାକିନୀ । ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ସଂଗଠନଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରି ବିଶାଳ ଉତ୍କଳ ପାଇଁ ଦେଇଥିଲେ ଉଦାତ୍ତ ଆହ୍ୱାନ । ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ଉତ୍ସର୍ଗ କରି ଦେଇଗଲେ ନିଜର ସମଗ୍ର ଜୀବନ ।

ଓଡ଼ିଆ ଜାତିର ମଉଡ଼ମଣି-ଉତ୍କଳମଣି । ଓଡ଼ିଶାରେ ଜାତୀୟ କଂଗ୍ରେସର ଭଗୀରଥ । ଏ ଜାତିକୁ ଜାତୀୟ ମହାସ୍ରୋତରେ ମିଶାଇ ଭାଷାଭିତ୍ତିରେ ପ୍ରଦେଶ ଗଠନ ପାଇଁ କରିଥିଲେ ବଜ୍ର ଶପଥ । ଉତ୍କଳର ବିଚ୍ଛିନ୍ନାଞ୍ଚଳରେ ଖେଳାଇ ଦେଇଥିଲେ, ଜାତୀୟତାର ଉତ୍ତାଳ ତରଙ୍ଗ । ଦେଶପ୍ରେମର ପ୍ଳାବନ । ସେବା, ତ୍ୟାଗ, କରୁଣାର ସେ ଏକ ମହାଜୀବନ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି । ସଂଗ୍ରାମର ଶେଷ ସାରଥୀ । ସ୍ୱତନ୍ତ୍ର ଉତ୍କଳର ଧର୍ମପଦ । ଦେଶ ମିଶ୍ରଣ ଯଜ୍ଞର ପୂର୍ଣ୍ଣାହୂତି ତାଙ୍କର କର୍ମମୟ ଜୀବନର ସ୍ମରଣୀୟ କୀର୍ତ୍ତି । ସଫଳ ସାଧନାର ସ୍ୱୀକୃତି ।

ଉତ୍କଳକେଶରୀ ହରେକୃଷ୍ଣ ମହତାବ । ଆଧୁନିକ ଓଡ଼ିଶାର ନିର୍ମାତା । ଗଡ଼ଜାତ ମିଶ୍ରଣ କରି ପୂର୍ଣ୍ଣାଙ୍ଗ କଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅସଂପୂର୍ଣ୍ଣ କାର୍ଯ୍ୟ । ତୋଳି ଦେଇଗଲେ, ସମୃଦ୍ଧ ଓଡ଼ିଶାର ସୁରମ୍ୟ ସୌଧ ।

ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଜନ୍ମ । ଓଡ଼ିଆ ଭାଷା ବିଲୋପ ପାଇଁ ବଙ୍ଗ , ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଶାସନର ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳରେ ଚାଲିଥିଲା ନାନା ଚକ୍ରାନ୍ତ, ଘୋର ଷଡ଼ଯନ୍ତ୍ର । କିଏ କହିଲା, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ । କିଏ କହିଲା, ଓଡ଼ିଆ ଭାଷା ଉଚ୍ଛେଦ ନହେଲେ ଓଡ଼ିଶାର ଉନ୍ନତି ହେବ ନାହିଁ । କିଏ ପୁଣି କହିଲା, ଓଡ଼ିଆ ଭାଷାରେ ସାହିତ୍ୟ କାହିଁ ? ପାଠ୍ୟ ପୁସ୍ତକ କାହିଁ ?

ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ । ଜ୍ଞାନୀ, ଗୁରୁ, ପଣ୍ଡିତଙ୍କ ତୁଳନା ନାହିଁ । ଏଇ ଅପବାଦ ଓ ଆହ୍ୱାନର ଉପଯୁକ୍ତ ଜବାବ ଦେଲେ କବିବର ରାଧାନାଥ, ସାହିତ୍ୟ ସେନାପତି ଫକୀରମୋହନ, ନିସର୍ଗ କବି ଗଙ୍ଗାଧର, ଭକ୍ତକବି ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର, ପଲ୍ଲୀକବି ନନ୍ଦକିଶୋର , ନାଟ୍ୟକାର ରାମଶଙ୍କର, ବିଦ୍ୟାଭୂଷଣ କପିଳେଶ୍ୱର, ପ୍ୟାରୀମୋହନ ଆଚାର୍ଯ୍ୟ, ପଣ୍ଡିତ ଗୋବିନ୍ଦ ରଥ, ଗୋବିନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ବାଗ୍ମୀ ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା, ବିଚିତ୍ରାନନ୍ଦ ଦାସ, କବିଶେଖର ଚିନ୍ତାମଣି ମହାନ୍ତି, ଗୋପାଳ ଚନ୍ଦ୍ର ପ୍ରହରାଜ, ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ, ଗୋପାଳବଲ୍ଲଭ ଦାସ, କବି କୃଷ୍ଣ ମୋହନ ପଟ୍ଟନାୟକ, ଜଗବନ୍ଧୁ ସିଂହ ପ୍ରମୁଖ ମୂର୍ଦ୍ଧନ୍ୟ କବି, ଶିକ୍ଷାବିତ୍, ସାହିତ୍ୟ ରଥୀଗଣ । ସେମାନେ ମାତୃଭାଷାର ଉନ୍ନତି ସଙ୍ଗେ ସଙ୍ଗେ ଶିକ୍ଷାର ପ୍ରସାର ଓ ସାହିତ୍ୟର ବିକାଶ କ୍ଷେତ୍ରରେ ନବଯୁଗର ପ୍ରବର୍ତ୍ତନ କରି ଦେଇଗଲେ । ଓଡ଼ିଶାର ସାଂସ୍କୃତିକ ପୁନଃଜାଗରଣରେ ଏହି ପ୍ରତିଭାଧରମାନଙ୍କ ଅବଦାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

ଓଡ଼ିଆ ଭାଷାର ସୁରକ୍ଷା, ଓଡ଼ିଆଙ୍କ ମଧ୍ୟରେ ଜାତୀୟ-ଚେତନା ସୃଷ୍ଟି ଓ ଦେଶ ମିଶ୍ରଣ ଆନ୍ଦୋଳନରେ ପତ୍ରପତ୍ରିକା ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜାତୀୟତାବୋଧର ବିକାଶ ଦିଗରେ ‘ଉତ୍କଳଦୀପିକା’, ‘ ସମ୍ବଲପୁର ହିତୈଷିଣୀ’ ‘ସମ୍ବାଦ ବାହିକା’ ଥିଲେ ଏ ଜାତିର ଅଗ୍ରଦୂତ । ‘ଉତ୍କଳ-ଦର୍ପଣ’, ‘ଉତ୍କଳପତ୍ର’, ନବସମ୍ବାଦ’, ‘ଦୈନିକ ଆଶା’, ପ୍ରଜାବନ୍ଧୁ, ନିଉ ଓଡ଼ିଶା, ଇଷ୍ଟ କୋଷ୍ଟ, ଦି ଓଡ଼ିଆ ଆଦି ପତ୍ର ପତ୍ରିକାଗୁଡ଼ିକ ଥିଲେ, ଓଡ଼ିଆ ଆନ୍ଦୋଳନର ଆଲୋକବର୍ତ୍ତିକା । ଜାତୀୟ ଚେତନାର ବାର୍ତ୍ତାବହ, ଜନ-ଜୀବନର ମୁଖପତ୍ର ।

ବିଂଶ ଶତାବ୍ଦୀର ରାଜନୈତିକ ଓ ସାଂସ୍କୃତିକ ଜାଗରଣରେ ସଂଗଠନଗୁଡ଼ିକର ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଟକ ଉତ୍କଳସିଂହ ସଭା, ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା, କଟକ ଡ଼ିବେଟିଂ କ୍ଲବ, ଗଂଜାମ ଉତ୍କଳ ହିତବାଦିନୀ ସଭା, ବାଲେଶ୍ୱର ସଭା, ଓଡ଼ିଆ ସମାଜ, ଓଡ଼ିଆ ଜାତୀୟ ସମିତି , ଉତ୍କଳ ହିତୈଷିଣୀ ସମାଜ, ଉତ୍କଳସଭା ଓଡ଼ିଆଭାଷୀଙ୍କୁ ସଂଗଠିତ କରିଥିଲା । ଉତ୍କଳ ସମ୍ମିଳନୀ ସବୁ ଓଡ଼ିଆ ସଂଗଠନର ପ୍ରତିନିଧିମୂଳକ କେନ୍ଦ୍ର

ଅନୁଷ୍ଠାନରେ ପରିଣତ ହୋଇ ଓଡ଼ିଆ ଆନ୍ଦୋଳନର ନେତୃତ୍ୱ ନେଇଥିଲା । ଓଡ଼ିଶାର କଂଗ୍ରେସ ସଂଗଠନ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଓ ନୀତିକୁ ଗ୍ରହଣ କରି ଦେଶ ମିଶ୍ରଣ ଆନ୍ଦୋଳନକୁ ସକ୍ରିୟ ଓ ଗତିଶୀଳ କରିଥିଲା । ଏକତ୍ରୀକରଣ ଆନ୍ଦୋଳନର ପଥ ଉନ୍ମୁକ୍ତ କରିଥିଲା । ଏହି ଆନ୍ଦୋଳନର

ସମ୍ବଲପୁରରେ ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ ଓଡ଼ିଆଭାଷୀ ଅଞ୍ଚଳର ବ୍ରଜମୋହନ ପଟ୍ଟନାୟକ ନେତୃତ୍ୱ ନେଇଥିଲେ, ସମ୍ବଲପୁରର ପଞ୍ଚସଖା ବଳଭଦ୍ର ସୁପକାର, ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ମଦନମୋହନ ମିଶ୍ର, ବ୍ରଜମୋହନ ପଟ୍ଟନାୟକ ଏବଂ ଚନ୍ଦ୍ରଶେଖର ବେହେରା, ସ୍ୱପ୍ନେଶ୍ୱର ଦାସ, ଧରଣୀ ଧର ମିଶ୍ର, ବୈକୁଣ୍ଠନାଥ ପୂଜାରୀ, ବ୍ରଜମୋହନ ପଣ୍ଡା ପ୍ରମୁଖ ବରେଣ୍ୟ ଓଡ଼ିଆ ନେତାଗଣ । ଏମାନଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ସମ୍ବଲପୁର ଜିଲ୍ଲା ହିନ୍ଦି ପ୍ରଭାବରୁ ମୁକ୍ତ ହେଲା । କୋର୍ଟ-କଚେରୀ ଓ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହୋଇଥିଲା । ସମ୍ବଲପୁର ଜିଲ୍ଲାକୁ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶା ଡିଭିଜନର ଅନ୍ତର୍ଭୁକ୍ତ କରାଯାଇଥିଲା ।

ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଗଂଜାମ ଜିଲ୍ଲାବାସୀଙ୍କ ଅବଦାନ ଉଲ୍ଲେଖନୀୟ । ଏହି ଜିଲ୍ଲାରେ ସର୍ବପ୍ରଥମେ ଓଡ଼ିଆ ଜାତୀୟତାର ଜାଗରଣ ଦେଖାଦେଇଥିଲା । ଯେଉଁ ଜାତିପ୍ରାଣ ଜନନେତାମାନଙ୍କ ଯୋଗୁଁ ଗଂଜାମ ଜିଲ୍ଲାରେ ହିନ୍ଦୀ ପରିବର୍ତ୍ତେ ଓଡ଼ିଆଭାଷା ପୁନଃ ପ୍ରବର୍ତ୍ତିତ ହୋଇଥିଲା ଏବଂ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ସମ୍ଭବ ହୋଇଥିଲା, ସେମାନଙ୍କ ମଧ୍ୟରେ ଶଶିଭୂଷଣ ରଥ, ଶ୍ୟାମସୁନ୍ଦର ରାଜଗୁରୁ, ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ଚକ୍ରପାଣି ପ୍ରଧାନ, ଲିଙ୍ଗରାଜ ପାଣିଗ୍ରାହୀ, ଗୋରାଚାନ୍ଦ ପଟ୍ଟନାୟକ, ଶରତଚନ୍ଦ୍ର ମହାପାତ୍ର, ଯୁଗଳକିଶୋର ପାଣିଗ୍ରାହୀ, ଶ୍ରୀବତ୍ସ ପଣ୍ଡା, ଗୋପୀନାଥ ନନ୍ଦ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

୧୯୨୩ ମସିହାରେ ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀର ସପ୍ତଦଶ ଅଧିବେଶନ ବସି ଭାଷାସୂତ୍ରରେ ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ପରଠାରୁ ଉତ୍କଳ ସମ୍ମିଳନୀର ଅଧିବେଶନ ଆଉ ହୋଇନଥିଲା । ପାରଳାର ଗଜପତି କୃଷ୍ଣଚନ୍ଦ୍ର ଶେଷ ପର୍ଯ୍ୟାୟ ଦେଶମିଶ୍ରଣ ଆନ୍ଦୋଳନର କର୍ଣ୍ଣଧାର ହୋଇଥିଲେ । –

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଦେଶହିତୈଷୀ ପ୍ରଜାବତ୍ସଳ ରାଜା-ଜମିଦାରମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେମାନଙ୍କ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ବିନା ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷା-ସଂସ୍କୃତିର ବିକାଶ କେବେ ସମ୍ଭବ ହୋଇ ନଥାନ୍ତା । ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି, ବାମଣ୍ଡାର ସାର୍ ସୁଢ଼ଳଦେବ, ମୟୂରଭଞ୍ଜର ଶ୍ରୀ ରାମଚନ୍ଦ୍ର ଭଞ୍ଜ, ଖଲିକୋଟର ହରିହର ମର୍ଦ୍ଦରାଜ, କାଟିଙ୍ଗାର ଭେଙ୍କଟେଶ ଦେଓ, ଚିକିଟିର ଗୌରଚନ୍ଦ୍ର ଦେବ, ରାଧାମୋହନ ରାଜେନ୍ଦ୍ର ଦେବ, ଜୟପୁରର ବିକ୍ରମ ଦେବ ବର୍ମା, କନିକାର ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବାଲେଶ୍ୱରର ଶ୍ୟାମସୁନ୍ଦର ଦେ, ବୈକୁଣ୍ଠନାଥ ଦେ, ଖଡ଼ିଆଳର ବ୍ରଜରାଜ, ବୀର ବିକ୍ରମ ଦେବ, ଶିବ ନାରାୟଣ ଦେବ, ସୋନପୁରର ବୀର ମିତ୍ରୋଦୟ ସିଂହଦେଓ, ଧରାକୋଟର ମଦନ ମୋହନ ସିଂହଦେଓଙ୍କ ସମେତ ବଡ଼ଖେମୁଣ୍ଡି, ତାଳଚେର, ପାରିକୁଦ, ଆଠଗଡ଼, କେଉଁଝର, ମଂଜୁଷା, ସୁରଙ୍ଗୀ ଆଦି ରାଜାମାନଙ୍କ ଅତୁଳନୀୟ ଓଡ଼ିଆ ପ୍ରୀତି ଓ ଦେଶଭକ୍ତି ଓଡ଼ିଆ ଆନ୍ଦୋଳନର ଇତିହାସରେ ସ୍ମରଣୀୟ ହୋଇ ରହିବ ।

ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ଓ ଓଡ଼ିଆ ଆନ୍ଦୋଳନର ଅଗ୍ରଣୀ ନେତା ଭାବରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ପ୍ରଚାରକ ଅନନ୍ତ ମିଶ୍ର, ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ଭୁବନାନନ୍ଦ ଦାସ, ଲକ୍ଷ୍ମୀନାରାୟଣ ସାହୁ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ରଜସୁନ୍ଦର ଦାସ, ବିଚିତ୍ରାନନ୍ଦ ଦାସ, ପ୍ରମୁଖ ଉତ୍କଳ ଜନନୀର ବରପୁତ୍ରମାନେ ଆମର ନମସ୍ୟ । ସେମାନେ ଓଡ଼ିଆ ପ୍ରାଣରେ ଜାତୀୟତାର ସ୍ପନ୍ଦନ ସୃଷ୍ଟି କରିଥିଲେ । ଓଡ଼ିଆ ଭାଷାକୁ ପୁନର୍ଜୀବନ ଦେଇଥିଲେ ।

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳହିତୈଷୀ କେତେକ ଇଂରେଜ ପ୍ରଶାସକଙ୍କ ସହାନୁଭୂତି ଓ ସହୃଦୟତା ପାଇଁ ଏ ଜାତି ସେମାନଙ୍କ ନିକଟରେ କୃତଜ୍ଞ ହୋଇ ରହିବ । ବାଲେଶ୍ୱରର କଲେକ୍ଟର ଜନ ବୀମସ୍, ରାଜସ୍ୱ କମିଶନର ରେଭେନ୍ସା ଓଡ଼ିଆ ଭାଷା ଉଚ୍ଛେଦ ଅଭିଯାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନଥିଲେ ଆଜି ଓଡ଼ିଆ ଭାଷାର ସତ୍ତା ନଥାନ୍ତା । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ବଡ଼ଲାଟ୍ ଲର୍ଡ଼ କର୍ଜନ, ଓଡ଼ିଶା କମିଶନର ମି। ହୁବ୍, ଚିଫ କମିଶନର ଆଣ୍ଡ୍ରୁ ଫ୍ରେଜର, ଭାରତ ସଚିବ ସାର ଷ୍ଟାଫୋର୍ଡ଼ ନର୍ଥକୋଟ ଓଡ଼ିଆମାନଙ୍କ ସପକ୍ଷରେ ବଳିଷ୍ଠ ଯୁକ୍ତି ଦର୍ଶାଇନଥିଲେ ଓଡ଼ିଆ ପ୍ରଦେଶ ଏତେ ସହଜରେ ହୋଇ ପାରିନଥାନ୍ତା ।

ଆଜିର ପବିତ୍ର ଉତ୍କଳ ଦିବସରେ ସେଇ ଓଡ଼ିଆ ହିତୈଷୀ ବରେଣ୍ୟ ପୁରୁଷମାନଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ । ବହୁ ସ୍ୱପ୍ନ, ସଂକଳ୍ପ ଓ ସଂଗ୍ରାମ ପରେ ଏ ଜାତିର ବରପୁତ୍ରମାନେ ଖଣ୍ଡ ବିଖଣ୍ଡିତ ଏ ଦେଶର ସଂକୁଚିତ ମାନଚିତ୍ର ବଦଳାଇ ଦେଇଛନ୍ତି । ଉତ୍ତରପୁରୁଷଙ୍କ ହାତରେ ଦେଇ ଯାଇଛନ୍ତି ଏକ ବିଶାଳ ଓଡ଼ିଶା । ଅତୀତ ଗୌରବରେ ଗରୀୟାନ ଓଡ଼ିଆର ସେଇ ସଞ୍ଚିତ ସ୍ୱାଭିମାନ ବଜାୟ ରଖିଲେ, ଓଡ଼ିଶାର ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ ପ୍ରତି ଆମର ଅନୁରାଗ ଅତୁଟ ରହିଲେ, ରାଜ୍ୟର ସର୍ବାଙ୍ଗୀନ ବିକାଶପାଇଁ ଆମେ ଐକ୍ୟବଦ୍ଧ ହେଲେ ପୂର୍ବସୂରୀମାନଙ୍କ ପ୍ରତି ତାହାହିଁ ହେବ ଆମର ଯଥାର୍ଥ ସମ୍ମାନ ଓ ସ୍ମୃତିତର୍ପଣ ।

ଓଡ଼ିଶାର ସେଇ ଗୌରବମୟ ପରମ୍ପରାର ପ୍ରତିଭୂ, ପ୍ରବୁଦ୍ଧ ସାରସ୍ୱତ ପୁରୁଷ, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ, ଏପ୍ରିଲ ପହିଲା ଓଡ଼ିଶାର ଜନଗଣଙ୍କ ପାଇଁ ଏକ ସ୍ମୃତି ଓ ସଂକଳ୍ପର ଦିନ । ସ୍ମୃତି: କାରଣ ଯେଉଁମାନଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳ ସ୍ୱରୂପ ଓଡ଼ିଆ ଜାତିର ଏହି ସ୍ୱପ୍ନ ସଫଳ ହେଲା, ସେହି ପୂର୍ବସୂରୀମାନଙ୍କୁ ଆଜି ଗଭୀର ଭାବରେ ସ୍ମରଣ କରିବାର ଦିନ । ସଂକଳ୍ପ: ଓଡ଼ିଶାକୁ କୃଷି, ଶିଳ୍ପ, କଳା ଓ ବିଜ୍ଞାନର କ୍ଷେତ୍ରରେ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆଜି ଏକ ସଂକଳ୍ପ ନେବାର ଦିନ ।

# ନବ-ଉତ୍କଳ ନିର୍ମାଣରେ ମଧୁସୂଦନ ଦାସଙ୍କ ଭୂମିକା

**ଡ଼ଃ ଅତୁଲ ଚନ୍ଦ୍ର ପ୍ରଧାନ**

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆଧୁନିକ ଶିକ୍ଷାର ପ୍ରସାର, ମୁଦ୍ରଣ ଯନ୍ତ୍ର ମାଧ୍ୟମରେ ଇଂରେଜୀ ଓ ଆଞ୍ଚଳିକ ଭାଷାମାନଙ୍କରେ ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶନ, ଡ଼ାକ ତାର ଓ ରେଳ ଯୋଗାଯୋଗର ପ୍ରସାର ଏବଂ ବୁଦ୍ଧିଜୀବି ମଧ୍ୟବିତ୍ତ ଗୋଷ୍ଠୀର ଅଭ୍ୟୁଦୟ ଫଳରେ ଭାରତରେ ଏକ ଜାଗରଣ ଦେଖା ଦେଇଥିଲା । ଏହି ଜାଗରଣ ଫଳରେ ପ୍ରାଦେଶିକ ତଥା ଜାତୀୟ ସ୍ତରରେ ସାମାଜିକ ଓ ଜାତୀୟ ଜୀବନର ବିକାଶ ପାଇଁ ବିଭିନ୍ନ ସଂଗଠନମାନ ଗଢ଼ି ଉଠିଥିଲା । ଏହି ସଂଗଠନମାନଙ୍କର କର୍ମୀମାନଙ୍କୁ ଏକ ଜାତୀୟ ମଞ୍ଚରେ ଏକତ୍ରିତ କରିବା ଉଦ୍ଦେଶ୍ୟରେ ଆଲାନ୍ ଓକ୍ଟାଭିୟାନ ହ୍ୟୁମ୍ ନାମଧେୟ ଜନୈକ ସ୍କଟଲ୍ୟାଣ୍ଡବାସୀ ଅବସର ପ୍ରାପ୍ତ ରାଜକର୍ମଚାରୀ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଗଠନ କରିଥିଲେ । ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ କାଳରେ ବୁଦ୍ଧିଜୀବି ଗୋଷ୍ଠୀର ଅଭ୍ୟୁଦୟ ଓ ସାମାଜିକ ଚେତନାର ଅଭିବୃଦ୍ଧି ସଂଘଟିତ ହୋଇଥିଲା । ଓଡ଼ିଆ ଭାଷାରେ ମୁଦ୍ରିତ ପୁସ୍ତକ ବିଶେଷତଃ ପାଠ୍ୟ ପୁସ୍ତକର ଅଭାବ ଓ ଓଡ଼ିଶାର ବିଦ୍ୟାଳୟ ମାନଙ୍କରୁ ଓଡ଼ିଆ ଭାଷାର ଉଚ୍ଛେଦ ପାଇଁ କେତେକ ବଙ୍ଗୀୟମାନଙ୍କର ଉଦ୍ୟମ ହେତୁ ପ୍ରଥମେ ଓଡ଼ିଶାର ବୁଦ୍ଧିଜୀବିମାନେ ଓଡ଼ିଆଭାଷାର ବିକାଶ ପାଇଁ ବିଶେଷ ଧ୍ୟାନ ଦେଇଥିଲେ । କିନ୍ତୁ କାଳକ୍ରମେ ସେମାନେ ଅନ୍ୟାନ୍ୟ ବିଷୟ ଯଥା ଓଡ଼ିଆ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା, ଓଡ଼ିଶାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଏବଂ ରେଳପଥ ନିର୍ମାଣ ଆଦି ବିଷୟ ପ୍ରତି ଧ୍ୟାନ ଦେଇଥିଲେ ।

୧୮୭୫ ମସିହାରେ ବାଲେଶ୍ୱରର ଜମିଦାର ରାଜା ଶ୍ୟାମାନନ୍ଦ ଦେ ବାଲେଶ୍ୱରଠାରେ ବଙ୍ଗଳାର ଛୋଟଲାଟ ସାର ରିଚାର୍ଡ଼ ଟେମ୍ପଲଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ଓଡ଼ିଆ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ଏବଂ କଲିକତା ଓ କଟକ ମଧ୍ୟରେ ରେଳ ସଂଯୋଗ ସ୍ଥାପନ ପାଇଁ ଦାବୀ ଉପସ୍ଥାପନ କରାଯାଇଥିଲା । ୧୮୮୨ ମସିହା ଜୁନମାସରେ ଓଡ଼ିଶାରେ ନିର୍ବାଚନ ଭିତ୍ତିକ ସ୍ଥାନୀୟ ସ୍ୱାୟତ୍ତ ଶାସନ ପ୍ରବର୍ତ୍ତନ ପାଇଁ କଟକରେ ଉତ୍କଳସଭା ଗଠିତ ହେଲା । ଉତ୍କଳ ସଭା ମଞ୍ଚରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ପ୍ରବର୍ତ୍ତନ, ଇଲବଟ ବିଲ୍, ଓଡ଼ିଶାରେ ରେଳପଥ ନିର୍ମାଣ ବିଧାନପରିଷଦରେ ପ୍ରତିନିଧିତ୍ୱ ଆଦି ବିଷୟମାନ ଆଲୋଚିତ ହୋଇଥିଲା । ୧୮୮୫ ମସିହା ଜନୌୟର ମାସରେ ବଙ୍ଗଳାର ଛୋଟଲାଟ ସାର ରିଚାର୍ଡ଼ ଥମସନଙ୍କ ଓଡ଼ିଶାଗସ୍ତ ଅବସରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ ଉତ୍କଳସଭା ତରଫରୁ ଦାବୀ ପତ୍ର ଦିଆଯାଇଥିଲା । ୧୮୮୮ ମସିହା ଡ଼ିସେମ୍ବର ମାସରେ ଛୋଟ ଲାଟ ସାର ଷ୍ଟୁଆର୍ଟ କୋଲଭିନ୍ ବେଲିଙ୍କ ଓଡ଼ିଶା ଗସ୍ତ ସମୟରେ ଉତ୍କଳସଭା ପକ୍ଷରୁ ମଧୁସୂଦନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ୍ କରିଥିଲେ ଏବଂ ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ଦାବୀପତ୍ର ଉପସ୍ଥାପନ କରିଥିଲେ ।

ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେବାପରେ ପ୍ରଥମେ ଓଡ଼ିଶାର ତିନୋଟି ଅନୁଷ୍ଠାନ ଯଥା : ଉତ୍କଳସଭା, ବାଲେଶ୍ୱର ଜାତୀୟ ସଭା, ପାରଳାଖେମୁଣ୍ଡିର ଉତ୍କଳ ହିତୈଷିଣୀସମାଜ ପକ୍ଷରୁ ପ୍ରତିନିଧିମାନେ ଏହାର ବାର୍ଷିକ ଅଧିବେଶନମାନଙ୍କରେ ଯୋଗ ଦେଇଥିଲେ । ଊନବିଂଶ ଶତାବ୍ଦୀର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନମାନଙ୍କ ମଧ୍ୟରେ ଉତ୍କଳସଭା ଅଗ୍ରଣୀ ଥିଲା । ଏହି ଶତାବ୍ଦୀର ଶେଷ ଆଡ଼କୁ ଓଡ଼ିଶାର ବୁଦ୍ଧିଜୀବି ଗୋଷ୍ଠୀ ମଧ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ସଭା ନିର୍ମାଣ ପାଇଁ ଓଡ଼ିଶା ଡ଼ିଭିଜନ, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାରେ ଏକ ଗୁଞ୍ଜରଣ ସୃଷ୍ଟି ହୋଇଥିଲା ।

ଇଂରେଜ ଶାସନରେ ଐତିହାସିକ କାରଣରୁ ଓଡ଼ିଶା ବିଭାଜିତ ହୋଇଥିଲା । ୧୭୫୯ ମସିହାରେ ଇଂରେଜମାନେ ହାଇଦ୍ରାବାଦର ନିଜାମଙ୍କୁ ପରାସ୍ତ କରି ଦକ୍ଷିଣ ଓଡ଼ିଶା ଦଖଲ କରିଥିଲେ ଏବଂ ଏହାକୁ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ଅନ୍ତର୍ଭୁକ୍ତ କରିଥିଲେ । ୧୮୦୩ ରେ ଓଡ଼ିଶା ଦଖଲ ପରେ ଇଂରେଜ ସରକାର ଅଧିକାଂଶ ଗଡ଼ଜାତକୁ ମୋଗଲବନ୍ଦୀ ଅଞ୍ଚଳରୁ ଅଲଗା କରି ରଖିଥିଲେ । ୧୮୪୯ ମସିହାରେ ରାଜସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ଇଂରେଜ ସାମ୍ରାଜ୍ୟରେ ମିଶିଲା ଏବଂ କେନ୍ଦ୍ରୀୟ ପ୍ରଦେଶରେ ଅନ୍ତର୍ଭୁକ୍ତ ହେଲା । ବଙ୍ଗ ମାନ୍ଦ୍ରାଜ ଓ କେନ୍ଦ୍ରୀୟ ପ୍ରଦେଶରେ ଓଡ଼ିଆ ଅଞ୍ଚଳଗୁଡ଼ିକ ଉପାନ୍ତ ଅଞ୍ଚଳ ହୋଇ ରହିବା ଫଳରେ ସଂଖ୍ୟାଲଘୁ ଭାବରେ ଓଡ଼ିଆମାନେ ଅବହେଳିତ ହେଲେ ଏବଂ ସଂଖ୍ୟାଗରିଷ୍ଠ ଲୋକେ ସେମାନଙ୍କର ପ୍ରତିପତ୍ତି, ଭାଷା ଓ ସଂସ୍କୃତିକୁ ଓଡ଼ିଆମାନଙ୍କ ଉପରେ ଲଦିଦେବା ପାଇଁ ପ୍ରୟାସ କଲେ । ଓଡ଼ିଆମାନଙ୍କର ଏହି ଅବହେଳିତ ଅବସ୍ଥା ପ୍ରତି ଇଂରେଜ ସରକାର ବହୁଦିନ ଧରି ଯଥୋଚିତ ଧ୍ୟାନ ଦେଇ ନଥିଲେ । କେତେକ ଇଂରେଜ ରାଜକର୍ମଚାରୀ ଓଡ଼ିଆମାନଙ୍କୁ ହେୟ ଦୃଷ୍ଟିରେ ଦେଖୁଥିଲେ । ଅବଶ୍ୟ ହେନରି ରିକେଟସ, ଟି.ଇ. ରେଭେନସା, ଜନ୍

ବିମ୍ସ, ଏଚ.ଜି. କୁକ ପ୍ରଭୃତି କେତେକ ଇଂରେଜ ରାଜକର୍ମଚାରୀ ଓଡ଼ିଆମାନଙ୍କ ପ୍ରତି ସହାନୁଭୂତିଶୀଳ ଓ ସଦୟ ମନୋଭାବ ପୋଷଣ କରିଥିଲେ । ଚଳିତ ଶତାବ୍ଦୀର ଆରମ୍ଭରେ ଲର୍ଡ଼କର୍ଜନ ବଡ଼ଲାଟ ଥିଲାବେଳେ ଓଡ଼ିଆ ଅଞ୍ଚଳମାନଙ୍କୁ ଏକତ୍ରିତ କରିବା ପାଇଁ ଯଥାର୍ଥ ପଦକ୍ଷେପ ନିଆଯାଇଥିଲା । ଲର୍ଡ଼ କର୍ଜନଙ୍କର ଓଡ଼ିଶା ପ୍ରତି ସଦୟ ଦୃଷ୍ଟି ଦେବା ମୂଳରେ ଗଞ୍ଜାମ ଓ ସମ୍ବଲପୁରର ଆନ୍ଦୋଳନ ଓ ମଧୁସୂଦନଙ୍କ ପ୍ରଚେଷ୍ଟା ନିହିତ ଥିଲା ।

ମଧୁସୂଦନ ଦାସ ବସ୍ତୁତଃ ଜଣେ ସ୍ୱାଧୀନ ଚେତା, ଦୃଢ଼ମନା ଓ ଉଚ୍ଚାଭିଳାଷୀ ବ୍ୟକ୍ତି ଥିଲେ । ପାରିବାରିକ ଅଭାବ ଅନାଟନ ସତ୍ତ୍ୱେ କଲିକତା ଓ କଟକ ମଧ୍ୟରେ ରେଳ ଯୋଗାଯୋଗ ନଥିବା ବେଳେ ସେ ଯେଉଁଭଳି ଭାବରେ କଲିକତା ଯାଇ ଉଚ୍ଚ ଶିକ୍ଷାଲାଭ କରିଥିଲେ ଏବଂ ନିଜକୁ ବିଚକ୍ଷଣ ଆଇନଜୀବି ଭାବରେ ପ୍ରତିଷ୍ଠିତ କରିଥିଲେ, ସେଥିରୁ ତାଙ୍କର ଦୃଢ଼ ମନୋବଳର ପରିଚୟ ମିଳେ । ବ୍ୟକ୍ତିଗତ ଉଚ୍ଚାଭିଳାଷ ପୂରଣ କରିବା ସଙ୍ଗେ ସଙ୍ଗେ ସେ ତାଙ୍କ ସମୟର ବିଶେଷତଃ ଓଡ଼ିଶାର ସମସ୍ୟା ଓ ଅଭାବ ସମ୍ବନ୍ଧରେ ସଚେତନ ଥିଲେ । ଖୁବ୍ ସମ୍ଭବ ପରିସ୍ଥିତିର ତାଡ଼ନାରେ ଉଚ୍ଚ ଶିକ୍ଷା ଆକାଂକ୍ଷା ପୂରଣ କରିବା ଉଦ୍ଦେଶ୍ୟରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ଓଡ଼ିଶାର ସଂସ୍କୃତି ଓ ଧର୍ମ ପ୍ରତି ସେ ସର୍ବଦା ଅଙ୍ଗୀକାରବଦ୍ଧ ଥିଲେ । ୧୮୮୧ ମସିହାରେ କଲିକତାରୁ ଆସି କଟକରେ ଓକିଲାତି ଆରମ୍ଭ କରିବାଠାରୁ ସେ ଓଡ଼ିଶାର ସାଧାରଣ ଜୀବନ ସହିତ ଓତଃପ୍ରୋତଭାବରେ ଜଡ଼ିତ ହୋଇଥିଲେ । ସେ ଉତ୍କଳ ସଭାର ଜଣେ ସକ୍ରିୟ ସଦସ୍ୟ ଥିଲେ । ୧୮୮୨ ମସିହା ଜୁନ୍ ୩୦ ତାରିଖରେ କଟକ ପ୍ରିଣ୍ଟିଂ କମ୍ପାନୀର କୋଠାରେ ଅନୁଷ୍ଠିତ ଏହାର ସାଧାରଣ ସଭାରେ ମଧୁସୂଦନ ଓଡ଼ିଶାରେ ନିର୍ବାଚନ ଭିତ୍ତିକ ସ୍ୱାୟତ୍ତଶାସନ ପ୍ରବର୍ତ୍ତନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ୧୮୮୬ ମସିହାରେ ଉତ୍କଳ ସଭାର ପ୍ରତିନିଧି ଭାବରେ ସେ କଲିକତାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଯୋଗ ଦେଇଥିଲେ ।୧୮୮୭ ମସିହାରେ ସେ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସର ତୃତୀୟ ଅଧିବେଶନରେ ଯୋଗ ଦେଇଥିଲେ । କଂଗ୍ରେସ ଅଧିବେଶନମାନଙ୍କରେ ଯୋଗଦାନ ଫଳରେ ସେ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇଥିଲେ । ମାନ୍ଦ୍ରାଜ ଅଧିବେଶନରୁ ଫେରିଲା ପରେ କଟକରେ ଏକ ସାଧାରଣ ସଭାରେ ଓଡ଼ିଶାର ପ୍ରଶାସନିକ, ସାଂସ୍କୃତିକ ଓ ଭାଷାଗତ ଉନ୍ନତି ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଜାତୀୟ ଜୀବନର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ ।

ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ ମଧ୍ୟ କାଳକ୍ରମେ ମଧୁସୂଦନ ଜାତୀୟ କଂଗ୍ରେସରୁ ଦୂରେଇଗଲେ, ଉତ୍କଳସଭାର କାର୍ଯ୍ୟକଳାପରେ ସକ୍ରିୟ ଅଂଶ ଗ୍ରହଣ କଲେ ଏବଂ ଶେଷରେ ୧୯୦୩ ରେ ଉତ୍କଳ ସମ୍ମିଳନୀ ଗଠନ କଲେ । ୧୯୦୧ ରେ ମଧୁସୂଦନ ଶେଷଥର ପାଇଁ କଂଗ୍ରେସର ବାର୍ଷିକ ଅଧିବେଶନରେ ଯୋଗ ଦେଇଥିଲେ । କେଉଁ ପରିସ୍ଥିତିରେ ସେ ଜାତୀୟ ମୁଖ୍ୟ ସ୍ରୋତରୁ ଦୂରେଇ ଗଲେ ତାହା ଏଠାରେ ବିଚାର୍ଯ୍ୟ । ଶୈଳବାଳା ଦାସଙ୍କ ମତରେ ୧୯୦୨ ମସିହାରେ କଲିକତାର ଗ୍ରାଣ୍ଡ ହୋଟେଲରେ ସୁରେନ୍ଦ୍ରନାଥ ବାନାର୍ଜିଙ୍କ ସହିତ ଆଲୋଚନା ବେଳେ ମଧୁସୂଦନ ଓଡ଼ିଆ ଅଞ୍ଚଳମାନଙ୍କର ଏକତ୍ରୀକରଣ ପ୍ରଶ୍ନ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଜାତୀୟ କଂଗ୍ରେସ ମଞ୍ଚରେ ଏକ ପ୍ରାଦେଶିକ ପ୍ରଶ୍ନ ଉଠାଇବା ସମୀଚୀନ ହେବନାହିଁ ବୋଲି ସୁରେନ୍ଦ୍ରନାଥ ମତ ଦେଇଥିଲେ । ତେଣୁ ମଧୁସୂଦନ କଂଗ୍ରେସ ପରିତ୍ୟାଗ କଲେ । କେବଳ ଏହି ଏକମାତ୍ର କାରଣରୁ ଉତ୍କଳ ସମ୍ମିଳନୀ ସୃଷ୍ଟି ହୋଇଥିଲା ବୋଲି କହିବା ଯଥାର୍ଥ ମନେ ହୁଏ ନାହିଁ । ଊନବିଂଶ ଶତାବ୍ଦୀର ଶେଷ ଦଶକରେ ମଧୁସୂଦନଙ୍କ କାର୍ଯ୍ୟକଳାପକୁ ସମୀକ୍ଷା କଲେ ସେ କିଭଳି ଭାବରେ ଓଡ଼ିଶାର ବିଭିନ୍ନ ସମସ୍ୟାରେ ସମ୍ପୃକ୍ତ ହୋଇଥିଲେ ତଥା ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଚିନ୍ତା କରୁଥିଲେ ତାହା ପ୍ରତୀୟମାନ ହୁଏ । ଏତଦ୍ ବ୍ୟତୀତ ଇଂରେଜ କର୍ତ୍ତୃପକ୍ଷଙ୍କ ସହିତ ବୁଝାମଣା ଓ ସହଯୋଗ ଭିତ୍ତିରେ ଓଡ଼ିଶାର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ସେ ଚେଷ୍ଟା କରୁଥିଲେ । ୧୯୦୩ ମସିହା ବେଳକୁ ସେ ଓଡ଼ିଶାର ସାଧାରଣ ଜୀବନରେ ଲବ୍ଧପ୍ରତିଷ୍ଠିତ ହୋଇଥିଲେ । ୧୯୦୪ ମସିହାରେ ଇଂରେଜ ସରକାର ତାଙ୍କୁ ସି.ଆଇ.ଇ. ଉପାଧି ପ୍ରଦାନ କରିଥିଲେ । ସମ୍ବଲପୁର ଓ ଗଞ୍ଜାମର ଓଡ଼ିଆ ଆନ୍ଦୋଳନ, ଲର୍ଡ଼କର୍ଜନଙ୍କ ଓଡ଼ିଶା ଆଗମନ ଓ ଓଡ଼ିଶା ପ୍ରତି ସହାନୁଭୂତି ଓ କର୍ଜନଙ୍କ ସହିତ ମଧୁସୂଦନଙ୍କ ସାକ୍ଷାତକାର ଆଦି ଘଟଣା ଉତ୍କଳ ସମ୍ମିଳନୀର ପୃଷ୍ଠଭୂମିରେ ନିହିତ ।

୧୮୯୫ ମସିହା ଜାନୁୟାରୀ ମାସରେ କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର ସାର ଆଣ୍ଟୋନି ପ୍ରେଜାର ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀକୁ ସରକାରୀ ଭାଷାଭାବେ ପ୍ରଚଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କଲେ । ଏହି ନିଷ୍ପତ୍ତି ବିରୋଧରେ ଉତ୍କଳ ସଭା ତରଫରୁ ପ୍ରତିବାଦ ସଭାମାନ ଆୟୋଜନ କରାଯାଇଥିଲା ଏବଂ ବଡ଼ଲାଟ ଲର୍ଡ଼ ଏଲଗିନଙ୍କ ନିକଟକୁ ପ୍ରତିବାଦ ପତ୍ର ପଠାଯାଇଥିଲା । ସେହି ବର୍ଷ ଓଡ଼ିଶାର କମିଶନର ଏଚ.ଜି. କୁକ୍ ତାଙ୍କର ପ୍ରଶାସନିକ ବିବରଣୀରେ ସବୁ ଓଡ଼ିଆ ଭାଷୀ ଅଞ୍ଚଳ (ଗଞ୍ଜାମ, ସମ୍ବଲପୁର, ଗଡ଼ଜାତ ଓ ଓଡ଼ିଶା ଡ଼ିଭିଜନ) ଏକ ଶାସନାଧୀନ ହେବା ଉଚିତ୍ ବୋଲି ମତ ଦେଇଥିଲେ ।

୧୮୯୬ ମସିହାରେ ମଧୁସୂଦନ ଦାସ ବଙ୍ଗ ବିଧାନ ପରିଷଦକୁ ଓଡ଼ିଶା ଓ ଛୋଟନାଗପୁରର ମ୍ୟୁନିସିପାଲିଟିମାନଙ୍କ ତରଫରୁ ପ୍ରତିନିଧିଭାବେ ନିର୍ବାଚିତ ହେଲେ । ୧୮୯୭ ମସିହା ମଧ୍ୟଭାଗରେ ସେ ଇଂଲଣ୍ଡ ଯାତ୍ରା କରିଥିଲେ । ସେଠାରେ ସେ ବିଶିଷ୍ଟ ଲୋକମାନଙ୍କୁ ସାକ୍ଷାତ୍ କରିଥିଲେ ଏବଂ ଇଂରେଜ ଶାସନାଧୀନ ଓଡ଼ିଶାର ଏକ ସଂକ୍ଷିପ୍ତ ବିବରଣୀ (A Brief Account of Orissa under British Administration) ଶୀର୍ଷକ ପ୍ରଚାରପତ୍ର ବାଣ୍ଟିଥିଲେ । ଏଥିରେ ସେ ଓଡ଼ିଶା ପ୍ରତି କରାଯାଇଥିବା ଅବିଚାରକୁ ସୁଧାରିବା ପାଇଁ ଇଂରେଜ ସରକାରଙ୍କୁ ଆବେଦନ କରିଥିଲେ -

"ଇଂରେଜ ସରକାର ଓ ଜନସାଧାରଣଙ୍କ ସମକ୍ଷରେ ଏହି ଧାଡ଼ିଗୁଡ଼ିକ ଉପସ୍ଥାପନ କଲାବେଳେ ଇଂରେଜ ଶାସନରେ ଓଡ଼ିଶା ପ୍ରତି ଯେଉଁ ବ୍ୟବହାର କରାଯାଉଛି ତାହାଦ୍ୱାରା ଇଂରେଜ ଜାତି ପ୍ରତି ଓଡ଼ିଆମାନେ

ଯେଉଁ ଆଶା ପ୍ରକାଶ କରିଛନ୍ତି ତାହା ବଢ଼ିବ କି ନାହିଁ ବିଚାର କରିବା ପାଇଁ ମୁଁ ଅନୁରୋଧ କରୁଛି । ଓଡ଼ିଶା ପ୍ରତି ଯେଉଁ ଅନ୍ୟାୟ କରାଯାଇଛି ତାହାର ପ୍ରତିକାର ପାଇଁ ସରକାର ବ୍ୟବସ୍ଥା କରିବା ଉଚିତ୍ ।''

୧୯୦୦ ମସିହା ଡ଼ିସେମ୍ବର ମାସ ପ୍ରଥମ ସପ୍ତାହରେ କଲିକତା ଓ ପୁରୀ ମଧ୍ୟରେ ରେଳ ଯୋଗାଯୋଗ ସମ୍ପୂର୍ଣ୍ଣ ହେଲା । ଡ଼ିସେମ୍ବର ଦ୍ୱିତୀୟ ସପ୍ତାହରେ ବଡ଼ଲାଟ ଲର୍ଡ଼କର୍ଜନ ଓଡ଼ିଶା ଗସ୍ତରେ ଆସିଲେ ଏବଂ ପୁରୀ, କଟକ ଓ ଭୁବନେଶ୍ୱର ପରିଦର୍ଶନ କଲେ । ତାଙ୍କ ପୂର୍ବରୁ କୌଣସି ବଡ଼ଲାଟ ଓଡ଼ିଶା ଗସ୍ତରେ ଆସି ନଥିଲେ । କର୍ଜନ ପୁରୀରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ବଡ଼ଲାଟଙ୍କ ଚାହିଁବା ମୁତାବକ ମଧୁସୂଦନ ତାଙ୍କୁ ସାକ୍ଷାତ୍ କରିଥିଲେ ଏବଂ ଓଡ଼ିଆମାନଙ୍କର ସମସ୍ୟା ସମ୍ବନ୍ଧରେ ଅବଗତ କରାଇ ଥିଲେ ।

ଇତିମଧ୍ୟରେ ସମ୍ବଲପୁରରେ ଓଡ଼ିଆଭାଷାର ପୁନଃ ପ୍ରଚଳନ ପାଇଁ ଆନ୍ଦୋଳନ ଚାଲିଲା । ୧୯୦୧ ମସିହା ଜୁଲାଇ ମାସରେ ସମ୍ବଲପୁରର କେତେକ ବିଶିଷ୍ଟ ବ୍ୟକ୍ତି କେନ୍ଦ୍ରୀୟ ପ୍ରଦେଶର ମୁଖ୍ୟ କମିଶନର ଫ୍ରେଜରଙ୍କୁ ସାକ୍ଷାତ୍ କରି ପ୍ରସ୍ତାବ ଦେଲେ ଯେ ଯଦି ସମ୍ବଲପୁର କେନ୍ଦ୍ରୀୟ ପ୍ରଦେଶରେ ରହିବା ଦ୍ୱାରା ସେଠାରେ ଓଡ଼ିଆ ଭାଷା ପ୍ରଚଳନ ଅସମ୍ଭବ ହେଉଛି ତେବେ ସମ୍ବଲପୁରକୁ ଓଡ଼ିଶା ଡ଼ିଭିଜନରେ ମିଶାଇ ଦିଆଯାଉ । ଫ୍ରେଜର ଏହି ପ୍ରସ୍ତାବ ଗ୍ରହଣ କରି ତଦନୁସାରେ କେନ୍ଦ୍ରୀୟ ସରକାରଙ୍କୁ ସୁପାରିଶ ଦେଲେ । ଏହି ସମୟରେ ମଧୁସୂଦନ ସିମଲାରେ ପୁଣିଥରେ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ୍ କରିଥିଲେ ଏବଂ ସମ୍ବଲପୁରରୁ ଏକ ପ୍ରତିନିଧି ଦଳ କର୍ଜନଙ୍କୁ ଭେଟିଥିଲେ । ସମ୍ବଲପୁର-ବାସୀଙ୍କର ଆନ୍ଦୋଳନ ଫଳରେ ୧୯୦୩ ମସିହା ଜାନୁୟାରୀ ପହିଲାଠାରୁ ସମ୍ବଲପୁରରେ ଓଡ଼ିଆ ପୁଣି ସରକାରୀ ଭାଷାରୂପେ ପ୍ରଚଳିତ ହେଲା । ୧୯୦୨ ମସିହାର ଦ୍ୱିତୀୟାର୍ଦ୍ଧରେ ଗଞ୍ଜାମବାସୀଙ୍କ ତରଫରୁ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାରେ ମିଶାଇବା ପାଇଁ ଏବଂ ସବୁ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଗୋଟିଏ ପ୍ରାଦେଶିକ ସରକାର ଓ ବିଶ୍ୱବିଦ୍ୟାଳୟ ଅଧୀନରେ ରଖିବା ପାଇଁ ଲର୍ଡ଼ କର୍ଜନଙ୍କୁ ଆବେଦନ କରାଗଲା । ସେହିବର୍ଷ ଶେଷ ଆଡ଼କୁ ବାଲେଶ୍ୱରର ଜମିଦାର ରାଜା ବୈକୁଣ୍ଠ ନାଥ ଦେ ସବୁ ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କୁ ଏକ ପ୍ରଦେଶରେ ପରିଣତ କରିବା ପାଇଁ କିମ୍ବା ଏକ ଶାସନାଧୀନ (ବଙ୍ଗ, ମାନ୍ଦ୍ରାଜ, କିମ୍ବା କେନ୍ଦ୍ରୀୟ ପ୍ରଦେଶରେ) କରିବା ପାଇଁ ଲର୍ଡ଼ କର୍ଜନଙ୍କୁ ସ୍ମାରକ ପତ୍ର ଦେଇଥିଲେ । ୧୯୦୩ ମସିହା ଆରମ୍ଭରେ ରମ୍ଭାଠାରେ ଗଞ୍ଜାମ ଜାତୀୟ ସମିତି ଗଠିତ ହେଲା ।ଏହି ସମିତି ତରଫରୁ ଏପ୍ରିଲ ମାସରେ ବ୍ରହ୍ମପୁରଠାରେ ଏକ ସଭା ଅନୁଷ୍ଠିତ ହେଲା । ମଧୁସୂଦନ ଦାସ ଏହି ସଭାକୁ ବିଶେଷ ଭାବରେ ଆମନ୍ତ୍ରିତ ହୋଇଥିଲେ । ଏହି ସଭାରେ ତାଙ୍କ ପ୍ରସ୍ତାବ ଅନୁସାରେ ଉତ୍କଳ ସମ୍ମିଳନୀ ଗଠନ କରାଗଲା ଏବଂ ଏହାର ପ୍ରଥମ ଅଧିବେଶନ କଟକରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା ।

ବ୍ରହ୍ମପୁର ସଭାର ଅଳ୍ପ ସମୟ ପରେ କଟକରେ ଉତ୍କଳସଭା ତରଫରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ନିମ୍ନଲିଖିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା -

(୧) ସମ୍ବଲପୁର, ଛୋଟନାଗପୁର, ଗଞ୍ଜାମ, ଗଞ୍ଜାମ-ବିଶାଖାପାଟଣା ଏଜେନ୍ସି ଓ ମେଦିନୀ ପୁରକୁ ଓଡ଼ିଶା ଡ଼ିଭିଜନ ସହିତ ମିଶାଯାଉ । ''ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ କି ବଙ୍ଗଳା ସଙ୍ଗେ ରହିବ, ଜାତୀୟ ଉନ୍ନତି ଦୃଷ୍ଟେ ଗଭର୍ଣ୍ଣମେଣ୍ଟ ତାହା ବିଚାର କରିବେ ।''

(୨) ସମସ୍ତ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଜଣେ ଚିଫ୍ କମିଶନରଙ୍କ ଅଧୀନରେ ରଖାଯାଉ ।

(୩) ଓଡ଼ିଶାକୁ କଲିକତା ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ଅଧୀନରେ ରଖାଯାଉ (ମଧୁସୂଦନଙ୍କ ପ୍ରସ୍ତାବ)

ଉତ୍କଳ ସଭାର ଉଦ୍ୟମ, ସମ୍ବଲପୁର ଓ ଗଞ୍ଜାମବାସୀଙ୍କର ଆନ୍ଦୋଳନ ଏବଂ ମଧୁସୂଦନଙ୍କ ଆବେଦନ ଦ୍ୱାରା ଲର୍ଡ଼ କର୍ଜନଙ୍କ ସରକାର ପ୍ରଭାବିତ ହୋଇଥିଲେ । ୧୯୦୩ ମସିହାରେ ଲର୍ଡ଼ କର୍ଜନ ବଙ୍ଗ ବିଭାଜନ ପରିକଳ୍ପନା କରିଥିଲେ ଏବଂ ସମ୍ବଲପୁର ଜିଲ୍ଲା ଓ ଏହାର ପାର୍ଶ୍ୱବର୍ତ୍ତୀ ଗଡ଼ଜାତ ଗଞ୍ଜାମ ଓ ଗଞ୍ଜାମ-ବିଶାଖାପାଟଣା ଏଜେନ୍ସିକୁ ଓଡ଼ିଶା ଡ଼ିଭିଜନ ସହିତ ମିଶାଇବା ପାଇଁ ଯୋଜନା କରିଥିଲେ । ୧୯୦୩ ମସିହା ଡ଼ିସେମ୍ବର ପ୍ରଥମ ସପ୍ତାହରେ ଭାରତ ସରକାରଙ୍କ ସଚିବ ଏଚ. ଏଚ. ରିଜଲେ (H.H. Risley) ଏହି ଯୋଜନା ସମ୍ବନ୍ଧରେ କେନ୍ଦ୍ରୀୟ ପ୍ରଦେଶ, ମାନ୍ଦ୍ରାଜ ଓ ବଙ୍ଗ ସରକାରଙ୍କର ମତ ଲୋଡ଼ିଥିଲେ । ଡ଼ିସେମ୍ବର ୩୦-୩୧ ରେ ମଧୁସୂଦନ ଓ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ପ୍ରଚେଷ୍ଟାରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ଉତ୍କଳ ସମ୍ମିଳନୀର ପରିସର ଉତ୍କଳ ସଭା (Orissa Association) ଠାରୁ ବ୍ୟାପକ ଥିଲା । ଉତ୍କଳ ସଭା ପ୍ରାୟ କଟକରେ ସୀମିତ ଥିଲା । କିନ୍ତୁ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନଙ୍କରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିମାନେ ମିଳିତ ହେଉଥିଲେ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଲର୍ଡ଼କର୍ଜନଙ୍କ ପ୍ରସ୍ତାବକୁ ସ୍ୱାଗତ କରାଗଲା । କାରଣ ଏହା ଓଡ଼ିଶାର ସ୍ୱାର୍ଥପ୍ରତି ଅନୁକୂଳ ଥିଲା । କଟକର ଉତ୍କଳ ସମ୍ମିଳନୀ ବସିଥିଲା ବେଳେ ମାନ୍ଦ୍ରାଜର ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ଚାଲିଥିଲା । କଂଗ୍ରେସ ଅଧିବେଶନରେ କର୍ଜନ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବଙ୍ଗ ବିଭାଜନ ଏବଂ ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଜିଲ୍ଲା ଏବଂ ଗଞ୍ଜାମ ବିଶାଖାପାଟଣା ଏଜେନ୍ସିର ପୃଥକୀକରଣକୁ ବିରୋଧ କରାଗଲା । ଜାତୀୟ କଂଗ୍ରେସ ଦ୍ୱାରା ଗୃହୀତ ଏହି ପ୍ରସ୍ତାବ ମଧୁସୂଦନଙ୍କ ଉତ୍କଳ ସମ୍ମିଳନୀ ଗଠନର ଯଥାର୍ଥତା ପ୍ରମାଣିତ କଲା ।

କର୍ଜନ ସରକାରଙ୍କ ସିଦ୍ଧାନ୍ତ ଅନୁସାରେ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖଠାରୁ ସମ୍ବଲପୁର ଜିଲ୍ଲା ଓ ଏହାର ପାର୍ଶ୍ୱବର୍ତ୍ତୀ ପାଞ୍ଚଟି ଗଡ଼ଜାତ (ପାଟନା, କଳାହାଣ୍ଡି, ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ) କେନ୍ଦ୍ରୀୟ ପ୍ରଦେଶରୁ ଓଡ଼ିଶାକୁ ସ୍ଥାନାନ୍ତରିତ ହେଲା ।

ମାନ୍ଦ୍ରାଜର ଲାଟ ଲର୍ଡ୍ ଏମ୍‌ଥିଲ୍ (Lord Ampthill)ଙ୍କ ତେଲଗୁ-ସମର୍ଥନ ନୀତି ହେତୁ ଗଞ୍ଜାମ ଓ ଗଞ୍ଜାମ-ବିଶାଖାପାଟଣା ଏଜେନ୍ସି ଓଡ଼ିଶାକୁ ସ୍ଥାନାନ୍ତରିତ ହୋଇ ପାରିଲା ନାହିଁ ।

୧୯୧୧ରେ ବଙ୍ଗ ଭଙ୍ଗ ରଦ୍ଦ ହେଲା ଓ ବିହାର-ଓଡ଼ିଶା ପ୍ରଦେଶ ସୃଷ୍ଟି କରାଗଲା । ବଙ୍ଗଭାଷୀ ଅଞ୍ଚଳର ବିଭାଜନ ନୀତି କାର୍ଯ୍ୟକାରୀ ହୋଇ ନପାରିବାରୁ ଓଡ଼ିଆମାନଙ୍କ ଇଚ୍ଛା ବିରୋଧରେ ସେମାନଙ୍କୁ ବିହାର-ଓଡ଼ିଶା ପ୍ରଦେଶରେ ରଖାଗଲା । ଏହି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରି ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମଧୁସୂଦନ କହିଥିଲେ ''ଇଂରେଜ ସରକାରଙ୍କ ଅଧୀନରେ ଅନ୍ୟ କୌଣସି ଜାତି ଓଡ଼ିଆମାନଙ୍କ ଭଳି ଅନ୍ୟାୟ ଓ ନିର୍ଦ୍ଦୟ ଆଚରଣର ଶିକାର ହୋଇନାହାନ୍ତି । ଯଦିଓ ଓଡ଼ିଆମାନେ କୌଣସି ଅପରାଧ କରିନାହାନ୍ତି । ଓଡ଼ିଆମାନଙ୍କୁ ବିହାର-ଓଡ଼ିଶା ପ୍ରଦେଶରେ ରଖାଯିବା ବିରୋଧରେ ଇଂଲଣ୍ଡର ଲର୍ଡ୍‌ସ ସଭାରେ ପ୍ରତିବାଦ କରି ଲର୍ଡ୍ କର୍ଜନ କହିଥିଲେ - ''ଏଭଳି ଏକ ଭୁଲ ଚିରସ୍ଥାୟୀ ହୋଇ ରହିପାରିବ ନାହିଁ । ଓଡ଼ିଶାର ଲୋକେ ଆନ୍ଦୋଳନ ପ୍ରିୟ ନୁହନ୍ତି । ନଚେତ୍ ଶୀଘ୍ର ସେମାନେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥାନ୍ତେ ।''

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକୀକରଣ ଉତ୍କଳ ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ ଥିଲା । କିନ୍ତୁ ଏହାର ମଞ୍ଚରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଲୋଚନାମାନ ଅନୁଷ୍ଠିତ ହେଉଥିଲା । ଦେଶମିଶ୍ରଣ ବ୍ୟତୀତ ଅନ୍ୟାନ୍ୟ ଆଲୋଚ୍ୟ ବିଷୟଗୁଡ଼ିକ ହେଲା ଔଦ୍ୟୋଗିକ ବିକାଶ, ଶିକ୍ଷାର ବିକାଶ (ସାଧାରଣ; ବୈଷୟିକ ଏବଂ ନାରୀ ଶିକ୍ଷା) ଓଡ଼ିଶାରେ ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ, ଖଦଡ଼ ଓ ଲବଣ ଶିଳ୍ପ ଆଦି କୁଟୀର ଶିଳ୍ପର ପୁନରୁଦ୍ଧାର , ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ, କୃଷିର ବିକାଶ, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି, କଚେରୀମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ।

ଉତ୍କଳ ସମ୍ମିଳନୀ ମୁଖ୍ୟତଃ ରାଜା, ଜମିଦାର ଓ ବୁଦ୍ଧିଜୀବି-ମାନଙ୍କର ସଂଗଠନ ଥିଲା । କିନ୍ତୁ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିରୁ ଏମାନେ ଓଡ଼ିଶାର ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲେ । ଓଡ଼ିଶାର ଚେତନଶୀଳ ବୁଦ୍ଧିଜୀବିମାନେ ଉତ୍କଳ ସମ୍ମିଳନୀରେ ଏକତ୍ର ହୋଇ ଓଡ଼ିଶାର ସମସ୍ୟାମାନ ଆଲୋଚନା କରୁଥିଲେ । ଏହାର ବାର୍ଷିକ ଅଧିବେଶନରେ କୃଷକ ଶ୍ରେଣୀର ଲୋକମାନେ ମଧ୍ୟ ଯୋଗ ଦେଉଥିଲେ । ଉତ୍କଳ ସମ୍ମିଳନୀକୁ ସାଧାରଣ ଜନତା ମଧ୍ୟରେ ଲୋକପ୍ରିୟ କରିବା ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା । ଉତ୍କଳ ସମ୍ମିଳନୀ ତରଫରୁ ପ୍ରଚାରକମାନେ ମେଦିନୀପୁର, କଲିକତା, ଗଞ୍ଜାମ, ସମ୍ବଲପୁର ଓ ଗଡ଼ଜାତ ରାଜ୍ୟମାନଙ୍କୁ ଯାଇ ଏହାର ଉଦ୍ଦେଶ୍ୟ ପ୍ରଚାର କରୁଥିଲେ । ଖଲିକୋଟ, ରମ୍ଭା, ଡିଗୁଡ଼ି, ଧରାକୋଟ, ପୁରୁଷୋତ୍ତମ, ଜୟପୁର ଓ ବଡ଼ଖେମୁଣ୍ଡି ଆଦି କେତେକ ସ୍ଥାନରେ ସାଧାରଣ ଜନତା ମଧ୍ୟରେ ସମ୍ମିଳନୀ ପ୍ରତି ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହେଉଥିଲା ।

ଇଂରେଜ ସରକାରଙ୍କ ପ୍ରତି ଉତ୍କଳ ସମ୍ମିଳନୀ ଓ ମଧୁସୂଦନ ଆନୁଗତ୍ୟ ପ୍ରକାଶ କରିଥିଲେ । ଏଥିପାଇଁ ମଧୁସୂଦନ ଅସହଯୋଗୀମାନଙ୍କର ସମାଲୋଚନାର ଶରବ୍ୟ ହୋଇଥିଲେ । କିନ୍ତୁ ମଧୁସୂଦନ ଇଂରେଜ ରାଜକର୍ମଚାରୀମାନଙ୍କର ସ୍ୱେଚ୍ଛାଚାରୀ ମନୋଭାବକୁ ସମାଲୋଚନା କରୁଥିଲେ । ୧୯୦୭ ମସିହାରେ ଇଂଲଣ୍ଡ ଗସ୍ତ ସମୟରେ ଭାରତ ସଚିବ ମର୍ଲେଙ୍କୁ ଏଭଳି ମନୋଭାବ ସମ୍ବନ୍ଧରେ ଅବଗତ କରାଇଥିଲେ । ଓଡ଼ିଶାର ସ୍ୱାର୍ଥକୁ ଆଖିରେ ରଖି ସେ ଇଂରେଜ ସରକାର ପ୍ରତି ଅନୁଗତ ମନୋଭାବ ପୋଷଣ କରିଥିଲେ । ଓଡ଼ିଶାର ଜନସାଧାରଣ ବିଶେଷତଃ ବୁଦ୍ଧିଜୀବିମାନଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ତାଙ୍କର ମୁଖ୍ୟ ଆଭିମୁଖ୍ୟ ଥିଲା । ୧୯୧୩ ମସିହାରେ ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ ସଭାପତିତ୍ୱ କରି ସେ କହିଥିଲେ :

''ଏ ସମ୍ମିଳନୀ ଜାତିର ସମ୍ମିଳନୀ ସମସ୍ତ ଉତ୍କଳବାସୀଙ୍କ ହୃଦୟରେ ଜାତୀୟ ଜୀବନ ସଂଞ୍ଚାର କରିବା ନିମନ୍ତେ ସ୍ଥାପିତ ହୋଇଛି । ଉଚ୍ଚଶିକ୍ଷା ଦ୍ୱାରା ଓକିଲ ଡେପୁଟି କଲେକ୍ଟରଙ୍କ ସଂଖ୍ୟା ବଢ଼ାଇବା ଏ ସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ । ଏ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୁଏ, ଜାତୀୟ ଉନ୍ନତି ହୁଏ ନାହିଁ । ଅବଶ୍ୟ ଏପ୍ରକାର ହୋଇପାରେ ଯଦି ଏ ଶ୍ରେଣୀସ୍ଥ ଲୋକମାନଙ୍କ ମଧ୍ୟରେ ଜାତୀୟ ଜୀବନ ସଞ୍ଚାରିତ ହୁଏ ତାହା ହେଲେ ସେ ଉଦ୍ଦେଶ୍ୟ ସମ୍ପାଦନ କରିବା ନିମନ୍ତେ ଏ ଶ୍ରେଣୀର ଲୋକମାନଙ୍କର ବିଶେଷ ଯେ ସୁବିଧା ଅଛି ଏହା ସ୍ୱୀକାର କରିବାକୁ ହେବ । କିନ୍ତୁ ଉଚ୍ଚ ଶିକ୍ଷିତ ହେଲେ କିମ୍ବା ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଉଚ୍ଚପଦ ପ୍ରାପ୍ତ ହେଲେ ଯେ ଜାତୀୟ ଜୀବନ ବୃଦ୍ଧି ହେବ ଏହା କୁହାଯାଇ ନପାରେ ।.... ଜାତୀୟ ବିଷୟ ଚିନ୍ତା କରିବା ଦ୍ୱାରା କ୍ରମେ ଜାତୀୟ ଜୀବନ ହୃଦୟରେ ଜାଗ୍ରତ ହେବ, ଶେଷରେ ସେହି ଜୀବନ ତୁମର ହୃଦୟସ୍ଥଳରୁ ଆରମ୍ଭ କରି ସମୟରେ ରକ୍ତମାଂସ ଏବଂ ସମସ୍ତ ଶରୀରକୁ ଜାତୀୟ ଜୀବନରେ ଉତ୍ତେଜିତ କରିବ ।''

ମଧୁସୂଦନ ଉତ୍କଳ ସମ୍ମିଳନୀର କେନ୍ଦ୍ରବିନ୍ଦୁ ଥିଲେ । ସେ ପ୍ରଥମେ ଏହାର ସମ୍ପାଦକ ହୋଇଥିଲେ । ସମ୍ମିଳନୀ ପାଇଁ ସେ ଯଥେଷ୍ଟ ଅର୍ଥବ୍ୟୟ କରିଥିଲେ । ସେ ଏହାର ଗୋଟିଏ ବାର୍ଷିକ ଅଧିବେଶନ (୧୯୧୩ରେ ପୁରୀରେ ଅନୁଷ୍ଠିତ ନବମ ଅଧିବେଶନ) ଏବଂ ଗୋଟିଏ ସ୍ୱତନ୍ତ୍ର ଅଧିବେଶନ (୧୯୧୮) ରେ ସଭାପତିତ୍ୱ କରିଥିଲେ ।

୧୯୧୭ ମସିହାରେ ଭାରତ ସଚିବ ଇ.ଏସ. ମଣ୍ଟେଗୁଙ୍କ ଭାରତ ଗସ୍ତ କାଳରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବୀ ଜଣାଇବା ପାଇଁ ଉତ୍କଳ ୟୁନିୟନ କମିଟି ଗଠନ କରାଯାଇଥିଲା । ଏହି କମିଟିର ସଦସ୍ୟ ଥିଲେ ମଧୁସୂଦନ ଦାସ, କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ରଜସୁନ୍ଦର ଦାସ, ସୁଦାମ ଚରଣ ନାୟକ ଓ ଶେରଗଡ଼ର ରାଜା । ଏହି କମିଟି ୧୯୧୭ ମସିହା ଡ଼ିସେମ୍ବର ୧୧ ତାରିଖରେ କଲିକତାରେ ମଣ୍ଟେଗୁ ଓ ବଡ଼ଲାଟ ଲର୍ଡ୍ ଚେମସ୍ ଫୋର୍ଡ୍‌ଙ୍କୁ ସାକ୍ଷାତ

କରିଥିଲେ ଏବଂ ଓଡ଼ିଆମାନଙ୍କର ଦାବୀ ଜଣାଇଥିଲେ । ମଣ୍ଟେଗୁ ଓ ଚେମ୍‌ସଫୋର୍ଡ଼ ତାଙ୍କ ରିପୋର୍ଟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଉପପ୍ରଦେଶ ପାହ୍ୟା ଦେବା ପାଇଁ ସୁପାରିଶ କରିଥିଲେ । କିନ୍ତୁ ଏହି ରିପୋର୍ଟରେ ଉପ-ପ୍ରଦେଶ ସୃଷ୍ଟିକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନଥିଲା । ତେଣୁ ଏଭଳି ନିର୍ଣ୍ଣୟ ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ଅଧିବେଶନ ୧୯୧୮ ମସିହା ଡ଼ିସେମ୍ବର ୨୧-୨୨ ତାରିଖରେ କଟକରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଓଡ଼ିଶାକୁ ପରିଷଦଯୁକ୍ତ ଲାଟ ଶାସିତ ପୂର୍ଣ୍ଣାଙ୍ଗ ପ୍ରଦେଶରେ ପରିଣତ କରିବା ପାଇଁ ଦାବୀ କରାଗଲା । ସ୍ୱତନ୍ତ୍ର ପ୍ରଦେଶ ସୃଷ୍ଟି କରିବା ଦୂରେ ଥାଉ, ଇଂରେଜ ସରକାର ଉପ-ପ୍ରଦେଶ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କଲେ ନାହିଁ । ମଣ୍ଟେଗୁ ଓ ଚେମସ୍‌ଫୋର୍ଡ଼ ସେମାନଙ୍କ ରିପୋର୍ଟରେ ସୁପାରିଶ କରିଥିଲେ ଯେ ୧୯୧୯ ମସିହାର ଭାରତଶାସନ ଆଇନ୍ ଅନୁସାରେ ବିଧାୟକ ସଭାମାନ ଗଠିତ ହେଲା ପରେ ସମ୍ପୃକ୍ତ ବିଧାୟକ ସଭାମାନଙ୍କରେ (ଅର୍ଥାତ୍ ବଙ୍ଗ, ବିହାର ଏବଂ ଓଡ଼ିଶା, କେନ୍ଦ୍ରୀୟ ପ୍ରଦେଶ ଏବଂ ମାନ୍ଦ୍ରାଜର ବିଧାୟକ ସଭା) ଗୃହୀତ ପ୍ରସ୍ତାବ ଅନୁସାରେ ଓଡ଼ିଶା ପ୍ରଦେଶ କିମ୍ବା ଉପପ୍ରଦେଶ ଗଠିତ ହୋଇପାରିବ । ତେଣୁ ପ୍ରାଦେଶିକ ବିଧାୟକ ସଭାମାନଙ୍କରେ ତଥା କେନ୍ଦ୍ରୀୟ ବିଧାୟକ ସଭାରେ ଓଡ଼ିଶାର ନେତାମାନେ ( ମଧୁସୂଦନ ଦାସ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ ଏବଂ ଶଶିଭୂଷଣ ରଥ) ଓଡ଼ିଆ ଅଞ୍ଚଳମାନଙ୍କର ମିଶ୍ରଣ ପ୍ରସ୍ତାବ ଅଣାଇଥିଲେ । ଉତ୍କଳ ସମ୍ମିଳନୀର ଅନୁରୋଧକୁ ରକ୍ଷା କରି ବିହାରର ପ୍ରସିଦ୍ଧ ବିଧାୟକ ସଚ୍ଚିଦାନନ୍ଦ ସିଂହ କେନ୍ଦ୍ରୀୟ ବିଧାୟକ ପରିଷଦରେ ଏକ ପ୍ରସ୍ତାବ ଆଣିଥିଲେ । ସିଂହଙ୍କ ପ୍ରସ୍ତାବ ଥିଲା ଯେ ମାନ୍ଦ୍ରାଜ, ବଙ୍ଗ ଓ କେନ୍ଦ୍ରୀୟ ପ୍ରଦେଶର ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ବିହାର ଓ ଓଡ଼ିଶା ପ୍ରଦେଶର ଓଡ଼ିଶା ଡ଼ିଭିଜନ ସହିତ ମିଶ୍ରଣ ପାଇଁ ଯୋଜନା ପ୍ରସ୍ତୁତି କରିବା ନିମିତ୍ତ ସରକାରୀ ଏବଂ ବେସରକାରୀ ସଭ୍ୟମାନଙ୍କୁ ନେଇ ବଡ଼ଲାଟ ଏକ କମିଟି ଗଠନ କରନ୍ତୁ । ଏହି ସବୁ ପ୍ରସ୍ତାବ ସତ୍ତ୍ୱେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକତ୍ରୀକରଣ ପାଇଁ ସରକାରୀ ସ୍ତରରେ କୌଣସି ଉଦ୍ୟମ ହେଲା ନାହିଁ ।

୧୯୧୮ ମସିହା ଶେଷ ଆଡ଼କୁ ମଧୁସୂଦନ ଉତ୍କଳ ସମ୍ମିଳନୀରୁ ଅବସର ନେଲେ । କିନ୍ତୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଓଡ଼ିଆ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିଲେ । ୧୯୩୧ ମସିହା ନଭେମ୍ବର ୧୧ ତାରିଖରେ ଏସ.ପି. ଓଡ଼ନେଲଙ୍କ ନେତୃତ୍ୱରେ ସୀମା ନିର୍ଦ୍ଧାରଣ କମିଶନ କଟକ ଆସିଥିଲେ । ସେତେବେଳେ ଅଶୀବର୍ଷର ବୃଦ୍ଧ ମଧୁସୂଦନ ବଡ଼ି ସକାଳେ ସେମାନଙ୍କୁ କଟକ ରେଳ ଷ୍ଟେସନରେ ସ୍ୱାଗତ କରିଥିଲେ । ୧୯୩୩ ମସିହା ଜୁନମାସରେ ପ୍ରସ୍ତାବିତ ନୂତନ ପ୍ରଦେଶ ପାଇଁ ଗଠିତ ନଅଜଣିଆ କମିଟିର ସଦସ୍ୟ ରୂପେ ସେ କାର୍ଯ୍ୟ କରିଥିଲେ ।

୧୯୨୦ ମସିହା ଡ଼ିସେମ୍ବର ମାସରେ ନାଗପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ କଂଗ୍ରେସ ଉତ୍କଳ ସମ୍ମିଳନୀର ଦାବୀକୁ ପରୋକ୍ଷ ଭାବରେ ସ୍ୱୀକୃତି ଦେଲା । ଏହି ଅଧିବେଶନର ଭାଷାଭିତ୍ତିରେ ପ୍ରାଦେଶିକ କଂଗ୍ରେସ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଗଲା ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରାଦେଶିକ କଂଗ୍ରେସ କମିଟିର ମର୍ଯ୍ୟାଦା ମିଳିଲା । ଉତ୍କଳ ସମ୍ମିଳନୀ ମାଧ୍ୟମରେ କ୍ରମାଗତ ଭାବରେ ଓଡ଼ିଆ ଆନ୍ଦୋଳନ ଚାଲିବା ଫଳରେ ଜାତୀୟ କଂଗ୍ରେସରୁ ଓଡ଼ିଶାକୁ ଏହି ସ୍ୱୀକୃତି ମିଳିଥିଲା ।

୧୯୨୦ ମସିହାରେ ଆଧୁନିକ ଓଡ଼ିଶାର ଇତିହାସରେ ମଧୁସୂଦନଙ୍କ ଯୁଗର ପରିସମାପ୍ତି ଘଟିଲା । ସେ ପର୍ଯ୍ୟନ୍ତ ସେ ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ନେତା ଥିଲେ ଏବଂ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଆ ଜାତିକୁ ଯଥାର୍ଥ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କଠାରେ ସାମାଜିକ ସଚେତନତା ଓ ଜାତୀୟ ମନୋଭାବ ସହିତ ରାଜନୈତିକ ଅନ୍ତର୍ଦୃଷ୍ଟି ଓ ବିଚକ୍ଷଣତାର ସମନ୍ୱୟ ପରିଦୃଷ୍ଟ ହୋଇଥିଲା । ବ୍ୟବସାୟିକ ମନୋଭାବାପନ୍ନ ହୋଇ ନଥିବାରୁ ତାଙ୍କର ଶିଳ୍ପକାରଖାନାଗୁଡ଼ିକ କ୍ଷତିଗ୍ରସ୍ତ ହେଲା ଏବଂ ବନ୍ଦ ହେଲା । ସେ ଶେଷରେ ନିଃସ୍ୱ ଅବସ୍ଥାରେ ପ୍ରାଣତ୍ୟାଗ କଲେ । କିନ୍ତୁ ତାଙ୍କର ଜୀବନ ଓ କାର୍ଯ୍ୟକଳାପ ''କୋଣାର୍କ'' ମନ୍ଦିରଭଳି ମହାନ ଓ ଗୌରବମୟ ହୋଇ ରହିଗଲା । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଗୌରୀଶଙ୍କର ରାୟ ଉତ୍କଳଦୀପିକା ଓ ଉତ୍କଳ ସଭା ମାଧ୍ୟମରେ ଉତ୍କଳୀୟ ଚେତନା ଜାଗ୍ରତ କରିବା ପାଇଁ ଯେଉଁ ଏକନିଷ୍ଠ ଉଦ୍ୟମ କରିଥିଲେ, ଚଳିତ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ମଧୁସୂଦନ ସେହି ଉଦ୍ୟମକୁ ଆହୁରି ଅଧିକ ବଳିଷ୍ଠ ଭାବରେ ଚଳାଇ ରଖିଥିଲେ । ମଧୁସୂଦନଙ୍କ ପ୍ରଦର୍ଶିତ ମାର୍ଗକୁ ଅନ୍ୟାନ୍ୟ ଉତ୍ସର୍ଗୀକୃତ ବ୍ୟକ୍ତିମାନେ, ଯଥା କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ଦେୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ବ୍ରଜସୁନ୍ଦର ଦାସ, ଗୋପାଳଚନ୍ଦ୍ର ପ୍ରହରାଜ, ଭିକାରୀ ଚରଣ ପଟ୍ଟନାୟକ ବିଶ୍ୱନାଥ କର ଏବଂ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଅନୁସରଣ କରିଥିଲେ । ଫଳରେ ୧୯୩୬ ମସିହା ଏପ୍ରିଲ ପହିଲାଠାରୁ ଓଡ଼ିଶା ଭାଷାଭିତ୍ତିରେ ଗଠିତ ପ୍ରଥମ ପ୍ରଦେଶର ମର୍ଯ୍ୟାଦା ପାଇଲା । ଏହା ମୁଖ୍ୟତଃ ଓଡ଼ିଆ ଜାତି ପ୍ରତି ମଧୁସୂଦନଙ୍କ ଅବଦାନ ।

ଅଧ୍ୟାପକ, ଇତିହାସ ବିଭାଗ
ଉତ୍କଳବିଶ୍ୱବିଦ୍ୟାଳୟ ବାଣୀବିହାର, ଭୁବନେଶ୍ୱର

★★★

# ଓଡ଼ିଶାର ସ୍ୱାଭିମାନ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ଡ଼ଃ. ବେଣୀମାଧବ ପାଢ଼ୀ

ସ୍ୱାଭିମାନ ହେଉଛି ଜାତିର ବିଶେଷ ଲକ୍ଷଣ । ଯେଉଁ ଜାତି ବା ଦେଶର ସ୍ୱାଭିମାନ ଯେତିକି ଉନ୍ନତ, ସେ ଜାତି ଦୁନିଆରେ ସେତିକି ଆଦୃତ । ଜାତିର ସ୍ୱାଭିମାନ ବ୍ୟକ୍ତିବିଶେଷ ମାଧ୍ୟମରେ ପ୍ରକାଶ ପାଇଥାଏ । ସେହି ଦୃଷ୍ଟିରୁ ବିଚାର କଲେ, ଅତୀତର କଥା ଛାଡ଼ନ୍ତୁ ବିଂଶ ଶତାବ୍ଦୀର ପରାଧୀନ ଓଡ଼ିଶାରେ କେତେ ଯେ ସ୍ୱାଭିମାନୀ ପଣ୍ଡିତ, ରାଜନୀତିଜ୍ଞ, ସାହିତ୍ୟିକ ତଥା କର୍ମଯୋଗୀ ଜନ୍ମ ଗ୍ରହଣ କରି ସ୍ୱଦେଶର ଗୌରବ ବର୍ଦ୍ଧନ କରି ଯାଇଛନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବିଶେଷତଃ ଯେତେବେଳେ ଓଡ଼ିଶା ପରଶାସନାଧୀନ, ଓଡ଼ିଆ ଜାତି ଖଣ୍ଡ ବିଖଣ୍ଡିତ, ପଡ଼ୋଶୀ ଇଂରେଜ ଜାତିର ଦୌରାତ୍ମ୍ୟରେ ଓଡ଼ିଆଜାତି ହତସର୍ବ ସେତେବେଳକୁ ଯେଉଁମାନେ ଆପଣାର ସର୍ବସ୍ୱ ବିନିମୟରେ ଦେଶର ସ୍ୱାଭିମାନ ରକ୍ଷା କରିବାକୁ ବୀରଦର୍ପରେ ଦଣ୍ଡାୟମାନ ହୋଇଥିଲେ, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଅନ୍ୟତମ ।

ସମସ୍ତେ ଜାଣନ୍ତି, ୧୮୦୩ ମସିହାରେ ଓଡ଼ିଶାର ସ୍ୱାଧୀନତା ଲୁପ୍ତ ହୋଇ ଇଂରେଜୀ ଶାସନାଧୀନ ହୋଇପଡ଼ିଲା । ଓଡ଼ିଆ ଜାତିର ଗର୍ବ ଓ ସ୍ୱାଭିମାନ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦେବା ଉଦ୍ଦେଶ୍ୟରେ ଶାସକବର୍ଗ ବିଭିନ୍ନ ଚକ୍ରାନ୍ତ କରି ବସିଲେ । ଏକ ଶାସନାଧୀନ ଦେଶକୁ ବହୁଶାସନାଧୀନ କରାଗଲା । ଦକ୍ଷିଣରେ ତେଲୁଙ୍ଗା, ଉତ୍ତରରେ ବଙ୍ଗଳା, ପଶ୍ଚିମରେ ହିନ୍ଦୀଭାଷାଭାଷୀଙ୍କ ଅତ୍ୟାଚାର ଓ ଅନାଚାର ଯୋଗୁଁ ଓଡ଼ିଆଜାତି ଆପଣା ମଧ୍ୟରେ ଦେଶୀୟ ଓ ଆଞ୍ଚଳିକ ଭାବନାରେ ମ୍ରିୟମାଣ ହୋଇ ପଡ଼ିଲା । ଯାହାହେଉ, ମୋଗଲବନ୍ଦୀ ଅଞ୍ଚଳମାନେ ଇଂରେଜୀ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଥିଲା ବେଳେ ଗଡ଼ଜାତ ଅଞ୍ଚଳ ନାମକୁ ମାତ୍ର ଯତ୍ କିଂଚିତ୍ ସ୍ୱାଧୀନତା ରକ୍ଷା କରିପାରିଥିଲା । କିନ୍ତୁ ଦୁଃଖର କଥା ସେ ମଧ୍ୟରୁ କେତେକ ଗଡ଼ଜାତର ଅଦୂରଦର୍ଶୀ ଶାସକ ଆପଣା ଦୁରଭିଳାଷ ଚରିତାର୍ଥ କରିବା ପାଇଁ ପ୍ରଜାବର୍ଗଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । କହିବା ଅନାବଶ୍ୟକ, ଯେଉଁମାନେ ଆପଣାର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ରକ୍ଷା ପାଇଁ ଦେଶତ୍ୟାଗ କରିବାକୁ କୁଣ୍ଠିତ ନଥିଲେ, ସେହି ଶ୍ରେଣୀର ଏକ କୁଳୀନ ବ୍ରାହ୍ମଣ ପରିବାରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜନ୍ମ ।

ବାଙ୍କି ଗଡ଼ଜାତର ବ୍ରଜବିହାରୀପୁର ନାମକ ଏକ ବ୍ରାହ୍ମଣ ଶାସନରେ ଜଗନ୍ନାଥ ମିଶ୍ର ନାମରେ ଜଣେ କୁଳୀନ ବ୍ରାହ୍ମଣ ବଂଶାନୁକ୍ରମେ ବାସକରି ରହିଥିଲେ । ତାଙ୍କର ଦୁଇ ପୁତ୍ର ଗୌରଚରଣ ଓ ବାଞ୍ଛାନିଧି । ଜ୍ୟେଷ୍ଠ ଗୌରୀଚରଣ ଡମପଡ଼ା ରାଜପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ, ଯାହାଙ୍କ ଔରସରୁ ନୀଳମଣି ୧୮୬୭ ମସିହା, ଡ଼ିସେମ୍ବର ୧୪ ତାରିଖରେ ଭୂମିଷ୍ଠ ହୋଇଥିଲେ । ସେ ଥିଲେ ସାତଭାଇ ଓ ତିନି ଭଉଣୀଙ୍କ ମଧ୍ୟରେ ସବୁଠାରୁ ବଡ଼ । ଶୁଣାଯାଏ ନୀଳମଣିଙ୍କ ଜନନୀ ଅତ୍ୟନ୍ତ ବୁଦ୍ଧିମତୀ ଓ ଆଶୁକବି ଭାବେ ଖ୍ୟାତି ଅର୍ଜନ କରିଥିଲେ । ମାତୃ ଗୁଣ ଯୋଗୁଁ, ବୋଧହୁଏ ନୀଳମଣି ବାଲ୍ୟ କାଳରୁ ହିଁ ଅସାଧାରଣ ଧୀମତ୍ତାର ପରିଚୟ ଦେଇଥିଲେ । ପ୍ରଥମେ ବୈଦ୍ୟେଶ୍ୱର ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ, ମାସିକ ତିନିଟଙ୍କା ଲେଖାଏଁ ଉଚ୍ଚ ପ୍ରାଇମେରି ବୃତ୍ତି ପାଇ ନିକଟସ୍ଥ ଟଙ୍ଗିକା ଗ୍ରାମର ମିଡ଼ିଲ ସ୍କୁଲରେ ଭର୍ତ୍ତି ହୁଅନ୍ତି । ପାଠ ପଢ଼ିବା ବେଳରୁ ହିଁ ସେ ଯେପରି ଅଧ୍ୟବସାୟୀ, ଆତ୍ମନିର୍ଭରଶୀଳ ସେହିପରି ସ୍ୱାଭିମାନୀ ଥିଲେ । ତେଣୁ ସୁବିଧା ପାଇଲା ମାତ୍ରେ ପରିଶ୍ରମ କରି ଅର୍ଥୋପାର୍ଜନ କରିବାକୁ ଦ୍ୱିଧା ମଣୁନଥିଲେ । ସେଥିଲାଗି ସେ ସ୍ୱଳ୍ପବୟସରୁ ଦଲିଲ, ଦରଖାସ୍ତ ପ୍ରଭୃତି ଲେଖି କିଛି ଟଙ୍କା ଉପାର୍ଜନ କରୁଥିଲେ ଏବଂ ସଂଚୟ କରି ରଖୁଥିଲେ ମଧ୍ୟ । ୧୮୮୨ ମସିହାରେ ମଧ୍ୟଇଂରେଜ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ କଟକ ଟ୍ରେନିଂ ସ୍କୁଲରେ ପଢ଼ିବା ମନସ୍ଥ କରି ତତ୍ରତ୍ୟ ପଣ୍ଡିତ ଗୋବିନ୍ଦ ରଥଙ୍କ ବସାରେ ଆଶ୍ରୟ ନେଲେ । କିନ୍ତୁ ଟ୍ରେନିଂ କାଳୀନ ବୃତ୍ତି ଶୀଘ୍ର ପାଇବାର ଆଶା ନ ଦେଖି ପୁଣି ସ୍ୱଗୃହକୁ ଫେରି ଆସନ୍ତି । ଯୋଗକୁ ବଡ଼ମ୍ବା ରାଜ୍ୟର ଗୋପୀନାଥ ପୁର ଗ୍ରାମରେ ଥିବା ଉଚ୍ଚ ପ୍ରାଇମେରି ସ୍କୁଲର ହେଡ଼ପଣ୍ଡିତ ଭାବେ ନିଯୁକ୍ତି ମିଳିଗଲା । ସେହିଠାରୁ ହେଲା ତାଙ୍କ କର୍ମମୟ ଜୀବନର ଆରମ୍ଭ । ପଣ୍ଡିତ ବିଦ୍ୟାରତ୍ନ ସ୍ୱୀୟ କର୍ମନିଷ୍ଠା ଓ ସାଧୁବ୍ୟବହାର ଦ୍ୱାରା ସମସ୍ତଙ୍କ ପ୍ରୀତି ଭାଜନ ହୋଇପଡ଼ିଲେ । ଅଳ୍ପଦିନ ମଧ୍ୟରେ ତାଙ୍କ ପରିଚାଳିତ ବିଦ୍ୟାଳୟର ଖ୍ୟାତି ସର୍ବତ୍ର ପ୍ରସାରିତ ହେଲା ଏବଂ ଗଡ଼ଜାତ ସ୍କୁଲମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ବିବେଚିତ ହେଲେ । ସେତିକିବେଳେ ବଡ଼ମ୍ବା ରାଜାଙ୍କ ପରଲୋକ ଘଟେ । ରାଜ୍ୟକୋର୍ଟ ଅଫ୍ ୱାର୍ଡ଼ସ ଅଧୀନକୁ ଯାଏ । ଏହା ଦେଖି ରାଣୀ ବାଳକ ପୁତ୍ରକୁ ସାଙ୍ଗରେ ଧରି ପୁରୀ ପଳାଇବା ମନସ୍ଥ କରନ୍ତି । ବିଦ୍ୟାରତ୍ନ ରାଣୀ ରାଜ୍ୟ ଛାଡ଼ି ଯିବା ପୂର୍ବରୁ ରାଜା ଓ ରାଣୀଙ୍କ ବାର୍ଦ୍ଧିକ୍ୟଳାପ ସମ୍ବନ୍ଧରେ କବିତାଟିଏ ଲେଖି ରାଣୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରନ୍ତି । ରାଣୀ କବିତା ଶୁଣି ମୁଗ୍ଧ ହୋଇ ତାଙ୍କୁ ପାଟଯୋଡ଼ ସହିତ ପଚାଶ ଟଙ୍କା ପୁରସ୍କାର ଦିଅନ୍ତି । 'ବିଦ୍ୟାରତ୍ନ' ଉପାଧିରେ

ଭୂଷିତ କରନ୍ତି, ଯାହା ତାଙ୍କୁ ସେହି ନାମରେ ପରିଚିତ କରାଇ ଆସିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେ ବଡ଼ମ୍ବାରେ ଥିଲାବେଳେ କଟକ ସୁଦ୍ରକ ପ୍ରେସରୁ ବାହାରୁଥିବା 'ସଂସ୍କାରକ' ନାମକ ପତ୍ରିକାର ନିୟମିତ ଲେଖକ ଥିଲେ । ଏଥିରୁ ତାଙ୍କର ସାହିତ୍ୟାନୁରାଗ ପ୍ରତିଫଳିତ ହୁଏ ।

କିନ୍ତୁ ସମାଜରେ ପରଶ୍ରୀକାତରଙ୍କ ସଂଖ୍ୟା ନଗଣ୍ୟ ନୁହେଁ, ବିଶେଷ କରି ଓଡ଼ିଆଙ୍କ ମଧ୍ୟରେ । ବିଦ୍ୟାରତ୍ନେ ବି ସେଥିରେ ବାଦ୍ ପଡ଼ନ୍ତେ କିମିତି । ଏତେ ନିଷ୍ଠାପର ଭାବେ କାର୍ଯ୍ୟଲାଭ ସତ୍ତ୍ୱେ ତାଙ୍କର ସୁପାରିଶରେ ନିଯୁକ୍ତ ଦ୍ୱିତୀୟ ପଣ୍ଡିତଙ୍କ ହୀନ ଚକ୍ରାନ୍ତର ସେ ଶିକାର ହୋଇଛନ୍ତି । ଏପରି କି ବଡ଼ମ୍ବା ରାଜ୍ୟଛାଡ଼ି ବାମଣ୍ଡା-ଦେବ ଗଡ଼କୁ ତାଙ୍କୁ ପଳାଇ ଆସିବାକୁ ପଡ଼ିଛି । ଯା ହେଉ ସେଠାରେ ମିଡ଼ିଲ ଇଂଲିସ୍ ସ୍କୁଲରେ ଶିକ୍ଷକ ଭାବେ ତତ୍‌କ୍ଷଣାତ୍ ନିଯୁକ୍ତି ଲାଭ କରନ୍ତି । ସେତିକିବେଳେ ବାମଣ୍ଡାର ସ୍ୱନାମଧନ୍ୟ ମହାରାଜ ସୁଚଳଦେବଙ୍କ ତାଙ୍କ ଉପରେ ଦୃଷ୍ଟି ପଡ଼େ । ସେ ବିଦ୍ୟାରତ୍ନଙ୍କ ଅଧ୍ୟାପନା କୌଶଳ ଓ ମାତୃଭାଷା ପ୍ରତି ମମତାର ପରିଚୟ ପାଇ ତାଙ୍କୁ ରାଜ୍ୟର ଜଣେ ସର୍ବୋତ୍ତମ ଶିକ୍ଷକ ରୂପେ ମାନ୍ୟତା ପ୍ରଦାନକଲେ । ପ୍ରକୃତରେ ତାହା ଥିଲା ମଣି-କାଞ୍ଚନର ସଂଯୋଗ । ସାର ବାସୁଦେବ ସୁଚ୍ଚଳ ଦେବ ଉତ୍କଳ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଯେଉଁ କୀର୍ତ୍ତିମାନ କରିଯାଇଛନ୍ତି ତାହା ଓଡ଼ିଆ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । କବି ଓ ଲେଖକମାନଙ୍କ ପ୍ରତି ତାଙ୍କର ସାହାଯ୍ୟ ଓ ସହାନୁଭୂତି ତାଙ୍କୁ ଚିରକାଳ ଅମର କରିରଖିଛି । ତାଙ୍କର ସେହି ସାଧୁ ଉଦ୍ୟମର ସଫଳତା ଓ ଉତ୍ତରୋତ୍ତର ପ୍ରେରଣା ପାଇଁ ନୀଳମଣି ବିଦ୍ୟାରତ୍ନଙ୍କ ଅବଦାନ ନଗଣ୍ୟ ନୁହେଁ । ସେହି ସମୟରେ ରାଜାଙ୍କ ଦ୍ୱାରା କଟକରେ ପ୍ରତିଷ୍ଠିତ 'ସୁଚ୍ଚଳ ପ୍ରେସ୍' ସୁଚାରୁଭାବେ ପରିଚାଳିତ ନ ହେବା ଯୋଗୁଁ ତାହା ୧୮୮୬ ମସିହାରେ ଦେବଗଡ଼କୁ ଉଠାଇ ଅଣାଗଲା ଏବଂ ସ୍ୱୟଂ ରାଜା ତାହାର ପରିଚାଳନା ଦାୟିତ୍ୱରେ ରହିଲେ । ପୂର୍ବ ନାମ ପରିବର୍ତ୍ତନ କରି ତାକୁ 'ଜଗନ୍ନାଥ ପ୍ରେସ' ନାମରେ ନାମିତ କରାଗଲା । ସେତେବେଳେ ଓଡ଼ିଶାର ଓଡ଼ିଆ ଗଦ୍ୟ ଓ ପଦ୍ୟ ସାହିତ୍ୟର ଅବସ୍ଥା କହିଲେ ନସରେ, ବିଶେଷ କରି ଗଡ଼ଜାତ ମଧ୍ୟରେ । ଏକଥା ହୃଦୟଙ୍ଗମ କରି ଦେଶପ୍ରେମୀ ମହାରାଜା ଦେବଗଡ଼ରୁ 'ସମ୍ବଲପୁର ହିତୈଷିଣୀ' ନାମରେ ଏକ ପତ୍ରିକା ପ୍ରକାଶ କରନ୍ତି । ଯାହାର ସଂପାଦନା ଭାର ସେ ନିଜେ ଗ୍ରହଣ କରିଥିଲେ । ପରେ ପରେ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନା ଦକ୍ଷତା ଏବଂ ଅସାଧାରଣ ପ୍ରତିଭା ଦେଖି ତାଙ୍କୁ ତାର ସଂପାଦକ ଭାବେ ନିଯୁକ୍ତି ଦିଅନ୍ତି । ବିଦ୍ୟାରତ୍ନଙ୍କ ସଂପାଦନାରେ 'ଉତ୍କଳ ହିତୈଷିଣୀ' ଉତ୍କଳରେ ସର୍ବପ୍ରଧାନ ପତ୍ରିକାରୂପେ ପ୍ରତିଷ୍ଠିତ ହୋଇପଡ଼ିଲା । ସାପ୍ତାହିକ ହେଲେ ସୁଦ୍ଧା ହିତୈଷିଣୀରେ ନୂତନ ଚିନ୍ତା, ନୂତନ ଭାବନା, ରାଜନୀତିକ, ବୈଜ୍ଞାନିକ, ଧାର୍ମିକ, ସାହିତ୍ୟିକ ପ୍ରଭୃତି ଲେଖା ସହିତ ବିଶିଷ୍ଟ ସମ୍ବାଦମାନ ପରିବେଷିତ ହେଉଥିଲା । ପରାଧୀନ ଓଡ଼ିଶାର ଦୁର୍ଗତି ସମୟରେ ପଣ୍ଡିତ ବିଦ୍ୟାରତ୍ନ ହିତୈଷିଣୀ ମାଧ୍ୟମରେ ଓଡ଼ିଶାର ସ୍ୱାଭିମାନ ଓ ସ୍ୱାର୍ଥରକ୍ଷା ସହିତ ଭାଷା ଏବଂ ସାହିତ୍ୟର ଉନ୍ନତି ସକାଶେ ଯେଉଁ ଆପ୍ରାଣ ଉଦ୍ୟମ କରିଯାଇଛନ୍ତି, ତାହା ଇତିହାସରେ ସ୍ମରଣୀୟ ହୋଇ ରହିବ ।

ହିତୈଷିଣୀର ସଂପାଦକ ହେଲାପରେ ବିଦ୍ୟାରତ୍ନ ଓଡ଼ିଶାର ଲବ୍ଧପ୍ରତିଷ୍ଠ କବି ରାଧାନାଥରାୟ, ଭକ୍ତକବି ମଧୁସୂଦନ, ଚନ୍ଦ୍ରମୋହନ ମହାରଣା ଓ ବିଶ୍ୱନାଥକର ପ୍ରଭୃତି ପ୍ରବୀଣ ଲେଖକମାନଙ୍କ ସଂସ୍ପର୍ଶରେ ଆସନ୍ତି, ତାଙ୍କ ଲେଖାମାନ ପ୍ରକାଶ କରନ୍ତି । ତା ସଙ୍ଗେ ସଙ୍ଗେ ନବୀନ ଲେଖକଙ୍କ ଲେଖାମାନ ଛପାଇ ତାଙ୍କୁ ଉତ୍ସାହିତ କରନ୍ତି । କହିବା ଅନାବଶ୍ୟକ ସ୍ୱଭାବ କବି ତରୁଣ ଗଙ୍ଗାଧରଙ୍କ ପ୍ରାଥମିକ କବିତାମାନ ହିତୈଷିଣୀରେ ପ୍ରଥମେ ପ୍ରକାଶ ପାଇଥିଲା । ଗୁଣଗ୍ରାହୀ ମହାରାଜା ବିଦ୍ୟାରତ୍ନଙ୍କ ତାଦୃଶ କାର୍ଯ୍ୟକଳାପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ ବାମଣ୍ଡା ଷ୍ଟେଟ କାଉନ୍ସିଲର ସଦସ୍ୟଭାବେ ମନୋନୀତ କରିଥିଲେ । ବାମଣ୍ଡାର ୧୬ବର୍ଷ କାର୍ଯ୍ୟକଳାପ ମଧ୍ୟରେ ପଣ୍ଡିତ ନୀଳମଣି ଶିକ୍ଷକ ସମିତି ଓ ଆଲୋଚନା ସଭା ନାମରେ ଅନୁଷ୍ଠାନମାନ ମଧ୍ୟ ଗଢ଼ିଥିଲେ । ଏଠାରେ ସେ 'ଉତ୍କଳ ମଧୁପ' ନାମରେ ଏକ ପ୍ରଚାର ପତ୍ରିକା ମଧ୍ୟ ସଂପାଦନା କରିଥିଲେ । ତା ସଙ୍ଗେ ସଙ୍ଗେ ରଥଯାତ, ଅର୍ଥନୀତି ପ୍ରଭୃତି କ୍ଷୁଦ୍ର କବିତା ପରି ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧୀୟ ସଂକ୍ଷିପ୍ତ ରଚନାମାନ ମଧ୍ୟ ପ୍ରକାଶ କରିଥିଲେ ।

ବିଦ୍ୟାରତ୍ନ ଅତିଥିସତ୍କାର, ପରୋପକାର, ମିଷ୍ଟ ବ୍ୟବହାର ପ୍ରଭୃତି ବହୁ ସଦଗୁଣ ମଣ୍ଡିତ ଥିଲେ ସତ, କିନ୍ତୁ ତା ବୋଲି ସେ ଯେ ସଂପୂର୍ଣ୍ଣ ଦୋଷମୁକ୍ତ ଥିଲେ ତାହା ନୁହେଁ, ଏପରି କେତେକ ଗୁରୁତର ଦୋଷ ତାଙ୍କଠାରେ ରହିଥିଲା ଯାହା ଯୋଗୁଁ ସେ ସର୍ବଦା ଅର୍ଥାଭାବର ସମ୍ମୁଖୀନ ହେଉଥିଲେ । ସେଥିଲାଗି ନିନ୍ଦିତ ଓ ଲାଂଛିତ ମଧ୍ୟ ହେଉଥିଲେ । ସେ ଯାହାହେଉ, ତାଙ୍କର ଦୂରଦର୍ଶିତା, ଦେଶଭକ୍ତି, ସାହିତ୍ୟପ୍ରୀତି ଓ କର୍ମନିଷ୍ଠା ଯୋଗୁଁ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ । ତେଣୁ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ତତ୍କାଳୀନ ରାଜା ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ୧୯୦୨ ମସିହାରେ ବାମଣ୍ଡା ଛାଡ଼ି ଖଲ୍ଲିକୋଟ ଚାଲି ଆସିଥିଲେ । ରାଜା ହରିହର ଜଣେ ଜାତିପ୍ରେମୀ ରାଜା ରୂପେ ଖ୍ୟାତି ଅର୍ଜନ କରିଥିଲେ । ରମ୍ଭାଗ୍ରାମରେ ରାଜାଙ୍କର ଏକ ସୁରମ୍ୟ ପ୍ରାସାଦ ରହିଥିଲା । ସେଠାରେ ସେ ସାହିତ୍ୟ ସେବା ଓ ଦେଶ ସେବା ପାଇଁ ଏକ ଛାପାଖାନା ସ୍ଥାପନର ଯୋଜନା କରିଥିଲେ । ବିଦ୍ୟାରତ୍ନଙ୍କ ଆଗମନ ପରେ ରାଜା ତାଙ୍କ ସଂପାଦନାରେ 'ପ୍ରଜାବନ୍ଧୁ' ନାମରେ ଏକ ପତ୍ରିକା ପ୍ରକାଶନର ଉଦ୍ୟମ କରନ୍ତି । ନୀଳମଣିଙ୍କ ସୁଯୋଗ୍ୟ ସଂପାଦନାରେ ପ୍ରଜାବନ୍ଧୁ ଏକ ପ୍ରଧାନ ପତ୍ରିକା ରୂପେ ଆତ୍ମପ୍ରକାଶ କରେ । ସେଥିରେ ଲେଖିବା ପାଇଁ ଉତ୍କଳର ସବୁଶ୍ରେଣୀ ଲେଖକଙ୍କୁ ଉତ୍ସାହିତ କରାଯାଉଥିଲା । ବିଶେଷତଃ ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ପ୍ରେସିଡେନ୍ସି ଅନ୍ତର୍ଗତ ଥିବା ଯୋଗୁଁ ତେଲଙ୍ଗି ତଥା ଦାକ୍ଷିଣାତ୍ୟ ବ୍ୟକ୍ତିଙ୍କ ଦ୍ୱାରା ଶାସିତ ହୋଇ ଓଡ଼ିଆଙ୍କ ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ପଦଦଳିତ ହେବାକୁ ବସିଥିଲା । ସେତିକିବେଳେ 'ପ୍ରଜାବନ୍ଧୁ' ଏକ ରକ୍ଷାକବଚ ସଦୃଶ୍ୟ ସମାଲୋଚନା ଓ ଦାବୀପତ୍ରମାନ ପ୍ରକାଶ କରି ସରକାର ତଥା ଜନସାଧାରଣଙ୍କୁ ସତର୍କ କରାଇ ଦେଉଥିଲେ । କେବଳ ସେତିକି ନୁହେଁ, ବିଦ୍ୟାରତ୍ନେ ଗଞ୍ଜାମର ବିଭିନ୍ନ ସ୍ଥାନ ଭ୍ରମଣ କରି ବିଭିନ୍ନ ପୁରପଲ୍ଲୀରେ

'ପ୍ରଜାବନ୍ଧୁ ସମିତି' ନାମରେ ଅନୁଷ୍ଠାନ ମାନ ଗଢ଼ିଥିଲେ ଏବଂ ଉତ୍ପୀଡ଼ିତ ଓଡ଼ିଆମାନଙ୍କ ନ୍ୟାଯ୍ୟ ଅଧିକାର ପାଇଁ ସିଂହ ବିକ୍ରମରେ ଲାଗି ପଡ଼ିଥିଲେ ।

ଏ ଅବସରରେ ବିଦ୍ୟାରତ୍ନଙ୍କ କର୍ମକୁଶଳତା ଓ ରାଜା ହରିହରଙ୍କ ଉଦାରିମାନ ଯୋଗୁଁ ୧୯୦୩ ମସିହାରେ 'ଗଞ୍ଜାମ ସମ୍ମିଳନୀ' ନାମରେ ଏକ ଓଡ଼ିଆ ଅନୁଷ୍ଠାନର ସୂତ୍ରପାତ ହୁଏ । ବ୍ରହ୍ମପୁରଠାରେ ଏହାର ବିପୁଳ ଆୟୋଜନ ହୁଏ । ସେଥିରେ ଯୋଗଦେବା ପାଇଁ ଓଡ଼ିଶାର ମହାମହାରଥୀ, ଯଥା-ପଣ୍ଡିତ ଗୋପବନ୍ଧୁ, ବାରିଷ୍ଟର ମଧୁସୂଦନ ଦାସ, ବିଶ୍ୱନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଫକୀରମୋହନ ସେନାପତି ପ୍ରଭୃତି ଦେଶବତ୍ସଳ ନେତୃବୃନ୍ଦ ଆମନ୍ତ୍ରିତ ହୁଅନ୍ତି । ବିଚାର ଆଲୋଚନା ହୁଏ ଏବଂ ଶେଷରେ 'ଗଞ୍ଜାମ ସମ୍ମିଳନୀ'କୁ ଉତ୍କଳ ସମ୍ମିଳନୀ ନାମରେ ନାମିତ କରାହୁଏ । ସେ ଯାହାହେଉ ଏଥିରୁ କିଛି ଜଣାପଡ଼େ, ପଣ୍ଡିତ ବିଦ୍ୟାରତ୍ନ ପ୍ରଜାବନ୍ଧୁ ପତ୍ରିକା ମାଧ୍ୟମରେ ଓଡ଼ିଶାର ସ୍ୱାଭିମାନ ରକ୍ଷା ପାଇଁ କି ପ୍ରକାର ଉଦ୍ୟମ କରିଆସିଥିଲେ ।

ଏହାପରେ, ଦୁର୍ଭାଗ୍ୟକୁ ୧୯୦୬ ମସିହାରେ ହରିହର ମର୍ଦ୍ଦରାଜ ସ୍ୱର୍ଗଗାମୀ ହୁଅନ୍ତି ଏବଂ ପ୍ରଜାବନ୍ଧୁ'ର ପ୍ରକାଶ ବନ୍ଦ ହୋଇଯାଏ । ଯୋଗକୁ ଏଥିପୂର୍ବରୁ ବଡ଼ଖେମୁଣ୍ଡିର ଗଜପତି ରାମଦେବ ପ୍ରେସ୍‌ରୁ 'ଗଞ୍ଜାମ ଗୁଣଦର୍ପଣ' ନାମରେ ଖଣ୍ଡିଏ ସାପ୍ତାହିକ ପତ୍ରିକା ସେଠା ରାଜା କୃପାମୟ ଦେବଙ୍କ ପରିଚାଳନାରେ ପ୍ରକାଶିତ ହେଉଥିଲା । ରାଜା ବିଦ୍ୟାରତ୍ନଙ୍କୁ ନିମନ୍ତ୍ରଣ କରି ତାର ସଂପାଦନା ଦାୟିତ୍ୱ ଅର୍ପଣ କରନ୍ତି । କାଳକ୍ରମେ ସେ ପତ୍ରିକା ସଂପାଦନା କରିବା ସଙ୍ଗେ ସଙ୍ଗେ ନାନାବିଧ ଜନକଲ୍ୟାଣ କାର୍ଯ୍ୟରେ ମଧ୍ୟ ବ୍ୟାପୃତ ରହନ୍ତି । ତାଙ୍କରି ଚେଷ୍ଟାରେ ବଡ଼ଖେମୁଣ୍ଡିରେ ସେକେଣ୍ଡେରି ସ୍କୁଲ, ବାଳିକା ସ୍କୁଲ, ଟାଉନହଲ ସମେତ ବ୍ରହ୍ମପୁର ସହରରେ ଓଡ଼ିଆ ଛାତ୍ରାବାସଟିଏ ମଧ୍ୟ ଗଢ଼ି ଉଠିଥିଲା । ଓଡ଼ିଆଙ୍କ ସ୍ୱାଭିମାନ ରକ୍ଷାପାଇଁ ଏହିପରି ଜନହିତକର କାର୍ଯ୍ୟମାନ ସଂପାଦନ କରିବାରୁ ସେ ପ୍ରତିପକ୍ଷ ତଥା ସ୍ୱାର୍ଥାନ୍ୱେଷୀ ଲୋକଙ୍କ କ୍ରୋଧର ଶିକାର ହୁଅନ୍ତି । ଫଳରେ କାନକୁହାଙ୍କ ଯୋଗୁଁ ରାଜାଙ୍କ ସହିତ ମନୋମାଳିନ୍ୟ ଘଟେ ଏବଂ ସେ ବଡ଼ଖେମୁଣ୍ଡି ଛାଡ଼ିବାକୁ ବାଧ୍ୟ ହୁଅନ୍ତି । ଅବଶ୍ୟ ରାଜା ସାହେବ ପରେ ନିଜର ଭ୍ରମ ବୁଝିପାରି ତାଙ୍କୁ ପୁଣି ବଡ଼ଖେମୁଣ୍ଡିକୁ ଆମନ୍ତ୍ରଣ କରି ନିଅନ୍ତି । ତାର କିଛି ଦିନ ପରେ କଟକରୁ ପ୍ରକାଶିତ 'ଉତ୍କଳଦୀପିକା'ର ସଂପାଦନା ଦାୟିତ୍ୱ ତାଙ୍କୁ ଦିଆଯିବାରୁ ସେ କଟକ ଚାଲି ଆସନ୍ତି । କିନ୍ତୁ ସେଥିରେ ଆପଣାର ସ୍ୱାଧୀନ ମତବ୍ୟକ୍ତ କରିବାର ଅନ୍ତରାୟ ଥିବା ଜାଣି ସେ ତତ୍‌କ୍ଷଣାତ୍ ସେଥିରୁ ଇସ୍ତଫା ଦିଅନ୍ତି । ଏହିପରି ଭାବେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଆପଣା ଜୀବଦ୍ଦଶାରେ ଓଡ଼ିଶାର ସ୍ୱାଭିମାନ ରକ୍ଷା ପାଇଁ ନାନାବିଧ ସମୟୋଚିତ କର୍ମମାନ ସମାପନ କରି ଇହଧାମରୁ ବିଦାୟ ନେଇଛନ୍ତି । କିନ୍ତୁ ତାଙ୍କର ଦେଶପ୍ରେମ, କର୍ମନିଷ୍ଠା, ସାହିତ୍ୟନିଷ୍ଠା, ସାହିତ୍ୟାନୁରାଗ ମାତୃଭୂମିର ମାନରକ୍ଷା ନିମିତ୍ତ ଯେଉଁ ଅଦମ୍ୟ ସାଧନା କରିଯାଇଛନ୍ତି, ତାହା ତାଙ୍କୁ ଇତିହାସରେ ଚିରକାଳ ଅମର କରି ରଖିବ ।

ଚନ୍ଦ୍ର ପ୍ରଭା ସାହୀ
ବ୍ରହ୍ମପୁର, ଗଞ୍ଜାମ

★★★

ମାତୃଭୂମି, ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ
ଏ ମାନବ ଜନ୍ମ ହେଉ ସଫଳ ମୋହର
ଏ ଭିକ୍ଷା କରନ୍ତୁ ପୂର୍ଣ୍ଣ ପ୍ରଭୁ ମହେଶ୍ୱର

- ଉତ୍କଳବି ମଧୁସୂଦନ ରାଓ

# ଓଡ଼ିଶାର ସଂସ୍କୃତି

**ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି**

## ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ସମସ୍ୟା

୧ ୯୩୬ ଏପ୍ରିଲ ପହିଲାଠାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହେଲା ସତ୍ୟ, କିନ୍ତୁ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ଏକ ଶାସନାଧୀନ ନ ହେବାରୁ ଆନ୍ଧ୍ର (ତତ୍କାଳୀନ ମାନ୍ଦ୍ରାଜ ପ୍ରେସିଡେନ୍ସି) ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ରହିଥିବା ଓଡ଼ିଆମାନେ ଅଦ୍ୟାବଧି ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ମେଦିନିପୁର, ବସ୍ତର, ସିଂହଭୂମ, ମାନଭୂମ, ଧଳଭୂମି, ଖରସୁଆଁ ସରେଇକଳା, ମଞ୍ଜୁଷା, ବିନ୍ଦ୍ରାନୂଆଗଡ଼ ଆଦି ଓଡ଼ିଆଭାଷୀ ଲୋକେ ଆପଣା ଆପଣାର ମାତୃ ଭାଷାରେ ପିଲାମାନଙ୍କୁ ଶିକ୍ଷାଦେବାକୁ ଅସମର୍ଥ । ଏହିସବୁ ଅଞ୍ଚଳରେ ସଂଖ୍ୟାଲଘୁ ଭାଷୀ ଭାବରେ ସେମାନଙ୍କୁ ସୁଯୋଗ ଦିଆଯିବାକୁ ନିୟମ ରହିଥିଲେ ହେଁ ସେହି ରାଜ୍ୟ ସରକାରମାନେ ସେସବୁ ନିୟମକୁ ପୋଥିଗତ କରି ରଖିଛନ୍ତି ମାତ୍ର ଫଳରେ ଓଡ଼ିଆମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ବିଦ୍ୟାଳୟ ଖୋଲିନାହିଁ । କେଉଁଠି କେମିତି ଯଦି ବାଧ୍ୟବାଧକତାରେ ଖୋଲୁଛି, ସେଗୁଡ଼ିକରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ନାହାନ୍ତି କିମ୍ବା ଓଡ଼ିଆ ପୁସ୍ତକ ଅଭାବ ଆଳରେ ଓଡ଼ିଆ ମାରଣ ନୀତି ଚାଲୁଛି । ଏହିସବୁ କାରଣରୁ ପ୍ରତିବେଶୀ ରାଜ୍ୟରେ ଥିବା ଓଡ଼ିଆଭାଷୀଙ୍କ ସଂଖ୍ୟା ପ୍ରତି ଦଶବର୍ଷିଆ ଜନଗଣନା ପରିସଂଖ୍ୟାନରେ କମି କମି ଯାଉଛି । କେତେକ ରାଜ୍ୟରେ ଓଡ଼ିଆ ବୋଲି ପରିଚୟ ଦେବାକୁ ଗଲେ ବା ସେ ପ୍ରକାର ପ୍ରମାଣ ମିଳିଲେ ସେ ଓଡ଼ିଆମାନଙ୍କ ବସବାସ ଛଡ଼ାଇ ଦିଆଯାଉଛି । ଓଡ଼ିଆ ପଢ଼ିବା ପାଇଁ ସୁବିଧା ମିଳୁନାହିଁ ଅଧିକନ୍ତୁ ରେସନକାର୍ଡ଼ ଥିଲେ କଟିଯିବ ଓ ନିଯୁକ୍ତି ପାଇଁ ପଞ୍ଜିକରଣ କରାଯିବ ନାହିଁ । ସଂଖ୍ୟାଲଘୁ ଭାଷାଭାଷୀଙ୍କ ନିମନ୍ତେ ଯେଉଁ କମିଶନ ଅଛନ୍ତି, ବର୍ଷ ବର୍ଷ ଧରି ସେମାନଙ୍କର ଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହେଉନାହିଁ କିମ୍ବା ଜନପ୍ରତିନିଧି ସ୍ୱେଚ୍ଛାସେବୀ ସଂସ୍ଥା ଓ ଉତ୍କଳ ସମ୍ମିଳନୀ ପରି ଅନୁଷ୍ଠାନମାନେ ଏ ଦିଗରେ ଦୃଢ଼ ପଦକ୍ଷେପ ନେଇ ନାହାନ୍ତି । ଫଳତଃ ବ୍ୟକ୍ତି ବିଶେଷଙ୍କ ସଂପାଦକଙ୍କୁ ପତ୍ର ମଧ୍ୟରେ ଏ ସମସ୍ୟା ସୀମିତ ରହୁଛି କିମ୍ବା ଆପଣା ଆପଣା ଭିତରେ ଆଲୋଚନାରେ ହିଁ ମିଳେଇ ଯାଉଛି । ଅପର ପକ୍ଷରେ ଓଡ଼ିଶା ରାଜ୍ୟରେ ଅନ୍ୟଭାଷାଭାଷୀମାନଙ୍କ ରହିବାରେ କୌଣସି ପ୍ରକାର ଅସୁବିଧା ନାହିଁ କି କଟକଣା ନାହିଁ । ଏଠାରେ ହିନ୍ଦୀ, ବଙ୍ଗଳା, ତେଲୁଗୁ ଭାଷୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ପାଠ୍ୟପୁସ୍ତକ, ଶିକ୍ଷକ, ଅଧ୍ୟାପକ ଆଦି ଯୋଗାଯାଇ ସବୁପ୍ରକାର ସୁବିଧା କରିଦିଆଯାଉଛି । ଅଥଚ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ଭାଷାଗତ ଦୁଃଖ ଦୂର କରିବାକୁ ପ୍ରତିବେଶୀ ଭାଇ ବା ସେ ରାଜ୍ୟର ସରକାରମାନେ ଏହାକୁ କର୍ତ୍ତବ୍ୟ ମଣନ୍ତି ନାହିଁ ।

## ସାଂସ୍କୃତିକ ବିପର୍ଯ୍ୟୟ

ଏ ଭାଷାଟିକୁ କେନ୍ଦ୍ରକରି ଆଲୋଚନାର ଆରମ୍ଭ । ଏପରି ଅବହେଳିତ ହୋଇ ସୁଦ୍ଧା ସେମାନେ ତ ବଞ୍ଚିଛନ୍ତି । ତେବେ ଆଉ ଦୁଃଖ କଣ ? ଦୁଃଖ ଏତିକି ଯେ ଆମରି ଓଡ଼ିଆଭାଷୀ ଭାଇମାନେ ପଡ଼ୋଶୀ ରାଜ୍ୟରେ ନିର୍ଯ୍ୟାତନା ଭୋଗ କରୁଥିବେ ଅଥଚ ଆମେ ନୀରବଦ୍ରଷ୍ଟା ହୋଇ ବସିଥିବୁ ।

ଓଡ଼ିଶା ସ୍ୱତନ୍ତ୍ର ହେବା ପୂର୍ବରୁ ଯେଉଁ ଓଡ଼ିଆ ଆନ୍ଦୋଳନ ଚାଲିଥିଲା ତହିଁରେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ ଓ ପ୍ରଚାରକ ଅନନ୍ତମିଶ୍ର ଆଦି ଅଣ୍ଟା ଭିଡ଼ି ବାହାରିଥିଲେ । ପ୍ରବାସୀ ଓଡ଼ିଆଭାଷୀମାନଙ୍କ ଭାଷାର ସୁରକ୍ଷା ପାଇଁ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ମାତ୍ର ଉତ୍ସାହ ଅଭାବରୁ ସେ ସବୁ ତିଷ୍ଠି ପାରିନାହାନ୍ତି । କେବଳ ବାହାଡ଼ା ଗୋଡ଼ା ଓ ଖଣ୍ଡାମଉଡ଼ାରେ ଯନ୍ତ୍ରେ କନ୍ତ୍ରେ ଚଳାଇ ରଖିଛନ୍ତି । ଉତ୍କଳବାହିନୀ ଗଠିତ ହୋଇ କେତେ ସ୍ୱେଚ୍ଛାସେବକ ଏକାର୍ଯ୍ୟ ଚଳାଇ ରଖିଥିଲେ, ମାତ୍ର ତାହା ମଧ୍ୟ ବନ୍ଦ ହୋଇଗଲା । ଆମ୍ଭେମାନେ ପ୍ୟାରୀମୋହନ ଏକାଡ଼େମୀରେ ଛାତ୍ର ଥିବାବେଳେ ମାସକୁ ଏକ ଅଣା (ଛ' ନୂଆପଇସା) ହିସାବରେ ଦେଉଥିଲୁ ଓ ସେ ପାଣ୍ଠି ବିଚ୍ଛିନ୍ନାଞ୍ଚଳରେ ଶିକ୍ଷାଦାନ ପାଇଁ ବ୍ୟୟିତ ହେଉଥିଲା । କିନ୍ତୁ ଏବେ ସେ ସବୁ ବନ୍ଦ ହୋଇଯାଇଛି । ଶ୍ରୀଯୁକ୍ତ ଚିନ୍ତାମଣି ପାଣିଗ୍ରାହୀ ଏହାର ସଂଗଠକ ଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବାପରେ ଆମ ପ୍ରବାସୀ ଓଡ଼ିଆ ଭାଇମାନେ ଓଡ଼ିଶାର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇଗଲେ । କଲିକତା ବିଶ୍ୱବିଦ୍ୟାଳୟରେ ସୋନପୁର ରାଜାଙ୍କ ପୃଷ୍ଠପୋଷକତାରେ ଓଡ଼ିଆ ଏମ.ଏ. ଖୋଲା ହୋଇଥିଲା । ବିଜୟଚନ୍ଦ୍ର ମଜୁମଦାର, ପଣ୍ଡିତ ବିନାୟକ ଆଚାର୍ଯ୍ୟ ଓ ପଣ୍ଡିତ ମହେଶ୍ୱର ଦାସ ଆଦି ସେଠାରେ ଅଧ୍ୟାପନା କରୁଥିଲେ । ଡକ୍ଟର କୁଞ୍ଜବିହାରୀ ଦାସ, ଡକ୍ଟର କାହ୍ନୁଚରଣ ମିଶ୍ର, ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ଆଦି କଲିକତା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ.ଏ. ପାଶ କରିଥିଲେ । ମାତ୍ର କାଳକ୍ରମେ ତାହା ବନ୍ଦ ହୋଇଗଲା । ଏହାପରେ ବହୁ ଆନ୍ଦୋଳନ ହୋଇଛି କିନ୍ତୁ ଅଦ୍ୟାବଧି

ତାହା ଚାଲୁ ହେଉ ନାହିଁ । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଶାନ୍ତି ନିକେତନ ଠାରେ ଓଡ଼ିଆ ଏମ୍.ଏ. ଚାଲିଛି ଏବଂ ବହୁ ଛାତ୍ର ଏମ୍.ଏ. ଓ ପି.ଏଚ୍.ଡ଼ି. ଡ଼ିଗ୍ରୀ ଲାଭ କରୁଛନ୍ତି । ଆନ୍ଧ୍ର ଓ ରାଞ୍ଚି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଶିକ୍ଷା ବ୍ୟବସ୍ଥା ରହିଛି ସତ, ମାତ୍ର ସେସବୁ ବ୍ୟାପକ ନୁହେଁ । କଲିକତାର ବ୍ରଜବନ୍ଧୁ ମେଣ ବିଦ୍ୟାଳୟ ଆଦି କେତୋଟି ଶିକ୍ଷାନୁଷ୍ଠାନରେ ଓ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଶିକ୍ଷା ଅଧ୍ୟାପନା ପ୍ରଚଳିତ ହୋଇଛି । ତେବେ ଓଡ଼ିଆ ଭାଷାରେ ଶିକ୍ଷାଲାଭ କରି ପରୀକ୍ଷା ଦେଇଥିବା ଅନେକ ଛାତ୍ର ପରୀକ୍ଷା ଫଳ ପ୍ରକାଶ ପାଉ ନଥିବାରୁ ଡ଼ିଗ୍ରୀ ଲାଭରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଉଛନ୍ତି । ଫଳରେ ସେମାନଙ୍କ ଭବିଷ୍ୟତ ନଷ୍ଟ ହୋଉଅଛି । ଏଥିପ୍ରତି ନେତୃମଣ୍ଡଳୀ ବା ସରକାର ଦୃଷ୍ଟି ଦେଉନାହାନ୍ତି । ବେଳେ ବେଳେ ସମ୍ବାଦ ପତ୍ରରେ ଏ ଦିଗରେ ସମାଧାନ ପାଇଁ ମନ୍ତ୍ରୀ, ସଚିବ ସ୍ତରରେ କଥାବାର୍ତ୍ତା ଚାଲିଥିବା ସମ୍ବାଦ ପ୍ରକାଶ ପାଏ ମାତ୍ର ତାହାର ସୁଫଳ ପ୍ରବାସୀ ଭାଇମାନେ ନ ପାଇବା ପର୍ଯ୍ୟନ୍ତ ଏ ବିଷୟରେ କେବଳ ସମ୍ବାଦ ପରିବେଷଣ ଯଥେଷ୍ଟ ହେଉନାହିଁ ।

ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହେଲା । ଉତ୍କଳ ସମ୍ମିଳନୀର ବର୍ଷକୁ ବର୍ଷ ଅଧିବେଶନ ବସି ପ୍ରସ୍ତାବମାନ ଗୃହୀତ ହେଉଛି ମାତ୍ର ପ୍ରବାସୀ ଓଡ଼ିଆମାନଙ୍କ ସମସ୍ୟା ସେହିପରି ରହୁଛି । ଯେତେ ଶୀଘ୍ର ସେମାନଙ୍କ ଶିକ୍ଷା ସମସ୍ୟାର ସମାଧାନ ହେବ, ସେମାନଙ୍କ ପାଇଁ ଶୁଭକର ହେବ ଏବଂ ସେମାନେ ଓଡ଼ିଶାବାସୀ ଭାଇଭଉଣୀଙ୍କ ସ୍ନେହ ପାଇଁ କୃତଜ୍ଞ ରହିବେ ।

ସାକ୍ଷରତା ଆନ୍ଦୋଳନ ଚାଲିଛି । ଆଗେ ଆମ ରାଜ୍ୟ ଶିକ୍ଷା ବିଭାଗ ଶିକ୍ଷାଉପକରଣ ବସ୍ତାନି ଜନଶିକ୍ଷା ସାଧନକେନ୍ଦ୍ରରେ ପ୍ରସ୍ତୁତ କରାଇ ଜନଶିକ୍ଷା ନିର୍ଦ୍ଦେଶାଳୟ ଜରିଆରେ ବଣ୍ଟନ କରୁଥିଲେ । ସେହି ସୂତ୍ରରେ ୧୯୮୯ ମସିହାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଆନ୍ଧ୍ର ସରକାରଙ୍କ ଶିକ୍ଷା ବିଭାଗ ସହଯୋଗ କ୍ରମେ କେତେକ ସାଧନସାମଗ୍ରୀ ପଠାଯାଇ ଥିଲା, ମାତ୍ର ତାହାପରେ ଆଉ କୌଣସି ପ୍ରକାର ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ନିରନ୍ତର ଶିକ୍ଷା ବା ଚିରନ୍ତନ ଶିକ୍ଷା ବିଷୟରେ ଦୃଷ୍ଟି ଦିଆଗଲା ନାହିଁ କିମ୍ବା ଆଉ ସାମଗ୍ରୀ ପ୍ରଦାନ ପ୍ରକ୍ରିୟା ରହିଲା ନାହିଁ । ଫଳତଃ ଏ ଦିଗରେ ନିଆଯାଇଥିବା ପଦକ୍ଷେପ ସେହିପରି ପଡ଼ିରହିଲା ।

## ଏହାର ବିଷମୟ ପରିଣତି

ମୂଳ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇ ମାତୃଭୂମିଠାରେ ଦୂରରେ ରହି ପାଳିତ ହେଉଥିବା ଉତ୍କଳୀୟମାନେ ଅବହେଳିତ ହୋଇ ସ୍ୱାଭିମାନ ହରାଇ ହୀନମନ୍ୟ ହୋଇ ପଡୁଛନ୍ତି । ଏପରିକି ସେଠାରେ ଥିବା ଅନେକ ନେତୃସ୍ଥାନୀୟ ବ୍ୟକ୍ତି ଓ ସେମାନଙ୍କ ପରିବାର ବାଧ୍ୟ ହୋଇ ସେହି ପ୍ରାନ୍ତୀୟ ଭାଷା ବ୍ୟବହାର କରୁଛନ୍ତି ଓ ଓଡ଼ିଆ ଭାବରେ ପରିଚୟ ଦେବାକୁ କୁଣ୍ଠାବୋଧ କରୁଛନ୍ତି । ପରିସ୍ଥିତି ଓ ପରିବେଶ ସେମାନଙ୍କୁ ଏହି ଅବସ୍ଥାରେ ପହଞ୍ଚାଉଛି ।

ଭାଷା, ସାହିତ୍ୟ, ସଂଗୀତ ଓ କଳା କ୍ଷେତ୍ରରେ ଉତ୍କଳଠାରୁ ଦୂରରେ ରହିବାରୁ ସେମାନଙ୍କ ପାରିବାରିକ ଓ ସାମାଜିକ ଜୀବନ ଅବ୍ୟବସ୍ଥିତ ।

## ଓଡ଼ିଆର ସ୍ୱାଭିମାନ

ଉତ୍କଳର ଗରିମାମୟ ଓ ଗୌରବାବହ ଇତିହାସ ଏ ଭୂମିକୁ ମହିମା ମଣ୍ଡିତ କରିଛି । ଏଇ ମାଟିର ମହିମାମଣ୍ଡିତ ସନ୍ଦେଶ ହିଂସ୍ରବାଦୀ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରି ବିଶ୍ୱବାସୀଙ୍କ ଆଗରେ ଅମରବାଣୀ ଉପସ୍ଥାପିତ କରିଛି- ''ହିଂସା ପ୍ରଶୋଦିତ ତରବାରୀର ଜୟ ଜୟ ନୁହେଁ । ବରଂ ଜୟ ହେଉଛି ଅହିଂସାର । ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ଅଶୋକ ବିଶ୍ୱରେ ଶାନ୍ତିବାର୍ତ୍ତା ପ୍ରଚାରରେ ନିଯୁକ୍ତ ହୋଇଛନ୍ତି ।

ଜଗତର ନାଥ ଜଗନ୍ନାଥଙ୍କ ଏକୀବିଶ୍ୱଭାବର ମୋହିନୀ ମନ୍ତ୍ରରେ ଆକୃଷ୍ଟ ହୋଇ ଆସିଛନ୍ତି ଶଙ୍କର, ରାମାନୁଜ, ନିମ୍ବାର୍କ । ଆସିଛନ୍ତି ଶ୍ରୀଚୈତନ୍ୟ ପ୍ରେମମନ୍ତ୍ରରେ ଦୀକ୍ଷିତ କରିବାକୁ ଜଗତବାସୀଙ୍କୁ । ଜାତି, ଧର୍ମ ଭେଦାଭେଦ ଦୂର କରିଛି ତାଙ୍କ ପ୍ରଚାରିତ ରାଗାନୁଗା ଭାବମହାନ୍ ପ୍ରେମଧର୍ମ ।

ଏ ଯୁଗରେ ଅହିଂସାର ଉପାସକ ମୋହନ ଦାସ ଉତ୍କଳ ଭୂମିରେ ପାଦଦେଇ ଏହାର ଦୁର୍ଗତିରେ ବ୍ୟଥିତ ହୋଇ ଦୀନ ଦୁଃସ୍ଥ ଦଳିତ ଜନତାର ଆର୍ତ୍ତି ଦୂର କରିବାକୁ ନିଜେ ସାଜିଛନ୍ତି ଅର୍ଦ୍ଧନଗ୍ନ ଫକୀର । ଏ ଭୂଇଁରେ ପଦାର୍ପଣ କରିଥିବା ବିଜେତା ମଧ୍ୟ ବିଜିତ ହୋଇଛି ଆଉ ଏ ସମନ୍ୱୟ ପୀଠରେ ନିଜକୁ ମିଶାଇଦେଇ ଏକାକାର ହୋଇଯାଇଛି । ସମନ୍ୱୟ ଧର୍ମସ୍ଥଳୀ, ସଂସ୍କୃତିର ଲୀଳାକ୍ଷେତ୍ର ନୀଳାଚଳ ଧାମରେ ଏକତ୍ରିତ କରାଯାଇଛି ପୁଣି ନିଜ ନିଜର ପରିସ୍ଥିତିକୁ ଅକ୍ଷୁଣ୍ଣ ରଖି ଆପଣା ଆପଣା ଅସ୍ତିତ୍ୱ ବଜାୟ ରଖିବାର ସ୍ୱାଧୀନତା ମଧ୍ୟ ଦିଆଯାଇଛି । ସେଥିପାଇଁ ବହୁତ୍ୱର ଏକତ୍ୱରେ ନିମଜ୍ଜନ ଓ ତତ୍‌ସଙ୍ଗେ ବହୁମଧ୍ୟରେ ଏକତ୍ୱର ଅବସ୍ଥାନ ଏ ଉଭୟବିଧି ନିଦର୍ଶନ ଏଠାରେ ପରିଦୃଷ୍ଟ ।

ଜଗନ୍ନାଥ ହିରଣ୍ୟଗର୍ଭ ସମସ୍ତଙ୍କୁ ଏକୀଭୂତ କରନ୍ତି । ପୁଣି ସେ ମଧ୍ୟ ସକଳ ବିବିଧତାର ଆଦିମୂଳ ସମସ୍ତ ଶକ୍ତିଙ୍କ ଉତ୍ସ ।

## କି ଥିଲା ରାଜ୍ୟ କି ହୋଇଛି ଆଜ

ଚେତନାର ବାରମ୍ବାର ବିବର୍ତ୍ତନ ଘଟିଛି ଏଠି । ଇତିହାସର ଉତ୍ଥାନପତନ ସହିତ ଓଡ଼ିଶାର ସାଂସ୍କୃତିକ ଇତିହାସ ବିଜଡ଼ିତ । ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ରଥଚକ୍ର ତଳେ ନିଷ୍ପେଷିତ ହୋଇ ଖଣ୍ଡ ବିଖଣ୍ଡିତ ହେଲା ଏ ଭୂମି । ଏହାର ଦମ୍ଭ, ଗର୍ବ ସ୍ୱାଭିମାନକୁ ଛିନ୍‌ଭିନ୍ କରିଦେବା ମାନସରେ ଏହାର ବିଭିନ୍ନ ଅଞ୍ଚଳକୁ ଏହାଠାରୁ କାଢ଼ିନେଇ ପ୍ରତିବେଶୀ ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶରେ ମିଶାଇ ଦିଆଗଲା । ଏହାର ମେରୁଦଣ୍ଡ ଭାଙ୍ଗି ଏହି ସୁଜଳ ସୁଫଳା ଶସ୍ୟଶ୍ୟାମଳା ଉତ୍କଳ

ଜନନୀ ବକ୍ଷରେ ଅନଟନ, ଦୁର୍ଭିକ୍ଷ ଓ ମରୁଡ଼ିର କରାଳ ଛାୟା ଖେଳାଇ ଦେଲେ । ଫଳରେ ଛତ୍ରଖିଆ ଗୋଷ୍ଠୀର ସୃଷ୍ଟି । ଏବେ ବି ଛତ୍ର ପଡ଼ିଆ ନାମଧାରଣ କରି ଏକ ପ୍ରାନ୍ତର ମହାପୁରୁଷ ଅଚ୍ୟୁତାନନ୍ଦ ଅଧିଷ୍ଠିତ ନେମାଳ ଗ୍ରାମ ପାର୍ଶ୍ୱବର୍ତ୍ତୀ ମୁନ୍ଦୁମୁହାଣରେ ରହିଛି । କେନ୍ଦ୍ରାପଡ଼ା କେନାଲ ଖୋଦନ କାଳରେ ୪ର୍ଥ ନରସିଂହ ଦେବଙ୍କ ତାମ୍ରଫଳକ ଆବିଷ୍କୃତ କେନ୍ଦୁପାଟଣା ନିକଟରେ ଏପରି କେତେକ ଅଧିବାସୀଙ୍କ ସୂଚନା ମିଳେ । ଛତ୍ର ଦିଆଯାଉଥିବା ସ୍ଥାନମାନଙ୍କର ସ୍ମୃତି ବହନ କରି ଅଦ୍ୟାବଧି ବହୁ ସ୍ଥାନ ବିରାଜିତ ।

## ସାଂସ୍କୃତିକ ବିବର୍ତ୍ତନ

ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ କାରଣରୁ ଭାରତର ବିଭିନ୍ନ ପ୍ରାନ୍ତରୁ ଓ ଭାରତ ବାହାରୁ ବହୁଜାତିର ବ୍ୟକ୍ତି ପୂର୍ବ ସିନ୍ଧୁତୀରରେ ଅବସ୍ଥିତ ଏହି ପାବନ ଭୂମି ଉତ୍କଳ ରାଜ୍ୟକୁ ଆସିଛନ୍ତି । ସଭ୍ୟତାର ଉନ୍ନତି ଯୋଗୁଁ ମନୁଷ୍ୟ ହୁଏ ସଭ୍ୟ, ସଂଯତ । ଆଚରଣରେ ତାର ପ୍ରକାଶ ପାଏ ଶାଳୀନତା । ଏ ରାଜ୍ୟର ଅଧିବାସୀ ଓ ଆଗନ୍ତୁକମାନଙ୍କ ମଧ୍ୟରେ ଭାବଗତ ଆଦାନପ୍ରଦାନ ଯୋଗୁଁ ଆଚରଣଗତ ପରିବର୍ତ୍ତନ ଘଟିଥାଏ । ସଭ୍ୟ ମନୁଷ୍ୟ ସଂଯତ ହୁଅନ୍ତି, ଅନ୍ୟ ପ୍ରତି ସହନଶୀଳ ହୋଇ ସ୍ନେହ ଶ୍ରଦ୍ଧାରେ ବିଜଡ଼ିତ ହୁଅନ୍ତି, ସାମାଜିକ ଜୀବନରେ ଶୃଙ୍ଖଳା ଆଣିବାକୁ ଚେଷ୍ଟା କରନ୍ତି । ଆଚରଣ ଓ ବ୍ୟବହାର କ୍ଷେତ୍ରରେ ସହୃଦୟତା ଓ ଶାଳୀନତା ପ୍ରକାଶ ପାଏ । ଏହାହିଁ ସଂସ୍କୃତି ବା କଲଚର । ବିଭିନ୍ନତା ଭିତରେ ଐକ୍ୟ ପ୍ରତିଷ୍ଠା ହେଉଛି ସଭ୍ୟତାର ଲକ୍ଷ୍ୟ । ମାତ୍ର ପୃଥିବୀର ସବୁ କିଛି ଭଲ କଥା ଓ ଉତ୍କୃଷ୍ଟ ଚିନ୍ତା ସଂସ୍କୃତିରେ ପ୍ରକାଶିତ ହୁଏ । ସ୍ଥୂଳତଃ ଦେଶ ବା ଜାତିର ବହିର୍ବିକାଶ ହେଉଛି ସଭ୍ୟତା ଓ ଅନ୍ତଃ ପ୍ରକୃତି ହେଉଛି ସଂସ୍କୃତି । ଗୋଟିଏ ଦେଶ ବା ଜାତିକୁ ଜୟ କରି ତାର ସଭ୍ୟତାକୁ ବିନଷ୍ଟ କରାଯାଇପାରେ ମାତ୍ର ସେ ଜାତିର ଅସ୍ଥିମଜ୍ଜାଗତ ସଂସ୍କୃତିକୁ ବିଲୋପ କରିବା ଦୁଃସାଧ୍ୟ ବ୍ୟାପାର ।

ସମାଜରେ ଧାର୍ମିକ ଚଳଣିର ପ୍ରଭାବ ଅଧିକ । ପୂର୍ବେ ମହାଭାରତ, ରାମାୟଣ ଓ ଭାଗବତ ପୁରୁଣା ପାଠକଙ୍କ ଦ୍ୱାରା ବିଧିବଦ୍ଧଭାବେ ପଠିତ ହେଉଥିଲା । ସ୍ଥାନେ ସ୍ଥାନେ ସପ୍ତାହବ୍ୟାପୀ ଭାଗବତ ପାଠ ବା ଭଗବତ ସପ୍ତା ବସୁଥିଲା । ଏ ସବୁ ଉତ୍ସବ ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ନିଷ୍ଠାର ସହିତ ଅନୁଷ୍ଠିତ ହେଉଥିବା ଯୋଗୁଁ ଲୋକମାନଙ୍କ ମଧ୍ୟରେ ନୈତିକତାର ପ୍ରଭାବ ପଡୁଥିଲା । ଏପରି ଆଧ୍ୟାତ୍ମିକ ବାତାବରଣ ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ଧର୍ମର ଅସ୍ତିତ୍ୱକୁ ସର୍ବଦା ଅନୁଭବ କରୁଥିଲେ ଓ ଅଧର୍ମ ପଥରେ ପରିଚାଳିତ ହେଉ ନଥିଲେ । ସେଥିପାଇଁ ଚୋରି, ହତ୍ୟା, ଡକାୟତି, ଧର୍ଷଣ ଓ ଅନ୍ୟକୁ ଅପମାନିତ କରିବାର ମନୋବୃତ୍ତି ଲୋକମାନଙ୍କ ମଧ୍ୟରେ ବିଶେଷଭାବେ ଦେଖାଯାଉ ନ ଥିଲା । ଧାନ ହେଉଛି ଲକ୍ଷ୍ମୀ, ଧାନକ୍ଷେତ ଧର୍ମର ସ୍ଥଳୀ, ତେଣୁ ତାକୁ ଚୋରି କରିବା ପାପ । ଏପରି ଧାର୍ମିକ ଧାରଣା ଲୋକମାନଙ୍କୁ ଅପକର୍ମ କରିବାରୁ ନିବୃତ୍ତ କରୁଥିଲା ଓ ଫୌଜଦାରୀ ଦଣ୍ଡବିଧି ଏତେ ପରିମାଣରେ ଲାଗୁ ହେବାର ଅବକାଶ ନ ଥିଲା ।

ଓଡ଼ିଆ ଭାଷା ଓ ସାହିତ୍ୟର ବହୁ ଗ୍ରନ୍ଥ ଏବେ ପ୍ରବାସୀ ଓଡ଼ିଆମାନଙ୍କ ଗୃହରେ ମିଳୁଛି । ଓଡ଼ିଶାରେ ପ୍ରଚଳିତ ଲକ୍ଷ୍ମୀପୂଜା, ପୁରାଣପାଠ ବ୍ରତବିଧି ଓଡ଼ିଶା ବାହାରେ ବାସିନ୍ଦା ଭାବରେ ଥିବା ଓଡ଼ିଆଘରେ ପ୍ରଚଳିତ । ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଯାନିଯାତ୍ରା ଅନୁଷ୍ଠିତ ହେବା ଦ୍ୱାରା ଓଡ଼ିଶା ବାହାରେ ଓଡ଼ିଆତ୍ୱ ପ୍ରକଟିତ ହେଉଛି ।

ଆଧୁନିକ କାଳରେ ବିଶ୍ୱଶାନ୍ତି ଯଜ୍ଞ, ଅଷ୍ଟପ୍ରହରୀ, ଗଣେଶ, ସରସ୍ୱତୀ, ଲକ୍ଷ୍ମୀ, କାଳୀ, କାର୍ତ୍ତିକ, ବିଶ୍ୱକର୍ମା, ଦୁର୍ଗା ଆଦି ଦେବତାଙ୍କର ପୂଜା ସହର ଓ ମଫସଲ ଅଞ୍ଚଳରେ ବ୍ୟାପକ ଭାବେ ହେବାର ଲାଗିଛି । କିନ୍ତୁ ପଥରୋଧ ଜୋର ଜବରଦସ୍ତ ଭାବରେ ଯେପରି ଦେବତାମାନଙ୍କ ଆରାଧନା ପାଇଁ ଚାନ୍ଦା ଆଦାୟ ହେଉଛି ତଦ୍ଦ୍ୱାରା ବିଶ୍ୱଶାନ୍ତି ପରିବର୍ତ୍ତେ ବ୍ୟକ୍ତି ଅଶାନ୍ତି, ସାତ୍ତ୍ୱିକତା ପରିବର୍ତ୍ତେ ରାଜସ ଓ ତାମସ ଉତ୍ସବରେ ପରିଣତ ହେଉଛି । ଏଥିସହିତ ବେକାରୀ ଲୋକଙ୍କ ଅବକାରୀ ବ୍ୟବହାର ଉତ୍ସବର ଆନନ୍ଦକୁ ରାଷ୍ଟ୍ର ବିପ୍ଲବରେ ପରିଣତ କରିନେଉଛି । ତେଣୁ ସଂସ୍କୃତି ସହିତ ଅପସଂସ୍କୃତି ତାଳଦେଇ ଗତିକରି ଉତ୍କଳୀୟ ସଂସ୍କୃତିରେ ମୂଲ୍ୟବୋଧର ଅବକ୍ଷୟ ଘଟାଉଛି ।

ସଂକୀର୍ତ୍ତନ ମଣ୍ଡଳୀମାନ ସହର ଓ ମଫସଲରେ ଗଢ଼ି ଉଠୁଛି । ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟର ମତ ଅନୁସାରେ ନାମ ସଂକୀର୍ତ୍ତନ ମଧ୍ୟ ବିଭିନ୍ନ । କେହି କେହି ୧୬ ନାମ ୩୨ ଅକ୍ଷର ବିଶିଷ୍ଟ ମହାମନ୍ତ୍ର

''ହରେରାମ ହରେରାମ ରାମ ରାମ ହରେ ହରେ
ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ''

କୀର୍ତ୍ତନ କରି ସଂକ୍ଷେପରେ ମହାମନ୍ତ୍ର ସହ ଗୌରାଙ୍ଗ ମହାପ୍ରଭୁଙ୍କ ନାମ ସ୍ମରଣ କରନ୍ତି । ଆଉ କେତେକ ଉଭୟର ସମ୍ମିଶ୍ରଣ ଘଟାଇ ନିତାଇ ଗୌରଙ୍କୁ ଭଜ ଓ ହରେକୃଷ୍ଣ ରାମ ମହାମନ୍ତ୍ରକୁ ଜପ ବୋଲି ନିର୍ଦ୍ଦେଶ ଦେଇ ''(ଭଜ) ନିତାଇ ଗୌର ରାଧେ ଶ୍ୟାମ
(ଜପ) ହରେ କୃଷ୍ଣ ହରେ ରାମ''

ଉଚ୍ଚାରଣ କରି କୀର୍ତ୍ତନ କରନ୍ତି । ଉତ୍କଳୀୟ ପଞ୍ଚମହାପୁରୁଷ ଯେଉଁ ନାମ ସଂକୀର୍ତ୍ତନ ପ୍ରବର୍ତ୍ତନ କରିଥିଲେ, ଶ୍ରୀ ଚୈତନ୍ୟ ସେହି ମହାମନ୍ତ୍ରକୁ ପ୍ରସାରିତ କରାଇଥିଲେ । ମାତ୍ର ଚୈତନ୍ୟଙ୍କ ଭାବରେ ଅନୁପ୍ରାଣିତ ଓ ତାହାଙ୍କ ସଂପ୍ରଦାୟ ଭକ୍ତ ବୈଷ୍ଣବମାନେ ''ଶ୍ରୀକୃଷ୍ଣ ଚୈତନ୍ୟ'' ଓ ''ନିତାଇ ଗୌର'' ନାମମାନ ପାନକରି ଶାନ୍ତିପ୍ରାପ୍ତି ଓ ମୁକ୍ତିର ଦ୍ୱାର ଉନ୍ମୋଚନ କଲେ । ଏଣୁ ଓଡ଼ିଶାର ବୈଷ୍ଣବଧର୍ମରେ ଏହିପରି କ୍ରମିକ ପରିବର୍ତ୍ତନର ସୂତ୍ରପାତ ହେଲା ।

ଏବେ 'ଭାଗବତ ସପ୍ତା' ହ୍ରାସ ହୋଇ ସନ୍ଥକବି ତୁଳସୀଦାସଙ୍କ ରଚିତ 'ରାମଚରିତମାନସ' ପାରାୟଣ ସେ ସ୍ଥାନ ଗ୍ରହଣ କରିଛି । ଫଳରେ ଉତ୍କଳୀୟ ଜନମାନସକୁ 'ମାନସ' ପ୍ରଭାବିତ କରୁଛି ଓ 'ମାନସ ମାର୍ତ୍ତଣ୍ଡ, ମାନସ ଦୁର୍ଦ୍ଧର୍ଷ' ମାନଙ୍କର ଉଦ୍ଭବ ଘଟିବାରେ ଲାଗିଛି ।

ଉତ୍କଳରେ ଅଷ୍ଟଶକ୍ତି (ସାରଳା, ବିମଳା, ବିରଜା, ଭଗବତୀ, ଚର୍ଚ୍ଚିକା, ଉଗ୍ରତାରିକା, ହିଙ୍ଗୁଳା, ସମଲେଇ) 'ଅଷ୍ଟକାଳୀ' ଭାବରେ ଖ୍ୟାତି ଲାଭ କରିଥିଲେ । ତେଣୁ ଚଣ୍ଡୀ, କାଳୀ, ମହିଷମର୍ଦ୍ଦିନୀ, ଚାମୁଣ୍ଡା, ଷଷ୍ଠୀ, ସାବିତ୍ରୀ ଆଦି ଦେବୀ, ଦଣ୍ଡ ଦେବତା (ହର) ଓ ଦଣ୍ଡ ଦେବୀ (ଶକ୍ତି) ସ୍ତମ୍ଭେଶ୍ୱରୀ ଆଦି ପୂଜିତା ହେଉଥିଲେ ମାତ୍ର ଚଳଚ୍ଚିତ୍ରର ପ୍ରସାର ଓ ଲୋକବିଶ୍ୱାସରେ ଆସ୍ଥା ସ୍ଥାପନ କରି ସନ୍ତୋଷୀ ମା ଏବେ ଦେବୀମାନଙ୍କ ସ୍ଥାନରେ ଆସ୍ଥାନ ଜମାଇ ବସିଛନ୍ତି । ବିନାୟକ ପୂଜା ଆଗରୁ ପ୍ରଚଳିତ ଥିଲା । ତାହାଙ୍କ ଶକ୍ତି ଭାବରେ ବୈନାୟିକୀ ବା ବକ୍ରତୁଣ୍ଡୀ ପୂଜା ପାଉଥିଲେ । ମାତ୍ର ତାଙ୍କର କନ୍ୟା ଭାବରେ ଖ୍ୟାତ 'ମା ସନ୍ତୋଷୀ'ଙ୍କ ପୂଜା ଉତ୍ତର ଭାରତରୁ ଆସି ଉତ୍କଳରେ ବ୍ୟାପକ ପ୍ରସାର ଲାଭ କରିଛି । କେତେକ ସଂପ୍ରଦାୟ ରାଣୀ ସତୀଙ୍କ ମନ୍ଦିର ଗଢ଼ି ତାଙ୍କର ପ୍ରସାର ଘଟାଇବାରେ ଚେଷ୍ଟିତ ।

ଓଡ଼ିଆ ପିଲା ଜନ୍ମ ହେଲେ ଷଷ୍ଠୀ ଦିବସରେ ତାର ଜନ୍ମବେଳରେ ଜାତକ ପ୍ରସ୍ତୁତ ହୁଏ । ଲୋକବିଶ୍ୱାସ ହେଉଛି ସ୍ୱୟଂ ଷଷ୍ଠୀଦେବୀ ଏହି ଜାତକ ଛଳରେ ଶିଶୁକୁ ଆଶୀର୍ବାଦ କରନ୍ତି । ମାତ୍ର ସେହି ଜାତକରେ ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟସେବକ ବା ଚଳନ୍ତି ବିଷ୍ଣୁ ଭାବରେ ସ୍ୱୀକୃତ ଭାଗ୍ୟବିହୀନ ଠାକୁରରାଜା ବା ଗଜପତିଙ୍କର ବିରୁଦସହ ନାମ ଓ ପ୍ରଚଳିତ ଅଙ୍କର ଉଲ୍ଲେଖ ରହେ । ଶକାବ୍ଦ ବା ଖ୍ରୀଷ୍ଟାବ୍ଦର ପ୍ରଚଳନ ଯେତେ ହେଲେ ବି ଓଡ଼ିଶା ଏହି ସାଂସ୍କୃତିକ ପରଂପରାରୁ ବିଚ୍ୟୁତ ହୋଇ ନାହିଁ । ବିଚ୍ଛିନ୍ନାଞ୍ଚଳର ଅଧିବାସୀ ଓଡ଼ିଆମାନଙ୍କ ଘରେ ଘରେ ଏ ପ୍ରକାର ଜାତକ ଲିଖନ ପଦ୍ଧତି ଅଦ୍ୟାପି ଅନୁସୃତ ହୁଏ ।

ଉତ୍କଳର ଇଷ୍ଟଦେବ ଶ୍ରୀ ଜଗନ୍ନାଥ ପରମ୍ପରାକ୍ରମେ ଓଡ଼ିଆ ପିଲା ଯେଉଁଠି ଥାଆନ୍ତୁ ପଛକେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଶେଷ ବିଶେଷ ସ୍ଥଳରେ ତାହାଙ୍କୁ ସ୍ମରଣ କରିବା ନିୟମ ଖଞ୍ଜାଯାଇ ରକ୍ଷକ ଭାବରେ ସ୍ୱୀକୃତି ଦିଆଯାଇଥାଏ ।

ଓଡ଼ିଶାର ନାରୀ ପର୍ଦ୍ଦାନସୀନା ହୋଇଥିଲେ ବି ଐତିହାସିକ କାଳରୁ ସମାଜରେ ଗୁରୁତ୍ୱ ଲାଭ କରିଛନ୍ତି । ପୃଥିବୀ ଇତିହାସରେ ନାରୀମାନଙ୍କ ମର୍ଯ୍ୟାଦା ସଂପର୍କରେ ଆଲୋଚନା କରାଗଲେ ପ୍ରଥମେ ଓଡ଼ିଶାର ସ୍ଥାନ ଆସିବ । ଯେତେବେଳେ ବିଲାତ ଓ ୟୁରୋପ ପରି ଆଧୁନିକ କାଳର ସଭ୍ୟତା ସମୃଦ୍ଧ ଦେଶମାନେ ନାରୀମାନଙ୍କୁ ଗୁରୁତ୍ୱ ଦେଉ ନ ଥିଲେ ସେକାଳରେ ଅର୍ଥାତ୍ ଅଷ୍ଟମ ଶତାବ୍ଦୀରେ ଭୌମକର ବଂଶୀୟା ଗୋସ୍ୱାମୀନି ଦେବୀ (୧ମ ତ୍ରିଭୁବନ ମହାଦେବୀ ୭୦୭ ଖ୍ରୀ:ଅ:) ସିଦ୍ଧ ଗୌରୀ (୨ୟ ତ୍ରିଭୁବନ ମହାଦେବୀ) ପୃଥ୍ୱୀ ମହାଦେବୀ (୩ୟ ତ୍ରିଭୁବନ ମହାଦେବୀ ୭୭୨) ଗୌରୀଦେବୀ (୭୮୪ ଖ୍ରୀ:ଅ: ଦଣ୍ଡୀ ମହାଦେବୀ (୮୦୩ ଖ୍ରୀ:ଅ:) ବକୁଳ ମହାଦେବୀ (୮୧୮ ଖ୍ରୀ:ଅ:) ଏବଂ ଧର୍ମ ମହାଦେବୀ (୮୧୮ ଖ୍ରୀ:ଅ) ରାଜଦଣ୍ଡ ଧାରଣ କରି ଦେଶ ଶାସନରେ ବ୍ୟାପୃତ ଥିବା ସେମାନଙ୍କ ପ୍ରଦତ୍ତ ତାମ୍ରଲେଖମାନଙ୍କରୁ ପ୍ରତୀତ ହୁଏ ।

ଏହିସବୁ ମହାରାଣୀମାନଙ୍କ ଶାସନକାଳରେ ଦେଶରେ ଶାନ୍ତି ସମୃଦ୍ଧି ବଜାୟ ରହିଥିଲା । ଏକ ଶତାବ୍ଦୀ ଧରି ସେମାନେ ଉତ୍କଳର ସୀମା ବୃଦ୍ଧି କରି ପରାକ୍ରମ ପ୍ରଦର୍ଶନ କରିଥିଲେ ଏବଂ ଅସଂଖ୍ୟ ମନ୍ଦିର ନିର୍ମାଣ କରି ଉତ୍କଳୀୟ କଳା ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ଜୟ ବୈଜୟନ୍ତୀ ଉଡ୍ଡୀନ କରାଇଥିଲେ । ଭାରତର ଇତିହାସରେ ସୁଦ୍ଧା ଚାରି ଶତାବ୍ଦୀ ପରେ ସୁଲତାନ ରେଜିୟାଙ୍କ ନାମ ଶାସନ କ୍ଷମତାରେ ଥିବା ଦେଖିବାକୁ ମିଳେ ।

ଯାମଦଗ୍ନ୍ୟ ପର୍ଶୁରାମ ରାମାୟଣ ପ୍ରସିଦ୍ଧ । ବାଙ୍କିର ଚର୍ଚ୍ଚିକା ପୀଠରେ ସେ ସାଧନ ସିଦ୍ଧ ହୋଇଥିବା ଏବଂ ମହେନ୍ଦ୍ରଗିରିଠାରେ ତାହାଙ୍କ ଯଜ୍ଞସ୍ଥଳ ବ୍ରହ୍ମାଣ୍ଡ ନାମିତ ଅଞ୍ଚଳରେ ସେ ଅଦ୍ୟାପି ତପସ୍ୟାରତ ଥିବା ଜନଶ୍ରୁତି ଅଛି । ସପ୍ତ ଚିରଞ୍ଜିବୀଙ୍କ ମଧ୍ୟରେ ସେ ଅନ୍ୟତମ ।

''ଅଶ୍ୱତ୍ଥାମା ବଳୀ ବ୍ୟାସ କୃପ ପର୍ଶୁରାମ ହନୁମାନଶ୍ଚ ବିଭୀଷଣ ସପ୍ତେତି ଚିରଞ୍ଜିବୀ ନମଃ ।'' ତାହାଙ୍କ ସ୍ମରଣରେ ଭୁବନେଶ୍ୱରଠାରେ ପର୍ଶୁରାମେଶ୍ୱର ଶିବଲିଙ୍ଗ ରହିଛନ୍ତି । ବାଙ୍କିର ଚର୍ଚ୍ଚିକା ଦେବୀ ପୀଠରେ ପର୍ଶୁରାମଙ୍କ ପୂଜାସ୍ଥଳ, ମାତା ରେଣୁକା ନଦୀଟିଏ ହୋଇ ବହିଯାଇଥିବା ରେଣୁକାନଦୀ, ଆଷାଢ଼ ଶୁକ୍ଳ ଅଷ୍ଟମୀରେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ପର୍ଶୁରାମାଷ୍ଟମୀ ଯାତ୍ରା ତାହାଙ୍କ ସ୍ମୃତିକୁ ସଜଳ କରି ରଖିଛି । ମହେନ୍ଦ୍ରଗିରିରେ ପର୍ଶୁରାମଙ୍କର ବେଳେ ବେଳେ ଆବିର୍ଭାବ ଘଟେ ଓ ଲୋକେ ଜୀବନ୍ତ ଭାବରେ ତାଙ୍କୁ ଦର୍ଶନ କରିଥିବା ବର୍ଣ୍ଣନା କରନ୍ତି । କବିସୂର୍ଯ୍ୟ ନଗର (ବୋଉରାଣି) ଠାରୁ ୫ କି.ମି. ଦୂର ହାତୀଓଟ ଗ୍ରାମରେ ଭଟ୍ଟ ବ୍ରାହ୍ମଣମାନେ 'ଜାନୁଘଣ୍ଟ ପର୍ଶୁରାମ ସାଜି ହାତରେ ଚିତ୍ରିତ ଦଶାବତାର ଥିବା ହାଣ୍ଡି ଓ ହାତରେ ପର୍ଶୁ ଧରି ବାଣ୍ଟେ ବାଣ୍ଟେ ଗୀତଗାଇ ଚାଲିଗଲା ବେଳେ ଗ୍ରାମବାସୀମାନେ ସ୍ୱତଃ ପ୍ରବୃତ୍ତ ଭାବରେ ଆସି ସେହି ହାଣ୍ଡିରେ ଚାଉଳ ଓ ପଇସା ଦେଇ ପୂର୍ଣ୍ଣ କରି ଦିଅନ୍ତି । ଗ୍ରାମର ଅପର ପାର୍ଶ୍ୱରୁ ଧନୁର୍ଦ୍ଧାରୀ ରାମଚନ୍ଦ୍ର ଆସିଲେ ଉଭୟଙ୍କର ବଚନିକା ପଢ଼େ ।

''ତୁହିରେ ରାମ, ଦେଖାଉ କାମ, ଜାନୁଘଣ୍ଟ ପର୍ଶୁରାମ ।
ନ ଚିହ୍ନୁ ମତେ- ଶିରଚ୍ଛେଦିବି ପର୍ଶୁଘାତେ ।''
ଆଦି ଗାଇଥାନ୍ତି ।

ସେହିପରି ନୃସିଂହଙ୍କୁ ଛୋଟ ବିମାନରେ ରଖି ନରସିଂହ ଦେବତାଙ୍କ ପୂଜକମାନେ ଆସି କଣ୍ଟା କଠଉରେ ଚାଲି, ପାଟିରେ ନିଆଁ ପୁରାଇବା ଆଦି ଅଦ୍ଭୁତ କ୍ରିୟା ଦେଖାଇ ଭିକ୍ଷା ସଂଗ୍ରହ କରି ସୀମାଚଳ ଯାଇ ସେଠାରେ ବ୍ରତ ଉଦ୍‌ଯାପନ କରନ୍ତି ।

ପାଟୁଆ ଯାତ୍ରା ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ହୋଇଥାଏ । ବଡ଼ ବଡ଼ ଖିଲ କଣ୍ଟାରେ ଶୋଇବା କଣ୍ଟା ପାଟୁଆ । ଘଣ୍ଟ ବଜାଇ ବଜାଇ ମୁଣ୍ଡରେ ଘଟ ରଖି ସାଧନ ଭାଙ୍ଗିବା ଘଣ୍ଟପାଟୁଆ ଗୋଟିଏ ପୋତା କାଠରୁ ଆଉ ଗୋଟିଏ ଲମ୍ବ ଆକୃତି ବିଶିଷ୍ଟ କାଠରେ ବନ୍ଧା ହୋଇ ଉଡ଼ିବୁଲିବା ଉଡ଼ାପାଟୁଆ । ଦୁଇଟି ଖଣ୍ଡାର ଧାର ପଟରେ

ଠିଆ ହୋଇ ଉପରୁ ଦୁଇଟି ଖଣ୍ଡାର ଧାର ପଟକୁ ତଳୁ ମୁଠାଇ ଧରି ଓ ଚାରିଜଣ ଲୋକଙ୍କ ଦ୍ୱାରା ବୁହା ହେଉଥିବା ଏବଂ ସେ ବ୍ୟକ୍ତିର ପିଠିପଟେ ଛକି ମରାହୋଇ ତୀର ମରା ହୋଇଥିବା ଖଣ୍ଡାପାଟୁଆ । ନିଆଁ ଉପରେ ଚାଲିବା 'ଝାମୁ' ଚାଲିବା । ଏଥିପାଇଁ ୭ ଦିନ, ୧୫ଦିନ ବା ୨୧ ଦିନ ଆଗରୁ ହବିଷ୍ୟାଖାଇ ପ୍ରସ୍ତୁତି ଚାଲେ । ବହୁତ ନିଷ୍ଠାର ସହିତ ଦେବୀ ବା ମହାଦେବଙ୍କ ଆଶ୍ରୟରେ କରାଯାଏ । ଶରୀରକୁ କଷ୍ଟ ଦେଇ ଦେବତାଙ୍କ ସନ୍ତୋଷ ବିଧାନ ଓ ଅଲୌକିକ ପ୍ରକ୍ରିୟା ଓଡ଼ିଶାରେ ବହୁ ସ୍ଥାନରେ ଦେଖିବାକୁ ମିଳେ ।

ଋଗ୍‌ବେଦରେ ପ୍ରଥମ ସୂକ୍ତ 'ଅଗ୍ନିମିଳେ ପୁରୋହିତମ୍'' । ଓଡ଼ିଶାରେ ମାଘପୂର୍ଣ୍ଣିମାରେ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ପାଳିତ ହୁଏ । ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତିରେ ପୋଙ୍ଗଲରେ ଅଗ୍ନି ଜଳାଯାଏ । ଉତ୍ତର ଭାରତରେ, ଫାଲ୍ଗୁନ ପୂର୍ଣ୍ଣିମା ବା ଦୋଳ ପୁନେଇଁରେ ହିରଣ୍ୟ କଶିପୁ ଭଗ୍ନୀ ହୋଲିକାର ଦହନ ଉପଲକ୍ଷେ ଅଗ୍ନିପୂଜା କରିଥାନ୍ତି । ଓଡ଼ିଶାର ସାଂସ୍କୃତିକ ଉତ୍ସବମାନ ଯେ ଭାରତୀୟ ସାଂସ୍କୃତିକ ସ୍ରୋତରୁ ବିଚ୍ଛିନ୍ନ ନୁହେଁ, ତାହା ଏଥିରୁ ପ୍ରମାଣିତ ହୁଏ ।

ଓଡ଼ିଶାର ଆଦିବାସୀମାନେ ପୁଷ୍ପପରବ ଓ ମକର ପର୍ବ ପାଳନ କରନ୍ତି । ମଦ ଓ ମାଂସରେ ମଜଗୁଲ ହୋଇ ନୃତ୍ୟ କରିବା ଆଦିବାସୀର ବିଳାସ ଓ ପର୍ବପାଳନ ।

ଓଡ଼ିଶାର ସମତଳ ଅଞ୍ଚଳରେ ସୁନିଆଁ (ଭାଦ୍ର ଶୁକ୍ଳ ଦ୍ୱାଦଶୀ) ଦିନ ନୂଆ ଖିଆ ବିଧି ମାତ୍ର ପଶ୍ଚିମ ଓଡ଼ିଶାରେ ସମଲେଶ୍ୱରୀ, ମାଣିକେଶ୍ୱରୀ, ପାଟଣେଶ୍ୱରୀ, ସୁରେଶ୍ୱରୀ ଆଦି ଦେବୀମାନଙ୍କ ରାଶି ନକ୍ଷତ୍ରର ଶୁଭ ଅବସରରେ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର ଓ ସୋନପୁର ଆଦି ଜିଲ୍ଲାମାନଙ୍କରେ ନୂଆଖିଆ ପର୍ବ ମହାସମାରୋହରେ ପାଳିତ ହୁଏ ।

ଓଡ଼ିଶାର ନୃତ୍ୟ ଓଡ଼ିଶୀ ବର୍ତ୍ତମାନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆଦୃତ । ଓଡ଼ିଶୀ ସଙ୍ଗୀତ ଜନପ୍ରିୟତା ଲାଭକରି ଉତ୍ତର ଓ ଦକ୍ଷିଣ ଭାରତର ସଙ୍ଗୀତ ସହ ସମକକ୍ଷ ଭାବରେ ଆପଣାକୁ ପ୍ରତିପାଦିତ କରିଅଛି । ଦଣ୍ଡନାଚ, ଘୁମୁରା, ଛଉ, ରଣପା ଢେମସା ଆଦି ନୃତ୍ୟମାନ ଓଡ଼ିଶାର ଆଞ୍ଚଳିକ ନୃତ୍ୟ ଭାବରେ ଦେଶ ବିଦେଶରେ ଆଦର ଲାଭ କରନ୍ତି ।

ଓଡ଼ିଶାର ସଂସ୍କୃତି କ୍ରମେ ପରିବର୍ତ୍ତନଶୀଳ ଓ କ୍ରମବର୍ଦ୍ଧିଷ୍ଣୁ । ଓଡ଼ିଶାର ପ୍ରସ୍ତର ଗାତ୍ରରେ ଖୋଦିତ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତାର ସ୍ୱାତନ୍ତ୍ର୍ୟ ଐତିହାସିକ କାଳ ଆରମ୍ଭରୁ ସ୍ୱାତନ୍ତ୍ର୍ୟ ରକ୍ଷା କରିଛି, ସେହିପରି ମୃତ୍ତିକା ପ୍ରସ୍ତୁତ ମୂର୍ତ୍ତିମାନ ଓଡ଼ିଶୀ ମୂର୍ତ୍ତି କଳାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି । ସୁନାରୁପାର ଅଳଙ୍କାର ଗଠନ ପରିପାଟି ଓ ବାଣ୍ଡ ବୟନ କଳାରେ ପ୍ରସ୍ତୁତ ସମ୍ବଲପୁରୀ, ମାଣିଆ ବନ୍ଧୀ, ସୋନପୁରୀ, ବ୍ରହ୍ମପୁରୀ ପାଟଶାଢ଼ୀ ଦେଶ ବିଦେଶରେ ବହୁ ପରିମାଣରେ ବିକ୍ରି ହୋଇ ବୟନ ଶିଳ୍ପୀମାନଙ୍କ ସୁନାମ ରଖିବା ସହିତ ବିଦେଶୀ ମୁଦ୍ରା ଅର୍ଜ୍ଜନରେ ସହାୟକ ହେଉଛି ।


ନିର୍ମଳ କୁଟୀର, ବଙ୍ଗଳାସାହି
କଟକ - ୯


★★★

ମାତୃଭୂମି, ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ?

- ସ୍ୱଭାବ କବି ଗଙ୍ଗାଧର ମେହେର

# ଉତ୍କଳ ସଂଗୀତମ୍

ଡକ୍ଟର କ୍ଷୀରୋଦ ଚନ୍ଦ୍ର ଦାଶ

ଦେବାନାଂ ଭୂର୍ଗାରତମୁପଗତମୁତ୍କଳ ମୁପବନବନ୍ଦମ୍
ବିକଳିତ ଚନ୍ଦନ ସୌରଭମଙ୍ଗେ ବିଜନିତଭାରତହର୍ଷମ୍
ମୁଖରିତସଂଗତଗାନମ୍
ଜୟ ଜୟ ଜୟ ଚିର ମୁତ୍କଳମୀପ୍ସିତ ଭାରତଭାବନିଧାନମ୍ ।।୧।।

ହିମଗିରିତଳଗତମାନବ ମୌକ୍ତିକ-ସଂସ୍କୃତିପ୍ରଭମୁପଗଙ୍ଗମ୍
ବ୍ୟାସବିନୋଦିତ- ମୁନିବର-ନନ୍ଦିତ-କବିକୁଳ ମଞ୍ଜୁଳବାନମ୍
ମୁଖରିତସଂଗତଗାନମ୍
ଜୟ ଜୟ ଜୟ ଚିରମୁତ୍କଳମୀପ୍ସିତ ଭାରତଭାବନିଧାନମ୍ ।।୨।।

ଗିରିଷଣ୍ଡମଣ୍ଡିତ-ମଧୁକରଗୁଞ୍ଜିତ-ଗୁମ୍ଫିତକୋକିଳ ଭାଗେ
ନବଜଳସେଚିତ-କମ୍ପିତତରୁବର-ପୁଲକିତାକାନନଭାଗେ
ମୁଖରିତ ସଂଗତଗାନମ୍
ଜୟ ଜୟ ଜୟ ଚିରମୁତ୍କଳମୀପସିତ-ଭାରତଭାବନିଧାନମ୍ ।।୩।।

ମୁନିଜନ ବାଞ୍ଛିତ-କୁଞ୍ଜବନାବଳି-ଶାନ୍ତବିମୋହନବେଶେ
ଉତ୍କଳକାକଳିମିଶ୍ରିତକଳକଳ-କୁଞ୍ଜର କେସରିରାସେ
ମୁଖରିତ ସଂଗତ ଗାନମ୍
ଜୟ ଜୟ ଜୟ ଚିର ମୁତ୍କଳମୀପସିତ ଭାରତଭାବନିଧାନମ୍ ।।୪।।

ଉଷସି ବିମୋଚିତ-ମନ୍ଦିର ଚୁମ୍ବିତ-ଦୀପ୍ତ ଦିବାକର ରାସେ
ସୁରଜନନନ୍ଦିତ-କନକଚଷକ ନିଭ-ମୁକୁଳିତ ଚମ୍ପକବାସେ
ମୁଖରିତ ସଂଗତ ଗାନମ୍
ଜୟ ଜୟ ଜୟ ଚିର ମୁତ୍କଳମୀପସିତ ଭାରତଭାବ ନିଧାନମ୍ ।।୫।।

ନୃତ୍ୟତି ଲହରୀ ଗାୟତି ଗୀତଂ ନୀଳକଳେବର ବେଶେ
ତାଳବନାବଳି ବେଷ୍ଟିତ ମପପତି ମୁହୁତି କର୍ଷତି ହର୍ଷେ
ମୁଖରିତସଂଗତଗାନମ୍
ଜୟ ଜୟ ଜୟ ଚିର ମୁତ୍କଳମୀପସିତ ଭାରତ ଭାବନିଧାନମ୍ ।।୬।।

ବୈତରଣି ମହାନଦି ଶାବରିକେ ସ୍ୱର୍ଣ୍ଣରେଖା ଋଷିକୁଲ୍ୟୋ
ବଂଶଧରେ ଭବଦୀପ୍ସିତ ମୁତ୍କଳମୁଲ୍ଲସିତଂ ବହୁତୀରେ
ମୁଖରିତ ସଂଗତଗାନମ୍
ଜୟ ଜୟ ଜୟ ଚିରମୁତ୍କଳମୀପସିତ ଭାରତଭାବନିଧାମ୍ ।।୭।।

ଅର୍ପିତଶ୍ରୁତିକୁଳତର୍କସମର୍ପିତ-କଳ୍ପିତ ଦୈବତଭାଷ୍ୟେ
ସ୍ଥପତିକଳାକୃତି ଗୌରବମଣ୍ଡିତ ସ୍ୱର୍ଣ୍ଣକଦାୟ -ନିକାଶେ
ମୁଖରିତ ସଂଗତଗାନମ୍
ଜୟ ଜୟ ଜୟ ଚିରମୁତ୍କଳମୀପ୍ସିତ ଭାରତଭାବନିଧାନମ୍ ।।୮।।

୧୧୫ଏ/୪୭ କଳ୍ପନା ନିବାସ
ମହତାବ ରୋଡ୍, ଭୁବନେଶ୍ୱର - ୨



# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମର ଭୂମିକା

**ଶ୍ରୀ ମାଗୁଣି ଦାଶ**

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଭୂମିକା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୯୦୨ ମସିହାରେ ଖଲିକୋଟର ତତ୍‌କାଳୀନ ରାଜା ହରିହର ସିଂହ ମର୍ଦ୍ଦରାଜ ପ୍ରଥମେ ଓଡିଆଙ୍କ ଦୁର୍ଦ୍ଦଶା ଅନୁଭବ କରି ଗଞ୍ଜାମର କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଗଞ୍ଜାମ ତଥା ଓଡିଆ ଅଞ୍ଚଳ ଏକ ଶାସନାଧୀନ କରିବାକୁ ଆଲୋଚନା କରି ଆୟୋଜନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟରେ ମଧୁବାବୁ, ଫକୀର ମୋହନ ସେନାପତି ଓ ରାଧାନାଥ ରାୟ ପ୍ରଭୃତି ଓଡିଶାର ବିଶିଷ୍ଟ ବ୍ୟକ୍ତିମାନେ ହରିହର ମର୍ଦ୍ଦରାଜଙ୍କୁ ଉତ୍ସାହିତ କରି ତାଙ୍କ ସହିତ ସହଯୋଗ କରିଥିଲେ ।

ଓଡିଆଙ୍କ ହିତ ଚିନ୍ତା କରୁଥିବା ଖଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କୁ ଏଥି ପାଇଁ ବିଭିନ୍ନ ପତ୍ର ପତ୍ରିକାରେ ଉତ୍ସାହିତ କରି ଲେଖାମାନ ପ୍ରକାଶ ପାଇବା ପରେ ଓଡିଆ ପ୍ରାଣ ନୀଳମଣି ବିଦ୍ୟାରତ୍ନ ହରିହର ମର୍ଦ୍ଦରାଜଙ୍କୁ ସାକ୍ଷାତ କରି ରମ୍ଭାଠାରେ ଏକ ବନ୍ଧୁ ମିଳନ ଡକାଇ ସେଥିରେ ଯୋଗ ଦେବା ପାଇଁ ପ୍ରାକୃତିକ ଓଡିଶାର କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିବା ପାଇଁ ଆଲୋଚନା କରି ସ୍ଥିର କଲେ । ଯାହାଫଳରେ ଓଡିଆଙ୍କ ଦୁର୍ଦ୍ଦଶା ସରକାରଙ୍କ କର୍ଣ୍ଣଗୋଚର କରାଯିବା ସଙ୍ଗେ ସଙ୍ଗେ "ଗଞ୍ଜାମ ସମ୍ମିଳନୀ" ପାଇଁ ଆୟୋଜନ ଓ ପ୍ରଚାର କରିବା ସ୍ଥିର ହେଲା ।

ଦେଶ ମିଶ୍ରଣ କାର୍ଯ୍ୟ ପାଇଁ ପ୍ରଚାର କରିବାକୁ ହେଲେ ନିଜର ଗୋଟିଏ ପ୍ରେସ ରହିବା ଦରକାର ମନେକରି ହରିହର ମର୍ଦ୍ଦରାଜ ଗୋଟିଏ ପ୍ରେସ କିଣି ଆଣିଲେ । ସେହି ପ୍ରେସର ନାମ " ଖଲିକୋଟ ଷ୍ଟେଟ ପ୍ରେସ" ରଖିଥିଲେ । ପରେ ତାହା ପରିବର୍ତ୍ତିତ ହୋଇ " ରମ୍ଭା, ମର୍ଦ୍ଦରାଜ ପ୍ରେସ" ନାମରେ ନାମିତ ହୋଇଥିଲା ।

ଖଲ୍ଲିକୋଟରୁ 'ପ୍ରଜାବନ୍ଧୁ ' ନାମରେ ଗୋଟିଏ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ଏଥିରେ ଲେଖାଗୁଡିକ ପ୍ରକାଶ ପାଇବା ଫଳରେ ଓଡିଆଙ୍କ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିକୁ ଆଣିବାରେ ସମର୍ଥ ହୋଇଥିଲା । ଫଳରେ ବହୁତ ଓଡିଆ ସରକାରୀ ଚାକିରି ପାଇଲେ । ଓଡିଆ ଭାଷା ପ୍ରତି ହେଉଥିବା ଅବହେଳା କିଯତ୍ ପରିମାଣରେ ଲାଘବ ହେଲା । ଓଡିଆ ଠିକଣା ଲେଖା ଥିବା ଚିଠି ଗୁଡିକ ଡାକ ବିଭାଗରେ ଗୃହିତ ହୋଇ ଯଥା ସମୟରେ ସେଗୁଡିକ ପ୍ରାପକଙ୍କୁ ପ୍ରାପ୍ତ ହେଲା । କୋର୍ଟ କଚେରୀରେ ସମନ ଓ ନୋଟିସ୍ ଇତ୍ୟାଦି ମଧ୍ୟ ଓଡିଆରେ ଲେଖା ହେଲା ।

ସେହିବର୍ଷ ପ୍ରାକୃତିକ ଓଡିଶାର କେତେକ ରାଜା, ମହାରାଜା ତଥା ବିଶିଷ୍ଟ ବ୍ୟକ୍ତିମାନେ 'ଗଞ୍ଜାମ ସମ୍ମିଳନୀ' ରେ ଯୋଗ ଦେଇଥିଲେ । ସେହି ସମ୍ମିଳନୀରେ ଗଞ୍ଜାମ, ବିଶେଷତଃ ସମଗ୍ର ଓଡିଶା ଓ ଜୟପୁର ଜମିଦାରୀ ସମେତ ସବୁଠାରେ ଓଡିଆଙ୍କର ଶିକ୍ଷା, ସରକାରୀ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିବାରେ ପ୍ରତିରୋଧ, ବାଣିଜ୍ୟ ଓ ସାମାଜିକ କ୍ଷେତ୍ରରେ ଯେଉଁସବୁ ଅସୁବିଧା ଘଟୁଛି, ସରକାର ଓଡିଆ ମାନଙ୍କ ପ୍ରତି ଯେପରି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି, ତାହା ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ଉତ୍କଳ ଜନନୀର ଖଣ୍ଡ ବିଖଣ୍ଡିତ ଶରୀର କଥା ସମସ୍ତଙ୍କ ଆଖି ଆଗରେ ନାଚି ଉଠିଥିଲା । ସେତେବେଳେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ ସମ ସ୍ୱରରେ ଧ୍ୱନି ଉଠିଥିଲା "ଜୟ ଉତ୍କଳର ଜୟ" ।

ସେହି ସମ୍ମିଳନୀରେ ପ୍ରାକୃତିକ ଓଡିଶାର ସବୁ ଅଞ୍ଚଳର ପ୍ରତିନିଧି ଯୋଗ ଦେଇ ଥିବାରୁ ତାକୁ 'ଉତ୍କଳ ସମ୍ମିଳନୀ' ନାମରେ ନାମିତ କରି ତାର ପ୍ରଥମ ଅଧିବେଶନ ବ୍ରହ୍ମପୁରଠାରେ ହେଉ ବୋଲି ମଧୁବାବୁ ପ୍ରସ୍ତାବ ଦେଲେ । ପ୍ରସ୍ତାବଟି ସର୍ବ ସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା । ସେହି ସମ୍ମିଳନୀରେ ଗଞ୍ଜାମର ଗଦାଧର ବିଦ୍ୟାଭୂଷଣ, ସଦାଶିବ ବିଦ୍ୟାଭୂଷଣ, ହରିହର ପଣ୍ଡା, ଶ୍ରୀବତ୍ସ ପଣ୍ଡା, ନରସିଂହ ଦାସ, ଶଶିଭୂଷଣ ରଥ, ବିଶ୍ୱନାଥ ଦାସ ପ୍ରଭୃତି ଯୋଗ ଦେଇଥିଲେ ।

ରମ୍ଭାଠାରେ ଯେଉଁଠାରେ ପ୍ରଥମ "ଗଞ୍ଜାମ ସମ୍ମିଳନୀ" ଅନୁଷ୍ଠିତ ହୋଇଥିଲା ତାହା ରମ୍ଭା ରାଜପ୍ରାସାଦ ସମ୍ମୁଖରେ ଏବେ ମଧ୍ୟ ଅବସ୍ଥିତ । ତାହା ଏକ ପୁଣ୍ୟପୀଠ ହୋଇଅଛି ।

ବ୍ରହ୍ମପୁରଠାରେ ସମ୍ମିଳନୀ ହେବା ଦିନ ଯେତିକି ନିକଟ ହୋଇ ଆସୁଥିଲା, ଅବହେଳିତ ଗଞ୍ଜାମବାସୀଙ୍କର ଆକାଂକ୍ଷା ଓ ଉତ୍ସାହ ସେତିକି ବୃଦ୍ଧି ପାଇବାରେ ଲାଗିଲା ।

୧୯୦୩ ମସିହାରେ ପାରଳାଖେମୁଣ୍ଡି ନିବାସୀ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ସମ୍ମିଳନୀ

ଅନୁଷ୍ଠିତ ହୋଇଥିଲା । ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । କଟକରୁ ମଧୁସୂଦନ ଦାସ, ବାଗ୍ମୀ ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଶଶିଭୂଷଣ ରାୟ, ରଘୁନାଥ ରାଓ, ପୁରୀରୁ ଗୋପବନ୍ଧୁ ଦାସ, ମୁକ୍ତାର ରାମଚନ୍ଦ୍ରଦାସ, ବାଲେଶ୍ୱରରୁ ଫକୀର ମୋହନ ସେନାପତି, ସମ୍ବଲପୁରରୁ ଚନ୍ଦ୍ରଶେଖର ବେହେରା ପ୍ରଭୃତି ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇ ଥିଲା । ସମ୍ମିଳନୀ ପାଇଁ ଗଞ୍ଜାମବାସୀଙ୍କର ଉତ୍ସାହ ଓ ଉଦ୍ଦୀପନା ଅବର୍ଣ୍ଣନୀୟ ।

ଏହି ସମ୍ମିଳନୀରେ ବ୍ରହ୍ମପୁରର ଦଶ ପନ୍ଦର ମାଇଲ ଦୂରରୁ ଓ ବିଶେଷତଃ ଗଞ୍ଜାମର ସମସ୍ତ ଅଞ୍ଚଳରୁ ଲୋକେ ଆସି ଯୋଗ ଦେଇଥିଲେ । ଜନସମାଗମ ଓ ଲୋକଙ୍କ ଉତ୍ସାହର ତୁଳନା ନଥିଲା । ଯେଉଁମାନେ ଏହି ସମ୍ମିଳନୀକୁ ସ୍ୱଚକ୍ଷୁରେ ଦେଖିଛନ୍ତି ସେମାନେ କହନ୍ତି ଏପରି ବିରାଟ ଶୋଭାଯାତ୍ରା ଓ ସମ୍ମିଳନୀ ବ୍ରହ୍ମପୁରରେ କେବେ ହୋଇନଥିଲା ।

ମଧୁବାବୁ ତାଙ୍କ ଓଜସ୍ୱିନୀ ଭାଷଣରେ କହିଥିଲେ - ''ଦେଶମିଶ୍ରଣ,'' ଓଡ଼ିଆ ଜାତି ପକ୍ଷରେ ଗୁରୁତର ସମସ୍ୟା । ଓଡ଼ିଆମାନେ କେତେବେଳେ ବଙ୍ଗଳା, କେତେବେଳେ ମାନ୍ଦ୍ରାଜ, କେତେବେଳେ ବିହାର ଏବଂ କେତେ ବେଳେ ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ରହି ତାଙ୍କର ଭାଷା ଓ ଓ ସତ୍ତା ହରାଇଲେଣି, ଓଡ଼ିଆଙ୍କ ଗୁହାରି କେହି ଶୁଣୁନାହାନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆମାନଙ୍କ ସଂଖ୍ୟା ଅଳ୍ପ ତେଣୁ ଓଡ଼ିଆମାନେ ଏକଶାସନାଧୀନ ହେବା ନିତାନ୍ତ ଜରୁରୀ, ମାନ୍ଦ୍ରାଜ ସରକାର ଅଧୀନରେ ଥିବା ଓଡ଼ିଆ ଅଞ୍ଚଳରେ ଓଡ଼ିଆଭାଷା କିପରି ଅବହେଳିତ ହେଉଛନ୍ତି ତାର ଭୁରି ଭୁରି ପ୍ରମାଣ ମଧୁବାବୁ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ । ଦେଶ ମିଶ୍ରଣ ବିନା ଏସବୁର ଅନ୍ୟ ସମାଧାନ ନାହିଁ ବୋଲି ସେ ଦର୍ଶାଇଥିଲେ । ଗଞ୍ଜାମ ସମ୍ମିଳନୀ, ଉତ୍କଳ ସମ୍ମିଳନୀର ଜନ୍ମଦାତ୍ରୀ ହେଲା ବୋଲି ସେ ଦ୍ୱନ୍ଦ୍ୱନିର୍ଘୋଷରେ ପ୍ରକାଶ କରିଥିଲେ ।

ଗଞ୍ଜାମ ସମ୍ମିଳନୀ ସଫଳତା ପାଇଁ ସ୍ୱନାମଧନ୍ୟ ସଂସ୍କାରକ ଶ୍ରୀବତ୍ସ ପଣ୍ଡା, ନରସିଂହ ଦାସ, ହରିହର ସଡଙ୍ଗୀ, ଚକ୍ରପାଣି ପ୍ରଧାନ, ହରିହର ପଣ୍ଡା, ପଣ୍ଡିତ ବିଶ୍ୱନାଥ ମିଶ୍ର ପ୍ରଭୃତି ଆପ୍ରାଣ ଉଦ୍ୟମ କରିଥିଲେ ।

ଋଷିକୋଣ୍ଡା ଅଧୁନା ଭଞ୍ଜନଗର ନିକଟ ଧୁଆଁଳିଆ ଗ୍ରାମର ହରିହର ସଡଙ୍ଗୀ ବହୁ ଅଭାବ ଅନାଟନ ସତ୍ତ୍ୱେ ଓଡ଼ିଆ ଆନ୍ଦୋଳନରେ ମନପ୍ରାଣ ଦେଇ ଲାଗି ପଡ଼ିଥିଲେ । ସେ ଅଭିନବ ଉପାୟରେ ଗଞ୍ଜାମର ଗାଁ ଗାଁରେ ବୁଲି ଦେଶ ମିଶ୍ରଣ କଥା ପ୍ରଚାର କରୁଥିଲେ । ''ଆମେ ଦେଶ ମିଶ୍ରଣ ଚାହୁଁ'' ବୋଲି ଗୋଟିଏ ପଟାରେ ଲେଖି ନିଜର ପିଠିରେ ଝୁଲାଇ ପ୍ରଚାର କରୁଥିଲେ । ଆସ୍କାର ହରିହର ପଣ୍ଡା ଗଞ୍ଜାମର ପ୍ରଥମ ଓକିଲ ଥିଲେ । ସେ ଅନବରତ ଦେଶ ମିଶ୍ରଣ କାର୍ଯ୍ୟରେ ଲାଗିପଡ଼ିଥିଲେ । ଅଣ ଓଡ଼ିଆଙ୍କ ହାତରୁ ଓଡ଼ିଆ ସ୍ୱାର୍ଥକୁ ରକ୍ଷା କରିବା ନିମନ୍ତେ ସେ 'ଓଡ଼ିଆ ସମାଜ' ସ୍ଥାପନ କରିଥିଲେ । ସେ ଦେଶ ମିଶ୍ରଣର ଜଣେ ମୁଖ୍ୟ କର୍ମୀ ଥିଲେ । କାନକୁଟୁରୁ ଗ୍ରାମର ନରସିଂହ ଦାସ ସରକାରୀ କର୍ମଚାରୀ ଥିବା ସତ୍ତ୍ୱେ ଦେଶମିଶ୍ରଣ କାର୍ଯ୍ୟରେ ମନପ୍ରାଣ ଦେଇ କାର୍ଯ୍ୟ କରୁଥିଲେ । ୧୯୦୬ ମସିହାରେ ବ୍ରହ୍ମପୁରଠାରେ କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ଷଷ୍ଠଅଧିବେଶନରେ ବଡ଼ଖେମୁଣ୍ଡି ରାଜା କୃପାମୟ ଦେବ, ନରସିଂହ ଦାସ ଯଥାକ୍ରମେ ଅଭ୍ୟର୍ଥନା ସମିତିର ସଭାପତି ଓ ସଂପାଦକ ହୋଇ ସମ୍ମିଳନୀକୁ ସଫଳ କରାଇଥିଲେ ।

ଚକରଦ୍ୱାର ଶ୍ରୀବତ୍ସ ପଣ୍ଡା ଜଣେ ଉଗ୍ରସଂସ୍କାରକ । ଦେଶମିଶ୍ରଣ ପାଇଁ ବିଭିନ୍ନ ପ୍ରବନ୍ଧ ଓ କବିତା ଲେଖି ତାଙ୍କ ସଂପାଦନାରେ ପ୍ରକାଶ ପାଉଥିବା ସଂସ୍କାର ପତ୍ରିକାରେ ପ୍ରକାଶ କରି ଓଡ଼ିଆ ଜାତିକୁ ଉତ୍ତେଜିତ କରୁଥିଲେ । ସେ ଘୁମୁସରର ପ୍ରଥମ ଗ୍ରାଜୁଏଟ ହୋଇଥିଲେ । ସେ ଗଞ୍ଜାମ କଲେକ୍ଟର ଅଫିସରେ କିରାଣୀ କାର୍ଯ୍ୟ କରୁଥିଲେ । ତା ପରେ ସବରେଜିଷ୍ଟ୍ରାର ହୋଇଥିଲେ । ତେଲୁଗୁ କର୍ମଚାରୀଙ୍କ କ୍ରୂର ଦୃଷ୍ଟିରେ ସେ ଚାକିରିରୁ ଇସ୍ତଫା ଦେଇ ଗଞ୍ଜାମ କଂଗ୍ରେସ କମିଟିର ସଭାପତି ହୋଇଥିଲେ ।

ଭଞ୍ଜନଗର ନିକଟ ଛେଦାବୁଈଁ ଗ୍ରାମର ଚକ୍ରପାଣିପ୍ରଧାନ ଘୁମୁସରର ଦ୍ୱିତୀୟ ଗ୍ରାଜୁଏଟ ହୋଇ ସ୍କୁଲ ବିଭାଗରେ ଡେପୁଟି ଇନ୍ସପେକ୍ଟର ହୋଇଥିଲେ । ତାଙ୍କ ସମୟରେ ତେଲୁଗୁମାନଙ୍କର ଶାସନ କ୍ଷେତ୍ରରେ ବିଶେଷ ପ୍ରଭାବ ଥିଲା । ଯଦି ଜଣେ ଓଡ଼ିଆ ଉଚ୍ଚ ଶିକ୍ଷା ପାଇ ବାହାରିଲା ତା ପ୍ରତି ତେଲୁଗୁମାନଙ୍କର ବଡ଼ ତାଚ୍ଛଲ୍ୟ ଭାବପ୍ରକାଶ ପାଉଥିଲା । ତେଲୁଗୁମାନେ ଓଡ଼ିଆମାନଙ୍କୁ ନାନା ଭାବରେ ଶୋଷଣ କରୁଥିଲେ । ଓଡ଼ିଆଙ୍କ ଭିତରେ କେହି ଶିକ୍ଷିତ ବାହାରୁ ସେମାନେ ଚାହୁଁନଥିଲେ । କେହି ଯଦି ଶିକ୍ଷିତ ହୋଇ ବାହାରିଲେ ତାଙ୍କୁ ଏପରି ଭାବରେ ହଇରାଣ ହରକତ କରୁଥିଲେ ଯେ ସେ ପଦୋନ୍ନତି ଯେପରି ନପାଇବ ଏବଂ ଚାକିରି ଛାଡ଼ି ଦେଇ ଚାଲିଯିବ ସେପରି ବ୍ୟବସ୍ଥା କରୁଥିଲେ । ଚକ୍ରପାଣି ପ୍ରଧାନଙ୍କୁ ଚାକିରିକାଳ ମଧ୍ୟରେ ବହୁ ନିର୍ଯ୍ୟାତନା' ସହ୍ୟ କରିବାକୁ ହୋଇଛି । ସେଥି ପାଇଁ ସେ ସର୍ବଦା ବଡ଼ ଚିନ୍ତିତ ଥିଲେ ଏବଂ ମନସ୍ତାପ ଭୋଗ କରୁଥିଲେ । ଓଡ଼ିଆଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ତାଙ୍କ ଅନ୍ତର କାନ୍ଦି ଉଠୁଥିଲା । ସ୍ୱନାମ ଧନ୍ୟ ନେତା ନିରଞ୍ଜନ ପଟ୍ଟନାୟକଙ୍କ ସହିତ ମିଶି "The Oriya Movement" ନାମରେ ୩୫୦ ପୃଷ୍ଠାର ଗୋଟିଏ ଉପାଦେୟ ଇଂରେଜୀ ବହି ସେ ଲେଖି ଥିଲେ । ବହିଟି ମଧୁବାବୁଙ୍କ ଆର୍ଥିକ ସହାୟତାରେ ୧୯୧୯ ମସିହାରେ ପ୍ରକାଶ ପାଇଥିଲା । ଏଥିରେ ୧୯୧୭ ମସିହା ପର୍ଯ୍ୟନ୍ତ ଦେଶ ମିଶ୍ରଣ ବିଷୟରେ ଘଟିଥିବା ବହୁ ଘଟଣା ସ୍ଥାନ ପାଇଛି । ଏହା ଓଡ଼ିଆ ଆନ୍ଦୋଳନର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ସମଗ୍ର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳର ଚିତ୍ର, ଓଡ଼ିଶାର ସ୍ଥିତି, ପୂର୍ବ ଗୌରବ

ଏକଶାସନାଧୀନ ହେବା ଦାବୀ ସ୍ଥାନ ପାଇଛି । ୧୯୩୧ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଯେତେବେଳେ ଯୋଗଦେଇଥିଲେ, ସେତେବେଳେ ଟେବୁଲ ଉପରେ 'ଓଡ଼ିଆ ମୁଭମେଣ୍ଟ' ବହିଟି ଉପସ୍ଥାପିତ କରିଥିଲେ । ଇଂରେଜ କର୍ମକର୍ତ୍ତାମାନେ ବହିଟି ପାଠକରି ଓଡ଼ିଶାର ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କରିଥିଲେ ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଓଡ଼ିଶା ଆସିଥିଲେ । ଯୁବକ ନିରଞ୍ଜନ ପଟ୍ଟନାୟକ କଟକଠାରେ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ । ମହାତ୍ମାଗାନ୍ଧୀ ଓଡ଼ିଆ ମୁଭମେଣ୍ଟ ବହିଟି ପୂର୍ବରୁ ପଢ଼ି ଉକ୍ତ ମତ ପୋଷଣ କରିଥିଲେ । ସେହି ବହିର ରଚୟିତା ନିରଞ୍ଜନ ପଟ୍ଟନାୟକଙ୍କୁ ଦେଖି ଗାନ୍ଧିଜୀ ବିସ୍ମିତ ହୋଇଥିଲେ । ସେତେବେଳକୁ ନିରଞ୍ଜନଙ୍କ ବୟସ ୨୫ ବର୍ଷ । ଏତେ କମ୍ ବୟସରେ ଜଣେ ଯୁବକ ଏପରି ଗଭୀର ଗବେଷଣାତ୍ମକ ଗ୍ରନ୍ଥ ରଚନା କରି ପାରିଥିବା ଯୋଗୁଁ ଗାନ୍ଧିଜୀ ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ଦେଶପାଇଁ ନିରଞ୍ଜନଙ୍କ ଠାରୁ ବହୁତ କିଛି ଆଶାକରି ଥିଲେ ।

୧୯୧୩ ମସିହାରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମାତ୍ର ୨୧ ବର୍ଷ ବୟସରେ ପାରଳାଖେମୁଣ୍ଡି ରାଜ୍ୟର ରାଜା ରୂପେ ଗାଦିନସୀନ ହୋଇଥିଲେ । ୧୯୧୪ ମସିହା ଡିସେମ୍ବର ୨୬ ତାରିଖରେ ପାରଳାଖେମୁଣ୍ଡିଠାରେ ଜୟପୁର ମହାରାଜ ବିକ୍ରମ ଦେବ ବର୍ମାଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉଦ୍ୟୋକ୍ତା ଭାବରେ ପାରଳାଖେମୁଣ୍ଡି ମହାରାଜା ସମସ୍ତ ଖର୍ଚ୍ଚ ବହନ କରି ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ସେ ଉତ୍କଳ ସମ୍ମିଳନୀର ଖର୍ଚ୍ଚ ପାଇଁ ଏକ ଲକ୍ଷଟଙ୍କା ଦାନ କରିଥିଲେ । ଏଥିରୁ ତାଙ୍କର ଦେଶ ପ୍ରୀତି ଓ ଜାତୀୟ ମମତା ସହଜରେ ଜଣାପଡ଼େ ।

ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ଦାସ ତଥା ପାରଳାଖେମୁଣ୍ଡି, ଖଲିକୋଟ ଓ ଜୟପୁର ପ୍ରଭୃତିର ସ୍ୱଦେଶ ପ୍ରେମୀ ରାଜାମାନେ ଉତ୍ସର୍ଗୀକୃତ ଉଦ୍ୟମ କରିନଥିଲେ ୧୯୩୬ ମସିହା ଏପ୍ରିଲ ପହିଲାଦିନ ଆଜିର ଏହି ଓଡ଼ିଶା ରାଜ୍ୟ ଗଠିତ ହୋଇ ପାରିନଥାନ୍ତା । ଏହି ସ୍ୱନାମ ଧନ୍ୟ ମହାପୁରୁଷଗଣ ଓଡ଼ିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ।

ସ୍ୱାଧୀନତା ସଂଗ୍ରାମୀ,
ଉଜ୍ଜ୍ୱଳନଗର (ଗଞ୍ଜାମ)

★★★

ଏହି ଯେ ଉତ୍କଳ ପୁଣ୍ୟ ଦେବସ୍ଥଳୀ
ହୋଇଛନ୍ତି ଠୁଳ ଯହିଁ ତୀର୍ଥାବଳୀ
ତା ମଧ୍ୟେ ବିରାଜେ ପୁଣ୍ୟ ନୀଳାଚଳ
ଭାରତର ଧର୍ମ ହୃଦ-ଶତଦଳ ।

- ଉତ୍କଳମଣି ଗୋପବନ୍ଧୁ

# ପୁରାଭିଲେଖରେ ଓଡ଼ିଶାର କେତେକ ପ୍ରାଚୀନ ବୌଦ୍ଧ ବିହାର

ଡଃ ସ୍ନିଗ୍ଧା ତ୍ରିପାଠୀ

କେନ୍ଦ୍ରୀୟ ତଥା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରଚେଷ୍ଟାରେ ନିକଟ ଅତୀତରେ ଓଡ଼ିଶାର କେତେକ ସ୍ଥାନରେ ସର୍ବେକ୍ଷଣ ଏବଂ ପ୍ରତ୍ନଖନନ କରାଯାଇ ବହୁ ବୌଦ୍ଧ ବିହାରର ଅବଶେଷ ଆବିଷ୍କାର କରାଯାଇଛି । ଏଥି ମଧ୍ୟରୁ କେତେକ ସ୍ଥାନରେ ପୁରାଭିଲେଖମାନ ଆବିଷ୍କାର ହେବା ଦ୍ୱାରା କୌଣସି କୌଣସି ବିହାରର ପ୍ରାଚୀନତା ତଥା ସେଗୁଡ଼ିକର ନାମ ମଧ୍ୟ ଜାଣିବା ସମ୍ଭବ ହୋଇଛି । ପ୍ରାଚୀନ ସାହିତ୍ୟିକ ଉପକରଣ ତଥା ବିଦେଶୀ ପରିବ୍ରାଜକମାନଙ୍କ ତାତ୍କାଳୀନ ଭାରତ ଭ୍ରମଣ ସମ୍ବନ୍ଧୀୟ ବିବରଣୀରୁ ଓଡ଼ିଶାର କିଛି କିଛି ବୌଦ୍ଧ ବିହାରର ନାମ ଜାଣିବାକୁ ମିଳେ । ଏହାଛଡ଼ା, ଓଡ଼ିଶାର ପୁରାଭିଲେଖମାନଙ୍କରେ ଏ ଅଞ୍ଚଳର ବହୁ ବିହାରର ନାମ ଜାଣିବାକୁ ମିଳିଛି । କିନ୍ତୁ ସେଗୁଡ଼ିକର ବର୍ତ୍ତମାନ ଅବସ୍ଥିତି ସମ୍ପର୍କୀୟ କୌଣସି ସର୍ବେକ୍ଷଣ କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇନାହିଁ । ପୁରାଭିଲେଖ ଏବଂ ଏପର୍ଯ୍ୟନ୍ତ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ ଅବଶେଷ ସମୂହ ଅନୁସନ୍ଧାନରୁ ଜଣାପଡ଼େ, ହିନ୍ଦୁ-ବ୍ରାହ୍ମଣ୍ୟ ମଠ-ମନ୍ଦିର ତୁଳନାରେ ବୌଦ୍ଧ ଧର୍ମୀୟ କୀର୍ତ୍ତିରାଜି ସଂଖ୍ୟାରେ କିଛି କମ୍ ନ ଥିଲା । ତେବେ, ଉଲ୍ଲେଖନୀୟ ବିଷୟ ହେଲା, ବୌଦ୍ଧ ଧର୍ମର ପତନୋନ୍ମୁଖ ଅବସ୍ଥାରେ, ଅନ୍ତତଃ ଖ୍ରୀଷ୍ଟୀୟ ପ୍ରାୟ ନବମ-ଦଶମ ଶତାବ୍ଦୀଠାରୁ ବହୁ ବୌଦ୍ଧ ସ୍ଥାପତ୍ୟ କୀର୍ତ୍ତି ବ୍ରାହ୍ମଣ୍ୟ କୀର୍ତ୍ତିରେ ରୂପାନ୍ତରିତ ହେବାକୁ ଆରମ୍ଭ କରିଥିଲା । ଏହା ଅବଶ୍ୟ, ଓଡ଼ିଶାର ଧର୍ମନୈତିକ ଇତିହାସ ପୁନରୁଦ୍ଧାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ହୋଇପାରେ । ଆଲୋଚ୍ୟ ପ୍ରବନ୍ଧଟିରେ, ପୁରାଭିଲେଖରେ ଉଲ୍ଲେଖିତ କେତେକ ପ୍ରାଚୀନ ବୌଦ୍ଧବିହାର ଏବଂ ସେମାନଙ୍କ ବର୍ତ୍ତମାନ ଅବସ୍ଥିତି ସମ୍ପର୍କରେ ଏକ ସମ୍ୟକ୍ ଧାରଣାର ଉପସ୍ଥାପନା କରାଯାଇଛି ।

ମହାଯାନିକ ବୌଦ୍ଧଧର୍ମର ଅଭ୍ୟୁତ୍‌ଥାନ ସଙ୍ଗେ ସଙ୍ଗେ ଭଗବାନ ବୁଦ୍ଧଙ୍କ ବିଭିନ୍ନ ମୂର୍ତ୍ତି ତଥା ଅବଲୋକିତେଶ୍ୱର, ତାରା ଆଦି ନାନା ଦେବଦେବୀଙ୍କ ମୂର୍ତ୍ତି ସୃଷ୍ଟି ହୋଇ, ବ୍ରାହ୍ମଣ୍ୟ ଧର୍ମ ଅନୁକରଣରେ ସେମାନଙ୍କ ପୂଜା ପ୍ରଚଳନ ମହାଯାନିକ ବୌଦ୍ଧଧର୍ମର ଅନ୍ୟତମ ବୈଶିଷ୍ଟ୍ୟ । ବୁଦ୍ଧ, ବୋଧିସତ୍ତ୍ୱ ତଥା ଅନ୍ୟାନ୍ୟ ମହାଯାନିକ ଦେବଦେବୀଙ୍କର ଦେବାୟତନ, ଚୈତ୍ୟଗୃହ, ଭିକ୍ଷୁସଂଘ ପାଇଁ ସଂଘାରାମ ବା ବିହାର, ଖ୍ରୀଷ୍ଟୀୟ ପ୍ରାୟ ୩ୟ-୪ର୍ଥ ଶତାବ୍ଦୀରୁ ଓଡ଼ିଶାର କେତେକ ଅଞ୍ଚଳରେ ଗଢ଼ି ଉଠିଥିଲା ଏବଂ ଖ୍ରୀଷ୍ଟୀୟ ପ୍ରାୟ ୫ମ-୬ଷ୍ଠ ଶତାବ୍ଦୀ ବେଳକୁ ନାନା ସ୍ଥାନରେ ବିଶେଷ ଭାବରେ ସମୃଦ୍ଧି ଲାଭ କରିସାରିଥିଲା । ତେବେ ପର୍ଯ୍ୟାପ୍ତ ସର୍ବେକ୍ଷଣ ତଥା ପ୍ରତ୍ନଖନନ ଅଭାବରେ ଏପର୍ଯ୍ୟନ୍ତ ବହୁ ଅଞ୍ଚଳର ବୌଦ୍ଧକୀର୍ତ୍ତିରାଜିର ଅବସ୍ଥିତି ଓ ପ୍ରାଚୀନତା କେବଳ ଅନୁମାନ ଉପରେ ପର୍ଯ୍ୟବସିତ ।

ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅନ୍ତର୍ଗତ ଜୟରାମପୁର ଗ୍ରାମରୁ ଆବିଷ୍କୃତ ଖ୍ରୀଷ୍ଟୀୟ ପ୍ରାୟ ୬ଷ୍ଠ ଶତାବ୍ଦୀର ଏକ ତାମ୍ରଶାସନରେ ବୋଧିପଦ୍ରକ ମହାବିହାରର ଉଲ୍ଲେଖ ମିଳେ । ତାମ୍ରଶାସନଟି ମହାରାଜାଧିରାଜ ଗୋପଚନ୍ଦ୍ରଙ୍କ ରାଜତ୍ୱ କାଳରେ ତାଙ୍କ ଅଧୀନସ୍ଥ ସାମନ୍ତରାଜା ମହାରାଜ ଅଚ୍ୟୁତଙ୍କ ଦ୍ୱାରା ଉକ୍ତ ମହାବିହାରକୁ ପ୍ରଦାନ କରାଯାଇଥିଲା । ଉତ୍ତର ବାଲେଶ୍ୱର ତଥା ଦଣ୍ଡଭୁକ୍ତି ଅର୍ଥାତ୍ ପଶ୍ଚିମ ବଙ୍ଗର ମେଦିନୀପୁର ଜିଲ୍ଲାର ରୂପନାରାୟଣ ନଦୀ ପର୍ଯ୍ୟନ୍ତ ମହାରାଜା ଅଚ୍ୟୁତଙ୍କ ଶାସନାଧୀନ ଥିଲା । ବୋଧିପଦ୍ରକ ମହାବିହାରରେ ଅଧିଷ୍ଠିତ ଆର୍ଯ୍ୟ ଅବଲୋକିତେଶ୍ୱରଙ୍କ ଯଥାରୀତି ବଳି, ଚରୁ, ଗନ୍ଧ, ପୁଷ୍ପ, ପ୍ରଦୀପ ଇତ୍ୟାଦି ସହଯୋଗେ ପୂଜା ପ୍ରବର୍ତ୍ତନ, ମହାଯାନିକ ବୌଦ୍ଧ ଭିକ୍ଷୁ ସଂଘ ପାଇଁ ଯଥାଯୋଗ୍ୟ ଶୟନାସନ, ଚୀବର, ହବିଷ୍ୟ, ଔଷଧ ଇତ୍ୟାଦି ସମସ୍ତ ପ୍ରକାର ସୁବିଧା ଯୋଗାଣ ତଥା ଉକ୍ତ ମହାବିହାର ମଧ୍ୟରେ ଆଉ ଏକ ବିହାର ବା ସଂଘାରାମ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଶ୍ୱେତବାଲ୍ଲିକା ନାମରେ ଏକ ଗ୍ରାମଦାନ ଉକ୍ତ ତାମ୍ରଶାସନର ମୁଖ୍ୟ ବିଷୟ ବସ୍ତୁ । ଖ୍ରୀଷ୍ଟୀୟ ୫ମ-୬ଷ୍ଠ ଶତାବ୍ଦୀ ବେଳକୁ ଓଡ଼ିଶାର ବୌଦ୍ଧବିହାରମାନଙ୍କରେ ବିଭିନ୍ନ ମହାଯାନିକ ଦେବ-ଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା ସଙ୍ଗେ ସଙ୍ଗେ ବ୍ରାହ୍ମଣ୍ୟ ରୀତିନୀତି ଅନୁକରଣରେ ପୂଜାର ପ୍ରଚଳନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଏ ଏହି ତାମ୍ରଶାସନଟି । ପରବର୍ତ୍ତୀକାଳର ଅଭିଲେଖରେ ଏହିପରି ଅନେକ ଦୃଷ୍ଟାନ୍ତ ରହିଛି । ପ୍ରଦତ୍ତ ଗ୍ରାମ ତଥା ବୋଧିପଦ୍ରକ ମହାବିହାରର ସୀମା ବର୍ଣ୍ଣନାରୁ ମନେ ହୁଏ, ଉକ୍ତ ମହାବିହାରଟି ସମୁଦ୍ରର ଅତି ନିକଟରେ ଥିଲା । ସମୁଦ୍ରକୂଳବର୍ତ୍ତୀ ଉପରୋକ୍ତ ଭୋଗରାଇ ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ହେଲେ ବୋଧିପଦ୍ରକ ମହାବିହାରର ଅବଶେଷ ମିଳିବାର ଯଥେଷ୍ଟ ସମ୍ଭାବନା ଅଛି । ତେବେ ସମୁଦ୍ରତୀରବର୍ତ୍ତୀ ଥିବା ହେତୁ ସମୁଦ୍ରଗର୍ଭରେ ଚିରଦିନ ପାଇଁ ଲୀନ ହୋଇଯାଇଥିବା ମଧ୍ୟ ଅସମ୍ଭବ ନୁହେଁ ।

ଓଡ଼ିଶାର ଅନ୍ୟତମ ସର୍ବପ୍ରାଚୀନ ଏବଂ ବହୁବିତର୍କିତ ବୌଦ୍ଧବିହାର ପୁଷ୍ପଗିରି ବିହାରର ସର୍ବପ୍ରଥମେ ଉଲ୍ଲେଖ ମିଳେ ଖ୍ରୀଷ୍ଟୀୟ

୩ୟ ଶତାବ୍ଦୀର ପ୍ରାକୃତ ଭାଷାରେ ଉତ୍କୀର୍ଣ୍ଣ ଏକ ଶିଳାଲେଖରୁ । ଆନ୍ଧ୍ରପ୍ରଦେଶର କୃଷ୍ଣା ନଦୀ ଉପତ୍ୟକାରେ ଅବସ୍ଥିତ ନାଗାର୍ଜ୍ଜୁନୀକୋଣ୍ଡାରେ ଭାରତର ଅନ୍ୟତମ ପ୍ରାଚୀନ ବୌଦ୍ଧକୀର୍ତ୍ତିର ଅବଶେଷ ମଧ୍ୟରୁ ଉକ୍ତ ଶିଳାଲେଖଟି ଆବିଷ୍କୃତ ହୋଇଥିଲା । ଏଥିରେ ଉଲ୍ଲେଖ ଅଛି, ଦାକ୍ଷିଣାତ୍ୟର ଇକ୍ଷ୍ୱାକୁ ରାଜବଂଶୀୟ ଶାସକ ବୀରପୁରୁଷଦତ୍ତଙ୍କ ଚତୁର୍ଦ୍ଦଶ ରାଜତ୍ୱ ବର୍ଷରେ ସିଂହଳ ଦେଶୀୟ ବୌଦ୍ଧ ଉପାସିକା ବୋଧିଶ୍ରୀ, ଆତ୍ମୀୟ-ସ୍ୱଜନଙ୍କ କଲ୍ୟାଣାର୍ଥେ ନାନା ବୌଦ୍ଧଧର୍ମୀୟ କେନ୍ଦ୍ରରେ ଚୈତ୍ୟଗୃହ, ସ୍ତମ୍ଭ, ମଣ୍ଡପ, ଭିକ୍ଷୁସଂଘ ପାଇଁ ଗୁମ୍ଫା, ପୁଷ୍କରିଣୀ, ବୋଧିବୃକ୍ଷ ସହ ବେଦିକା ଇତ୍ୟାଦି ନିର୍ମାଣ କରାଇଥିଲେ । କୁଳହ ବିହାର, ସିଂହଳ ବିହାର, ମହାଧର୍ମଗିରି, ଦେବଗିରି, କଣ୍ଟକଶୈଳ, ପୂର୍ବଶୈଳ ଇତ୍ୟାଦି ବିହାରଗୁଡିକର ନାମ ସହିତ ପୁଷ୍ପଗିରିର ନାମ ଏହି ଶିଳାଲେଖରେ ଉଲ୍ଲେଖିତ । ବୋଧିଶ୍ରୀ ପୁଷ୍ପଗିରିଠାରେ ଏକ ପ୍ରସ୍ତର ମଣ୍ଡପ ନିର୍ମାଣ କରାଇଥିଲେ । ଉକ୍ତ ବୌଦ୍ଧଧର୍ମୀୟ କେନ୍ଦ୍ର ସମୂହ ଦାକ୍ଷିଣାତ୍ୟର ନାନା ସ୍ଥାନରେ ବିଦ୍ୟମାନ ଥିବାର ଅନୁମାନ କରାଯାଏ । ନାଗାର୍ଜ୍ଜୁନୀକୋଣ୍ଡା, ଅମରାବତୀ, ଜଗୟପେଟା, ଗୁଣ୍ଟୁପଲ୍ଲୀ ଇତ୍ୟାଦି ଏବଂ ଆହୁରି ଅନେକ ବୌଦ୍ଧକୀର୍ତ୍ତିରାଜି ବର୍ତ୍ତମାନ ଆନ୍ଧ୍ରପ୍ରଦେଶର କୃଷ୍ଣା, ଗୋଦାବରୀ, ବଂଶଧାରା ଆଦି ନଦୀ ଉପତ୍ୟକାରେ ଆବିଷ୍କୃତ ହୋଇଛି । ଅତି ପ୍ରାଚୀନ କାଳରୁ ଏସବୁ କେନ୍ଦ୍ର ସମୃଦ୍ଧି ଲାଭ କରିଥିଲା । ଖ୍ରୀଷ୍ଟପୂର୍ବାବ୍ଦକାଳୀନ ବହୁ ଉତ୍କୀର୍ଣ୍ଣଲେଖ ଏସବୁ ସ୍ଥାନରୁ ମିଳିଛି ।

ତେବେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ପ୍ରଖ୍ୟାତ ଚୈନିକ ପରିବ୍ରାଜକ ହ୍ୟୁଏନସାଂ ଭାରତ ପରିଭ୍ରମଣ ସମୟରେ ଉପରୋକ୍ତ ଅଞ୍ଚଳର ବହୁ ବୌଦ୍ଧ କେନ୍ଦ୍ର ପତନୋନ୍ମୁଖ ଅବସ୍ଥାରେ ଦେଖିଥିବା ତାଙ୍କ ବିବରଣୀରେ ଲିପିବଦ୍ଧ କରିଯାଇଛନ୍ତି । କିନ୍ତୁ ଉ-ଚା ଅର୍ଥାତ ଓଡ୍ର ବା ଉତ୍କଳ ଦେଶର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ପୁଷ୍ପଗିରି ବିହାରର ସେ ଉଚ୍ଚ ପ୍ରଶଂସା କରିଯାଇଛନ୍ତି । ମନେ ହୁଏ, ଅନ୍ତତଃ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ପୁଷ୍ପଗିରି ମହାବିହାରର ଖ୍ୟାତି ଦେଶର ନାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ଥିଲା । କିନ୍ତୁ ଉପରୋକ୍ତ ନାଗାର୍ଜ୍ଜୁନୀକୋଣ୍ଡାର ଅଭିଲେଖ ତଥା ହ୍ୟୁଏନସାଂ ବର୍ଣ୍ଣିତ ପୁଷ୍ପଗିରି ବିହାରର ଅବସ୍ଥିତି ନେଇ ଐତିହାସିକଙ୍କ ବିତର୍କର ସୀମା ନାହିଁ । ହ୍ୟୁଏନସାଂଙ୍କ ବିବରଣୀ ଆଧାର କରି ଏପର୍ଯ୍ୟନ୍ତ ବିଶ୍ୱାସ କରାଯାଏ ଯେ ଉ-ଚା ବା ଓଡ୍ର ଦେଶରେ ହିଁ ପୁଷ୍ପଗିରିବିହାର ଗଢି ଉଠିଥିଲା । ଓଡ୍ରଦେଶର ଦକ୍ଷିଣ-ପଶ୍ଚିମରେ କହିବାର ଅର୍ଥ ନୁହେଁ ଯେ, ଓଡ୍ରଦେଶରେ ହିଁ ପୁଷ୍ପଗିରିର ଅବସ୍ଥିତି ଥିଲା । ତେଣୁ, ଓଡ୍ର ଅର୍ଥାତ୍ କଟକ, ପୁରୀ ବା ବାଲେଶ୍ୱର ଅଞ୍ଚଳରେ ଉକ୍ତ ବିହାରର ସନ୍ଧାନ ନକରି ଓଡ଼ିଶାର ଦକ୍ଷିଣାଞ୍ଚଳରେ ଅନୁସନ୍ଧାନ ଚଳାଇଲେ ଏହାର ଅବଶେଷ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି । ଏପରି କହିବାର ତାତ୍ପର୍ଯ୍ୟ ରହିଛି । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର କଳିଙ୍ଗନଗର-ଗଙ୍ଗାବଂଶୀୟ ଦେବେନ୍ଦ୍ରବର୍ମାଙ୍କ ଏକ ତାମ୍ରଶାସନରେ ଏ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ରହିଛି । ଦେବେନ୍ଦ୍ରବର୍ମା ଗଙ୍ଗାବ୍ଦ ୧୮୪ (=ଖ୍ରୀ:ଅ: ୬୮୨-୮୩) ସମୟରେ ଗୁରୁ ପତଙ୍ଗ ଶିବାଚାର୍ଯ୍ୟ ଏବଂ ଯାଗେଶ୍ୱର-ଭଟ୍ଟାରକ ନାମରେ ଶିବଙ୍କ ମନ୍ଦିରକୁ ପୁଷ୍ପଗିରି-ପାଞ୍ଚାଳୀ ଅନ୍ତର୍ଭୁକ୍ତ ହାତୁବକ ନାମରେ ଏକ ଗ୍ରାମଦାନ କରିଥିଲେ । ତାମ୍ରଶାସନଟି ୧୯୧୭ ମସିହାରେ ଆଧୁନିକ ଗଜପତି ଜିଲ୍ଲାର ଗୁରାଣ୍ଡି ନିକଟସ୍ଥ ଆଡ଼ବା ଗ୍ରାମରେ ଧର୍ମଲିଙ୍ଗେଶ୍ୱର ଶିବ ମନ୍ଦିର ବେଢ଼ା ମଧ୍ୟରୁ ମାଟି ତଳୁ ଆବିଷ୍କୃତ ହୋଇଥିଲା । ବର୍ତ୍ତମାନ ଏହା ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଏବଂ ବିଭିନ୍ନ ଗବେଷଣା ମୂଳକ ପତ୍ରିକାରେ ପ୍ରକାଶିତ । ପ୍ରଦତ୍ତ ହାତୁବକ ଗ୍ରାମଟି ଆଧୁନିକ ଆଡ଼ବା ଗ୍ରାମ ସହିତ ଚିହ୍ନିତ କରାଯାଏ । ଜିଲ୍ଲା ବା ଜିଲ୍ଲାର ଅଂଶ ବିଶେଷକୁ 'ପାଞ୍ଚାଳୀ' 'ବିଷୟ' ଇତ୍ୟାଦି କୁହାଯାଉଥିବା ପୁରାଭିଲେଖରୁ ଜଣାଯାଏ । ଆହୁରି ମଧ୍ୟ, କୌଣସି ବିଖ୍ୟାତ ଆଞ୍ଚଳିକ ପାହାଡ଼, ପର୍ବତ କିମ୍ବା ନଦୀର ନାମାନୁସାରେ ପାଞ୍ଚାଳୀ ବା ବିଷୟ ଅର୍ଥାତ୍ ଜିଲ୍ଲାର ନାମକରଣର ଅଜସ୍ର ଦୃଷ୍ଟାନ୍ତ ଆମ ପୁରାଭିଲେଖଗୁଡ଼ିକରେ ରହିଛି । ଉଦାହରଣ ସ୍ୱରୂପ, ଗଞ୍ଜାମ ଜିଲ୍ଲାର କୋଦଳା ଅଞ୍ଚଳରେ ଅବସ୍ଥିତ କୃଷ୍ଣଗିରି ପାହାଡ଼ର ଆଖ ପାଖ ଅଞ୍ଚଳକୁ ନେଇ ଖ୍ରୀଷ୍ଟୀୟ ୫ମ-୬ଷ୍ଠ ଶତାବ୍ଦୀରେ କୃଷ୍ଣଗିରି-ବିଷୟ ଗଠିତ ହୋଇଥିଲା । ସେହିପରି ପାରଳାଖେମୁଣ୍ଡି ଅଞ୍ଚଳରେ ମହେନ୍ଦ୍ରଗିରିର ନାମାନୁସାରେ ଖ୍ରୀଷ୍ଟୀୟ ପ୍ରାୟ ୪ର୍ଥ-୫ମ ଶତାବ୍ଦୀରୁ ମହେନ୍ଦ୍ର ଭୋଗ ବା ମହେନ୍ଦ୍ରଗିରି-ବିଷୟର ନାମ ପୁରାଭିଲେଖରେ ମିଳେ । କହିବା ବାହୁଲ୍ୟ ଏହିସବୁ ଅଞ୍ଚଳରେ ଅସଂଖ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି । ତେଣୁ, ପୁଷ୍ପଗିରିର ଆଖପାଖ ଅଞ୍ଚଳକୁ ନେଇ ପୁଷ୍ପଗିରି-ପାଞ୍ଚାଳୀ ଗଢ଼ି ଉଠିଥିବା କିଛି ଆଶ୍ଚର୍ଯ୍ୟର କଥା ନୁହେଁ । ପାରଳାଖେମୁଣ୍ଡି ଅନ୍ତର୍ଗତ ଗୁରାଣ୍ଡି ତଥା ଅଧୁନା ଆନ୍ଧ୍ରପ୍ରଦେଶ ଅନ୍ତର୍ଭୁକ୍ତ ଟେକ୍କଳି ଓ ତନ୍ନିକଟବର୍ତ୍ତୀ ଅଞ୍ଚଳ ସମୂହର ସର୍ବେକ୍ଷଣ ହେଲେ ପୁଷ୍ପଗିରି ବିହାରର ସନ୍ଧାନ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ।

କଟକ ଜିଲ୍ଲାର ଲଳିତଗିରି ଓ ଉଦୟଗିରିଠାରେ ଆବିଷ୍କୃତ ବୌଦ୍ଧଧର୍ମୀୟ କୀର୍ତ୍ତିରାଜି, ଅନେକ ଦିନ ଧରି ଐତିହାସିକମାନଙ୍କ ମନରେ ପୁଷ୍ପଗିରି ବିହାରର ଭ୍ରମ ସୃଷ୍ଟି କରିଥିଲା । କିନ୍ତୁ ନିକଟ ଅତୀତରେ ଏହି ଦୁଇ ସ୍ଥାନରେ ପ୍ରତ୍ନଖନନ ଫଳରେ ଦୁଇଟି ଯାକ ବୌଦ୍ଧ ବିହାରର ସମ୍ପୂର୍ଣ୍ଣ ଭିନ୍ନ ନାମ ଉଦ୍ଘାଟିତ ହୋଇଛି । ବିଭିନ୍ନ ମହାଯାନିକ ଭିକ୍ଷୁସଂଘୀୟ ପୋଡ଼ାମାଟିର ସିଲ୍ ଉଭୟ ସ୍ଥାନରୁ ଆବିଷ୍କାର ହେବା ଦ୍ୱାରା, ଉଦୟଗିରିଠାରେ ମାଧବପୁର ମହାବିହାର ଏବଂ ଲଳିତଗିରିଠାରେ ଚନ୍ଦ୍ରାଦିତ୍ୟ ବିହାରର ଅବସ୍ଥିତି ଜଣା ପଡ଼ିଛି । ମାଧବପୁର ମହାବିହାରର ଅବସ୍ଥିତି ଖ୍ରୀଷ୍ଟୀୟ ପ୍ରାୟ ୮ମ ଶତାବ୍ଦୀରୁ ଥିବାବେଳେ ଚନ୍ଦ୍ରାଦିତ୍ୟ ବିହାରର ଅବସ୍ଥିତି ପ୍ରାୟ ୫ମ ଶତାବ୍ଦୀରୁ ଥିବା ଏଠାରୁ ମିଳିଥିବା ସଂଘୀୟ ସିଲରେ ବ୍ୟବହୃତ ଲିପିରୁ ଅନୁମିତ ହୁଏ । ତେବେ ଲଳିତଗିରି ସ୍ତୂପ ଏବଂ ଚୈତ୍ୟ ଆହୁରି ପ୍ରାଚୀନ ମନେ ହୁଏ, ଏଠାରୁ ଆବିଷ୍କୃତ ବୁଦ୍ଧ କିମ୍ବା ତାଙ୍କ ପ୍ରଧାନ ଶିଷ୍ୟଙ୍କର ସଯତ୍ନ 'ରକ୍ଷିତ ଦେହାବଶେଷ ଏବଂ ଖ୍ରୀଷ୍ଟୀୟ ପ୍ରାୟ ୨ୟ ଶତାବ୍ଦୀର ପ୍ରଚଳିତ ବ୍ରାହ୍ମୀ ଲିପିରେ ଉତ୍କୀର୍ଣ୍ଣ ଅଭିଲେଖରୁ ।

ବୌଦ୍ଧ ଭିକ୍ଷୁସଂଘୀୟ ପୋଡ଼ାମାଟିର ବହୁ ସଂଖ୍ୟକ ସିଲ୍ ରତ୍ନଗିରିର ବୌଦ୍ଧାବଶେଷରୁ ମଧ୍ୟ ପ୍ରତ୍ନଖନନ ଦ୍ୱାରା ଆବିଷ୍କୃତ ହୋଇଥିଲା । ଏଗୁଡ଼ିକରୁ ରତ୍ନଗିରି ମହାବିହାରର ପରିଚୟ ମିଳେ । ଏହି ବୌଦ୍ଧକେନ୍ଦ୍ରଗୁଡ଼ିକରେ ମହାଯାନିକ ଅନୁଷ୍ଠାନ ସବୁ ଖ୍ରୀଷ୍ଟୀୟ ପ୍ରାୟ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଅବ୍ୟାହତ ଥିଲା ।

ଓଡ଼ିଶାର ଭୌମକର ରାଜବଂଶ (ଖ୍ରୀ:ଅ: ୮ମ-୧୦ମ ଶତାବ୍ଦୀ) ର ପ୍ରଥମ କେତେଜଣ ଶାସକ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏବଂ ପରମସୌଗତ, ପରମତଥାଗତ ଆଦି ଧାର୍ମିକ ଉପାଧିରେ ଭୂଷିତ ହୋଇଥିଲେ । ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା ସଙ୍ଗେ ସଙ୍ଗେ ବିଭିନ୍ନ ବୌଦ୍ଧଭିକ୍ଷୁ ସଂଘ ପାଇଁ ବିହାର ତଥା ମହାଯାନିକ ଦେବ-ଦେବୀଙ୍କ ପାଇଁ ଚୈତ୍ୟ ଗୃହ, ଦେବାୟତନ ନିର୍ମାଣ ସେମାନଙ୍କ ଅଭିଲେଖରୁ ସୂଚନା ମିଳେ । ଏହି ରାଜବଂଶର ପରବର୍ତ୍ତୀ ଶାସକମାନେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ହୋଇ ମଧ୍ୟ ମହାଯାନିକ ବୌଦ୍ଧଧର୍ମର ପୃଷ୍ଠପୋଷକତା କରୁଥିବା ସେମାନଙ୍କ ଅଭିଲେଖଗୁଡ଼ିକ ସାକ୍ଷ୍ୟ ଦିଏ । ଏ ବଂଶର ଶିବକର ଦେବ ୪ର୍ଥଙ୍କ ଭୌମାବ୍ଦ ୧୪୯ (=ଖ୍ରୀ:ଅ: ୮୮୫-୮୬) ସମୟରେ ପ୍ରଦତ୍ତ ଦୁଇଟି ତାମ୍ରଶାସନରେ 'ଜୟାଶ୍ରମ ବିହାର'ର ଉଲ୍ଲେଖ ଅଛି । ଶିବକରଙ୍କ ଶାସନାଧୀନ ତୁଙ୍ଗ ବଂଶୀୟ ସାମନ୍ତରାଜା ବିନୀତତୁଙ୍ଗଙ୍କ ରାଜ୍ୟାନ୍ତର୍ଗତ ଥିଲା ଉକ୍ତ ଜୟାଶ୍ରମ ବିହାର । ତୁଙ୍ଗମାନଙ୍କ ରାଜ୍ୟ ଅନୁଗୁଳ-ତାଳଚେରର ବ୍ରାହ୍ମଣୀ ନଦୀର ଉଭୟ ତୀରବର୍ତ୍ତୀ ଅଞ୍ଚଳରେ ବିସ୍ତୃତ ଥିଲା । ଜୟାଶ୍ରମ ବିହାର ତାଳଚେର-ପାଲଲହଡ଼ା ଅଞ୍ଚଳର କୌଣସି ଏକ ସ୍ଥାନରେ ଥିବା ଅନୁମାନ କରାଯାଏ । ଉକ୍ତ ବିହାର ମଧ୍ୟରେ ଥିବା ବୁଦ୍ଧ-ଭଟ୍ଟାରକଙ୍କ ମନ୍ଦିର ବା ଆୟତନରେ ଅଧିଷ୍ଠିତ ବୁଦ୍ଧଙ୍କ ପୂଜା ପାଇଁ ବଳି ଚରୁ, ନୈବେଦ୍ୟ, ଧୂପ, ଦୀପ ଇତ୍ୟାଦି ପ୍ରବର୍ତ୍ତନାର୍ଥେ ଦୁଇଟି ଗ୍ରାମଦାନ ଉକ୍ତ ଅଭିଲେଖ ଦୁଇଟିର ମୁଖ୍ୟ ବିଷୟ । ଗ୍ରାମ ଦୁଇଟିରୁ ଆଦାୟ ହେଉଥିବା ରାଜସ୍ୱ କେତେକ ଅଂଶରେ ବିଭକ୍ତ କରାଯାଇ, ଏକ ଭାଗ ଉକ୍ତ ବୁଦ୍ଧ-ଭଟ୍ଟାରକଙ୍କ ସେବା-ପୂଜା ପାଇଁ ଉଦ୍ଦିଷ୍ଟ ହୋଇଥିଲା । ଅନ୍ୟ ଏକ ଭାଗ ଉକ୍ତ ବିହାରରେ ବାସ କରୁଥିବା ଭିକ୍ଷୁ-ଭିକ୍ଷୁଣୀମାନଙ୍କ ଗ୍ରାସାଚ୍ଛାଦନ, ଶୟନାସନ, ଔଷଧ ଇତ୍ୟାଦି ବ୍ୟୟ ବହନ ପାଇଁ, ଆଉ ଏକ ଭାଗ ବିହାରସ୍ଥ ସମସ୍ତ ଦେବାୟତନର, ଯଥା ସମୟରେ ସଂସ୍କାର ଅର୍ଥାତ୍ ମରାମତି କାର୍ଯ୍ୟ ପାଇଁ ତଥା ଆଉ ଏକ ଭାଗ ଦେବାୟତନର ପୂଜକ ତଥା ତାଙ୍କର ସନ୍ତାନସନ୍ତତିଙ୍କୁ ବଂଶାନୁକ୍ରମେ ବେତନ-ଭତ୍ତା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା । ତାଳଚେର-ଅନୁଗୁଳ ଅଞ୍ଚଳରେ ସର୍ବେକ୍ଷଣ ହେଲେ ଜୟାଶ୍ରମ ବିହାରର ଅବଶେଷ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ।

ତେବେ, ଖ୍ରୀଷ୍ଟୀୟ ପ୍ରାୟ ୧୦ମ-୧୧ଶ ଶତାବ୍ଦୀଠାରୁ ବହୁ ବୌଦ୍ଧଧର୍ମୀୟ କେନ୍ଦ୍ର ବଜ୍ରଯାନ ତଥା ତାନ୍ତ୍ରିକ ପ୍ରଭାବରେ ଶୈବ ଓ ଶାକ୍ତ କେନ୍ଦ୍ରରେ ପରିଣତ ହୋଇଥିବା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ପୁରାଭିଲେଖରୁ ଏପରି ଅବସ୍ଥାର ମଧ୍ୟ ସୂଚନା ମିଳେ । ଓଡ଼ିଶାର ସର୍ବପ୍ରାଚୀନ ବୌଦ୍ଧକୀର୍ତ୍ତିର କେନ୍ଦ୍ର ଭୁବନେଶ୍ୱରସ୍ଥ ଧଉଳୀଠାରେ, ଖ୍ରୀଷ୍ଟୀୟ ପ୍ରାୟ ନବମ ଶତାବ୍ଦୀର ବ୍ରାହ୍ମଣ୍ୟ କୀର୍ତ୍ତିର ଉଲ୍ଲେଖ ଏଠାରେ ଏକ ଶିଳାଲେଖରୁ ମିଳିଛି । ଭୌମକର ରାଜବଂଶୀୟ ଶାନ୍ତିକର (୧ମ)ଙ୍କ ଶାସନକାଳରେ, ଭୌମାବ୍ଦ ୯୩ (=ଖ୍ରୀ:ଅ: ୮୨୯-୩୦) ସମୟରେ ବୈଦ୍ୟ ନନ୍ନଟଙ୍କ ପୁତ୍ର ଭୀମଟ ବିରଜାକ୍ଷେତ୍ରରୁ ଆସି, ରଜ୍ଜ ଲୋଯୋମକ ନାମରେ ଜଣେ ବ୍ରାହ୍ମଣଙ୍କ ସହିତ ମିଳିତ ଉଦ୍ୟମରେ ଧଉଳୀଠାରେ ଏକ ମଠ ସ୍ଥାପନ କରିଥିଲେ । ମଠଟିର ନାମ ଅର୍ଘ୍ୟକାବରାଟି ।

ସୋଲଣପୁର ନାମରେ ଆଉ ଏକ ମହାଯାନିକ ବୌଦ୍ଧମହାବିହାରର ଉଲ୍ଲେଖ ମିଳେ, ସୋମବଂଶୀ ଶେଷ ସ୍ୱାଧୀନ ରାଜା କର୍ଣ୍ଣଦେବଙ୍କ ରତ୍ନଗିରି ଅଞ୍ଚଳରୁ ପ୍ରାପ୍ତ ଏକ ତାମ୍ରଶାସନରୁ । ଏହି ସୋଲଣପୁର ଗ୍ରାମଟିର ଜନ୍ମ ଇତିହାସ ଭୌମକର ଶାସନକାଳୀନ ଅଭିଲେଖରେ ରହିଛି । ଯାଜପୁର ଜିଲ୍ଲାର ନେଉଳପୁର ଗ୍ରାମରୁ ଆବିଷ୍କୃତ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀର ଭୌମକର ଶାସକ ଶୁଭାକର ୨ୟଙ୍କ ତାମ୍ରଶାସନରେ ଉକ୍ତ ସୋଲଣପୁର ଗ୍ରାମର ଭିତ୍ତିସ୍ଥାପନର ଇତିହାସ ଉତ୍କୀର୍ଣ୍ଣ ହୋଇଛି । ଏହାଙ୍କ ରାଜତ୍ୱରେ ଦୁଇଟି ଗ୍ରାମକୁ ଏକତ୍ର କରି ଗ୍ରାମର ନୂତନ ନାମ ସୋଲଣପୁର ରଖାଯାଇଥିଲା ଏବଂ ୨୦୪ ଜଣ କୁଳୀନ, ଶାସ୍ତ୍ରଜ୍ଞ ବ୍ରାହ୍ମଣଙ୍କୁ ଆମନ୍ତ୍ରଣ କ୍ରମେ ସେଠାରେ ଭୂମିଦାନ ପୂର୍ବକ ଏକ ସୁବୃହତ୍ ବ୍ରାହ୍ମଣ ଶାସନରେ ପରିଣତ କରାଯାଇଥିଲା । ପରବର୍ତ୍ତୀକାଳରେ ଏହି ଗ୍ରାମରେ ହିଁ ଏକ ବୌଦ୍ଧ ମହାବିହାର ପ୍ରତିଷ୍ଠା ଲାଭ କରି ସୋଲଣପୁର ମହାବିହାର ରୂପେ ପରିଚିତ ହୋଇଥିଲା । ଏହି ଅଞ୍ଚଳରୁ ଆସିଥିବା ମାହାରୀ ଅର୍ଥାତ୍ ଦେବଦାସୀ କନ୍ୟା କର୍ପୂର ଶ୍ରୀଙ୍କୁ ସୋମବଂଶୀ ଶେଷ ରାଜା କର୍ଣ୍ଣଦେବ ବିବାହ କରି ରାଣୀ ଉପାଧିରେ ଭୂଷିତ କରିଥିଲେ । ଯାଜପୁର ନିକଟବର୍ତ୍ତୀ ଏବଂ ବୈତରଣୀ ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ ସୋଲଣପୁର ଗ୍ରାମରେ ଉକ୍ତ ସୋଲଣପୁର ମହାବିହାର ସମୃଦ୍ଧି ଲାଭ କରିଥିବା ଐତିହାସିକମାନେ ଅନୁମାନ କରନ୍ତି । ଏହି ସ୍ଥାନରୁ ମଧ୍ୟ ଅଜସ୍ର ପ୍ରତ୍ନକୀର୍ତ୍ତିର ଅବଶେଷ ମିଳିଛି । ତେବେ ଉପଯୁକ୍ତ ସର୍ବେକ୍ଷଣ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କିଛିଦିନ ପୂର୍ବେ, ଯାଜପୁର ଜିଲ୍ଲାର ଧର୍ମଶାଳା ନିକଟବର୍ତ୍ତୀ ଲାଙ୍ଗୁଡ଼ି, କାଏମ, ବେଉଲି, ବ୍ରହ୍ମଗିରି ଇତ୍ୟାଦି ଅନେକଗୁଡ଼ିଏ ସ୍ଥାନରେ ଥିବା ପାହାଡ଼ମାନଙ୍କରେ ପ୍ରଚୁର ବୌଦ୍ଧାବଶେଷର ସନ୍ଧାନ ମିଳିଛି । ଏଠାରେ ଉଲ୍ଲେଖ୍ୟ, ଧର୍ମଶାଳା ଅଞ୍ଚଳରୁ ଅନେକ ମହାଯାନିକ ବୌଦ୍ଧମୂର୍ତ୍ତି ପୂର୍ବେ ସଂଗୃହୀତ ହୋଇ ଭୁବନେଶ୍ୱରସ୍ଥ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ । ଉପରୋକ୍ତ ଭୌମକର ଶାସକ ଶୁଭାକର ୨ୟଙ୍କ ତାମ୍ରଶାସନଟିର ପ୍ରାପ୍ତିସ୍ଥାନ ନେଉଳପୁର ମଧ୍ୟ ଏହି ପାହାଡ଼ ଗୁଡ଼ିକର ଅତି ନିକଟରେ ଅବସ୍ଥିତ । ଏସବୁ ସ୍ଥାନରେ ଯଥେଷ୍ଟ ପ୍ରତ୍ନଖନନ ହେଲେ ସୋଲଣପୁର ମହାବିହାର ସହ ଅନ୍ୟ କେତେକ ବୌଦ୍ଧ ବିହାରର ଅବସ୍ଥିତି ଜଣା ପଡ଼ିବ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର - ୧୪

# ଉତ୍କଳ ସମ୍ମିଳନୀ ଓ ଜଗବନ୍ଧୁ ସିଂହ

ଶ୍ରୀ ସଦାଶିବ ମିଶ୍ର

ଭାରତବର୍ଷକୁ ଇଂରେଜ ଶାସନ କବଳରୁ ମୁକ୍ତ କରିବା ପାଇଁ ୧୮୮୫ ମସିହାରେ ଗଠିତ ହୋଇଥିଲା ଭାରତୀୟ ଜାତୀୟ କଂଗ୍ରେସ । ଏହାର ମାତ୍ର ଦୁଇବର୍ଷ ପରେ ୧୮୮୭ ମସିହାରେ ବଙ୍ଗଳାର ସୁରେନ୍ଦ୍ରନାଥ ବାନାର୍ଜୀ ବେଙ୍ଗଲ ନେସ୍‌ନାଲ କନଫେରେନ୍‌ସ ନାମରେ ଗୋଟିଏ ରାଜନୈତିକ ଅନୁଷ୍ଠାନ କରିଥିଲେ । ବଙ୍ଗ ପ୍ରଦେଶର ବିଭିନ୍ନ ସମସ୍ୟାଗୁଡିକର ପର୍ଯ୍ୟାଲୋଚନା କରି ସେସବୁର ଦୂରୀକରଣ କରିବା ଏହି ଅନୁଷ୍ଠାନର ଏକମାତ୍ର ଲକ୍ଷ୍ୟ ଥିଲା । ସେହି ସମୟରୁ ମଧୁବାବୁ ଓଡିଶାରେ ସେହିପରି ଏକ ଅନୁଷ୍ଠାନ ଗଢ଼ିବାକୁ ମନେ ମନେ ସ୍ଥିର କରିଥିଲେ ।

ଓଡିଶା ବିଭିନ୍ନ ବାହାରର ତିନି-ତିନିଟା ଅଲଗା ଶାସନ ଅଧୀନରେ ଯେଉଁସବୁ ବିଚ୍ଛିନ୍ନ ଓଡିଆ ଭାଷାଭାଷୀ ଅଞ୍ଚଳ ରହିଥିଲା, ସେଗୁଡିକୁ ଏକତ୍ର କରି ଗୋଟିଏ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ଲାଗି ରିସ୍‌ଲେ ରିପୋର୍ଟରେ ଭାରତ ସରକାରଙ୍କର ଯେଉଁ ସିଦ୍ଧାନ୍ତ ନିଆଯାଉଥିଲା, ତାକୁ କାର୍ଯ୍ୟକାରୀ କରିବାରେ ଏକ ଯଥାର୍ଥ ଓ ପ୍ରତିନିଧି ମୂଳକ ଅନୁଷ୍ଠାନର ଆବଶ୍ୟକତା ଦେଖା ଦେଇଥିଲା । ୧୯୦୩ ମସିହାରେ ପାରଳାଖେମୁଣ୍ଡିର ପ୍ରଥମ ଗ୍ରାଜୁଏଟ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ଗଞ୍ଜାମର କେତେ ଜଣ ବିଶିଷ୍ଟ ବ୍ୟକ୍ତି ରମ୍ଭାଠାରେ ଗୋଟିଏ ସଭା ଡାକି ଉତ୍କଳର ଏକତ୍ରୀକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାକୁ ମଧୁବାବୁଙ୍କୁ ବିଶେଷ ଭାବରେ ନିମନ୍ତ୍ରଣ କରାଯାଇଥିଲା । ସେହି ସଭାରେ ମଧୁବାବୁଙ୍କ ପ୍ରସ୍ତାବ ଓ ଅନ୍ୟମାନଙ୍କର ଅନୁମୋଦନକ୍ରମେ ଜନ୍ମ ନେଲା ଉତ୍କଳ ୟୁନିଅନ କନଫରେନ୍‌ସ ବା 'ଉତ୍କଳ ସମ୍ମିଳନୀ' । ୧୯୦୩ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖ ଦୁଇଦିନ ଧରି କଟକଠାରେ ଉତ୍କଳ ସମ୍ମିଳନୀର ଯେଉଁ ପ୍ରଥମ ଅଧିବେଶନ ବସିଥିଲା, ସେଥିରେ ସାରା ଓଡିଶାର ରାଜା ରାଜୁଡାଙ୍କଠାରୁ ଆରମ୍ଭ କରି ସାଧାରଣ ଚାଷୀ ମୂଲିଆ ପର୍ଯ୍ୟନ୍ତ, ଏପରିକି ଓଡିଶା ବାହାରୁ ଓଡିଆ ଭାଷାଭାଷୀ ଅଞ୍ଚଳର ଲୋକମାନେ ମଧ୍ୟ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ । ଓଡିଶା ବାହାରୁ ମୋଟ ୩୩୫ ଜଣ ପ୍ରତିନିଧି ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ଦେଇଥିଲେ ।

ଉତ୍କଳ ସମ୍ମିଳନୀ ସହ ଯେଉଁ କେତେଜଣ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ ସ୍ୱାଧୀନ ଓଡ଼ିଶା ଗଠନ ପାଇଁ ଆନ୍ଦୋଳନକୁ ଆଗେଇ ନେଇଥିଲେ, ସେମାନଙ୍କ ମଧ୍ୟରେ ଜଗବନ୍ଧୁ ସିଂହ ଅନ୍ୟତମ । ଜଗବନ୍ଧୁ ସିଂହ ପୁରୀଜିଲ୍ଲାର ନିମାପଡ଼ା ନିକଟସ୍ଥ ଭୁବନପୁର ଗ୍ରାମରେ ୧୮୭୬ ମସିହା ଫେବୃଆରୀ ୧୫ ତାରିଖରେ ଜନ୍ମ ନେଇଥିଲେ । ସେ ଏକାଧାରରେ ଥିଲେ ସାହିତ୍ୟିକ, ଐତିହାସିକ, ଗବେଷକ, ଆଇନଜୀବୀ, ସଂସ୍କାରକ, ବ୍ୟବସ୍ଥାପକ, ସମାଜ ସେବୀ । ତାଙ୍କ ରଚିତ 'ପ୍ରାଚୀନ ଉତ୍କଳ' ଉତ୍କଳ ସାରସ୍ୱତ ଭଣ୍ଡାରକୁ ଏକ ମହାନ ଅବଦାନ । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ, ହରିହରଙ୍କ ପରି ବରପୁତ୍ରମାନଙ୍କର ସେ ଥିଲେ ସମସାମୟିକ ।

ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓଙ୍କ ସହ ତାଙ୍କର ସମ୍ପର୍କ ଥିଲା । ବହୁମୁଖୀ କର୍ମ ପରିସର ମଧ୍ୟରେ ନିମଗ୍ନ ରହିଥିଲେ ମଧ୍ୟ ସାହିତ୍ୟ ସୃଷ୍ଟିକୁ ବାଦ ଦେଉନଥିଲେ । 'ମୁକୁର' ଓ ସତ୍ୟବାଦୀ ପତ୍ରିକାର ସେ ଜଣେ ନିୟମିତ ଲେଖକ ଥିଲେ ।

ଉତ୍କଳ ସମ୍ମିଳନୀ ସହିତ ସେ ଘନିଷ୍ଠ ଭାବରେ ଯୁକ୍ତ ହୋଇଥିଲେ । ପୁରୀରେ ୧୯୦୮, ୧୯୧୩ ଓ ୧୯୧୯ ରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅଭ୍ୟର୍ଥନା ସମିତିର ସଂପାଦକ ଭାବରେ ଦାୟିତ୍ୱ ନେଇ ସେ ଏଇ ତିନୋଟି ସମ୍ମିଳନୀକୁ ଗୌରବମଣ୍ଡିତ କରିଥିଲେ । ବିହାରର ସିଂହଭୂମ ଜିଲ୍ଲାର ଚକ୍ରଧରପୁରରେ ୧୯୨୦ ମସିହାରେ ଯେଉଁ ଉତ୍କଳ ସମ୍ମିଳନୀ ହୋଇଥିଲା, ସେଥିରେ ଜଗବନ୍ଧୁ ସଭାପତିତ୍ୱ କରିଥିଲେ । ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ ଉତ୍କଳ ସମ୍ମିଳନୀର ଏ ଅଧିବେଶନ ଥିଲା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ।

୧୯୦୬ ମସିହା ଡିସେମ୍ବର ୨୬ ଓ ୨୭ ତାରିଖ ଦୁଇଦିନ ଧରି ବ୍ରହ୍ମପୁରଠାରେ ଉତ୍କଳ ସମ୍ମିଳନୀର ୪ର୍ଥ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଜଗବନ୍ଧୁ ସିଂହ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେତେବେଳକୁ ତାଙ୍କର ବୟସ ମାତ୍ର ୩୦ ବର୍ଷ । ଏହି ସମ୍ମିଳନୀରେ ସଂସ୍କାରକ ଶ୍ରୀବତ୍ସ ପଣ୍ଡା - ସ୍ତ୍ରୀ ଶିକ୍ଷାର ସମୁନ୍ନତି ନିମନ୍ତେ ଉତ୍କଳର ଜିଲ୍ଲାମାନଙ୍କର ନାନା ସ୍ଥାନରେ ବାଳିକା ବିଦ୍ୟାଳୟ ସ୍ଥାପନ କରିବା ପାଇଁ ମତ ଦେଇଥିଲେ । ଏହି ପ୍ରସ୍ତାବକୁ ଜଗବନ୍ଧୁ ସିଂହ ଦୃଢ଼ ସମର୍ଥନ କରିଥିଲେ । ରାଜାସାହେବ ବଡଖେମୁଣ୍ଡି, ଦାମୋଦର ଦାସ ବାବାଜୀ ଓ ମିସ୍ ଡାଓସନ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ

ଓ ଏହି ପ୍ରସ୍ତାବଟି ସମ୍ମିଳନୀରେ ଗୃହୀତ ହୋଇଥିଲା । ଜଗବନ୍ଧୁ ସିଂହ ଏହି ସଭାରେ ''ସ୍ତ୍ରୀ-ଶିକ୍ଷା ସମ୍ପର୍କରେ କହିଥିଲେ; ସ୍ତ୍ରୀମାନେ ଶିକ୍ଷିତା ହେଲେ ସଂସାରର ତଥା ଉତ୍କଳ ସମାଜର ଯେ ଅସୀମ ମଙ୍ଗଳ ସାଧିତ ହେବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ସ୍ତ୍ରୀ-ଶିକ୍ଷା ଉପଯୋଗୀ କୌଣସି ପୁସ୍ତକ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଥିବା ପରି ମୋର ବିଶ୍ୱାସ ହେଉନାହିଁ । ଯେଉଁ ପୁସ୍ତକ ପାଠକଲେ ସ୍ତ୍ରୀ ଜାତି କିପରି ଉତ୍କୃଷ୍ଟ ଗୃହିଣୀ ହୋଇ ସଂସାରର କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବାର ସମର୍ଥ ହେବ, ଉତ୍ତମ ମାତା ହୋଇ ଶିଶୁ ସନ୍ତାନମାନଙ୍କର କୋମଳ ମତିକୁ ଉପଯୁକ୍ତ ରୀତିରେ ଗଠନ କରିପାରିବ, ତାହାର ପରିବାରର ଅନ୍ୟାନ୍ୟ ଯଥା : ଶାଶୁ, ଶ୍ୱଶୁର, ଦିଅର, ଝିଅ, ପୁଅ, ଝିଆରୀ, ପୁତୁରା ଓ ବୋହୂ ପ୍ରଭୃତିଙ୍କ ପ୍ରତି ଓ ନିଜ ମାତୃଭୂମି ପ୍ରତି ଆପଣାର କର୍ତ୍ତବ୍ୟ କ'ଣ ଉପଯୁକ୍ତମତେ ଶିକ୍ଷା କରିପାରିବ, ଗୃହିଣୀ ନାମର ସାର୍ଥକତା କରିପାରିବ ଏପରି ଶିକ୍ଷା ଲାଭ କରିପାରିବା ଭଳି କୌଣସି ପୁସ୍ତକ ଉତ୍କଳ ସାହିତ୍ୟରେ ଅଛି କି ?'' ସେ ଥିଲେ ଜଣେ କର୍ମଯୋଗୀ । କେବଳ ସ୍ତ୍ରୀ ଶିକ୍ଷାର ପ୍ରଚଳନ ପାଇଁ ସମର୍ଥନ ଜଣାଇ ନାହାନ୍ତି, ସ୍ତ୍ରୀ ଶିକ୍ଷା ସମ୍ପର୍କରେ ଉପଯୁକ୍ତ ପୁସ୍ତକ ନାହିଁ ବୋଲି ଆହ୍ୱାନ ଦେଇ ନାହାନ୍ତି, ତାହାକୁ ବାସ୍ତବରେ ରୂପାୟିତ କରିଥିଲେ 'ଗୃହଲକ୍ଷ୍ମୀ' ପୁସ୍ତକ ରଚନା କରି । ଗୃହଲକ୍ଷ୍ମୀ ପୁସ୍ତକରେ ସୁଦଶା ବ୍ରତ ସମ୍ପର୍କରେ କହିବାକୁ ଯାଇ ଜଗବନ୍ଧୁ ସିଂହ ଲେଖିଛନ୍ତି, ସୁଦଶା ବ୍ରତର ଦଶଟି ଗୁଣ - ସନ୍ତୋଷ, କ୍ଷମା, ସଂଯମ, ଅକ୍ରୋଧ, ଶୌଚ, ସତ୍ୟ, ଜ୍ଞାନ, ବିଦ୍ୟା, ସେବା ଓ ଦାନ - କଦାପି ଭୁଲିଯାଅନାହିଁ ।

ଜଗବନ୍ଧୁଙ୍କର ସାଧନାର କ୍ଷେତ୍ରଥିଲା ଶ୍ରୀକ୍ଷେତ୍ର ବା ପୁରୀ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ତାଙ୍କର ଉଦ୍ୟମ ଅଭିନନ୍ଦନୀୟ । ତାଙ୍କ ସମ୍ପର୍କରେ ପଣ୍ଡିତ ବାଉରୀବନ୍ଧୁ ମହାପାତ୍ର 'ଓଡ଼ିଆ ଆନ୍ଦୋଳନର ଇତିହାସ' ରେ ଉଲ୍ଲେଖ କରିଛନ୍ତି ଯେ ''ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନଠାରୁ ସେ ଏହାର ଏକ ସକ୍ରିୟ କର୍ମୀ ହିସାବରେ କାର୍ଯ୍ୟ ଆରମ୍ଭ କରି ୧୯୦୮ ରେ ପୁରୀ ସହରରେ ଆହୂତ ହୋଇଥିବା ଏହାର ପଞ୍ଚମ ଅଧିବେଶନର ସଂପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇ ଥିଲେ ।''

ଜଗବନ୍ଧୁ ସିଂହ ୧୯୨୪ ରୁ ୧୯୨୮ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାୟକ ସଭାର ସଭ୍ୟ ରୂପେ କାର୍ଯ୍ୟ କରିଥିଲେ । ୧୯୩୭ ମସିହାରେ ପୁରୀ ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

୧୯୦୪ ମସିହାରେ ଓକିଲାତି ପାସ୍‌କରି ସେ ପୁରୀରେ ନିଜର ଓକିଲାତି ଜୀବନ ଆରମ୍ଭ କରିଥିଲେ । ଜଗବନ୍ଧୁ ଥିଲେ ପୁରୀର ପ୍ରଥମ ଓଡ଼ିଆ ଓକିଲ ଓ ଖ୍ୟାତି ଲାଭ କରିଥିବା ଆଇନଜୀବୀ । ଜଗବନ୍ଧୁ ଥିଲେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟର ଜଣେ ପୃଷ୍ଠପୋଷକ ଓ କାର୍ଯ୍ୟନିର୍ବାହିକା ସମିତିର ସଭ୍ୟ । ସ୍ୱନାମଧନ୍ୟ ମୁକ୍ତାର ରାମଚନ୍ଦ୍ର ଦାସଙ୍କ ପ୍ରତିଷ୍ଠିତ ପୁରୀର ବ୍ରାହ୍ମଣ ସମିତିର ଆଜୀବନ ଟ୍ରଷ୍ଟି । ଗୋପବନ୍ଧୁ ମୃତ୍ୟୁ ପୂର୍ବରୁ ଯେଉଁ ଉଇଲ କରିଯାଇଥିଲେ ସେଥିରେ ସେ ମଧ୍ୟ ଜଗବନ୍ଧୁଙ୍କୁ ଜଣେ କର୍ମକର୍ତ୍ତା ଭାବରେ ନିଯୁକ୍ତ କରିଥିଲେ ।

ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କର ଦାନ ମଧ୍ୟ ଅତୁଳନୀୟ । ତାଙ୍କର ସୃଷ୍ଟି ମଧ୍ୟରେ ପ୍ରାଚୀନ ଉତ୍କଳ, ପ୍ରବନ୍ଧ ସାର ଶ୍ରୀକୃଷ୍ଣ, ଜ୍ୟୋତିଷାର୍ଣ୍ଣବ, ଭାରତ ଚରିତାମୃତ, ଗୃହଲକ୍ଷ୍ମୀ, କର୍ମ ଯୋଗ ବା ଗୀତା ରହସ୍ୟ, ପଞ୍ଚାମୃତ ସଂଗୀତ ରସନିଧି, ଯୋଗତତ୍ତ୍ୱ, ଗୀତା ରହସ୍ୟ, ନବାକ୍ଷରୀ ସରଳ ଗୀତା ଅନ୍ୟତମ ।

କର୍ଣ୍ଣାର୍ଜ୍ଜୁନ, ପାଣ୍ଡବ ଗୌରବ, ହରିଶ୍ଚନ୍ଦ୍ର, ନନ୍ଦୀ କେଶରୀ, ପ୍ରଭାସ ଯଜ୍ଞ, ଇନ୍ଦୁମତୀ, ବିଲ୍ୱମଙ୍ଗଳ, ପ୍ରବୀର ପ୍ରଭୃତି ଗୀତିନାଟ୍ୟ ଅପ୍ରକାଶିତ ।

ଏଭଳି ଏକ ପ୍ରଚଣ୍ଡ ପ୍ରତିଭାଧର ବ୍ୟକ୍ତିଙ୍କର ୭୨ ବର୍ଷର ଘଟଣା ବହୁଳ ଜୀବନର ଅବସାନ ଘଟିଥିଲା ୧୯୪୮ ମସିହା ମେ ମାସ୧୭ ତାରିଖରେ ପବିତ୍ର ନୀଳାଦ୍ରି ମହୋଦୟ ଦିବସରେ ପୁଣ୍ୟ କ୍ଷେତ୍ର ଶ୍ରୀକ୍ଷେତ୍ରରେ । ଓଡ଼ିଆ ଭାଷା-ସାହିତ୍ୟ, ସଂସ୍କୃତି-ଇତିହାସ, ସମାଜସେବା ଓ ଜାତୀୟ ଆନ୍ଦୋଳନର ଅନ୍ୟତମ ମହାରଥୀ ଆଜି ଯେ ଏକ ବିସ୍ମୃତ ପ୍ରତିଭା, ଭାବିଲେ ଦୁଃଖ ଆସେ । ମନେ ପଡେ ମଧୁବାବୁଙ୍କ କବିତାର ପଦଟିଏ

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ ଆଉ କେତେବେଳେ
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତୋର ମନେ

ମୁଖ୍ୟ ସଂପାଦକ 'ସୁଲେଖା'
ବିମାନ ବଡୁସାହି, ଚଟିଆପଡ଼ା ଲେନ୍,
ପୁରୀ-୭୫୨୦୦୧

★★★

# ଭଦ୍ରକର ମନ୍ଦିର ସ୍ଥାପତ୍ୟ ଓ ପ୍ରସିଦ୍ଧ ଦେବଦେବୀ

ଅଧ୍ୟାପକ ଶାନ୍ତନୁ କୁମାର ମହାନ୍ତି

**ଭ**ଦ୍ରକାଳୀ ପୀଠ ହେଉ କି ଭଦ୍ରଜନଙ୍କ ବାସସ୍ଥଳୀ ହେଉ କି ଉତ୍କଳୀୟ ଉଦାର ଭଦ୍ରଭାବର ପ୍ରତୀକ ହେଉ, ଓଡ଼ିଶାର ଇତିହାସ ଓ ସାଂସ୍କୃତିକ ପରମ୍ପରାର ପରିସର କଥା ଚିନ୍ତା କଲାବେଳେ ସ୍ୱତଃ ଭଦ୍ରକ ସ୍ମରଣୀୟ । ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ସବୁଜ ସୁନ୍ଦର କେନ୍ଦୁଝର, ଉତ୍ତରରେ ଶସ୍ୟଶ୍ୟାମଳା ବାଲେଶ୍ୱର ଏବଂ ଦକ୍ଷିଣରେ ପୁଣ୍ୟତୋୟା ବୈତରଣୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭଦ୍ରକର ଭୂଗୋଳ । ନଦୀ, ସାଗର, ବେଳାଭୂମି, ଶସ୍ୟକ୍ଷେତ୍ର ଏହାର ଏକାନ୍ତ ଅନ୍ତରଙ୍ଗ । ନୈସର୍ଗିକ ଏହାର ଲୁକ୍କାୟିତ ସୌନ୍ଦର୍ଯ୍ୟ । ଦେବଦେବୀ ଏହାର ଆଧ୍ୟାତ୍ମିକ । ସାମାଜିକ ଜନଜୀବନର ମୂକସାକ୍ଷୀ । ସେଇ ବେଳା । ସେଇ ଦେଉଳ । ସେଇ କୂଳ । ସେଇ ସଉଧ । ସେଇ ନଦୀ ନିର୍ଝର ମାଳିନୀ ଶ୍ୟାମଳ ସ୍ନିଗ୍ଧ ଉପତ୍ୟକା ଭଦ୍ରକ ଯାହାର ଉନ୍ନତ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନର ଗୌରବ ଗାଥା ଆଜିବି ବୈତରଣୀ, ସାଳନ୍ଦୀର ସାନ୍ଧ୍ୟ ସମୀରଣରେ ପ୍ରତିଭାତ ହୁଏ । କିନ୍ତୁ ସେ ଅତୀତ ଆଜି ଅନ୍ଧକାର ଗର୍ଭରେ । ଇତିହାସର କଣ୍ଠସ୍ୱର ଅସ୍ପଷ୍ଟ ।

ଭଦ୍ରକ ଅଞ୍ଚଳରେ 'ଉତ୍କଳଗଙ୍ଗା' ବୈତରଣୀସହ 'ଉତ୍କଳଯମୁନା' ସାଳନ୍ଦୀ ଓ 'ବ୍ରହ୍ମାଣ୍ଡପାବନୀ' ବ୍ରାହ୍ମଣୀର ପବିତ୍ର ସଙ୍ଗମ ଘଟିଅଛି । ମହାଭାରତ ଅନୁସାରେ ବୈତରଣୀ ନଦୀ କଳିଙ୍ଗର ଉତ୍ତରସୀମା । ତେଣୁ ପ୍ରାଚୀନ କଳିଙ୍ଗର ନଦୀ ଅବବାହିକାରେ ଗଢ଼ି ଉଠିଥିବା ସଭ୍ୟତା ଭଦ୍ରକ ବହୁ ଶତାବ୍ଦୀ ଧରି ଏକ ଐତିହାସିକ ପୀଠ ଥିଲା । କବିବର ରାଧାନାଥ ରାୟଙ୍କଠାରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱୀକାର କରିଯାଇଛନ୍ତି ଯେ ଭଦ୍ରକ ଏକ ଐତିହ୍ୟପୂତ ଅଞ୍ଚଳ ଏବଂ ସଂସ୍କୃତି ସଂପନ୍ନ ମାଟି । ଭଦ୍ରକ ଜିଲ୍ଲାରୁ ବହୁ ପ୍ରାଚୀନ କୀର୍ତ୍ତି ଓ ଶିଳାଲିପି ଉଦ୍ଧାର କରାଯାଇଛି । ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ତଥାପି ସରିନାହିଁ । ଭଦ୍ରକ ଜିଲ୍ଲାରେ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଆଦି ଧର୍ମଧାରଣାର କୀର୍ତ୍ତିରାଜି ପ୍ରତୀୟମାନ ହୁଏ । ଆଖଣ୍ଡଳମଣି ମନ୍ଦିର, ବିରଞ୍ଚିନାରାୟଣ ମନ୍ଦିର ଏବଂ ପାଟଣମଙ୍ଗଳା ମନ୍ଦିର ଏହି ଜିଲ୍ଲାର ସୁବର୍ଣ୍ଣ ତ୍ରିଭୁଜ ସଦୃଶ ଦଣ୍ଡାୟମାନ । ଭଦ୍ରକରେ ବହୁ ଦେବଦେବୀ ପୀଠ ରହିଛି । ରହିଛି ବି ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ପରିପୂର୍ଣ୍ଣ ସ୍ମାରକୀ । ବ୍ରାହ୍ମଣୀ, ବୈତରଣୀ ଏବଂ ସାଳନ୍ଦୀ ବେଳାର ଶ୍ୟାମଳାଞ୍ଚଳରେ ଶୋଇ ତନ୍ଦ୍ରାଳସ ଜାଗୁଥିବା ଏହି ସଂସ୍କୃତି ବିହାର ଓ ଏହାର ପୌରାଣିକ, ଐତିହାସିକ ବିଭବ ଓଡ଼ିଶାର ସଂସ୍କୃତିକୁ ଇତିହାସର ନୂତନ ଦିଗ ଉନ୍ମୋଚିତ କରେ । ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ସୂତ୍ରରୁ ଉପଲବ୍ଧ ତଥ୍ୟାବଳୀର ଆଧାରରେ ଭଦ୍ରକ ଜିଲ୍ଲାର କେତେକ ପ୍ରସିଦ୍ଧ ଦେବଦେବୀ ପୀଠ, ପ୍ରାଚୀନ କୀର୍ତ୍ତି ସମ୍ବନ୍ଧରେ ଆଲୋଚନା କରାଯାଇପାରେ ।

## ଭଦ୍ରକ ଭଦ୍ରକାଳୀ

ଭଦ୍ରକାଳୀ ସାଳନ୍ଦୀ କୂଳର ପ୍ରଧାନ ଦେବତା ଏବଂ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ । ରାଧାନାଥଙ୍କ ଭାଷାରେ - 'ସାଳନ୍ଦୀ ସଲିଳେ ଅଭିଷିକ୍ତ ଦେବୀ ଭଦ୍ରକାଳିକା' । ଭଦ୍ରକାଳୀ ପୀଠ ପ୍ରାଚୀନ ଉତ୍କଳର ଅନ୍ୟତମ ପ୍ରଧାନ ଶକ୍ତିପୀଠ । ଐତିହାସିକ ଦୃଷ୍ଟିକୋଣରୁ ଭଦ୍ରକାଳୀ ବହୁ ପ୍ରାଚୀନ । ତାଙ୍କ ନିକଟରେ ଖ୍ରୀଷ୍ଟୀୟ ୩ୟ ୪ର୍ଥରେ ଖୋଦିତ ଏକ ଶିଳାଲେଖ ଦେଖିବାକୁ ମିଳେ । ''ଭଦ୍ରକରୁ ପ୍ରାପ୍ତ 'ଭଦ୍ରକାଳୀ ପ୍ରସ୍ତର ଅଭିଲେଖ' ଗୁପ୍ତକାଳୀନ ଅକ୍ଷର ସମ୍ବଳିତ ଅଟେ । ଅଭିଲେଖ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ 'ମହାରାଜ ଶ୍ରୀ ଗଣ'ଙ୍କ ରାଜତ୍ୱରେ ଉତ୍କୀର୍ଣ୍ଣ । ଏଥିରୁ ରାଜାଙ୍କ ନାମ ତଥା ଅନ୍ୟ ଉପାଦାନ କିଛି ମିଳେ ।'' (ଓଡ଼ିଶା ଇତିହାସ - ହରେକୃଷ୍ଣ ମହତାବ) ଭଦ୍ରକାଳୀ କଳାମୁଗୁନି ପଥରରେ ନିର୍ମିତ । ଠାକୁରାଣୀ ଚତୁର୍ଭୁଜା ଏବଂ ଲଳିତାସନରେ ସିଂହ ପୃଷ୍ଠରେ ବିରାଜିତା । ତାଙ୍କର ଉପରିଭାଗ ଦକ୍ଷିଣ ହସ୍ତରେ ଖଡ୍ଗ, ବାମ ହସ୍ତରେ ଖର୍ପର ଏବଂ ନିମ୍ନଭାଗ ଦକ୍ଷିଣ ହସ୍ତରେ ଏକ ମାନବଶିଶୁ ଓ ବାମ ହସ୍ତରେ ଜପମାଳା ଧାରଣ କରିଥିବାର ଭଙ୍ଗୀ ସୂଚିତ ହୁଏ । ଦେବୀଙ୍କ ଦୁଇପାର୍ଶ୍ୱରେ ଦୁଇଟି ନାରୀମୂର୍ତ୍ତି ଶୋଭା ପାଉଛନ୍ତି । ଭଦ୍ରକାଳୀ ମୂର୍ତ୍ତି ଗଠନ ପ୍ରଣାଳୀ ଶିଳ୍ପ ଶାସ୍ତ୍ରରେ ବର୍ଣ୍ଣିତ ଧ୍ୟାନଠାରୁ ଭିନ୍ନ ଅଟେ । ସେ ସିଂହ ବାହିନୀ ହୋଇଥିବାରୁ ତାଙ୍କଠାରେ ଦୁର୍ଗାଙ୍କ ସାଦୃଶ୍ୟ ପରିଲକ୍ଷିତ ହୁଏ । ଶିଶୁ କୋଳାଶ୍ରିତ କରିଥିବାରୁ ତାହା ସନ୍ତାନବତ୍ସଳା ଜନନୀର ଭୂମିକାକୁ ବୁଝାଏ । ଏହି ସବୁ ବୈଶିଷ୍ଟ୍ୟ ବିଦ୍ୱାନମାନଙ୍କ ପାଇଁ କିଛିଟା ସମସ୍ୟା ସୃଷ୍ଟି କରିଛି ।

ଭଦ୍ରକାଳୀ ପୀଠ ଓଡ଼ିଶାର ଏକ ପ୍ରସିଦ୍ଧ ଶାକ୍ତ-ତାନ୍ତ୍ରିକ କେନ୍ଦ୍ରଭାବେ ସ୍ୱୀକୃତ । ମହାଭାରତ ଅନୁସାରେ ରୁଦ୍ରଙ୍କ କୋପରୁ ବୀରଭଦ୍ର ଏବଂ ଦେବୀଙ୍କ କୋପରୁ ଭଦ୍ରକାଳୀ ଜାତ ହୋଇ ଦକ୍ଷଯଜ୍ଞ

ବିନାଶ କରିଥିଲେ । 'ଦେବୀ ଭାଗବତ' ରେ ବର୍ଣ୍ଣିତ ଯେ ଭଦ୍ରକାଳୀ ଏକ କୋଟି ଯୋଗିନୀଙ୍କ ସହ ଆବିର୍ଭାବ ହୋଇ ଦକ୍ଷଯଜ୍ଞ ଧ୍ୱଂସ କରିଥିଲେ । ସେ ଚତୁର୍ଭୁଜା, ତ୍ରିନେତ୍ରା, ମେଘବର୍ଣ୍ଣା, କରାଳବଦନା । ତାଙ୍କ ହସ୍ତ ସମୂହରେ ଛିନ୍ନଶିର, ପରଶୁ, ଡମ୍ବରୁ ଏବଂ ତ୍ରିଶୂଳ ଶୋଭାପାଏ । କିନ୍ତୁ ଭଦ୍ରକାଳୀ ହେଉଛନ୍ତି ପ୍ରସନ୍ନା, ଶାନ୍ତିସ୍ୱରୂପିଣୀ- ରୋଦ୍ରା, ପ୍ରଚଣ୍ଡା, ଉଗ୍ରରୂପା ନୁହଁନ୍ତି । 'କାଳିକା ପୁରାଣ'ର ଅଧିଷ୍ଠାତ୍ରୀ ଦେବୀ ମହିଷମର୍ଦ୍ଦିନୀ ଦୁର୍ଗା ବା ଭଦ୍ରକାଳୀଙ୍କ ଆକୃତି ସହ ଭଦ୍ରକର ଭଦ୍ରକାଳୀଙ୍କ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ପୁରାଣରେ ସେ ସ୍ୱର୍ଣ୍ଣାଳଙ୍କାର ଭୂଷିତା, କଲ୍ୟାଣମୟୀ, ସର୍ବଶୁଭମୟୀ, ସୌନ୍ଦର୍ଯ୍ୟମୟୀ ନାରୀ ରୂପେ ବର୍ଣ୍ଣିତା, ଯେ କି ଦକ୍ଷ ହସ୍ତ ଦ୍ୱୟରେ ଶାସ୍ତ୍ର ଏବଂ ସିନ୍ଦୂରପାତ୍ର ଧାରଣ କରି ଅଭୟ ମୁଦ୍ରାରେ ବିରାଜିତା ।

ଭଦ୍ରକାଳୀଙ୍କ ଇତିବୃତ୍ତି ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ହସ୍ତଗତ ହୋଇ ନଥିଲେ ହେଁ ମୂର୍ତ୍ତିତତ୍ତ୍ୱ ଅନୁଯାୟୀ ତାଙ୍କୁ ସୋମବଂଶୀ କିମ୍ବା ଗଙ୍ଗରାଜବଂଶ କାଳର ବୋଲି ଅଭିହିତ କରାଯାଏ, ଯେତେବେଳେ କି ଓଡ଼ିଶାରେ ଶକ୍ତିପୂଜା ମଧ୍ୟକୁ ମହାବିଦ୍ୟା ପ୍ରବେଶ କରିଥିଲା । ଶାକ୍ତଧର୍ମର ପ୍ରାଧାନ୍ୟ କାଳରେ ଆଦ୍ୟାଶକ୍ତି ଦୁର୍ଗା ବହୁଧାବିଭକ୍ତ ହୋଇ ବିଭିନ୍ନ ନାମରେ ବିଭିନ୍ନ ରୂପରେ ପ୍ରକଟିତ ହୋଇଛନ୍ତି । ଭଦ୍ରକର ଭଦ୍ରକାଳୀ ଶକ୍ତିଦେବୀଙ୍କ ମୂର୍ତ୍ତିମନ୍ତ ବିଗ୍ରହ ଏବଂ ତାଙ୍କ ପୀଠ ଓଡ଼ିଶାର ଦଶଟି ଶକ୍ତିପୀଠ ମଧ୍ୟରେ ଗଣ୍ୟ । ଧର୍ମବିପ୍ଳବ ଓ ରାଜନୈତିକ ଆକ୍ରମଣରୁ ମା' କାଳୀ ବାଦ୍ ପଡ଼ିନାହାନ୍ତି । ତାଙ୍କର ପ୍ରକୃତ ମନ୍ଦିର, ଯେଉଁଠି ଦେବୀଙ୍କର ଆଦିପୀଠ ସଂସ୍ଥାପିତ ହୋଇଥିଲା, ତାହା ଷୋଡ଼ଶ ଶତାବ୍ଦୀରେ ବିଧର୍ମୀମାନଙ୍କ ଆକ୍ରମଣରେ ଧ୍ୱଂସବିଧ୍ୱସ୍ତ ହୋଇଗଲା, ହେଲେ ବି ସେ ଭଦ୍ରକ ମାଟିକୁ ସ୍ମୃତି ବିଜଡ଼ିତ କରି ରଖିଛନ୍ତି । 'ଚଣ୍ଡୀ ପୁରାଣ' ବର୍ଣ୍ଣିତ ଭଦ୍ରକାଳୀ ଭଦ୍ରକର ସାମାଜିକ, ଗଣଜୀବନ ଓ ଇତିହାସର ମୂକସାକ୍ଷୀ । ଭଦ୍ରକାଳୀ କ୍ଷେତ୍ର ଭାବରେ ଭଦ୍ରକର ପ୍ରସିଦ୍ଧି ଅସୀମ । ଭଦ୍ରକ ମାଟି ମା'ର କୋଳ ପୂର୍ଣ୍ଣକରି ପ୍ରବାହିତ ନଦୀର ନାମ 'ଉତ୍କଳ କାଳିନ୍ଦୀ ରୂପିଣୀ ସାଳନ୍ଦୀ' - 'ଯାକୂଳେ ଭଦ୍ରକେଶ୍ୱଛି ରୁଦ୍ରକାୟା ଭଦ୍ରକାଳିକା' ।

## ଆରଡ଼ି ଆଖଣ୍ଡଳମଣି

କଳିଙ୍ଗ ଶବ୍ଦକୁ ବ୍ୟାଖ୍ୟା କରି କେତେକ ପଣ୍ଡିତ କହିଛନ୍ତି- "କଃ ଲିଙ୍ଗ କଳିଙ୍ଗ" । ଅର୍ଥାତ୍ ବହୁଲିଙ୍ଗ ଅବସ୍ଥାନ କରୁଥିବା ଭୂମି କଳିଙ୍ଗ ନାମରେ ଖ୍ୟାତ । ବୈତରଣୀ ଓ ସାଳନ୍ଦୀର ମିଳନ ସ୍ଥଳରେ ଅବସ୍ଥିତ ଆରଡ଼ି ଗ୍ରାମରେ ସ୍ୱୟଂ ଆବିର୍ଭୂତ ଆଖଣ୍ଡଳମଣି ଏକ ପ୍ରଧାନ ଜ୍ୟୋତିର୍ଲିଙ୍ଗ । ସତେ ଯେମିତି ଏହି ନଦୀର ପବିତ୍ର ଜଳ ମହାପ୍ରଭୁଙ୍କ ମସ୍ତକ ପ୍ରକ୍ଷାଳନ କରୁଛି । ଆଖଣ୍ଡଳମଣିଙ୍କ ଇତିବୃତ୍ତ ବୈତରଣୀ ନଦୀର ପ୍ରାଚୀନ ଏବଂ ଐତିହାସିକ ବିଭବ ସହ ସଂଯୁକ୍ତ । ମହାଭାରତ ମତରେ କଳିଙ୍ଗର ଶେଷସୀମା ନିର୍ଦ୍ଧାରଣ କରୁଥିବା ବୈତରଣୀ ନଦୀ କୂଳରେ ପାଣ୍ଡବମାନେ ଅବସ୍ଥାନ କରିଥିଲେ । ପୌରାଣିକ ପ୍ରବାଦ ଅଛି - ଦକ୍ଷ ଯଜ୍ଞ ସ୍ଥଳରେ ସତୀଙ୍କ ମୃତଦେହ ଦେଖି ଶିବ ବହୁ ବ୍ୟାକୁଳ କ୍ରନ୍ଦନ କଲେ । ଶିବଙ୍କ ନୟନ ସଲିଳରୁ ପୁଣ୍ୟ ତୋୟା ବୈତରଣୀ ସୂତ୍ରପାତ ହେଲା । 'ବ୍ରହ୍ମବୈବର୍ତ୍ତ ପୁରାଣ'ରୁ ଜଣାଯାଏ ଯେ ସତ୍ୟ ଯୁଗରେ ବ୍ରହ୍ମା ତପସ୍ୟା କରି ବିଷ୍ଣୁଙ୍କ ପାଦପଦ୍ମରୁ ଗୁପ୍ତଗଙ୍ଗା ବୈତରଣୀଙ୍କୁ ଆଣିଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୈତରଣୀ ପୀଠରେ ଯଜ୍ଞକାର୍ଯ୍ୟ ସମାପନ କରିବେ । ବୈତରଣୀ ଗୋନାସିକା ପର୍ବତରୁ ନିର୍ଗତ ହୋଇ ଗୁପ୍ତ ହେବାରୁ ବ୍ରହ୍ମା ଶିବଙ୍କ ନିର୍ଦ୍ଦେଶରେ (କେନ୍ଦୁଝର) ବ୍ରହ୍ମେଶ୍ୱର ମହାଦେବଙ୍କ ଠାରୁ (ଭଦ୍ରକ) ଆଖଣ୍ଡଳମଣିଙ୍କ ପର୍ଯ୍ୟନ୍ତ ବୈତରଣୀ କୂଳେ କୂଳେ କ୍ରୋଶଲିଙ୍ଗ ସ୍ଥାପନ କରିଥିଲେ । ଏଥିରୁ ପ୍ରାଚୀନ ଉତ୍କଳର ଏକ ବଳିଷ୍ଠ ଶୈବସଂସ୍କୃତି ବୈତରଣୀ ତୀରରେ ଗଢ଼ିଉଠିଥିବାର ପ୍ରମାଣ ମିଳେ । ବୈତରଣୀ-ସାଳନ୍ଦୀ କୂଳର ନିର୍ଜନ ଆର୍ଦ୍ର ଉପତ୍ୟକାରେ ଅବସ୍ଥିତ ଆରଡ଼ିଗ୍ରାମର ଆଂଶିକ ପରିଧି ମଧ୍ୟରେ ଏକ ଆତ୍ମିକ ସତ୍ତା ବିଦ୍ୟମାନ । ତାହା ହେଉଛି ଆଖଣ୍ଡଳମଣି । ଲୋକଙ୍କ ବିଶ୍ୱାସରେ ସେ କଳିର ପ୍ରତ୍ୟକ୍ଷ ଠାକୁର ।

ଓଡ଼ିଶାର ପ୍ରାଚୀନ ଦେବଦେବୀଙ୍କର ଆବିର୍ଭାବର ପଛପଟେ ଜଡ଼ିତ ରହିଛି ବହୁ ବିସ୍ମୟକର କାହାଣୀ । ସେଗୁଡ଼ିକ ଯେପରି ରହସ୍ୟାବୃତ ସେପରି କୌତୁହଳୋଦ୍ଦୀପକ, ଅଲୌକିକ । ବହୁ ଦେବଦେବୀଙ୍କ ବିଗ୍ରହ ନଦୀ-ସମୁଦ୍ର ଗର୍ଭରୁ, ଘଞ୍ଚ ଅରଣ୍ୟରୁ, ଗିରିକନ୍ଦରରୁ କିମ୍ବା ଭୂଗର୍ଭରୁ ପ୍ରାପ୍ତ । ଜନଶ୍ରୁତି ଅନୁସାରେ ଜନୈକ କୃଷିଜୀବୀ ଭୂମି କର୍ଷଣ କରୁ କରୁ ଆଖଣ୍ଡଳମଣିଙ୍କୁ ଆବିଷ୍କାର କରିଛି । ପ୍ରଭୁଙ୍କ ମହିମା ପ୍ରକଟ ହେବାରୁ ତତ୍କାଳୀନ ଜମିଦାର ନୀଳାଦ୍ରି ସମରସିଂହ ମହାପାତ୍ର ଗ୍ରାମବାସୀଙ୍କ ସହଯୋଗରେ ଏକ କାଷ୍ଠ ମନ୍ଦିର ନିର୍ମାଣ କରି ଲିଙ୍ଗ ପ୍ରତିଷ୍ଠା କରନ୍ତି । ସମୟକ୍ରମେ ପ୍ରତିବେଶୀ କନିକାର ଭଞ୍ଜବଂଶୀୟ ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତାରେ ପୁରୁଣା ମନ୍ଦିର ମୂଳପିଣ୍ଡ ଉପରେ ପଥର ଦେଉଳ ଠିଆ ହୁଏ । ଭଞ୍ଜବଂଶୀୟ ରାଜାମାନେ ଶିବଭକ୍ତ । କନିକାର ଭଞ୍ଜରାଜବଂଶ ସମ୍ଭୂତ ହରିହର ଭଞ୍ଜଙ୍କ ରାଣୀ ସତ୍ୟଭାମା ପାଟ ମହାଦେଇ ମନ୍ଦିରର ନିର୍ମାତା ହିସାବରେ ଗଣ୍ୟ । ସେ ମହିୟସୀ ନାରୀ ଏବେ ବି ଆରଡ଼ି ଧାମକୁ ସ୍ମୃତି ବିଜଡ଼ିତ କରି ରଖିଛନ୍ତି ।

ପୂର୍ବ ସାଗର ଉପକୂଳର ତଳମାଳ ଅଞ୍ଚଳରେ ଶିବ ଉପାସନାର ଶ୍ରେଷ୍ଠତମ ନିଦର୍ଶନ ଆଖଣ୍ଡଳମଣି । ଉତ୍ତର ଭକ୍ତିପୁତ ଡାକ- 'ଦକ୍ଷିଣରେ ପୂର୍ବଭାଗେ ଆଖଣ୍ଡଳମଣି ମହିମା ଜାଗେ' । ପ୍ରଭୁଙ୍କ ଅଲୌକିକ ଶକ୍ତି ଏବଂ ଅପାର କରୁଣାରୁ ସର୍ପାଘାତ ଏବଂ ମାରାତ୍ମକ ବ୍ୟାଧି କବଳରୁ ଲୋକମାନେ ଆରୋଗ୍ୟ ଲାଭ କରିଥାନ୍ତି । ତେଣୁ ଶ୍ରୀଜୀଉଙ୍କ ପ୍ରତ୍ୟହ ଦର୍ଶନ ନିମିତ୍ତ ହଜାର ହଜାର ଭକ୍ତ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି । ସବୁ ଶିବମନ୍ଦିର ପରି ଏଠାରେ ପାର୍ଶ୍ୱଦେବତା ଭାବେ ଗଣେଶ, କାର୍ତ୍ତିକ, ପାର୍ବତୀ, କାଳୀ, ଦୁର୍ଗା, ଅବସ୍ଥାନ କରନ୍ତି । ଏହି ଶୈବପୀଠର ସୁଦୀର୍ଘ ଇତିହାସ ନାହିଁ କିନ୍ତୁ

ଏକ ସମୃଦ୍ଧ ପରମ୍ପରା ଅଛି । ଏହି ଶିବଲିଙ୍ଗ ପୂଜା ପାଉଥିବା ବେଉଳଟି ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ସିଦ୍ଧ ଓ ପ୍ରମାଣଯୋଗ୍ୟ ନୁହେଁ । ଓଡ଼ିଶାରେ ନବମ ଓ ଦଶମ ଶତାବ୍ଦୀର ସୋମବଂଶୀ କେଶରୀଙ୍କ ରାଜତ୍ୱରେ ଉକ୍ତ ଶିବଲିଙ୍ଗ ପ୍ରତିଷ୍ଠିତ ହୋଇପାରିଥାଏ ବୋଲି ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । କିନ୍ତୁ ଆଖଣ୍ଡଳମଣି ୧୪୦୪ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ବୋଲି 'ତ୍ରିଅମ୍ବିକା ଅଗ୍ନିଭଦ୍ରି' ନାମକ ପୁସ୍ତକରେ ଉଲ୍ଲେଖ ଅଛି । ତେଣୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଆଖଣ୍ଡଳମଣି ପ୍ରସିଦ୍ଧି ଲାଭ କରିଥିବା ସମ୍ଭବ । କୌଣସି ପ୍ରାଚୀନ ପୁରାଣରେ ଆଖଣ୍ଡଳମଣି ବା ଆଖଣ୍ଡଳେଶ୍ୱରଙ୍କ ସଂପର୍କରେ ସବିଶେଷ ତଥ୍ୟ ମିଳୁ ନଥିଲେ ହେଁ ଏହା ଏକ ପ୍ରସିଦ୍ଧ ଶୈବତୀର୍ଥ ରୂପେ ଲୋକବିଶ୍ରୁତ ହୋଇପାରିଛି । ''ଧନ୍ୟ ସେ ଆଖଣ୍ଡଳମଣି, ମହାମହିମ ଶୂଳପାଣି'' ।

## ପାଳିଆ ବିରଞ୍ଚିନାରାୟଣ

ପ୍ରାଚୀନ ମଗଧ ରାଜ୍ୟର ସୀମାସ୍ତମ୍ଭ ସଦୃଶ ଦଣ୍ଡାୟମାନ ପାଳିଆ ବିରଞ୍ଚିନାରାୟଣ ମନ୍ଦିରର ସ୍ଥାପତ୍ୟ ଏକାବେଳେକେ ଓଡ଼ିଶାରେ ଅଦ୍ୱିତୀୟ ଓ ଉପାସ୍ୟ ଦେବତାର ମୂର୍ତ୍ତି ମଧ୍ୟ ଅଦ୍ୱିତୀୟ । ବିରଞ୍ଚିନାରାୟଣ ବିଗ୍ରହ ବ୍ରହ୍ମା କି ସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତି ତାହା ଅଧିକ ଗବେଷଣା ସାପେକ୍ଷ । ତେବେ ଐତିହାସିକ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ସୌରମତବାଦର ସ୍ୱାକ୍ଷର ଅଧିକ ସୁସ୍ପଷ୍ଟ ମନେହୁଏ । ପଞ୍ଚଦେବତା' ମଧ୍ୟରୁ ସହସ୍ରମାଳିନୀ ସୂର୍ଯ୍ୟଦେବ ଅନ୍ୟତମ ଉପାସ୍ୟଦେବ । ଉତ୍କଳ ଭୂଖଣ୍ଡରେ ସୂର୍ଯ୍ୟବଂଶୀ ରାଜତ୍ୱ ହେତୁ ଏହା ସିଦ୍ଧ । ଗ୍ରହଯୋଗ ସଂସ୍କାର ବର୍ଣ୍ଣନା ଦୃଷ୍ଟିକୋଣରୁ ସୂର୍ଯ୍ୟ କଳିଙ୍ଗ ଦେଶରେ ଜନ୍ମ । ତେଣୁ ଉତ୍କଳଭୂଖଣ୍ଡ ସୌରସଂସ୍କୃତିର ପ୍ରଧାନବାହକ । ଷଷ୍ଠ ଶତକରେ ଖିଚିଙ୍ଗ ସୂର୍ଯ୍ୟମନ୍ଦିର, ନବମ ଶତକରେ ପାଳିଆ ବିରଞ୍ଚିନାରାୟଣ ସୂର୍ଯ୍ୟ ମନ୍ଦିର ଏବଂ ଏକାଦଶ ଶତାବ୍ଦୀରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମିତ ହେବା ପରେ ଓଡ଼ିଶାରେ ସୌର ସଂସ୍କୃତିର ବିକାଶର ପଥ ପରିଷ୍କୃତ ।

''ଭଦ୍ରକ ମହକୁମାରେ ପ୍ରତ୍ନତତ୍ତ୍ୱର ନିଦର୍ଶନ ବିକ୍ଷିପ୍ତ ଭାବରେ ଅଛି । ତନ୍ମଧ୍ୟରୁ ପାଳିଆର ସୂର୍ଯ୍ୟମୂର୍ତ୍ତି ଓ ମନ୍ଦିର ''ବିରଞ୍ଚିନାରାୟଣ ଶଙ୍କରମ୍ବନେ; ଅର୍ଥାତ୍ ସୂର୍ଯ୍ୟ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନିରୂପରେ ଆଧାର - ବିରଞ୍ଚି ନାରାୟଣ ନାମରୁ ଶଙ୍କର ବାଦ ପଡ଼ି କିପରି ସୂର୍ଯ୍ୟ ମୂର୍ତ୍ତିର ନାମ ହୋଇଛି ତାହା କହି ହେବ ନାହିଁ । ଗଞ୍ଜାମ ଜିଲ୍ଲାର ବୁଗୁଡ଼ାଠାରେ ମଧ୍ୟ ସୂର୍ଯ୍ୟ ମୂର୍ତ୍ତିର ନାମ ବିରଞ୍ଚିନାରାୟଣ । ପାଳିଆ ମନ୍ଦିରର ବିଶେଷତ୍ୱ ଏହି ଯେ ଏଥିରେ ଚାରୋଟି ପ୍ରବେଶ ଦ୍ୱାର ଅଛି ଓ ପୂଜିତ ମୂର୍ତ୍ତିର ଚାରୋଟି ମୁଖ ଅଛି । ଏହାର ସମୟ ଖ୍ରୀ ୧୦ମ ଶତାବ୍ଦୀ'' । (ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ- ଓଡ଼ିଶା ସାହିତ୍ୟ ଏକାଡେମୀ) ତେଣୁ ପାଳିଆ ଗ୍ରାମରେ ଥିବା ସୂର୍ଯ୍ୟମନ୍ଦିରଟି କୋଣାର୍କ ସୂର୍ଯ୍ୟ ମନ୍ଦିରର ବହୁ ପୂର୍ବବର୍ତ୍ତୀ ଏବଂ ମନ୍ଦିର ଆବଂକରଣର ଖିଚିଙ୍ଗ ମନ୍ଦିର ସହିତ ସାଦୃଶ୍ୟ ଅଛି । ଏହା ଭୌମକର ବଂଶର କୀର୍ତ୍ତି ବୋଲି ଡକ୍ଟର ହରେକୃଷ୍ଣ ମହତାବ ମତବ୍ୟକ୍ତ କରିଛନ୍ତି ।

ପାଳିଆ ଗ୍ରାମରେ ସୌର ମତବାଦର ନିଦର୍ଶନ ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଧାନମନ୍ଦିର ଏବଂ ଅନ୍ୟାନ୍ୟ ମନ୍ଦିରକୁ ଘେରି ରହିଛି ଜରାଜୀର୍ଣ୍ଣ ପ୍ରାଚୀର । ମୁଖ୍ୟ ମନ୍ଦିରର ଗର୍ଭଗୃହ ମଧ୍ୟରେ ଖଣ୍ଡିଏ ବିରାଟ ବର୍ଗାକାର ପଥର ଚତୁଃପାର୍ଶ୍ୱରେ ସୂର୍ଯ୍ୟଦେବଙ୍କ ଚାରିଗୋଟି ପ୍ରତିମୂର୍ତ୍ତି ଖୋଦିତ । ପ୍ରତିପାର୍ଶ୍ୱରେ ସାତଟି ଲେଖାଁ ଧାବମାନ ଅଶ୍ୱ । ପାର୍ଶ୍ୱଦେବତା ରୂପେ ଅନନ୍ତଶାୟୀ ବିଷ୍ଣୁ, ମହିଷମର୍ଦ୍ଦିନୀ ଦୁର୍ଗା ଏବଂ ଗୋବର୍ଦ୍ଧନଧାରୀ କୃଷ୍ଣ ବିଦ୍ୟମାନ । ଭଗବାନ୍ ବିଷ୍ଣୁ ଅନନ୍ତ ଶଯ୍ୟାରେ ଶାୟିତ । ତାଙ୍କ ନାଭିଦେଶରୁ ଜାତ ପୂର୍ଣ୍ଣ ପ୍ରସ୍ଫୁଟିତ ପଦ୍ମ ଉପରେ ବ୍ରହ୍ମା ଯୋଗାରୂଢ଼ । ଦୁଇପାର୍ଶ୍ୱରେ ଶ୍ରୀଦେବୀ ଭୂଦେବୀ ଅଞ୍ଜଳି ହସ୍ତରେ ଦଣ୍ଡାୟମାନ । ଦଶଭୂଜା ହସ୍ତ ସମୂହରେ ଖଡ଼୍ଗ, ଚକ୍ର, ଶୂଳ, ଛିନ୍ନଶିର, ଧନୁ, ସର୍ପ, ଶଙ୍ଖ ଏବଂ ମହିଷର ପୁଚ୍ଛ ଧାରଣ କରିଛନ୍ତି । ଗୋବର୍ଦ୍ଧନଧାରୀ ବିଷ୍ଣୁଙ୍କ ଉଭୟପାର୍ଶ୍ୱରେ ଦୁଇଜଣ ପରିଚାରିକା ଦଣ୍ଡାୟମାନ । ସମ୍ଭବତଃ ଏହି ପ୍ରତିମୂର୍ତ୍ତି ସବୁ ପରେ ଅଣାଯାଇ ଏଠାରେ ପୂଜା କରାଯାଉଅଛି । ପାଳିଆ ବିରଞ୍ଚିନାରାୟଣ ପୀଠ ସୌରଧର୍ମର ପ୍ରମୁଖ ଅନୁଷ୍ଠାନିମାନଙ୍କ ମଧ୍ୟରୁ ଅନ୍ୟତମ ।

## ନରେନ୍ଦ୍ର ପୁର ପାଟଣମଙ୍ଗଳା

ଚାନ୍ଦବାଲି ସହରର ଉତ୍ତର-ପୂର୍ବ କୋଣକୁ ଅନତିଦୂର ଐତିହାସିକ ନରେନ୍ଦ୍ରପୁର ଓରଫ ଛତ୍ରପଦା ଗ୍ରାମରେ ପାଟଣମଙ୍ଗଳା ମନ୍ଦିର ବିଦ୍ୟମାନ । ମନ୍ଦିରର ଗର୍ଭଗୃହ ଏବଂ ଜଗମୋହନ ଗ୍ରାମ ବାହାରେ ଏକ ପ୍ରକାଣ୍ଡ ପୁଷ୍କରିଣୀ କୂଳରେ ଅବସ୍ଥିତ । ମନ୍ଦିରର ଉଚ୍ଚତା ୫୩ଫୁଟ ଏବଂ ପୁଷ୍କରିଣୀର ପରିସୀମା ୨୩ଏକର । କିମ୍ବଦନ୍ତୀ ପ୍ରସିଦ୍ଧ ଏହି ଠାକୁରାଣୀ ଭଦ୍ରକ ଅଞ୍ଚଳରେ ଖୁବ୍ ଲୋକପ୍ରିୟ । 'ଖୁଲଣା ସୁନ୍ଦରୀ' ଉପାଖ୍ୟାନରେ ବର୍ଣ୍ଣିତ ମା' ମଙ୍ଗଳାଙ୍କ ମହିମା ଏଠାରେ ପ୍ରଚଳିତ । ଐତିହାସିକ କିମ୍ବଦନ୍ତୀ ଅନୁଯାୟୀ ଦେବୀଙ୍କ ପ୍ରତିମୂର୍ତ୍ତି ଧନେଶ୍ୱର ନାମକ ଏକ ସୌଦାଗର ବଣିକ ସିଂହଳରୁ ଆଣି ପ୍ରତିଷ୍ଠା କରାଇଥିଲେ, ଯେ କି ଦେବୀଙ୍କ କୃପାରୁ ତାଙ୍କର ଲୁପ୍ତଧନ ଫେରି ପାଇଥିଲେ । ସେଥିପାଇଁ ମଙ୍ଗଳାଙ୍କ ଅନ୍ୟନାମ ଲଙ୍କେଶ୍ୱରୀ ।

ପାଟଣମଙ୍ଗଳା ଓ ସେହିଗ୍ରାମର ଅସଂଖ୍ୟ ଶିବଲିଙ୍ଗ ଦେଖିଲେ ମନେହୁଏ ଏହା ଏକଦା ଶାକ୍ତଧର୍ମ ସଂସ୍କୃତିର କେନ୍ଦ୍ରସ୍ଥଳ ଥିଲା । ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦ୍ୱାରା ନରେନ୍ଦ୍ରପୁର ଗ୍ରାମରେ ଛଅ ଇଞ୍ଚଠାରୁ ଛଅ ଫୁଟ ପର୍ଯ୍ୟନ୍ତ ଶିବଲିଙ୍ଗ ଆବିଷ୍କୃତ ହୋଇଅଛି । ଏଭଳି ଦୃଷ୍ଟାନ୍ତ ସମଗ୍ର ଓଡ଼ିଶାରେ ବିରଳ । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯେ ଏହି ଶିବଲିଙ୍ଗଗୁଡ଼ିକର ପୂଜାର୍ଚ୍ଚନା ପାଇଁ ଉଦ୍ଦିଷ୍ଟ ଦେବାଳୟ ଗୁଡ଼ିକର ଭଗ୍ନାବଶେଷ ବର୍ତ୍ତମାନ ସୁଦ୍ଧା ଏଠାରୁ ମିଳିପାରି ନାହିଁ । ସମ୍ଭବତଃ ବୌଦ୍ଧ ଧର୍ମର ବିଲୟ ଏବଂ ବ୍ରାହ୍ମଣ ଧର୍ମର ଉତ୍ଥାନ ପରେ ଏଠାରେ ଶିବଲିଙ୍ଗଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା । ଅନ୍ୟାନ୍ୟ ପ୍ରତିମୂର୍ତ୍ତିଗୁଡ଼ିକ ମଧ୍ୟରେ ଦଶଫୁଟ ଉଚ୍ଚତା ବିଶିଷ୍ଟ ଏକ ଦ୍ୱିଭୂଜା ମତ୍ସ୍ୟବାରାହୀ, ଏକ

ବିଶାଳ ଗଣେଶ ଓ କେତେକ ମାତୃକାମୂର୍ତ୍ତି ବିରାଜିତ । ନରେନ୍ଦ୍ରପୁର ଗ୍ରାମରେ ମାଟିତଳୁ ବହୁତ ଗୁପ୍ତ-କୁଶାନ ଯୁଗର ମୁଦ୍ରା, ସ୍ତୂପ, ଦେବଦେବୀମାନଙ୍କ ମୂର୍ତ୍ତି ଏବଂ ପ୍ରାଚୀନ ଇଟାର ସନ୍ଧାନ ମିଳିଛି । ଏହି ଗ୍ରାମରୁ ଉଦ୍ଧାର ହେଉଥିବା ମୂର୍ତ୍ତିଗୁଡ଼ିକରେ ଜାଭା ସୁମାତ୍ରା ଅଞ୍ଚଳରେ ଥିବା କଳା ଏବଂ ଭାସ୍କର୍ଯ୍ୟର ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିବାର ଜଣାପଡ଼ିଛି । କାରଣ ଏହି ସବୁ ଭୂଖଣ୍ଡ ସହିତ ଅତୀତରେ କଳିଙ୍ଗର ସାଂସ୍କୃତିକ ଓ ବାଣିଜ୍ୟିକ ସଂପର୍କ ଅତି ନିବିଡ଼ ଥିଲା ।

ନରେନ୍ଦ୍ରପୁରର ଏହି ଦେବୀ ପ୍ରତିମା 'ରାଜଲୀଳାସନ'ରେ ତାଙ୍କ ବାହାନ ସିଂହ ପୃଷ୍ଠରେ ବିରାଜିତ । ଦେବୀଙ୍କ ପ୍ରତିମୂର୍ତ୍ତି ତିନିଫୁଟ ଉଚ୍ଚତା ବିଶିଷ୍ଟ ଓ କଳା ମୁଗୁନି ପଥରରେ ନିର୍ମିତ । ସେ ଚତୁର୍ଭୁଜା । ଦୁଇ ଊର୍ଦ୍ଧ୍ୱ ହସ୍ତରେ ଖଡ୍‌ଗ ଓ ଢ଼ାଲ ଏବଂ ନିମ୍ନଭାଗ ବାମହସ୍ତରେ ଶଙ୍ଖ ଓ ଦକ୍ଷହସ୍ତରେ ମାନବ ଶିଶୁଟିକୁ କୋଳରେ ଧାରଣ କରିଛନ୍ତି । ସାଧାରଣତଃ ମଙ୍ଗଳା ଶିଶୁଙ୍କ ସହିତ ସଂଯୁକ୍ତ ନୁହେଁ । କିନ୍ତୁ ଏଠାରେ ତାହା ସନ୍ତାନବତ୍ସଳା ଜନନୀର ଭୂମିକାକୁ ବୁଝାଏ । ଉଦ୍ରକର ଭଦ୍ରକାଳୀ ଏକ ଶିଶୁକୁ କୋଳାଶ୍ରିତ କରିଛନ୍ତି । ଯାଜପୁରର ସପ୍ତମାତୃକା ପ୍ରତିମା କ୍ରୋଡ଼ରେ ଏକ ଶିଶୁ ଧରି ଶୋଭା ପାଉଛନ୍ତି । ସପ୍ତମାତୃକା ପୂଜା ଭୌମ ଯୁଗରେ ଆରମ୍ଭ ହୋଇଥିଲା । ତେଣୁ ମଙ୍ଗଳା ସପ୍ତମାତୃକାଙ୍କର ସମସାମୟିକ ବୋଲି ଧାରଣା କରାଯାଇପାରେ । ଇଂରେଜମାନେ ଓଡ଼ିଶାର ମନ୍ଦିର ଅନୁଧ୍ୟାନ ବିବରଣୀରେ କଟକର ଯାଜପୁର ଏବଂ ଚାନ୍ଦବାଲିର ନରେନ୍ଦ୍ରପୁର ପାଟଣମଙ୍ଗଳା ବିଷୟରେ ଉଲ୍ଲେଖ କରିଯାଇଛନ୍ତି ।

ଓଡ଼ିଶାର ପୁରପଲ୍ଲୀରେ ମଙ୍ଗଳାଙ୍କ ପୂଜା ବେଶୀ । ବୋଇତ ବନ୍ଦାଣରେ ବୋଇତ ମଙ୍ଗରେ ଥିବା ମଙ୍ଗଳାପୂଜା ଓଡ଼ିଶାର ଧାର୍ମିକ ଚେତନା ତଥା ନୌବାଣିଜ୍ୟର ସମୃଦ୍ଧତା ପାଇଁ ମଙ୍ଗଳାଙ୍କ ଆଶୀର୍ବାଦ ବିଷୟରେ ସୂଚନା ଦିଏ । ତଥପୋଇ ଆଖ୍ୟାନର ଆଧାରଭୂମି ରୂପେ ପରିଚିତ, ଏହି ଅଞ୍ଚଳରେ ତେଣୁ ମଙ୍ଗଳାପୂଜାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଏବଂ ତାତ୍ପର୍ଯ୍ୟ ରହିଛି । ରାଧାନାଥଙ୍କ ଭାଷାରେ- '' ପାଟଣମଙ୍ଗଳା ପ୍ରତିଷ୍ଠିତ ଯହିଁ ପୟୋଧି ତଟେ'' । ବୈଶାଖମାସ ମହାବିଷୁବ ସଂକ୍ରାନ୍ତି ଦିନ ଏହି ପୀଠରେ ଏକ ବିରାଟ ଯାତ ହୁଏ ଏବଂ ସାତଦିନ ବ୍ୟାପୀ ଉତ୍କଳ ନୌବାଣିଜ୍ୟର ସ୍ମାରକୀ ରୂପେ ବାଣିଜ୍ୟମେଳା ଅନୁଷ୍ଠିତ ହୁଏ । ସେଦିନ ଠାକୁରାଣୀ ବଡ଼ସିଂହାର ବେଶ ଧାରଣ କରନ୍ତି । ଶୀତଳା ଓ ଚର୍ଚ୍ଚିକାଙ୍କ ଭଳି ଉତ୍ସବିନ ତାଙ୍କ ଘଟ ପୂଜାପାଏ । ତା ପୂର୍ବରୁ ଗୋଟିଏ ମାସ ସେହି ଘଟ ଗ୍ରାମ ନଗର ପରିକ୍ରମା କରି ଦେବୀଙ୍କ ମହିମା ବିଷୟରେ ପ୍ରଚାର କରିଥାଏ । ପାଟଣମଙ୍ଗଳା ଉତ୍କଳୀୟ ଶାକ୍ତ ଉପାସନା ଓ ଗ୍ରାମଦେବୀ ସଂସ୍କୃତିର ପ୍ରାଚୀନତାକୁ ପ୍ରତିପାଦିତ କରେ ।

## ଧାମରା ଧାମରାଈ

ବୈତରଣୀ-ବ୍ରାହ୍ମଣୀର ପବିତ୍ର ସଙ୍ଗମସ୍ଥଳ ନିକଟରେ ଦେବୀ ଧାମରାଈଙ୍କ ତିର୍ଥ ସ୍ଥଳୀ ଧାମରା- ରାଧାନାଥ ରାୟ ଯାହାକୁ 'ଦେବୋଧାମ' ଆଖ୍ୟା ଦେଇଛନ୍ତି । ଧାମରା ସମୁଦ୍ରକୂଳର ଯେ କୌଣସି ଗାଁ ନୁହେଁ, ଏହା ଏକ ପ୍ରାଚୀନ ବନ୍ଦର-ନଦୀ ଉପତ୍ୟକା-ସମୁଦ୍ର ପ୍ରବେଶ ପଥଦେବୀ ପୀଠ- ସାଗର ସଙ୍ଗମ ତୀର୍ଥ- ବେଳାଭୂମି ଏବଂ ପବିତ୍ର ଧାମ । ମା' ଧାମରାଈ ଏହି ମାଟିକୁ ଗୌରବାନ୍ୱିତ କରି ରଖିଛନ୍ତି । ଐତିହାସିକ କିମ୍ବଦନ୍ତୀ ଅନୁସାରେ ଧନେଶ୍ୱର ବଣିକ ପାଷାଣ ମଙ୍ଗଳାଙ୍କୁ ଧରି ସିଂହଳରୁ ଉତ୍କଳ ଆସିବା ବାଟରେ ବୈତରଣୀ ନଦୀଗର୍ଭରୁ ପାଇଥିବା ପଥରମୂର୍ତ୍ତିକୁ ଧାମରାରେ ପ୍ରତିଷ୍ଠା କରାଇଥିଲେ । କାଳକ୍ରମେ ସେ ପୀଠଦେବୀ ଧାମରାଈ ରୂପେ ପରିଚିତ ହେଲେ । ସ୍ଥାନୀୟ ଲୋକମୁଖରୁ ଜଣାଯାଏ ଯେ ଧୀବରମାନେ ସମୁଦ୍ରରେ ଏକ ନିଖୋଜ ଧୀବରକୁ ଖୋଜୁ ଖୋଜୁ ପଥର ମୂର୍ତ୍ତିଟିଏ ପାଇ ଧାମରା ଗ୍ରାମରେ ରଖାଇଥିଲେ । ସେ ହେଲେ ଧାମରାର ଅଧିଷ୍ଠାତ୍ରୀ ଦେବୀ ଧାମରାଈ । ଦେବୀଙ୍କ ସ୍ୱପ୍ନାଦେଶ ଅନୁଯାୟୀ ମୃତଧୀବରର ବିଧବା ପତ୍ନୀ ତାଙ୍କ ପୂଜା କାର୍ଯ୍ୟରେ ନିଯୁକ୍ତ ହେଲେ । ସେବେଠାରୁ କୈବର୍ତ୍ତ କୂଳର ବିଧବା ନାରୀମାନେ ଧାମରାଈଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି । ଏହା ଲୋକ ସଂସ୍କୃତିର ଏକ ଅଭିନବ ପର୍ଯ୍ୟାୟକୁ ଉନ୍ମୋଚିତ କରେ । ଧାମରା ଏକ ଧୀବର ଅଧ୍ୟୁଷିତ ଅଞ୍ଚଳ । ପୂର୍ବେ ଓଡ଼ିଶାର ଗୋଟିଏ ଅଂଶ ଜାଜେ ମତ୍ସ୍ୟ ଦେଶର ଅନ୍ତର୍ଭୁକ୍ତ ଥିଲା ଏବଂ ଧୀବରମାନେ କଳିଙ୍ଗର ପ୍ରାଚୀନ ଅଧିବାସୀ, ତେଣୁ ଧାମରାଈଙ୍କ ପ୍ରାଚୀନ ଇତିବୃତ୍ତ ସହଜରେ ଅନୁମେୟ ।

ଧାମରାଈ ସମୁଦ୍ରର କନ୍ୟା ଓ ନାବିକ ଅର୍ଚ୍ଚିତ । ମଙ୍ଗଳାଙ୍କ ପରି ନୌକାମଙ୍ଗରେ ତାଙ୍କୁ ପୂଜା କରାଯାଏ । ଧୀବରମାନେ ନାବଅନୁକୂଳ ବେଳେ ଠାକୁରାଣୀଙ୍କ ନିକଟରେ ମନାସୀ କରି ଯାଆନ୍ତି । ଦେବୀଙ୍କ ମହିମା ପ୍ରତ୍ୟକ୍ଷ । ସମୁଦ୍ରରେ ଓ ଜଙ୍ଗଲରେ ପଥହରା ମଣିଷକୁ ମା' ସାହା ହୁଅନ୍ତି । ତାଙ୍କ ନାମ ସ୍ମରଣ କରି କେହି କେହି ମହାବଳ ବାଘ ହାତୁଡ଼ରୁ ରକ୍ଷା ପାଇ ଯାଇଥିବାର ଶୁଣାଯାଏ । ନାବିକମାନେ ଦେବୀଙ୍କ ପୀଠସ୍ଥଳୀରେ ନିଶାର୍ଦ୍ଧରେ ଏକ ଉଜ୍ଜ୍ୱଳ ଆଲୋକ ପିଣ୍ଡ ବହୁବାର ଦେଖିଥିବାର କହନ୍ତି । ସାଧାରଣ ଲୋକେ ନିଜର ମନସ୍କାମନା ପୂର୍ଣ୍ଣକରିବା ନିମିତ୍ତ ଧାମରାଈଙ୍କ ମଥାରେ ଫୁଲ ଚଢ଼ାନ୍ତି ଓ ଗୁଆ ବସାନ୍ତି । କାର୍ଯ୍ୟ ସିଦ୍ଧି ପରେ କଳାଶାଢ଼ୀ ଓ ସିନ୍ଦୂର ଅର୍ପଣ କରନ୍ତି । ତାଙ୍କ ପ୍ରିୟ ଭୋଗ ଉଖୁଡ଼ା । ମକର ସଂକ୍ରାନ୍ତି ତାଙ୍କ ପୂଜା ଉପାସନାର ବଡ଼ଦିନ ବୋଲି ଗଣ୍ୟ ହୁଏ । ମକର ସଂକ୍ରାନ୍ତି ତାଙ୍କ ପୂଜା ଉପାସନାର ବଡ଼ ଦିନ ବୋଲି ଗଣ୍ୟ ହୁଏ । ମକର ସଂକ୍ରାନ୍ତି ଦିନ ଗଙ୍ଗାନଦୀ ମୁହାଁଣରେ ଯେମିତି ଗଙ୍ଗାସାଗର ମେଳା ଅନୁଷ୍ଠିତ ହୁଏ, ଓଡ଼ିଶାରେ ଚିଲିକା ତୀର କାଳିଜାଈର ପୀଠ, ବୈତରଣୀ ମୁହାଁଣ ଧାମରାଈ ପୀଠରେ ସେହିଭଳି ମକରମେଳା ପାଳିତ ହୁଏ ।ତେଣୁ ଧାମରା ନାମର ସୃଷ୍ଟି ସହିତ ଧର୍ମଧାରଣା ତଥା ଦେବୀ ଆରାଧନାର ସଂପର୍କ ନିହିତ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭାଷାରେ- 'ଶେଷେଲୋ ଜନନୀ ମିଳୁ ଚହିଁ ଯାଇ, ଧାମରା ମୁହାଁଣେ ଦେବୀ ଧାମରାଈ ।'

## ଚାନ୍ଦବାଲି ଡ଼ାକେଶ୍ୱରୀ

ଚାନ୍ଦବାଲି ସହର ସନ୍ନିକଟ ବୈତରଣୀ କୂଳର ଓରାସାହି ଗ୍ରାମରେ ଦ୍ୱାଦଶଭୁଜା ଦୁର୍ଗା ଡ଼ାକେଶ୍ୱରୀ ଉପାସିତା । ଦୁର୍ଗା ସ୍ଥଳବିଶେଷରେ ଦ୍ୱିଭୁଜା, ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା,

ଦ୍ୱାଦଶଭୂଜା, ଷୋଡ଼ଶ ଭୂଜା, ଅଷ୍ଟାଦଶ ଭୂଜା, ତିଂଶଭୂଜା ଓ ସହସ୍ରଭୂଜା, ରୂପରେ ଉତ୍କୀର୍ଣ୍ଣ । ଦ୍ୱାଦଶଭୂଜା ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ତୁଳନାତ୍ମକ ଭାବେ ବିରଳ । ଭୁବନେଶ୍ୱରର ଦ୍ୱାରବାସିନୀ ଓ ଚାନ୍ଦବାଲିର ଡ଼ାକେଶ୍ୱରୀ ଦ୍ୱାଦଶଭୂଜା । ଏଣୁ ଡ଼ାକେଶ୍ୱରୀ ସ୍ଥାପତ୍ୟ ଶୈଳୀ ଦୃଷ୍ଟିରୁ ସ୍ୱତନ୍ତ୍ର । ଏହି ପୀଠ ଶାକ୍ତଧର୍ମ, ବୌଦ୍ଧଧର୍ମ ଏବଂ ବ୍ରାହ୍ମଣଧର୍ମର ସମନ୍ୱୟ ପୀଠ ରୂପେ ପ୍ରସିଦ୍ଧ ଲାଭ କରିଥିଲା । ଏଠାରେ ଅବସ୍ଥାପିତ ଦୁର୍ଗା ଏବଂ ପାର୍ଶ୍ୱଦେବତା ରୂପେ ଗଣେଶ, ଅଦୈକପାଦ ଭୈରବ, ପଦ୍ମପାଣି ଅବଲୋକିତେଶ୍ୱର, ରାଧାକୃଷ୍ଣ, ଅନନ୍ତ ନାରାୟଣ ଓ ହନୁମାନ ପ୍ରସ୍ତର ମୂର୍ତ୍ତି ପ୍ରଧାନ । ମୁଗୁନି ପଥରରେ ନିର୍ମିତ ଦ୍ୱାଦଶଭୂଜା କୃଷ୍ଣବର୍ଣ୍ଣା ମହିଷମର୍ଦ୍ଦିନୀ ଦୁର୍ଗା ଦକ୍ଷ ହସ୍ତ ସମୂହରେ ଖଡ଼୍ଗ, ଦଣ୍ଡ, ଶୂଳ, ତୀର, ଚକ୍ର, ମହିଷର ପୁଚ୍ଛ ଏବଂ ବାମହସ୍ତ ସମୂହରେ ଢ଼ାଲ, ଧନୁ ଘଣ୍ଟି, ଛିନ୍ନଶିର, ପାଶ ଏବଂ ରାକ୍ଷସର ଗ୍ରୀବା ଧରିଛନ୍ତି । ମସ୍ତକ ବିହୀନ ମହିଷର ଗ୍ରୀବା ଅଂଶରୁ ରାକ୍ଷସ ନିର୍ଗତ ହୋଇ ଖଡ଼୍ଗ ଓ ଢ଼ାଲ ସାହାଯ୍ୟରେ ଦେବୀଙ୍କୁ ଆକ୍ରମଣ କରୁଛି ଏବଂ ଦେବୀ ଶୂଳ ଦ୍ୱାରା ତାଙ୍କୁ ବିଦ୍ଧ କରୁଛନ୍ତି । ତନ୍ତ୍ର ସାହିତ୍ୟରେ ପ୍ରତ୍ୟେକ ଦେବୀଙ୍କର ଭୈରବ ଥିବା କଥାର ଅବତାରଣା କରାଯାଇଛି । ଡ଼ାକେଶ୍ୱରୀ ପୀଠରେ ଭୈରବ ପୂଜା ପାଆନ୍ତି ।

ଓଡ଼ିଶାର ପ୍ରସିଦ୍ଧ ଦେବଦେବୀଙ୍କର ଇତିହାସ ଏବଂ ମୂର୍ତ୍ତିତତ୍ତ୍ୱ ପର୍ଯ୍ୟାଲୋଚନାରୁ ଜଣାଯାଏ, ହିନ୍ଦୁ ଦେବଦେବୀଙ୍କ ଉପରେ ବୌଦ୍ଧ, ଜୈନ ପ୍ରଭାବ ସୁସ୍ପଷ୍ଟ । ଡ଼ାକେଶ୍ୱରୀ ପୀଠରେ ବୌଦ୍ଧଧର୍ମର ପ୍ରତିମୂର୍ତ୍ତି ସବୁ ଦୃଷ୍ଟିଗୋଚର ହୁଏ । ତନ୍ମଧ୍ୟରୁ ପୂର୍ଣ୍ଣ ପ୍ରସ୍ଫୁଟିତ ପଦ୍ମପାଖୁଡ଼ା ବିମଣ୍ଡିତ ପୀଠ ଉପରେ ଲଳିତାସନରେ ଉପବିଷ୍ଟ ଦ୍ୱିଭୁଜା ଅବଲୋକିତେଶ୍ୱର ପ୍ରଧାନ । ଏଠାରୁ ପ୍ରାପ୍ତ ପ୍ରସ୍ତର ଏବଂ ଏକ ବର୍ଗଫୁଟ ଇଟାଖଣ୍ଡଗୁଡ଼ିକ ଏକ ବୌଦ୍ଧବିହାରର ଭଗ୍ନାବଶେଷ ବୋଲି ଅନୁମିତ ହୁଏ । ସମ୍ଭବତଃ ଏହି ପୀଠ ଏକଦା ବୌଦ୍ଧବଣିକମାନଙ୍କର ସାମୟିକ ଆଡ୍ଡାସ୍ଥଳୀ ବା ଆଶ୍ରୟସ୍ଥଳୀ ଥିଲା । ବୈତରଣୀ କୂଳରେ ଗଢ଼ି ଉଠିଥିବା ବୌଦ୍ଧବିହାରମାନଙ୍କ ମଧ୍ୟରେ ସୋଲାମପୁର, ଯାଜପୁର, ଡ଼ାକେଶ୍ୱରୀ ପୀଠ ଅନ୍ୟତମ ।

ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଡ଼ାକେଶ୍ୱରୀ ବୃତ୍ତାନ୍ତ ବର୍ଣ୍ଣିତ ଅଛି । ଦୁର୍ଗାଙ୍କ ଚଉଷଠି ଯୋଗିନୀରୂପ ମଧ୍ୟରୁ ଡ଼ାକେଶ୍ୱରୀ ଗୋଟିଏ । ସାରଳା ଦାସ ମୁଖ୍ୟତଃ ଶକ୍ତି ଉପାସକ ବା ଶାକ୍ତ ଥିଲେ । ତାଙ୍କ ଦ୍ୱାରା ରଚିତ ଚଣ୍ଡୀପୁରାଣରେ ଦେବୀଙ୍କର ଅସଂଖ୍ୟ ନାମ ଦେଖିବାକୁ ମିଳିଥାଏ । ସେହି ଦେବୀଗଣ ହେଉଛନ୍ତି- ଝଙ୍କଡ଼ର ଶ୍ରୀ ସାରଳା, ମଙ୍ଗଳା, କାମାକ୍ଷା, ହିଙ୍ଗୁଳା ଓ ଡ଼ାକେଶ୍ୱରୀ, ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବରେ ବର୍ଣ୍ଣିତ ଡ଼ାକେଶ୍ୱରୀ ଦେବୀ ବାମାଚାରୀ ତାନ୍ତ୍ରିକଙ୍କର ଦେବୀରୂପେ ଅନୁମିତ ହୋଇଥାନ୍ତି । କବି ଡ଼ାକେଶ୍ୱରୀ ଦେବୀଙ୍କର ନିବାସସ୍ଥାନର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ଏକ ତନ୍ତ୍ରପୀଠର ବର୍ଣ୍ଣନା । ସେଠାରେ ଶୌଚାଶୌଚ ନାହିଁ । ଅଧିବାସୀ ଗଣ ମଦ୍ୟପ ଓ ମାଂସଭୋଜୀ । ବ୍ରାହ୍ମଣ ଓ ଚଣ୍ଡାଳ ଏଠାରେ ଏକ ପର୍ଯ୍ୟାୟ ବିବେଚିତ ହୋଇଥାନ୍ତି । ଡ଼ାକେଶ୍ୱରୀ ଦେବୀଙ୍କର ବୈଶିଷ୍ଟ୍ୟ ହେଉଛି ସେ ସଦାସର୍ବଦା ରେ ରେ କାର ଡ଼ାକ ଦିଅନ୍ତି । ଡ଼ାକେଶ୍ୱରୀ ମନ୍ତ୍ରର ମହିମାକୁ ସାରଳାଦାସ ଅନେକ ସ୍ଥଳରେ ବର୍ଣ୍ଣନା କରିଛନ୍ତି । ''ଡ଼ାକିଲା ଡ଼ାକେଶ୍ୱରୀ ମହାମନ୍ତ୍ର ବିଦ୍ୟା ଘେନି'' (ବନପର୍ବ ପ୍ରଥମ ଖଣ୍ଡ) ଡ଼ାକେଶ୍ୱରୀ ଚାମୁଣ୍ଡା ସ୍ୱରୂପା । ସେ କନିକା ରାଜବଂଶର ପୃଷ୍ଠପୋଷକତା ଲାଭକରିଥିଲେ । ଝଙ୍କଡ଼ର ଶ୍ରୀ ସାରଳା ଏବଂ ଚାନ୍ଦବାଲିର ଡ଼ାକେଶ୍ୱରୀ ଅଷ୍ଟମ ଶତାବ୍ଦୀର ବୋଲି ଐତିହାସିକମାନେ ଅନୁମାନ କରିଥାନ୍ତି । ଏଭଳି ଏକ ବିରଳ ପ୍ରତିମୂର୍ତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ଆବଶ୍ୟକ ।

## ଗୁଆମାଳ କୁମାରେଶ୍ୱର

ଭଦ୍ରକର ତିହିଡ଼ି ଅଞ୍ଚଳ ଅନ୍ତର୍ଗତ ଗୁଆମାଳର କୁମାରେଶ୍ୱର ମହାଦେବ ମନ୍ଦିର ଆନୁମାନିକ ଦ୍ୱାଦଶ ଶତାବ୍ଦୀର କୀର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଅଧିଗୃହୀତ । ସମଗ୍ର ଓଡ଼ିଶାରେ ବହୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଶିବମନ୍ଦିର ରହିଛି । ବିଶେଷତଃ ପ୍ରତ୍ୟେକ ଜିଲ୍ଲାରେ ବହୁ ଶିବମନ୍ଦିର ଥିବାର ଦୃଷ୍ଟିଗୋଚର ହୁଏ । ଭଦ୍ରକ ଜିଲ୍ଲାସ୍ଥିତ ଆଖଣ୍ଡଳମଣି, ସିନ୍ଧୁକେଶ୍ୱର, ସମୁଦ୍ରେଶ୍ୱର, କୁମାରେଶ୍ୱର ପ୍ରଭୃତି ମହାଦେବଙ୍କ ନାମ ଉଲ୍ଲେଖଯୋଗ୍ୟ ।

କୁମାରେଶ୍ୱର ଶିବ ମନ୍ଦିରଟି ରେଖା ବା ପୀଢ଼ ପ୍ରଣାଳୀରେ ଗଠିତ । ମନ୍ଦିରରେ ଜଗମୋହନ ଏବଂ ମୁଖଶାଳା ରହିଛି । ଏହାର ନାମକରଣ ସଂପର୍କରେ କୌଣସି ଐତିହାସିକ ତଥ୍ୟ ଜଣାପଡ଼ି ନଥିଲେ ହେଁ ଏଥିରେ ପ୍ରଦର୍ଶିତ ଶିଳ୍ପନୈପୁଣ୍ୟ ପ୍ରାଚୀନ ଉତ୍କଳୀୟ ସ୍ଥାପତ୍ୟ ଓ ନିର୍ମାଣ ଶୈଳୀର ସ୍ୱାକ୍ଷର ବହନ କରେ । ମନ୍ଦିରର ବୈଚିତ୍ର୍ୟ ଏହି ଯେ ଏହାର ମୁଖ ପଶ୍ଚିମ ଦିଗକୁ ଏବଂ ପାଦୁକାନଳା ଉତ୍ତର ଦିଗକୁ । ମନ୍ଦିରର ଉଚ୍ଚତା ଆନୁମାନିକ ୫୦ ଫୁଟ । କୁମାରେଶ୍ୱର ଶିବଲିଙ୍ଗଙ୍କୁ ସର୍ପବେଷ୍ଟନ କରି ରହିଥିବା ସ୍ଥଳେ ଦ୍ୱାରଦେଶରେ ନବଗ୍ରହ ପରିବର୍ତ୍ତେ ଦ୍ୱାରପାଳ ବିଦ୍ୟମାନ । ସାଧାରଣତଃ ଶିବମନ୍ଦିରରେ ପାର୍ଶ୍ୱଦେବତା ଭାବେ ଗଣେଶ, କାର୍ତ୍ତିକ ଓ ପାର୍ବତୀ ରହିଥାନ୍ତି । କିନ୍ତୁ ଏଠାରେ କେବଳ ପାର୍ବତୀ ଅବସ୍ଥାନ କରନ୍ତି । ଜଗମୋହନର ଭିତର ଏବଂ ବାହାର କାନ୍ଥରେ ସ୍ଥାପିତ ଭଗବାନ ବିଷ୍ଣୁଙ୍କ ବାମନ ଓ ବରାହ ଅବତାରକୁ ଦେଖି କେହି କେହି ମନ୍ଦିର ବେଢ଼ାରେ ଏକ ବିଷ୍ଣୁମନ୍ଦିର ରହିଥିଲା ବୋଲି ଅନୁମାନ କରିଥାନ୍ତି । ଜରାଜୀର୍ଣ୍ଣ ଏହି ମନ୍ଦିରର ମୁଖଶାଳାରେ ପ୍ରୋଟୋ-ଓଡ଼ିଆ ଲିପିରେ ତିନିଧାଡ଼ିରେ ଏକ ଶିଳାଲେଖ ରହିଛି, ଯାହା ପାଠ କରାଯାଇପାରିଲେ ସମ୍ଭବତଃ ମନ୍ଦିରର ସଠିକ୍ ନିର୍ମାଣକାଳ ଜାଣିହେବ । ଯାହାହେଉ ଖ୍ରୀଷ୍ଟୀୟ ପଞ୍ଚମ-ଷଷ୍ଠ ଶତାବ୍ଦୀଠାରୁ ଆରମ୍ଭ କରି ସୋମବଂଶୀ ରାଜାମାନଙ୍କ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ଯେଉଁ ଶିବ ଉପାସନା, ଶୈବ ସିଦ୍ଧାନ୍ତର ପ୍ରଚାର, ଶିବ ମନ୍ଦିର ପ୍ରତିଷ୍ଠାର ଅବିଚ୍ଛିନ୍ନ ଧାରା ପ୍ରବାହିତ ହେଉଥିଲା, କୁମାରେଶ୍ୱର ଶୈବପୀଠ ତାହାର ଅନ୍ୟତମ ନିଦର୍ଶନ ।

ପ୍ରାଚୀନ କୀର୍ତ୍ତିଗୁଡ଼ିକୁ କୌଣସି ଭୌଗୋଳିକ ସୀମାରେଖା ମଧ୍ୟରେ ଆବଦ୍ଧ କରି ରଖାଯାଇ ପାରିବ ନାହିଁ । ଏହା ସମଗ୍ର ରାଜ୍ୟ, ଦେଶ କିମ୍ବା ବିଶ୍ୱର ସମ୍ପତ୍ତି । ତେବେ ସ୍ଥାନ, କାଳ, ପାତ୍ର ବିଶେଷରେ ଏଗୁଡ଼ିକ ଗୋଟିଏ ଅଞ୍ଚଳର ଐତିହ୍ୟ ସଂସ୍କୃତିର ମୁଖଶାଳା ସଦୃଶ ପ୍ରତୀୟମାନ ହୋଇଥାନ୍ତି । ଓଡ଼ିଶାର ଐତିହ୍ୟ ତୁଳନାରେ ଇତିହାସ ପ୍ରଣୟନ ହୋଇ ପାରିନାହିଁ । ଓଡ଼ିଶାର ବହୁ ପ୍ରାଚୀନ କୀର୍ତ୍ତି, ଇତିହାସ ଶୋଇ ରହିଛି । ସେଇ ସବୁକୁ ପୁନରୁଜ୍ଜୀବିତ ଓ ଲୋକ ଚକ୍ଷୁରେ ପରିଚିତ କରିବା ନିମିତ୍ତ ସଫଳ ପ୍ରୟାସ ହେବା ଦରକାର । ଭଦ୍ରକ ମାଟି ପୌରାଣିକ ଓ ଐତିହାସିକ କୀର୍ତ୍ତି ଯୁଗ ଯୁଗ ଧରି ସାଇତି ରଖିଛି ।ବଙ୍ଗ-ସାଗର-ବିଧୌତ-ଜନପଦ କାରୁକାର୍ଯ୍ୟପୂର୍ଣ୍ଣ ଭଦ୍ରକ ଆଜି ଯେତେବେଳେ ଇତିହାସର ଗବାକ୍ଷରେ ଅତୀତକୁ ନିରୀକ୍ଷଣ କରେ, ସେତେବେଳେ ଉତ୍କଳ ଐତିହ୍ୟର ବହୁ ବିସ୍ମୟକର ସ୍ମାରକୀ ଆଖି ସାମ୍ନାରେ ବାର ବାର ନାଚିଯାଏ ।

## ସହାୟକ ପୁସ୍ତକ


୧. ପ୍ରାଚୀନ ଉତ୍କଳ- ଜଗବନ୍ଧୁ ସିଂହ
୨. ଓଡ଼ିଶା ଇତିହାସ - ଡ଼ଃ ହରେକୃଷ୍ଣ ମହତାବ
୩. ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ- ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ
୪. ଓଡ଼ିଆ ସାହିତ୍ୟରେ ତନ୍ତ୍ରର ପ୍ରଭାବ - ଡ଼ଃ ଆଶୁତୋଷ ପଟ୍ଟନାୟକ ଏବଂ ଗଣେଶ ପ୍ରସାଦ ପରିଡ଼ା
୫. ଓଡ଼ିଶାର ଦେବ ଦେବୀ - ଉତ୍କଳ ପାଠକ ସଂସଦ
୬. ଓଡ଼ିଶାର ଶୈବ ସଂସ୍କୃତି - ଓଡ଼ିଶା କଲଚରାଲ ଫୋରମ
୭. ମିଳନୀ - ମିଳନୀ ଅନୁଷ୍ଠାନ, ଭଦ୍ରକ
୮. ବହିତ୍ର (ଧାମରା-ଚାନ୍ଦବାଲି ବନ୍ଦର ସ୍ମାରକୀ)



ଚାନ୍ଦବାଲି, ଭଦ୍ରକ - ୭୫୬୧୩୩


★★★

## ଆସନ୍ତା ତିନିବର୍ଷ ମଧ୍ୟରେ ରାଜ୍ୟର ୧୨ ହଜାର ଗ୍ରାମକୁ ବିଦ୍ୟୁତକରଣ କରାଯିବ

ଆସନ୍ତା ତିନିବର୍ଷ ମଧ୍ୟରେ ରାଜ୍ୟର ୧୨ ହଜାର ଗ୍ରାମକୁ ବିଦ୍ୟୁତକରଣ କରାଯିବ । ଚଳିତ ଆର୍ଥିକ ବର୍ଷର ପ୍ରାରମ୍ଭ ବେଳକୁ ରାଜ୍ୟର ୧୪୨୩୪ଟି ଗ୍ରାମକୁ ବିଦ୍ୟୁତକରଣ କରିବାକୁ ବାକି ରହିଥିଲା । ସେଥିମଧ୍ୟରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୨୦୦୦ ଗ୍ରାମକୁ ବିଦ୍ୟୁତକରଣ କରିବାକୁ ନିଷ୍ପତ୍ତି କରାଯାଇଛି । ଅବଶିଷ୍ଟ ୧୨ ହଜାର ଗ୍ରାମକୁ ଆସନ୍ତା ତିନିବର୍ଷରେ ବିଦ୍ୟୁତକରଣ କରାଯାଇ ସବୁ ଗ୍ରାମରେ ବିଦ୍ୟୁତକରଣ କାର୍ଯ୍ୟ ଶେଷ କରାଯିବ ।

ପୂର୍ବତନ ସରକାରଙ୍କ ସମୟରେ କେତେକ କାରଣ ଯୋଗୁଁ ଗ୍ରାମାଞ୍ଚଳ ବିଦ୍ୟୁତକରଣ ନିଗମ ରାଜ୍ୟକୁ ଗ୍ରାମ ବିଦ୍ୟୁତକରଣ ପାଇଁ ଅର୍ଥ ଦେବାକୁ ମନା କରିଦେଇଥିଲା । କିନ୍ତୁ ଏହା ମଧ୍ୟରେ ନିଗମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି ଏବଂ ନିଗମ ପୁଣି ରାଜ୍ୟକୁ ଅର୍ଥ ସହାୟତା ଯୋଗାଇ ଦେବାକୁ ରାଜି ହୋଇଛି । ରାଜ୍ୟର ମୋଟ ଗ୍ରାମଗୁଡ଼ିକ ମଧ୍ୟରୁ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭ ସୁଦ୍ଧା ୩୨୫୦୦ ଗ୍ରାମକୁ ବିଦ୍ୟୁତକରଣ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୨୦୦୦ ଗ୍ରାମକୁ ବିଦ୍ୟୁତକରଣ କରାଯିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ କରାଯିବ ।

*ମୁଖ୍ୟମନ୍ତ୍ରୀ*

# ଉତ୍କଳ ଜ୍ୟୋତି, ହେ 'କୃଷ୍ଣଚନ୍ଦ୍ର ଗଜପତି'

ଶ୍ରୀ ଦାମୋଦର ପାଢ଼ୀ

ଓଡ଼ିଆ ଜାତିର ଗୌରବ ସମ୍ଭାରକୁ ଫେରାଇ ଆଣିବାକୁ ଯେଉଁ ଉତ୍କଳୀୟ ବରପୁତ୍ରମାନେ 'ଉତ୍କଳ ସମ୍ମିଳନୀ' ଛତ୍ରଛାୟା ତଳେ ସଂଗ୍ରାମ କରିଥିଲେ, ସେ ମଧ୍ୟରେ ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ସ୍ୱତଃ ପ୍ରବୃତ୍ତ ଭାବେ ନେତୃତ୍ୱ ନେଇଥିଲେ । ନିଜର ଆଭିଜାତ୍ୟ, ଧନ-ସଂପଦ ତଥା ରାଜପ୍ରାସାଦ ମଧ୍ୟରେ ଆବଦ୍ଧ ନରହି ମହାରାଜା ଓଡ଼ିଆ ଭାଷା, ଜାତି, ସଂସ୍କୃତିର ଆଭିଜାତ୍ୟକୁ ପ୍ରତିପାଦନ କରି ସ୍ୱତନ୍ତ୍ର ଭାଷା-ପ୍ରଦେଶ ଗଠନ କରିବାକୁ ସକ୍ଷମ ହୋଇ ପାରିଲେ । ମାଡ୍ରାସରେ ପଢ଼ିବା ସମୟରେ ଅଣ-ଓଡ଼ିଆ ସହପାଠୀଙ୍କ ଭର୍ତ୍ସନା, ଅପମାନ ଗଜପତିଙ୍କୁ ଶରାଘାତ କରିଥିଲା । 'ତୁମ୍ଭର ନିଜର ପ୍ରଦେଶ, ଭାଷା ବୋଲି କ'ଣ ଅଛି ଯେ, ସଂସ୍କୃତିର ପରାକାଷ୍ଠା ଦେଖାଇବ, ସେହି ସମୟରୁ ଗଜପତି ପ୍ରତିଜ୍ଞାବଦ୍ଧ ହେଲେ ଓ ଓଡ଼ିଆ ଜାତି, ଭାଷା ଓ ପ୍ରଦେଶର ସ୍ୱାତନ୍ତ୍ର୍ୟ ଫେରାଇ ଆଣି ବିଶ୍ୱ ଦରବାରରେ ଦେଖାଇ ଦେବେ ଏହାର ଐତିହ୍ୟ କେତେ ଦୂର ଲମ୍ବିଛି ।

ଖଣ୍ଡ-ବିଖଣ୍ଡିତ ବିକଳାଙ୍ଗ ଉତ୍କଳ ଜନନୀକୁ ଏକତ୍ରିକରଣ କରିବାକୁ ତିନିଥର ଇଂଲଣ୍ଡ ଯାଇ ଯଥାଯଥ ଯୁକ୍ତି ବାଢ଼ିଥିଲେ । ଯିବାବେଳେ ନିଜ ଇଷ୍ଟଦେବୀଙ୍କ ସମ୍ମୁଖରେ ପ୍ରତିଜ୍ଞାବଦ୍ଧ ଥିଲେ ଯେ, ଓଡ଼ିଶା ପାଇଁ ଗୋଲ ଟେବୁଲ ବୈଠକରେ ଯଦି କିଛି ନକରି ପାରିବି, ତାହାହେଲେ ଆସିବା ସମୟରେ ମହୋଦଧିରେ ଝାସ ଦେବି । ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଲଢ଼ି ଲଢ଼ି ଥକି ଆସିବାବେଳେ ନିଜର ନେତୃତ୍ୱ ସମ୍ଭାଳିବାକୁ ଉପଯୁକ୍ତ ଦାୟାଦଭାବେ କୃଷ୍ଣଚନ୍ଦ୍ରଙ୍କୁ ମନୋନୀତ କରିଥିଲେ । ଗଜପତିଙ୍କର ନେତୃତ୍ୱରେ କୁଳବୃଦ୍ଧଙ୍କର ହୃଦ୍‌ବୋଧ ହେଲା କୃଷ୍ଣଚନ୍ଦ୍ର ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ ଗଠନ କରିପାରିବେ ।

ଉତ୍କଳର ପ୍ରଖ୍ୟାତ ଗଜପତି ବଂଶସମ୍ଭୂତ ଗୌରଚନ୍ଦ୍ର ଗଜପତି ଦେଓଙ୍କ ପୁତ୍ର ତଥା ପଦ୍ମନାଭ ନାରାୟଣ ଦେଓଙ୍କ ପୁତୁରା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ଖଣ୍ଡ ବିଖଣ୍ଡିତ ଉତ୍କଳ ପ୍ରଦେଶର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ନନ୍ଦିନୀ ମହେନ୍ଦ୍ରତନୟା କୂଳ ପାରଳାଖେମୁଣ୍ଡି ରାଜପ୍ରାସାଦରେ ଏପ୍ରିଲ, ୨୬ ତାରିଖ, ୧୮୯୨ ରେ ଜନ୍ମ ଗ୍ରହଣ କରିଥିଲେ । ସେଦିନ ଯେ ଅମାବାସ୍ୟା ତିଥି ଥିଲା ତାହା ନୁହେଁ, ସମଗ୍ର ଓଡ଼ିଆଙ୍କ ଜୀବନାକାଶରେ ଅମାନିଶିର ଘନଘଟା ତମସା ଘୋଟି ରହିଥିଲା । ସେ ଅନ୍ଧକାରାଚ୍ଛନ୍ନ ପରିସ୍ଥିତି ଦୂରକରି ଆଲୋକ ସଂଚାରଣ କରିବା ପାଇଁ ଉତ୍କଳ ମାତାର ବରପୁତ୍ର ଭାବେ ଜନ୍ମଗ୍ରହଣ କରି ଜୀବନର ଶେଷ ମୁହୂର୍ତ୍ତ ଯାଏଁ ପିତା ଗୌରଚନ୍ଦ୍ର, ବାବା ପଦ୍ମନାଭଙ୍କ ପରି ଉତ୍କଳ ଜନନୀକୁ ତଥା ଓଡ଼ିଆ ଭାଷା ଅଞ୍ଚଳକୁ ଏକତ୍ରିକରଣ କରିବା ପାଇଁ ଜୀବନ ଉତ୍ସର୍ଗ କରିଥିଲେ ।

କର୍ମଜୀବନ ଆରମ୍ଭରୁ 'ଉତ୍କଳଜ୍ୟୋତି' କୃଷ୍ଣଚନ୍ଦ୍ର ଗଜପତି ଉତ୍କଳବାସୀ, ଉତ୍କଳଦେଶ ଓ ଉତ୍କଳ ଭାଷାର ଏକତ୍ରିକରଣ ସାଧନାରେ ସାଧକ ହୋଇଥିଲେ । ପ୍ରଥମ ବିଶ୍ୱ ସମର ୧୯୧୪ ରୁ ଆରମ୍ଭ ହୋଇଥିଲା ଏବଂ ସେହି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶ୍ରଣ କରିବା ପାଇଁ ଆନ୍ଦୋଳନରେ ଏକ ନୂତନ ଅଧ୍ୟାୟର ସୃଷ୍ଟି ହୋଇଥିଲା । ଏ ସମୟରେ କୃଷ୍ଣଚନ୍ଦ୍ର ଗଜପତି ପ୍ରତ୍ୟକ୍ଷଭାବରେ 'ଉତ୍କଳ ସମ୍ମିଳନୀ' ସହିତ ସଂଶ୍ଳିଷ୍ଟ ହେଲେ । ତରୁଣ ବୟସରେ ସେ ହୃଦବୋଧ କରି ପାରିଥିଲେ ଯେ, ଓଡ଼ିଶା ପାଇଁ ସାକ୍ଷୀଗୋପାଳସ୍ଥିତ ବକୁଳବନ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିପାଇଁ ସେ ଉଦାର ଚିତ୍ତରେ ଅର୍ଥଦାନ କରିଥିଲେ । ଏହି ଦାନକୁ ପ୍ରଶଂସା କରି ପଣ୍ଡିତ ଗୋପବନ୍ଧୁ ଦାଶ 'ଉତ୍କଳ ଦୀପିକା'ରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସମୟରେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପାଇଁ ମଧ୍ୟ ତାଙ୍କ ଦାନ ଉଲ୍ଲେଖଯୋଗ୍ୟ । ରାଜ୍ୟର ପ୍ରାପ୍ତି ସମୟରେ ପ୍ରଜାମାନଙ୍କଠାରୁ ସଂଗୃହୀତ ଅର୍ଥର କିଛି ଅଂଶ ସେ ସାକ୍ଷୀଗୋପାଳସ୍ଥିତ ବନ ବିଦ୍ୟାଳୟ ସାହାଯ୍ୟାର୍ଥେ ପ୍ରଦାନ କରିଥିଲେ ।

ଉତ୍କଳ ପ୍ରଦେଶର ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଓଡ଼ିଆ ଛାତ୍ରଙ୍କ ଉନ୍ନତି ପାଇଁ ଅକାତରରେ ଅର୍ଥବ୍ୟୟ କରୁଥିଲେ । ବିଭିନ୍ନ ସମୟରେ ବିଭିନ୍ନ କମିଟି ସମ୍ମୁଖରେ, କମିଶନ ସାମନାରେ ସାକ୍ଷ୍ୟ ପ୍ରଦାନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାଣ ଭାବରେ 'ଗଜପତି କୃଷ୍ଣଚନ୍ଦ୍ର' ପ୍ରାତଃ ସ୍ମରଣୀୟ ହୋଇଛନ୍ତି । 'କରିବି ବା ମରିବି' ଶପଥ ବଜ୍ର ତୁଲ୍ୟ ନେଇ ଆଗେଇ ଚାଲିଥିଲେ । ସ୍ୱତନ୍ତ୍ର ଓଡ଼ିଆଙ୍କ ସ୍ୱତନ୍ତ୍ର ସଂସ୍କୃତି, ଭାଷା ଓ ପ୍ରଦେଶ ନିମନ୍ତେ କୃଷ୍ଣଚନ୍ଦ୍ର ଗଜପତି ନିଜ ଗନ୍ତବ୍ୟ ପଥରୁ ବିଚ୍ୟୁତ ନ ହୋଇ ଆଗକୁ ଆଗକୁ ଚାଲିଥିଲେ ଓ ପଛକୁ ଚାହିଁବାକୁ ଇଚ୍ଛା ନକରି ସଫଳତା ହାସଲ କରିଥିଲେ । ୧୯୨୭ ରୁ ୧୯୩୫ ଯାଏଁ ନିରବଚ୍ଛିନ୍ନ ଭାବେ ସାଇମନ କମିଶନଙ୍କ ଆଗମନଠାରୁ ଭାରତ ଶାସନ ଆଇନ ପ୍ରଣୟନ ଏବଂ ଏପ୍ରିଲ ପହିଲା ୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ତାଙ୍କୁ ପ୍ରାଣପାତ ଉଦ୍ୟମ କରିବାକୁ ପଡ଼ିଥିଲା ।

ସ୍ୱୟଂଶାସିତ ରାଜ୍ୟ ଗଠନ ଏପ୍ରିଲ ପହିଲା, ୧୯୩୬ ରେ ଲାଗୁ ହେଲା । ସମଗ୍ର ରାଜ୍ୟକୁ ୪୬ ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଗଲା । ଏ ମଧ୍ୟରୁ ୩୬ ଟି ସାଧାରଣ ଜାତି, ଗୋଟିଏ ଖ୍ରୀଷ୍ଟିୟାନ, ଦୁଇଟି ମହିଳା ଏବଂ ଅନ୍ୟ ୪ଟି ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ । ସାଧାରଣ ନିର୍ବାଚନ ୧୯୩୭ ଜାନୁୟାରୀ, ୨୩ ତାରିଖରେ ଅନୁଷ୍ଠିତ ହେଲା । ୨୪ ମାର୍ଚ୍ଚ, ୧୯୩୭ କଂଗ୍ରେସ ଦଳ ନେତାଙ୍କୁ ମନ୍ତ୍ରିମଣ୍ଡଳ ନିମନ୍ତେ ରାଜ୍ୟପାଳ ନିମନ୍ତ୍ରଣ କଲେ । ସେ ସମୟରେ କଂଗ୍ରେସ ମନା କରିବାରୁ ଏପ୍ରିଲ ପହିଲା ୧୯୩୭ ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ଶପଥ କରାଇଲେ । ଶ୍ରୀମାନ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ରାଜସ୍ୱ ମନ୍ତ୍ରୀ ଏବଂ ମହମ୍ମଦ ଲତିଫ୍ ରହମାନ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ଏ ସମୟରେ ଗଜପତି ଶିକ୍ଷା, ସଂସ୍କୃତି, ଶିଳ୍ପ, କୃଷି, ଜଳସେଚନ ଓ ନୂତନ ଓଡ଼ିଶା ନିର୍ମାଣ ଦିଗରେ ନୂତନ ବିଶ୍ୱ ବିଦ୍ୟାଳୟ, ବିଚାରାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ବ୍ରିଟିଶ ସରକାରଙ୍କର ଇଂପେରିଆଲ୍ ଏଗ୍ରିକଲ୍‌ଚର ସୋସାଇଟି ସଭ୍ୟ ହିସାବରେ ଭାରତରେ କୃଷି ଉନ୍ନୟନରେ ସାହାଯ୍ୟ କରିଥିଲେ । ପାରଳାଖେମୁଣ୍ଡିରେ ଆଦର୍ଶ କୃଷି କ୍ଷେତ୍ର, ଜଳସେଚନର ବ୍ୟବସ୍ଥା ନିମନ୍ତେ ରାମସାଗର, ସୀତାସାଗର ଏବଂ କେନାଲ ବ୍ୟବସ୍ଥା ଏବଂ ଆଦର୍ଶ ଇଂରାଜୀ ମହାବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ, ଦୁଇଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ, ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଏକ ବୈଷୟିକ ଶିକ୍ଷା ବିଦ୍ୟାଳୟ, ଶିଳ୍ପର ଉନ୍ନତି ପାଇଁ ବିଭିନ୍ନ କଳକାରଖାନା ଗଜପତି ଷ୍ଟିଲ ଟ୍ରଙ୍କ ସଡ଼କ ଏବଂ ନୌପଡ଼ାଠାରୁ ଗୁଣପୁର ଯାଏଁ ରେଳପଥ ଓ ଟେଲିଫୋନର ବ୍ୟବସ୍ଥା କରିଥିଲେ ।

ମହାରାଜା କୃଷ୍ଣଚନ୍ଦ୍ର ଜଣେ ଧୀଶକ୍ତି ସଂପନ୍ନ, ବୁଦ୍ଧିମାନ, ଗୁଣୀ, ପରୋପକାରୀ, ଦୟା ଧର୍ମ ଓ ଦାନଶୀଳ ବ୍ୟକ୍ତି, ସାହିତ୍ୟାନୁରାଗୀ, ସଂଗୀତ ଓ ସଂକୀର୍ତ୍ତନପ୍ରେମୀ ଥିଲେ । ବହୁ ଗ୍ରନ୍ଥକାରଙ୍କୁ ସାହାଯ୍ୟ କରିଛନ୍ତି । ଶିକ୍ଷାନୁଷ୍ଠାନର ଗରିବ ଓ ମେଧାବୀ ଛାତ୍ର-ଛାତ୍ରୀଙ୍କୁ ସହାୟତା ଯୋଗାଇବାରେ ସେ ଅଗ୍ରଣୀ ଥିଲେ । ଜଣେ ପ୍ରଜାବତ୍ସଳ, ଉତ୍ତମ ଶାସକ, ବହୁ ଭାଷା-ଭାଷୀ, ଗୁଣୀ ଓ ପଣ୍ଡିତ ଥିଲେ । କେବଳ ଦେଶ ଗଠନ ପାଇଁ ଶକ୍ତି ନଖଟାଇ ତା ସହିତ ଦେଶରକ୍ଷା କରିବାରେ ଅକାତରରେ ଧନବ୍ୟୟ କରିଛନ୍ତି ।

ପରାଧୀନ ଭାରତରେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଣ୍ଠିକୁ ସାହାଯ୍ୟ, ଚୀନ ଆକ୍ରମଣ ସମୟରେ ଲକ୍ଷାଧିକ ଟଙ୍କା, ବନ୍ଧୁକ, ସୁନା ପ୍ରଭୃତି ଦାନ କରିଛନ୍ତି । ସେ ଏକା ଧାରରେ ଏ ଜାତିର ସୈନିକ, ରକ୍ଷକ, ଶାସକ, ସଂସ୍କୃତି ପ୍ରେମୀ ତଥା ମାତୃଭାଷାର ଶ୍ରେଷ୍ଠ ପୂଜାରୀର ପରିଚୟ ଦେଇ ଯାଇଛନ୍ତି ।

ମହାରାଜା ୧୯୭୪ ଯାଏଁ ଏ ଜାତିର ଉତ୍‌ଥାନ-ପତନ ଦେଖି ଯାଇଛନ୍ତି । ରାଜକୀୟ ପରିପାଟୀରେ ରାଜୋଚିତ ଜୀବନକୁ ବି ସେ ପସନ୍ଦ କରି ବର୍ତ୍ତମାନର କଳୁଷିତ ତଥା ସ୍ୱାର୍ଥ, ସୁବିଧାବାଦୀ ଭୂମିକାରେ ଅଭିନୟ କରୁଥିବା ରାଜନୀତିଜ୍ଞ ଅଭିନେତା ଗହଣରେ ରହିବାକୁ ନାପସନ୍ଦ କରି ପାଟଣାର ରାଜା ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱକୁ ଅଗ୍ରାହ୍ୟ କରିଥିଲେ ।

ରାଜ ପରିବାରରେ ଜନ୍ମ ଲାଭ କରିଥିଲେ ମଧ୍ୟ ସମଗ୍ର ଓଡ଼ିଆ ଜାତି ପାଇଁ ଏକ ଯୋଗଜନ୍ମା ବ୍ୟକ୍ତି ବିଶେଷ ଥିଲେ । ଏ ଜାତିର ଘୋର ଦୁର୍ଦ୍ଦିନରେ ସେଥିରୟ ଶକ୍ତିରୂପେ ଉଭା ହୋଇଥିଲେ । ପୂଜ୍ୟ ଜନନାୟକ, ପ୍ରଜାବତ୍ସଳ ରାଜାଙ୍କ ମଧ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ରାଜନୀତିର ଊର୍ଦ୍ଧ୍ୱରେ ରହି ନିର୍ଲିପ୍ତ, ନିର୍ବିକାର, ନିରବଚ୍ଛିନ୍ନ ଦେଶ ସେବା ତାଙ୍କର ଧର୍ମ ଥିଲା । ୧୯୧୪, ଡ଼ିସେମ୍ବର ୨୬ ତାରିଖ ଓ ୨୭ ତାରିଖରେ 'ଉତ୍କଳ ସମ୍ମିଳନୀ'ର ଦଶମ ଅଧିବେଶନ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାର ଏକ ଅଟକଳ ସେ ସ୍ୱୟଂ ପ୍ରସ୍ତୁତ କରିଥିଲେ । ୧୯୧୭ ସାଲରେ ମଣ୍ଟେଗୁ ଚେମ୍‌ସଫୋର୍ଡ଼ କମିଟି ଭାଷାଭିତ୍ତିକ ପ୍ରଦେଶ ଗଠନ କଥା ପ୍ରକାଶ କରିଥିଲେ । ଉତ୍କଳ ସଦସ୍ୟଭାବେ କୃଷ୍ଣଚନ୍ଦ୍ର ଦିଲ୍ଲୀଠାରେ ମଣ୍ଟେଗୁଙ୍କ ସହିତ ସାକ୍ଷାତ କରିଥିଲେ । ୧୯୨୨ ମସିହାରେ ବିହାର ଓ ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଫିଲିପ-ଡ଼ଫ କମିଟି ବିଶାଖାପାଟଣା ଓ ଗଂଜାମ ଗସ୍ତ ବେଳେ ଗଜପତିଙ୍କ ସହିତ ସାକ୍ଷାତ କରିଥିଲେ । ୧୯୩୩ ରେ ଫିଲିଫ କଟକରେ ପ୍ରକାଶ କରିଥିଲେ ଯେ, ତାଙ୍କ ବିବରଣୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଦୃଷ୍ଟିଭଙ୍ଗୀ ଓ ଆଶାଦ୍ୱାରା ବହୁଳଭାବେ ପ୍ରଭାବିତ । ସମଗ୍ର ଦେଶ ୧୯୨୭, ଡ଼ିସେମ୍ବର ୨୬ ରେ ସାଇମନ କମିଶନକୁ ବାସନ୍ଦ କରିଥିଲା । କିନ୍ତୁ ଓଡ଼ିଶାର ସ୍ୱାର୍ଥ ନିମନ୍ତେ ଗଜପତି ଅଗ୍ରଣୀ ହୋଇ କଥାବାର୍ତ୍ତା କରିବାକୁ ଆଗେଇ ଆସିଥିଲେ । ଯଦ୍ୱାରା ଓଡ଼ିଶା କଥା ବିଚାର କରିବା ପାଇଁ ଆଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଗଲା ଓ ଏହି କମିଟି ଓଡ଼ିଶା ପାଇଁ ଅନୁକୂଳ ମତ ପ୍ରକାଶ କଲେ । ୧୯୩୦ ନଭେମ୍ବର ୧୨ ରୁ ୧୯୩୧ ଜାନୁଆରୀ ୧୯ ତାରିଖ ଯାଏଁ ପ୍ରଥମ ଗୋଲଟେବୁଲ ବୈଠକ ଲଣ୍ଡନରେ ଚାଲିଲା । କିନ୍ତୁ ଏଥିରେ ଓଡ଼ିଶା କଥା ବିଚାର ପାଇଁ ନଥିଲା । ବିହାର ଓ ଓଡ଼ିଶା ସରକାରଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟ ଭାବେ ଗୋଲଟେବୁଲ ବୈଠକରେ ଉତ୍ଥାପନ କରିପାରିଥିଲେ । ୧୯୩୧ ଜାନୁଆରୀ ୧୬ ରେ ଏକ ହୃଦୟସ୍ପର୍ଶକ ସାରଗର୍ଭକ ବକ୍ତୃତା ଏକ ଐତିହାସିକ ଭାଷଣ ଦେଇଥିଲେ । ଏକ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ନିଆଗଲା । ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଆନ୍ଧ୍ର ପାଇଁ ଭି.ଭି.ଗିରି, କର୍ଣ୍ଣାଟକ ପାଇଁ ବି. ଶିବରାଓ ଦାବୀ କରି କୃଷ୍ଣଚନ୍ଦ୍ର ଗଜପତିଙ୍କ ଯୁକ୍ତିକୁ ସମର୍ଥନ ଜଣାଇଥିଲେ । ୧୯୩୧, ସେପ୍ଟେମ୍ବର ୧୮ ତାରିଖରେ ଓଡ଼୍‌ନେଲ କମିଟିଙ୍କ ବିବରଣୀରେ ପ୍ରକାଶ ପାଇଛି ଯେ, ନିଜ ରାଜ୍ୟ ସହ ପାରଳାଖେମୁଣ୍ଡିକୁ ରାଜନୈତିକ ମିଶ୍ରଣ ନିମନ୍ତେ ଗଜପତି ଦକ୍ଷତାର ସହ ଯୁକ୍ତି ବାଢ଼ିଥିଲେ । ୧୯୩୨ ଏପ୍ରିଲ ୧୯ ତାରିଖରେ ଏ କମିଟି ରିପୋର୍ଟ ପ୍ରକାଶ ପାଇଲା । ତାହା ନୈରାଶ୍ୟଜନକ ଥିଲା । କାରଣ ପାରଳାଖେମୁଣ୍ଡି, ମେଦିନୀପୁର ଓ ସିଂହଭୂମିକୁ ଓଡ଼ିଶାରୁ

ବାଦ ଦେବା ପାଇଁ ସୁପାରିଶ କରାଯାଇଥିଲା । କିନ୍ତୁ ଏହି କମିଟିର ଅନ୍ୟ ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ । ୧୯୩୩ ମାର୍ଚ୍ଚ ୧୭ ରେ ପ୍ରକାଶିତ ବ୍ରିଟିଶ ଶ୍ୱେତପତ୍ର ନୈରାଶ୍ୟଜନକ ଥିବାରୁ ମଧୁସୂଦନଙ୍କ ନିବେଦନକ୍ରମେ କୃଷ୍ଣଚନ୍ଦ୍ର ଜଏଣ୍ଟ ସିଲେକ୍ଟ କମିଟିର ଆଗରେ ଏହିକଥା ଉପସ୍ଥାପନ କରିବାକୁ ବିଲାତ ଗଲେ । ଏହି କମିଟିର ଅଧ୍ୟକ୍ଷ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କୁ ପ୍ରଭାବିତ କରି ପାରିଥିଲେ । ପରେ ଭାରତରେ ବଡ଼ଲାଟ ଲର୍ଡ଼ ଉଲିଂଡ଼ନଙ୍କୁ ପ୍ରଭାବିତ କରି ଓଡ଼ିଶା ସହିତ ପାରଳାଖେମୁଣ୍ଡି ଓ ଜୟପୁରକୁ ମିଶାଇ ପାରିଥିଲେ ।

ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଯେଉଁ କେତେଜଣ ମହାନ ସାଧକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜାତୀୟତା ସୁରକ୍ଷା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଅନ୍ୟତମ । ସେ ଏକ ଐତିହାସିକ ବଂଶ ପରମ୍ପରାର ଯୋଗ୍ୟତମ ଦାୟାଦ ଥିଲେ । ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡି ମାରିବା ଭଳି ବହୁ ମନୀଷିଙ୍କ ଦୀର୍ଘକାଳର ସାଧନା ପରେ ପାରଳା ମହାରାଜା ହିଁ ସ୍ୱତନ୍ତ୍ର ଉତ୍କଳ ମୁଣ୍ଡି ମାରିଥିଲେ । ତାଙ୍କର ଦୂରଦୃଷ୍ଟି ଓ ସ୍ୱଦେଶ ପ୍ରୀତି ଅତୁଳନୀୟ ଥିଲା । ମେଡ଼ିକାଲ କଲେଜ ପ୍ରତିଷ୍ଠାର ସେ ସାଧକ ଥିଲେ ।

★★★

## ୧୯୯୯ରେ ଗୋପାଳପୁର ଇସ୍ପାତ କାରଖାନାରୁ ଉତ୍ପାଦନ ଆରମ୍ଭ ହେବ

ଗୋପାଳପୁର ନିକଟରେ ଟାଟା କମ୍ପାନୀ ପକ୍ଷରୁ ଏବଂ ଏଲ୍.ଏଣ୍ଡ.ଟି. ପକ୍ଷରୁ ୨ଟି ଇସ୍ପାତ କାରଖାନା ସ୍ଥାପନ କରାଯିବ । ଏହି ୨ଟି ଯାକ ଇସ୍ପାତ କାରଖାନା ପାଇଁ ଜମିଦଖଲ କାର୍ଯ୍ୟ ଆରମ୍ଭ କରାଯାଇଛି । ଟାଟା କମ୍ପାନୀ ପକ୍ଷରୁ ସ୍ଥାପନ କରାଯାଉଥିବା ଇସ୍ପାତ କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୧୯୯୯ ମସିହା ସେପ୍ଟେମ୍ବର ମାସ ସୁଦ୍ଧା ଶେଷ ହେବ ଏବଂ ଏଲ୍. ଏଣ୍ଡ. ଟି. ପକ୍ଷରୁ ଯେଉଁ ଇସ୍ପାତ କାରଖାନା ସ୍ଥାପନ କରାଯିବ ତାହାକୁ ଜମି ହସ୍ତାନ୍ତରର ୪୮ ମାସ ମଧ୍ୟରେ ଶେଷ କରାଯାଇ ଉତ୍ପାଦନ ଆରମ୍ଭ କରାଯିବ ।

ଟାଟା କମ୍ପାନୀ ପକ୍ଷରୁ ସ୍ଥାପନ କରାଯାଉଥିବା ଇସ୍ପାତ କାରଖାନା ନିମନ୍ତେ ୨ ହଜାର ୩୮୫ ଏକର ଜମି ହସ୍ତାନ୍ତର କରାଗଲାଣି । ଏହି ଜମିରୁ ସ୍ଥାନାନ୍ତରିତ ହେଉଥିବା ଗ୍ରାମବାସୀମାନଙ୍କ ପାଇଁ ଟାଟା କମ୍ପାନୀ ପୁନର୍ବସତି କଲୋନୀମାନ ନିର୍ମାଣ କରୁଛନ୍ତି । କାରଖାନା ପାଇଁ ଜଳ, ବିଦ୍ୟୁତ୍ ଓ ବନ୍ଦର ପ୍ରଭୃତିର ସୁବିଧା କରାଯାଉଛି ।

ଏହି ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଟାଟା କମ୍ପାନୀ ସହିତ ୨୨.୮.୯୫ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ରର ମିଆଦ ଏକବର୍ଷ ଥିଲା । ପରେ ଏହାର ମିଆଦକୁ ପୁଣି ୧ ବର୍ଷ ବୃଦ୍ଧି କରାଯାଇଛି । ଏହି ଇସ୍ପାତ କାରଖାନାର ପ୍ରଥମ ପର୍ଯ୍ୟାୟରେ କୋଲଡ୍ ରୋଲିଂମିଲ୍ ସ୍ଥାପନ କରାଯିବ ।

# ବନ୍ଦନା

**ଶ୍ରୀ ସନ୍ତୋଷ କୁମାର ଦାସ**

ଓଡ଼ିଆ କହିବି ପଖାଳ ଖାଇବି
ଓଡ଼ିଶା ମୋର ଜନ୍ମଭୂମି
ଶ୍ରୀ ଶ୍ରୀ ଜଗନ୍ନାଥ ଓଡ଼ିଶା ଠାକୁର
ଭାରତେ କମଳ ଶ୍ରୀକ୍ଷେତ୍ର ଭୂମି ॥୧॥

ଝଙ୍କଡ଼ କବି ସାରଳା ଦାସ
ଶ୍ରୀପଦେ କରେ ପ୍ରଣାମ
ରଚିଛନ୍ତି ମହାଭାରତ ପୁରାଣ
ଆଦିକବି ରୂପେ ବିଦିତ ନାମ ॥୨॥

ଗୀତ-ଗୋବିନ୍ଦ ସଂସ୍କୃତ କାବ୍ୟ
ରଚିଛନ୍ତି କବି ଜୟଦେବ
ତାଙ୍କ ଶ୍ରୀପୟରେ ପ୍ରଣାମ କରୁଛି
ପଢ଼ିବି ସଂସ୍କୃତ କାବ୍ୟ ॥୩॥


ସରଳ ଭାଷାରେ ଜଗନ୍ନାଥ ଦାସ
ଲେଖିଛନ୍ତି ଭାଗବତ ଗ୍ରନ୍ଥ
ଶୁଣିଲେ କର୍ଣ୍ଣରେ ମହତ ବାଣୀ
ମନ-ପ୍ରାଣ ହୁଏ ତୃପ୍ତ ॥୪॥

ଦାସିଆ ବାଉରୀ ଜଗନ୍ନାଥ ଭକ୍ତ
ଭକ୍ତିରେ ଦେଇଛି ନଡ଼ିଆ
ନେଇଛନ୍ତି ପ୍ରଭୁ ଦାସିଆ ନଡ଼ିଆ
ଧନ୍ୟ ହୋଇଛି ଦାସିଆ ॥୫॥


ଓଡ଼ିଆ ସଂସ୍କୃତି ଅଟଇ ମହାନ
ଧୂଳି-ମାଟି ତାର ଚନ୍ଦନ
ଓଡ଼ିଶାର ନେତା ସ୍ୱୟଂ ଜଗନ୍ନାଥ
ନୀଳାଚଳେ ଉଡ଼େ କେତନ ॥୬॥

ଝଙ୍କଡ଼ ବାସିନୀ ଜୟ ମା ଶାରଳା
କରୁଛି ଶ୍ରୀପଦେ ବନ୍ଦନା
ଲେଖିବି କବିତା ଭଜନ ମାଳା
ଘେନ ମା ମୋର ପ୍ରାର୍ଥନା ॥୭॥

କମିଶନର ଏବଂ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା



ପୁରୀ ଉଦୟନ ସାଂସ୍କୃତିକ ଏକାଡେମୀର ୩୪ ତମ ସମାବର୍ତ୍ତନ ଉତ୍ସବରେ ସଂଗୀତ ଓ
ନୃତ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ଗୋପାଳ ରାମାନୁଜମ୍ ଉପାଧି ପ୍ରଦାନ କରୁଛନ୍ତି



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସଭବନଠାରେ
ଶ୍ରୀ ଜଗନ୍ନାଥ ଜଣାଣ ସମ୍ବଳିତ ଭଜନ କ୍ୟାସେଟ୍ (ପାଟ ଦିଏଁ, ପାଟ ଓଢ଼ଣା)
ଉନ୍ମୋଚନ କରୁଛନ୍ତି




ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବିଧୁଭୂଷଣ ଦାସ ତାଙ୍କ ଅଧ୍ୟକ୍ଷତାରେ ପ୍ରଣୀତ ପ୍ରାଥମିକ
ଶିକ୍ଷା ନୀତି ପୁସ୍ତକ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ
ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଜୟଦେବ ଜେନାଙ୍କୁ ଅର୍ପଣ କରୁଛନ୍ତି



ସୂଚନା ଭବନଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଓଡ଼ିଶାର କ୍ଷୁଦ୍ର ଓ
ମଧ୍ୟମ ଶିଳ୍ପୋଦ୍ୟୋଗୀମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ
'ଶିଳ୍ପର ଜନକ' ଭାବେ ସମ୍ବର୍ଦ୍ଧିତ କରୁଛନ୍ତି



ଶ୍ରୀ ଲିଙ୍ଗରାଜ ଭଜନମଣ୍ଡପଠାରେ ମହାଶିବରାତ୍ରି ପାଳନ ଅବସରରେ ପ୍ରସିଦ୍ଧ ଭଜନ ଗାୟିକା କୁମାରୀ କବିତା
ପଡ଼୍ୱାଲଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ 'ପିନାକୀ ପୁରସ୍କାର'
ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି



ଛିଡ଼ିକି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗମନ୍ତ୍ରୀ
ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମୁଖ୍ୟମନ୍ତ୍ରୀଙ୍କ ସ୍ଥଳରେ
ଦଶହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି




ନରାଜ ବ୍ୟାରେଜ ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ,
ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ସାଂସଦ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ



ନାବାର୍ଡର ଅଧ୍ୟକ୍ଷ ଶ୍ରୀ ପି. କୋଟୟା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ
ପ୍ରକୋଷ୍ଠରେ ଭେଟି ଆଲୋଚନା କରୁଛନ୍ତି



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଗୁରୁ ପଙ୍କଜ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନୃତ୍ୟ ଶିଳ୍ପୀ
ଶ୍ରୀମତୀ ଅରୁଣା ମହାନ୍ତିଙ୍କୁ ମାହାରୀ ପୁରସ୍କାର ପ୍ରଦାନ କରୁଛନ୍ତି



ଭୁବନେଶ୍ବରର ତିରୁମଲା ତିରୁପତି କଲ୍ୟାଣମଣ୍ଡପଠାରେ ଆୟୋଜିତ ସର୍ବଭାରତୀୟ କ୍ୟାରମ୍ ପ୍ରତିଯୋଗିତାକୁ
ମୁଖ୍ୟମନ୍ତ୍ରୀ ଶ୍ରୀଜାନକୀବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି




ମହାଶିବରାତ୍ରି ଅବସରରେ ଲିଙ୍ଗରାଜ ମନ୍ଦିର ସମ୍ମୁଖସ୍ଥ ଭଜନ ମଣ୍ଡପଠାରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଲିଙ୍ଗରାଜ ପତ୍ରିକାର ମାସିକ
ପ୍ରଥମ ସଂକଳନକୁ ଉନ୍ମୋଚନ କରୁଛନ୍ତି



ସଚିବାଳୟଠାରେ ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ଏକ ବୈଠକରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି





ସିଧମୂଳାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟନାୟକ
ମହାନଦୀ ସେତୁର ଶିଳାନ୍ୟାସ କରୁଛନ୍ତି



ହୋଟେଲ 'କଳିଙ୍ଗ ଅଶୋକା'ଠାରେ ଇସ୍ରାଏଲ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ
ସମନ୍ୱିତ ଗ୍ରାମ୍ୟ ଆଞ୍ଚଳିକ ଯୋଜନାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରଶିକ୍ଷଣାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି




ଗଣିଆ -ବଡମୂଳ-କୁଟୁରୀ ରାସ୍ତା ଉପରେ ନିର୍ମିତ ଖଳଖଳା ନଦୀ ସେତୁ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି



ହୋଟେଲ ପ୍ରାଚୀଠାରେ ଭାରତୀୟ ଶିଳ୍ପସଂଘ ଦ୍ୱାରା ଆୟୋଜିତ ଓଡ଼ିଶାରେ ପୁଞ୍ଜିବିନିଯୋଗ
ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ଭାଷଣ ଦେଉଛନ୍ତି

# ଭାରତରତ୍ନ ବାବା ସାହେବ : ଡ଼କ୍ଟର ଆମ୍ବେଦକର

ଶ୍ରୀ ତାରାକାନ୍ତ ମହାନ୍ତି

ଭାରତୀୟ ସମ୍ବିଧାନର କୃତବିଦ୍ୟ ପ୍ରଣେତା, ଅବିଚଳିତ ଓ ଉତ୍ସର୍ଗୀକୃତ ସମାଜ ସଂସ୍କାରକ ଡ଼ଃ ଭୀମରାଓ ଆମ୍ବେଦକର ଆଧୁନିକ ଭାରତର ଇତିହାସରେ ଅନ୍ୟତମ ଅବିସ୍ମରଣୀୟ ପ୍ରତିଭା । ଏହି ମହାନ୍ ବ୍ୟକ୍ତିଙ୍କର ଜନ୍ମ ହୋଇଥିଲା ୧୮୮୧ ମସିହା ଏପ୍ରିଲ୍ ୧୪ ତାରିଖ ଦିନ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଏକ ଦରିଦ୍ର ଅସ୍ପୃଶ୍ୟ ମହାର ପରିବାରରେ । ତାଙ୍କ ପିତାଙ୍କ ନାମ ରାମଜୀ ସକ୍‌ପାଲ ଓ ମାତାଙ୍କ ନାମ ଥିଲା ଭୀମାବାଈ । ତତ୍କାଳୀନ ଭାରତୀୟ ସମାଜ ଉତ୍କଟ ବର୍ଣ୍ଣ ବିଦ୍ୱେଷ, ଉଚ୍ଚନୀଚ ଭେଦ ଭାବରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଆମ୍ବେଦକରଙ୍କର ଆବିର୍ଭାବ ଥିଲା ସ୍ୱାଗତଯୋଗ୍ୟ କିନ୍ତୁ ନିମ୍ନ ବର୍ଣ୍ଣର ସନ୍ତାନ ଭାବରେ ତାଙ୍କର ଶୈଶବ ଓ ଯୌବନ ସାମାଜିକ ଲାଞ୍ଛନା, ଅବହେଳା ଓ ଅପମାନିତରେ ଜର୍ଜରିତ ହୋଇ ପଡ଼ିଥିଲା । ମାନସିକ ଭାରସାମ୍ୟ ନହରାଇ ଏକ ଅପ୍ରତିଦ୍ୱନ୍ଦୀ ସୈନିକ ରୂପେ ଶୈଶବାବସ୍ଥାରୁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା । ପରବର୍ତ୍ତୀ କାଳରେ ସେ ସଂଘର୍ଷ ସମଗ୍ର ଦଳିତ ଜାତିର ଅଭ୍ୟୁତ୍ଥାନ ପାଇଁ ଅଭିପ୍ରେତ ଓ ନିୟାମକ ହୋଇଥିଲା ।

ଦୁଃଖ ଦୈନ୍ୟ ଓ ବିଭିନ୍ନ ଅସୁବିଧା ସତ୍ତ୍ୱେ ଛାତ୍ରାବସ୍ଥାରେ ନିଜର ଅଦମ୍ୟ ଜ୍ଞାନପିପାସା ଓ ଅଧ୍ୟବସାୟ ଯୋଗୁଁ ସେ ଅସାଧାରଣ ସାଫଲ୍ୟ ଅର୍ଜନ କରିଥିଲେ । ୧୯୦୭ ମସିହାରେ ବମ୍ବେର ଏଲଫିନ୍‌ଷ୍ଟୋନ ହାଇସ୍କୁଲରୁ ମାଟ୍ରିକ୍ ପାଶ କରିଥିଲେ । ସେ କଲେଜରେ ପଢ଼ି ଉଚ୍ଚ ଶିକ୍ଷା ଲାଭ କରିବାକୁ ପ୍ରବଳ ଆଗ୍ରହୀ ଥିଲେ । କିନ୍ତୁ ଦାରିଦ୍ର୍ୟ ଓ ଅନାଟନ ତାଙ୍କର ପ୍ରତ୍ୟେକ ପ୍ରଗତି ପଥରେ ବାଧାସୃଷ୍ଟି କରୁଥାଏ । ଏହି ସମୟରେ ବରୋଦାର ଉଦାରଚେତା ମହାରାଜା ଶୟାଜୀରାଓ ଗାଏକୱାଡ଼ ଆମ୍ବେଦକରଙ୍କ ମେଧା ଓ ଧୀଶକ୍ତିକୁ ପ୍ରଶଂସା କରି ତାଙ୍କୁ କଲେଜରେ ପଢ଼ିବା ନିମନ୍ତେ ମାସିକ ୨୫ ଟଙ୍କା ଲେଖାଏଁ ଏକ ଛାତ୍ର ବୃତ୍ତି ଦେଲେ । ଏତଦ୍ ବ୍ୟତୀତ ଆମ୍ବେଦକରଙ୍କୁ ତାଙ୍କର ଅନ୍ୟ ଦୁଇଜଣ ଶିକ୍ଷକ ମଧ୍ୟ ସାହାଯ୍ୟ କରିଥିଲେ । ସେମାନେ ହେଲେ କ୍ରୀଷ୍ଣଜୀ ଅର୍ଜନ କେଲୁଷ୍କର ଓ ପ୍ରଫେସର ମୁଲର । ଆମ୍ବେଦକର ବମ୍ବେର ଏଲଫିନଷ୍ଟୋନ କଲେଜରେ ପାଠପଢ଼ା ସାରି ୧୯୧୨ ମସିହାରେ ବି.ଏ. ପାଶ୍ କଲେ । ଏହି ସମୟରେ ବରୋଦାର ମହାରାଜା ଗାଏକୱାଡ଼ କେତେକ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବିଲାତ ପଠାଉଥାନ୍ତି । ସେଥିପାଇଁ ଗୋଟିଏ ସର୍ତ୍ତଥିଲା ଯେ ଉଚ୍ଚଶିକ୍ଷା ଲାଭ ପରେ ସେ ଯୁବକମାନେ ଫେରିଆସି ବରୋଦାରେ ଦେୱାନୀ କାର୍ଯ୍ୟ କରିବେ । ଏହି ସର୍ତ୍ତରେ ରାଜି ହୋଇ ଆମ୍ବେଦକର ବିଲାତ ଯିବା ପାଇଁ ବରୋଦା ମହାରାଜାଙ୍କ ପ୍ରେରଣା ଓ ଆର୍ଥିକ ସହାୟତା ଲାଭ କରି ଓ ଗାଏକୱାଡ଼ ବୃତ୍ତି ପାଇ ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ.ଏ. ପାଶ କଲେ । ପରେ ପରେ ଉଚ୍ଚତର ଗବେଷଣା କାର୍ଯ୍ୟ ମଧ୍ୟ ସଂପନ୍ନ କରିଥିଲେ । ପୃଥିବୀ ପ୍ରସିଦ୍ଧ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭକରି ଡ଼ଃ ଆମ୍ବେଦକର ସର୍ତ୍ତ ଅନୁଯାୟୀ ମହାରାଜା ଗାଏକୱାଡ଼ଙ୍କ ଦେୱାନୀରେ ବରୋଦା ରାଜ୍ୟର ସାମରିକ ସଚିବ ଭାବେ ନିଯୁକ୍ତି ପାଇଲେ । କିନ୍ତୁ ସେଠି ସେ ବେଶୀ ଦିନ ତିଷ୍ଠି ପାରି ନଥିଲେ ଓ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ । ଏହି ସମୟରେ ବମ୍ବେର ସିଂଡେନ୍‌ହାମ୍ କଲେଜର ଅର୍ଥନୀତି ବିଭାଗରେ ଜଣେ ପ୍ରଫେସରଙ୍କ ସ୍ଥାନ ଖାଲିଥାଏ । ଡ଼ଃ ଆମ୍ବେଦକର ସେଥିପାଇଁ ଆବେଦନ କରି ସେହି ସ୍ଥାନ ପୂରଣ କରିବାକୁ ଯୋଗ୍ୟ ବିବେଚିତ ହେଲେ । ସେ ସେଠାରେ ପଲିଟିକାଲ୍ ଏକୋନମି ପଢ଼ାଉଥିଲେ । କିନ୍ତୁ ସମାଜର ଦୂଷିତ ବାତାବରଣ, ଉଚ୍ଚ ନୀଚ ମନୋଭାବ, ସାମାଜିକ ଶୋଷଣ ଓ ଅନ୍ୟାୟ ଯୋଗୁଁ ସେ କିଛି ଅର୍ଥ ସଂଚୟ କରି ଉଚ୍ଚଶିକ୍ଷା ନିମନ୍ତେ ଲଣ୍ଡନ ଯିବା ପାଇଁ ଲାଗିଥାନ୍ତି । ୧୯୨୦ ମସିହାରେ ସେ ଇଂଲଣ୍ଡ ଯାଇ ସ୍କୁଲ ଅଫ୍ ଇକୋନୋମିକ୍ସରେ ଅର୍ଥନୀତିରେ ଏମ.ଏସ. ସି. ପାଇଁ ଆବେଦନ କଲେ । ଲଣ୍ଡନ ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ଡ଼ଃ ଆମ୍ବେଦକରଙ୍କ ଅର୍ଥନୀତି ଶାସ୍ତ୍ରରେ ଗଭୀର ଜ୍ଞାନ ଦେଖି ଏମ.ଏସ.ସି. ପରେ ତାଙ୍କୁ ଡକ୍ଟର ଅଫ୍ ସାଇନସ୍ ପ୍ରବେଶ କରାଇଦେଲେ । ଏହି ସମୟରେ ଡ଼ଃ ଆମ୍ବେଦକର ମଧ୍ୟ ଆଇନ୍ ଶାସ୍ତ୍ରରେ ଜ୍ଞାନ ଅର୍ଜନ ପାଇଁ ପ୍ରବଳ ଆଗ୍ରହୀ ହୋଇ ପଡ଼ିଥିଲେ । ତେଣୁ ସେ ଲଣ୍ଡନର ଗ୍ରେସ ଇନ-ବାର-ଆଟ-ଲ ପଢ଼ିବା ପାଇଁ ଯୋଗ ଦେଲେ । ସେ ବ୍ରିଟିଶ ମ୍ୟୁଜିଅମ୍ ଲାଇବ୍ରେରୀରେ ବହୁ ପୁସ୍ତକ ଅଧ୍ୟୟନ କରି ଅର୍ଥନୀତି ଶାସ୍ତ୍ର, ଆଇନ ଓ ବିଚାର ଶାସ୍ତ୍ର, ରାଜନୀତି ବିଜ୍ଞାନ, ଇତିହାସ, ନୃତତ୍ତ୍ୱ ଓ ସମାଜ ବିଜ୍ଞାନ ଆଦି ବିଷୟରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ, ଯେଉଁଠାରେ ପୂର୍ବରୁ ପୃଥିବୀର ବିଶିଷ୍ଟ ବିଜ୍ଞ ବ୍ୟକ୍ତିମାନେ ଯଥା କାର୍ଲମାର୍କସ, ଲେଲିନ୍, ମାଜିନି ଓ ସଭରକର ଇତ୍ୟାଦି ଅଧ୍ୟୟନ କରିଥିଲେ । ଡ଼ଃ ଆମ୍ବେଦକର ୧୯୨୧ ମସିହାରେ ଅର୍ଥନୀତିରେ ଏମ.ଏସ୍.ସି. ଓ ୧୯୨୨ ରେ ବାର-ଆଟ-ଲ ତଥା ଅର୍ଥନୀତିରେ ଡ଼ି.ଏସ.ସି. ଡିଗ୍ରୀରେ ଭୂଷିତ ହେଲେ । ଲଣ୍ଡନ ସ୍କୁଲ ଅଫ

ଇକୋନୋମିକସରୁ ଡି.ଏସ.ସି. ଡିଗ୍ରୀ ପାଇବାରେ ସେ ଥିଲେ ପ୍ରଥମ ଭାରତୀୟ ।

ପୃଥିବୀର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ ପରେ ଭାରତକୁ ଫେରିଆସି ଡ଼ଃ ଆମ୍ବେଦକର କିଛି ଦିନ ପାଇଁ ବମ୍ବେ ହାଇକୋର୍ଟରେ ଓକିଲାତି କରିଥିଲେ । ଆଇନ୍ ବ୍ୟବସାୟ ଦ୍ୱାରା ଅର୍ଥ ଉପାର୍ଜନ କରିବା ତାଙ୍କ ଜୀବନର ଲକ୍ଷ୍ୟ ନଥିଲା କି ଏଥିରେ ସେ ଶାନ୍ତି ପାଇ ନଥିଲେ । ଭାରତର ଲକ୍ଷ ଲକ୍ଷ ଅସ୍ପୃଶ୍ୟମାନଙ୍କର ଦୈନ୍ୟ, ଦୁର୍ବିପାକ ଓ ଅଜ୍ଞତା ସର୍ବଦା ତାଙ୍କ ଆଖି ଆଗରେ ନାଚି ଉଠୁଥାଏ । ଦୁଃଖ କଷ୍ଟରେ ପୀଡ଼ିତ ଅସ୍ପୃଶ୍ୟମାନଙ୍କୁ ନିଜ ମାତୃଭୂମିର ପାଣି, ପବନ ଓ ରାସ୍ତାଘାଟ ଉପରେ ଅଧିକାର ଦେବା ଓ ସେମାନଙ୍କର ରାଜନୈତିକ ଅଧିକାର ସାବ୍ୟସ୍ତ କରିବାକୁ ସେ ଏକ ସଂଗ୍ରାମ ଆରମ୍ଭ କଲେ । ମହଦ୍ ସତ୍ୟାଗ୍ରହ (୧୯୨୭) ସେଥି ମଧ୍ୟରୁ ସର୍ବ ପ୍ରଧାନ । ଏତଦ୍ ବ୍ୟତୀତ ଅସ୍ପୃଶ୍ୟମାନଙ୍କୁ ଅନ୍ୟ ହିନ୍ଦୁମାନଙ୍କ ପରି ସାମାଜିକ ଓ ଧର୍ମନୈତିକ ଅଧିକାର ଦେବା ନିମନ୍ତେ ସେ କେତେକ ମନ୍ଦିର ପ୍ରବେଶ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ । ତନ୍ମଧ୍ୟରୁ ନାସିକ୍‌ର କଳାରାମ ମନ୍ଦିର ପ୍ରବେଶ ଅଭିଯାନ ପ୍ରଧାନ । ତା'ପରେ ସେ ସମତା ସୈନିକ ଦଳ ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ଭାରତ ସ୍ୱାଧୀନ ହେବା ପରେ ଭାରତ ସମ୍ବିଧାନ ପ୍ରସ୍ତୁତ କରିବା ନିମନ୍ତେ ଡ଼ଃ ଆମ୍ବେଦକରଙ୍କୁ ଡ୍ରାଫ୍‌ଟିଂ କମିଟିର ଚେୟାରମ୍ୟାନ୍ ରୂପେ ୧୯୪୭ ଅଗଷ୍ଟ ୨୯ ରେ ନିର୍ବାଚିତ କରାଗଲା ଓ ଏହି କାର୍ଯ୍ୟ ସଂପନ୍ନ ହେବା ଲାଗି ୨ ବର୍ଷ ୧୧ମାସ ୧୭ ଦିନ ଲାଗିଥିଲା । ଏହି ଦୀର୍ଘ ସମୟ ମଧ୍ୟରେ ଡ଼ଃ ଆମ୍ବେଦକର ନିଜର ଆଇନ୍ ଓ ବିଚାର ଶାସ୍ତ୍ର ତଥା ପୃଥିବୀର ବିଭିନ୍ନ ଦେଶର ସମ୍ବିଧାନଗୁଡ଼ିକ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ମାଧ୍ୟମରେ ସୁଚାରୁରୂପେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ବହନ କରିଥିଲେ । ଭାରତର ସମ୍ବିଧାନ ପ୍ରସ୍ତୁତି ପରେ ପରେ ତାଙ୍କୁହିଁ ପୁଣି ପ୍ରସ୍ତୁତ କରିବାକୁ ପଡ଼ିଥିଲା ବିଖ୍ୟାତ ହିନ୍ଦୁ କୋଡ଼ବିଲ୍ । ଡ଼ଃ ଆମ୍ବେଦକର ଗଣତନ୍ତ୍ର ଓ ସମାଜବାଦର ଜଣେ ଦୃଢ଼ ପ୍ରବକ୍ତା ଥିଲେ । ସେ ଯେ କେବଳ ମଣିଷ ଓ ମଣିଷ ମଧ୍ୟରେ ସମାନତା ଚାହୁଁଥିଲେ ତା' ନୁହେଁ, ସେ ମଧ୍ୟ ଚାହୁଁଥିଲେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ସମାନତା । ତାଙ୍କର 'ହିନ୍ଦୁ କୋଡ଼ବିଲ୍' ଏହାର ଜ୍ୱଳନ୍ତ ପ୍ରମାଣ । ସେ ନାରୀମାନଙ୍କର ଶିକ୍ଷାଗତ ଅଧିକାର ସହ ସେମାନଙ୍କର ସଂପତ୍ତି ଉପରେ ଅଧିକାର ଓ ଛାଡ଼ପତ୍ର ନେବାର କ୍ଷମତା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ । ଏଥିପାଇଁ ସେ ସମଗ୍ର ଭାରତୀୟ ନାରୀ ସମାଜରେ ଚିର ସ୍ମରଣୀୟ । ପରବର୍ତ୍ତୀ ସମୟରେ ସେ ହିନ୍ଦୁ ବିବାହ ଆଇନ୍, ହିନ୍ଦୁ ସକ୍‌ସେସନ୍ ଆକ୍ଟ, ହିନ୍ଦୁ ମାଇନରିଟି ଆଣ୍ଡ ଗାର୍ଡ଼ିଆନ୍ ସିପ୍ ଆକ୍ଟ, ହିନ୍ଦୁ ମେଣ୍ଟେନାନ୍‌ସ ଆକ୍ଟ ପ୍ରଭୃତିର ରୂପରେଖ ନିର୍ମାଣ କରି ପାର୍ଲିଆମେଣ୍ଟରେ ଅନୁମୋଦିତ କରାଇ ପାରିଥିଲେ । ଏଥିପାଇଁ ଯଥାର୍ଥରେ ଜଷ୍ଟିସ୍ ଗଜେନ୍ଦ୍ରଗଡ଼କର ତାଙ୍କୁ ସମ୍ବୋଧନ କରିଥିଲେ "ଆଧୁନିକ ମନୁ" ।

ସେ ଥିଲେ ଏକାଧାରରେ ଅଭିଜ୍ଞ ଆଇନଜ୍ଞ, ଅର୍ଥନୀତିଜ୍ଞ, ସମାଜବିତ୍, ସଂସଦୀୟ ପରମ୍ପରାର ଏକ ମର୍ଯ୍ୟାଦା ପୁରୁଷ ଓ ସର୍ବୋପରି ରାଷ୍ଟ୍ରନେତା ।

୧୯୫୬ ମସିହା ଡିସେମ୍ବର ୬ ତାରିଖରେ ଏହି ଆଜୀବନ ସଂଗ୍ରାମୀ ତ୍ୟାଗପୂତ ସାଧକଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ମହାନ୍ ସ୍ମୃତିପ୍ରତି ଶ୍ରଦ୍ଧାଂଜଳି ଜ୍ଞାପନ ପୂର୍ବକ ଭାରତ ସରକାର ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରିଅଛନ୍ତି । ତାଙ୍କର କୀର୍ତ୍ତି ଓ କୃତିରାଜି ଭାରତ ଇତିହାସରେ ଏକ ଅନନ୍ୟ ଭାବୋଦ୍ଦୀପକ ଅଧ୍ୟାୟ । ସେ ସମଗ୍ର ଦଳିତ, ଶୋଷିତ, ଲାଞ୍ଛିତ ମାନବ ଜାତିର ପ୍ରେରଣାର ଉତ୍ସ ହୋଇ ସବୁଦିନ ପାଇଁ ଚିର ନମସ୍ୟ ହୋଇ ରହିଥିବେ ।

ଉପନିର୍ଦ୍ଦେଶକ ତଥା ଉପଶାସନ ସଚିବ
ସୂଚନା ଓ ଲୋକ ସଂପର୍କ ବିଭାଗ

★★★

ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା

- ସ୍ୱଭାବ କବି ଗଙ୍ଗାଧର

# ସମ୍ବଲପୁର ଭାଷା ଆନ୍ଦୋଳନରେ ଶ୍ରୀପତି ମିଶ୍ରଙ୍କ ଭୂମିକା

ଶ୍ରୀ ଗଣେଶରାମ ନାହାକ

୧୮୯୫ ମସିହା ଜାନୁଯାରୀ ୧୫ ତାରିଖରେ ସମ୍ବଲପୁର ଇତିହାସରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ଘଟିଗଲା । ସେଦିନ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ଉଠାଇ ଦେଇ ହିନ୍ଦୀଭାଷା ପ୍ରଚଳନ କରିବାର ପ୍ରସ୍ତାବ ହେଲା । ତତ୍‌କାଳୀନ ମଧ୍ୟ ପ୍ରଦେଶର ଚିଫକମିଶନର ଥିଲେ ଉଡ୍‌ବର୍ଣ୍ଣ ସାହେବ । ସେ ସମ୍ବଲପୁରରେ ହିନ୍ଦୀ ଭାଷା ସରକାରୀ ଭାଷା ରୂପେ ପ୍ରଚଳନ କରିବା ପାଇଁ ଆଦେଶ ଦେଲେ ଏବଂ ସେ ବିଷୟରେ ସେ ଜନସାଧାରଣଙ୍କର ମତ ଲୋଡ଼ିଲେ । ମିଷ୍ଟର ଆର.ଏ.ବି. ଚେପମେନ ସେତେବେଳେ ସମ୍ବଲପୁରର ଡେପୁଟି କମିଶନର ଥିଲେ । ସେ ମଧ୍ୟ ସମ୍ବଲପୁରରେ ହିନ୍ଦୀଭାଷା ପ୍ରଚଳନର ପକ୍ଷପାତୀ ଥିଲେ । ଏହାର ସପକ୍ଷରେ ସେ ରିପୋର୍ଟ ଦେଲେ । ଏ ଅଞ୍ଚଳର ଲୋକମାନଙ୍କର ମାତୃଭାଷା ଥିଲା ଓଡ଼ିଆ । ଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଲା । ସେହିବର୍ଷ ମାର୍ଚ୍ଚ ୫ ତାରିଖ ଦିନ 'ସମ୍ବଲପୁର ହିତୈଷିଣୀ'ରେ କବି ଗଙ୍ଗାଧର 'ଉତ୍କଳ ଭାରତୀଙ୍କ ନିବେଦନ ନାମକ ଏକ କବିତା ପ୍ରକାଶ କଲେ । ସେଥିରେ ସେ କ୍ଷୋଭ ପ୍ରକାଶ କରି ଲେଖିଲେ :-

''ନିର୍ବାସନ ହେବା ପାଇଁ କି
  ଅଛି ଜନନୀ ଭାଲେ,
ମାତୃହୀନ ଦଶା ଘଟିବା
  ଅଛି ଆମ୍ଭ କପାଳେ ।
ଭବିତବ୍ୟ ଯାହା ତା ଘଟୁ
  ବିଧି ଆମର ସିନା,
ବୋଲି କା ପୁରୁଷ ନ ହୁଅ
  ମୁହୁଁ ଉଦ୍ୟୋଗ ବିନା ।''

ସେହି ବର୍ଷ ଜୁନ୍‌ମାସ ୧୩ ତାରିଖ ଦିନ ସମ୍ବଲପୁରଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ସ୍ୱର୍ଗତ ଧରଣୀଧର ମିଶ୍ର । ସେହି ସଭାରେ ହିନ୍ଦୀ ଭାଷା ପ୍ରଚଳନ ବିରୁଦ୍ଧରେ ଏକ ପ୍ରସ୍ତାବ ଗୃହୀତ ହେଲା ଏବଂ ସେ ପ୍ରସ୍ତାବଟି ବଡ଼ଲାଟ ଲର୍ଡ୍ ଏଲ୍‌ଗିନଙ୍କ ପାଖକୁ ପଠାଗଲା । କିନ୍ତୁ ବଡ଼ଲାଟ ଏ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ । ଫଳରେ କୋର୍ଟ କଚେରୀରେ ହିନ୍ଦୀ ଭାଷାର ପ୍ରଚଳନ ହେଲା । ସ୍କୁଲମାନଙ୍କରୁ ଓଡ଼ିଆ ଭାଷାର ବିଲୋପ ଚେଷ୍ଟା ଚାଲିଲା ।

ଏହି ଅବାଞ୍ଛିତ ଆକ୍ରମଣ ଫଳରେ ସମ୍ବଲପୁରବାସୀ ବିକ୍ଷୁବ୍ଧ ହୋଇ ଉଠିଲେ । ବହୁ ସଭାସମିତି ଗଠିତ ହେଲା । ପ୍ରତିବାଦ ହେଲା । ଅସନ୍ତୋଷ ଲାଗି ରହିଥାଏ । ଅଭିଯୋଗ ହେଉଥାଏ । ୧୯୦୧ ମସିହାରେ ସମ୍ବଲପୁର ଜିଲ୍ଲାରେ ଜନଗଣନା କାର୍ଯ୍ୟ ଆରମ୍ଭ ହେଲା । ଏହି କାମ କରିବା ପାଇଁ ହିନ୍ଦୀ ଭାଷାଭାଷୀ କର୍ମଚାରୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ଏହି କାର୍ଯ୍ୟରେ ଲୋକଙ୍କ ସହିତ ସିଧା ସଳଖ ସଂପର୍କ ରଖିବାକୁ ପଡ଼ିବ । ଓଡ଼ିଆଙ୍କ ସାହାଯ୍ୟ ବିନା ଓଡ଼ିଆ ଭାଷୀ ଅଞ୍ଚଳରେ ଜନଗଣନା କାର୍ଯ୍ୟ କରିବା ଅସମ୍ଭବ । ସରକାରଙ୍କୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଲା । କିନ୍ତୁ ଏ ସମୟରେ ବୈକୁଣ୍ଠ ନାଥ ପୂଜାରୀ ନାମକ ଜଣେ ଉତ୍ସାହୀ ଓଡ଼ିଆ ଯୁବକ ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଥିଲେ । ତାଙ୍କର ସହାୟତାରେ ଓଡ଼ିଆରେ ଜନଗଣନା କାମ ଚାଲିଲା । ଗାଁ ଗାଁ ବୁଲି ସେ ଓଡ଼ିଆ ଭାଷାର ପ୍ରଚଳନ ସପକ୍ଷରେ ଲୋକଙ୍କୁ ବୁଝାଉ ଥିଲେ । ତାଙ୍କର ଦେଶ ଭକ୍ତି ଓ ଭାଷା ପ୍ରୀତି ଥିଲା କଳ୍ପନାତୀତ ।

ଏହାପରେ ଭାଷା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା । ସମ୍ବଲପୁର ଜନସାଧାରଣ ତତ୍କାଳୀନ ବଡ଼ଲାଟ ଲର୍ଡ଼କର୍ଜନଙ୍କୁ ଏକ ସ୍ମାରକ ପତ୍ର ପଠାଇଲେ । ଏହାର ଏକ କିତା ନକଲ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର ଏଣ୍ଡ୍ରୁ ଫ୍ରେଜରଙ୍କୁ ମଧ୍ୟ ପଠାଇଲେ । ଏହି ସ୍ମାରକ ପତ୍ରର ଆଉ ଏକ ନକଲ ନେଇ ସମ୍ବଲପୁରର ଚାରିଜଣ ନେତୃସ୍ଥାନୀୟ ବ୍ୟକ୍ତି ବଳଭଦ୍ର ସୁଆର, ମହନ୍ତ ବିହାରୀ ଦାସ, ମଦନ ମୋହନ ମିଶ୍ର ଓ ବ୍ରଜମୋହନ ପଟ୍ଟନାୟକ ୧୯୦୧ ମସିହା ଜୁଲାଇ ମାସରେ ନାଗପୁର ଯାତ୍ରା କଲେ । ସେଠାରେ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର ଏଣ୍ଡ୍ରୁ ଫ୍ରେଜରଙ୍କୁ ସାକ୍ଷାତ କଲେ । ଫ୍ରେଜର ସାହେବ ସେମାନଙ୍କର ଅଭିଯୋଗ ଶୁଣିଲେ । ବଡ଼ଲାଟଙ୍କୁ ଏ ବିଷୟରେ ଜଣାଇ ଦେବା ପାଇଁ ପ୍ରତିଶ୍ରୁତି ଦେଲେ ।

ସ୍ୱଦେଶ ଓ ଭାଷାପ୍ରେମରେ ସମ୍ବଲପୁରବାସୀ ଉଦ୍‌ବୁଦ୍ଧ ହୋଇ ପଡ଼ିଲେ । ପ୍ରବଳ ଜାଗରଣ ସୃଷ୍ଟି ହେଲା । ସମ୍ବଲପୁର ଜିଲ୍ଲାରେ

ଓଡ଼ିଆ ଭାଷା ରହୁ । ହିନ୍ଦୀଭାଷା ଉଠାଇ ଦିଆଯାଉ । ଏହା ଥିଲା ଜନତାର ସମ୍ମିଳିତ ସ୍ୱର । ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ କରିବା ପାଇଁ କେତେକ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ପଠାଇବାକୁ ସ୍ଥିର ହେଲା । ଶ୍ରୀପତି ମିଶ୍ର ବ୍ରଜମୋହନ ପଟ୍ଟନାୟକ, ମହନ୍ତ ବିହାରୀ ଦାସ, ବଳଭଦ୍ର ସୂପକାର ଓ ମଦନ ମୋହନ ମିଶ୍ର ଏଥିପାଇଁ ମନୋନୀତ ହେଲେ ।

ଏମାନଙ୍କ ମଧ୍ୟରେ ଶ୍ରୀପତି ମିଶ୍ର ଥିଲେ ସମସ୍ତଙ୍କଠୁ ସାନ । ତାଙ୍କର ଭାଷା ଜ୍ଞାନ ଥିଲା ଗଭୀର । ସେ ସୁନ୍ଦର ଭାବରେ ଇଂରାଜୀ ଏବଂ ଓଡ଼ିଆ କହି ପାରୁଥିଲେ ଏବଂ ଲେଖିପାରୁଥିଲେ । ତେଣୁ ତାଙ୍କୁ ସମସ୍ତେ ଆଦର କରୁଥିଲେ । ୧୮୭୩ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ସହରର ପଟ୍ଟନାୟକ ପଡ଼ାରେ ତାଙ୍କ ପିତାଙ୍କ ନାମ ବଳରାମ ମିଶ୍ର ଓ ମାତାଙ୍କ ନାମ ପାର୍ବତୀ ଜନ୍ମରୁ । ବଳରାମ ମିଶ୍ର ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ଚାରୋଟି ସନ୍ତାନର ଜନକ ଥିଲେ ସେ । ଶ୍ରୀପତି, ଦାଶରଥି ଓ ଦୀନବନ୍ଧୁ ନାମ ତିନୋଟି ପୁଅ ଓ ଶ୍ରୀମତୀ ନାମକ ଏକ ଝିଅ ଥିଲେ । ଶ୍ରୀପତି ବାବୁ ତାଙ୍କର ଜ୍ୟେଷ୍ଠ ପୁତ୍ର । ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ବଳରାମ ମିଶ୍ର ସଦା ତତ୍ପର ଥିଲେ । ପାଞ୍ଚବର୍ଷରେ ଶ୍ରୀପତିଙ୍କୁ ସ୍କୁଲରେ ନାମ ଲେଖାଇଲେ ।

ଶ୍ରୀପତି ଥିଲେ ଜଣେ ଧୀର ଶାନ୍ତ ପ୍ରକୃତିର ବାଳକ । ବାଲ୍ୟ ବୟସରେ ସେ ସୁଛାତ୍ର ଭାବରେ ପରିଚିତ ହୋଇଥିଲେ । ତାଙ୍କର ସ୍ମରଣ ଶକ୍ତି ପ୍ରଖର ଥିଲା । ମେଧାବୀ ଛାତ୍ର ଭାବରେ ସେ ସମସ୍ତଙ୍କର ପ୍ରିୟ ଭାଜନ ହୋଇଥିଲେ । ସପ୍ତମ ଶ୍ରେଣୀ ପାସ୍ କଲାପରେ ସମ୍ବଲପୁର ଜିଲ୍ଲା ସ୍କୁଲରେ ସେ ଅଧ୍ୟୟନ କଲେ । ପ୍ରତ୍ୟେକ ଶ୍ରେଣୀରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଉଥିଲେ । ୧୮୮୯ ମସିହାରେ ସେ ଏଣ୍ଟ୍ରାନସ୍ ପରୀକ୍ଷାରେ ପାସ କଲେ । ଉଚ୍ଚଶିକ୍ଷା ଲାଭ ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା । କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଉଚ୍ଚ ଶିକ୍ଷା ଲାଭ କରି ପାରିଲେ ନାହିଁ ।

ତା ପରେ ସେ ଚାକିରି ଅନୁସନ୍ଧାନରେ ଲାଗିଲେ । ଶିକ୍ଷା ବିଭାଗର ପରିଦର୍ଶକ ଭାବରେ ନିଯୁକ୍ତି ପାଇଲେ ସୋନପୁରଠାରେ । ତାଙ୍କରି କର୍ମଦକ୍ଷତା ଯୋଗୁଁ ଉପରିସ୍ଥ ହାକିମମାନେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କରି ଉଦ୍ୟମ ଫଳରେ ସୋନପୁର ଅଞ୍ଚଳର ଶିକ୍ଷାର ଅଭିନବ ପରିବର୍ତ୍ତନ ହୋଇଥିଲା ।

ସ୍ୱାଧୀନ ଚେତା, କର୍ମଠ ଶ୍ରୀପତି ମିଶ୍ରଙ୍କୁ ଚାକିରି ସୁଖପ୍ରଦ ହେଲା ନାହିଁ । ଚାକିରି ଛାଡ଼ି ଦେଲେ । ସମ୍ବଲପୁର ଚାଲି ଆସିଲେ । ଏ ସମୟରେ ସମ୍ବଲପୁର ଜିଲ୍ଲାରେ ପ୍ରବଳ ଭାଷା ଆନ୍ଦୋଳନ ଚାଲିଥାଏ । ଅପୂର୍ବ ଜାଗରଣ । ଜନ ମାନସରେ ଦେଖାଦେଇ ଥାଏ ତୀବ୍ର ଆଲୋଡ଼ନ । ଜନସାଧାରଣଙ୍କ ଦାବି ଥିଲା - ସମ୍ବଲପୁର ଜିଲ୍ଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳ । ଏହା ଓଡ଼ିଶା ଡିଭିଜନ ଅନ୍ତର୍ଗତ ହୋଇ ରହୁ । ଏହି ଗୋଟିଏ ଜିଲ୍ଲାକୁ ହିନ୍ଦୀ ଭାଷା ପ୍ରଦେଶରେ ରଖା ନଯାଉ ।

ଯୁବକ 'ଶ୍ରୀପତିଙ୍କୁ ଏହା ଗଭୀର ଭାବରେ ପ୍ରଭାବିତ କରିଥିଲା । ଆନ୍ଦୋଳନରେ ଯୋଗ ଦେଲେ ସେ । ପୂର୍ଣ୍ଣପ୍ରାଣରେ ଲାଗି ପଡ଼ିଲେ । ସଭା ସମିତିରେ ସକ୍ରିୟ ଅଂଶ ଗ୍ରହଣ କଲେ ଅସୀମ ଉତ୍ସାହ-ଉଦ୍ଦୀପନାର ସହିତ । ୧୯୦୧ ମସିହା ସେପ୍ଟେମ୍ବର ମାସ ସମ୍ବଲପୁରର ବିଶିଷ୍ଟ ନାଗରିକଙ୍କ ସହିତ ସେ ସିମିଲା ଗଲେ । ସେଠାରୁ ଫେରି ସେ ସିମିଲା ଯାତ୍ରା ନାମକ ଏକ ପୁସ୍ତକ ଲେଖିଥିଲେ ।

ଏହି ପୁସ୍ତକଟି ଓଡ଼ିଆ ଜାତିର ଅମୂଲ୍ୟ ଗ୍ରନ୍ଥ । ସିମିଲା ଯାତ୍ରା କାଳୀନ ସମସ୍ତ ଘଟଣା ଏଥିରେ ବର୍ଣ୍ଣିତ । ସମ୍ବଲପୁରରେ ଚାଲିଥିବା ଭାଷା ଆନ୍ଦୋଳନର ଚିତ୍ର ମନୋଜ୍ଞ ଭାବରେ ଅଙ୍କିତ । ଏ ପୁସ୍ତକରୁ ଭାଷା ଆନ୍ଦୋଳନର ବହୁ କଥା ଜାଣି ହୁଏ । ଶ୍ରୀପତି ମିଶ୍ର ଏ ପୁସ୍ତକ ରଚନା କରି ନଥିଲେ ଓଡ଼ିଶା ଇତିହାସର ଏକ ଗୌରବମୟ ଅଧ୍ୟାୟ ଅନ୍ଧକାର ମଧ୍ୟରେ ରହିଯାଇଥାନ୍ତା । ତେଣୁ ସେ ଆମମାନଙ୍କର ଚିର ନମସ୍ୟ ।

'ସିମିଲା ଯାତ୍ରା' ପୁସ୍ତକ ରମଣୀୟ ଗଦ୍ୟ ଶୈଳୀରେ ରଚିତ । ପ୍ରକାଶର ସାବଲୀଳ ଭଙ୍ଗୀରେ ପାଠକ ବିମୋହିତ ହୁଏ । ଏହା ଏକ ଉତ୍କୃଷ୍ଟ ଭ୍ରମଣ କାହାଣୀ ଗ୍ରନ୍ଥ ମଧ୍ୟ । ଓଜସ୍ୱିନୀ ଭାଷା ପ୍ରୟୋଗରେ ଲେଖକ କିପରି ଧୁରୀଣ ଥିଲେ ଏହି ପୁସ୍ତକର ମୁଖ ବନ୍ଧରୁ କିଛି ଅଂଶ ଉଦ୍ଧାର କଲେ ଆମେ ହୃଦୟଙ୍ଗମ କରିପାରିବା : - ''ଯେଉଁ ସମୟରେ ଗଭର୍ଣ୍ଣମେଣ୍ଟ ଭାରତଶାସନକୁ ଦୃଢ଼ ଭିତ୍ତି ଉପରେ ସ୍ଥାପନ କରୁଥିଲେ; ଯେଉଁ ସମୟରେ ଭାରତରେ ଶୃଙ୍ଖଳା ଓ ଶାନ୍ତି ସ୍ଥାପନ କରିବାର ଏକାନ୍ତ ପ୍ରୟୋଜନ ଥିଲା, ଯେଉଁ ସମୟରେ ରେଳ ଓ ତାରର ଅଭାବ ଥିବାରୁ ଦସ୍ୟୁ ତସ୍କରାଦି ଦମନ କରିବାର ସହଜ ଉପାୟ ନଥିଲା । ସୁତରାଂ ଯେଉଁ ସମୟରେ ଅରାଜକତା ନିବାରଣ କରିବାର ଅବଶ୍ୟ କଣ ଥିଲା ସେହି ପ୍ରାଚୀନ ଯୁଗରେ ଗଭର୍ଣ୍ଣମେଣ୍ଟ ଜାତି ବିଭାଗନୀତି ସମର୍ଥିତ ହୋଇପାରେ । କିନ୍ତୁ ଆଧୁନିକ ଏବଂ ରେଳ ଏବଂ ତାରର ଯୁଗରେ- ଯେଉଁ ସମୟରେ କର୍ମଚାରୀଗଣ ଅବଲୀଳା କ୍ରମେ ଅଳ୍ପ ସମୟ ମଧ୍ୟରେ ଦେଶର ଏକ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ବିଚରଣ କରୁଅଛନ୍ତି; ଯେଉଁ ସମୟରେ ସମଗ୍ର ଦେଶରେ ଶାନ୍ତି ଓ ଶୃଙ୍ଖଳା ପୂର୍ଣ୍ଣରୂପେ ବିରାଜିତ, ଯେଉଁ ସମୟରେ ଶିକ୍ଷା ଲୋକ ଗ୍ରାମେ ଗ୍ରାମେ ଗୃହେ ଗୃହେ ପ୍ରବେଶ କରିଅଛି, ଯେଉଁ ସମୟରେ ଦୁର୍ଦ୍ଦାନ୍ତମାନଙ୍କୁ ଦମନ କରିବା ସକାଶେ ସ୍ଥାନେ ସ୍ଥାନେ ପୋଲିସ ଓ ବିଚାରାଳୟମାନ ସ୍ଥାପିତ ହୋଇଅଛି, ଯେଉଁ ସମୟରେ ଗଭର୍ଣ୍ଣମେଣ୍ଟ ପ୍ରଜାମାନଙ୍କର ଅଭାବ ଅସୁବିଧା ହୃଦୟଙ୍ଗମ କରିବା ଉଦ୍ଦେଶ୍ୟରେ ପ୍ରତିନିଧିମାନଙ୍କୁ ନିଯୁକ୍ତି କରିବାର ଅଧିକାର'ପ୍ରଜାମାନଙ୍କୁ ପ୍ରଦାନ କରିଅଛନ୍ତି- ଏହି ବିଂଶ ଶତାବ୍ଦୀରେ, ସ୍ୱାୟତ୍ତ ଶାସନର ଯୁଗରେ ଇତିହାସ ପ୍ରସିଦ୍ଧ, ଶାନ୍ତି ପ୍ରିୟ ନିରୀହ, ସୁଶୀଳ ଓ ରାଜଭକ୍ତ ଓଡ଼ିଆ ଜାତିକୁ ଗଭର୍ଣ୍ଣମେଣ୍ଟ ଏକ ଶାସନାଧୀନ ରଖି ଉତ୍କଳର ପୂର୍ବ ଗୌରବ ଓ ସୌଭାଗ୍ୟ ପୁନରାନୟନ କରିବେ ଏହା ଆମ୍ଭର ଧ୍ରୁବ ବିଶ୍ୱାସ ।''

ଏହି ପୁସ୍ତକଟି ରଚିତ ହୋଇଥିଲା ୧୯୦୫ ମସିହାରେ । ପ୍ରକାଶ ପାଇଲା ୧୯୧୮ ମସିହାରେ । ସେସମୟରେ ଲାଟ୍ ସାହେବଙ୍କର ଶସ୍ତ ମଫସଲ ସହର ପକ୍ଷରେ ଏକ ଐତିହାସିକ ଘଟଣା

ଥିଲା । ଯେତେବେଳେ ମଧ୍ୟପ୍ରଦେଶର ଚିଫକମିଶନର ଭାଷା ଆନ୍ଦୋଳନର ତଦନ୍ତ କରିବା ପାଇଁ ସମ୍ବଲପୁର ଆସିଥିଲେ, ସେ ସମୟରେ କଥା ବର୍ଣ୍ଣନା କରି ସେ ଲେଖିଛନ୍ତି:- ''ସହରରେ ଉପସ୍ଥିତ ହେଲାକ୍ଷଣି ଶ୍ରୀମାନ ଫ୍ରେଜର ମହୋଦୟ ବହୁ ସହସ୍ର-ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇଥିଲେ । ଲୋକମାନେ ତାଙ୍କୁ ଦେବାର୍ଚ୍ଚନ ବିଧିରେ ପୂଜା କରିଥିଲେ । ବ୍ରାହ୍ମଣମାନେ ମନ୍ତ୍ରୋଚ୍ଚାରଣ ପୂର୍ବକ ତାଙ୍କୁ ଦୁର୍ବାକ୍ଷତ ଏବଂ ଅନ୍ୟାନ୍ୟ ଉପକରଣରେ ପୂଜା କରିଥିଲେ ।

ସମ୍ବଲପୁରବାସୀଙ୍କ ସମ୍ମାନରେ ଶ୍ରୀମାନ ଫ୍ରେଜର ସାହେବ ସାତିଶୟ ମୁଗ୍ଧ ହୋଇଥିଲେ ଏବଂ ତାଙ୍କର ଅଭିଯୋଗ ଭାରତ ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ରିପୋର୍ଟ କରିବା ପାଇଁ ପ୍ରତିଶ୍ରୁତି ଦେଲେ । ଏ ସଂପର୍କରେ ଶ୍ରୀପତି ମିଶ୍ର ତାଙ୍କର ''ସିମିଲା ଯାତ୍ରା'' ପୁସ୍ତକରେ ଲେଖିଛନ୍ତି :- ''ଭ୍ରମଣ ଶେଷକରି ଶାସନ କର୍ତ୍ତା ସହର ଓ ମଫସଲର ସକଳ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରି ସମସ୍ତଙ୍କର ମତ ଜିଜ୍ଞାସା କଲେ । ସମସ୍ତେ ଏକା ବାକ୍ୟରେ କହିଲେ ଯେ, ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳିତ ହୋଇ ସମ୍ବଲପୁର ଓଡ଼ିଶାରେ ପ୍ରଚଳିତ ହେଲା । ମାନ୍ୟବର ଫ୍ରେଜର ମହୋଦୟ ସେହି ବିଷୟରେ ଭାରତ ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ରିପୋର୍ଟ କରିବା ସକାଶେ ପ୍ରତିଶ୍ରୁତି ଦେଲେ । ଯଥାକାଳରେ ସମ୍ବଲପୁରରେ ଅଦାଲତ ସମୂହରେ ଓଡ଼ିଆ ଭାଷା ପ୍ରଚଳିତ ହେଲା ।''

ଯଥା ସମୟରେ ସମ୍ବଲପୁରର ଅଦାଲତ ଓ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁର ବଙ୍ଗ ପ୍ରଦେଶ ଅନ୍ତର୍ଗତ ଓଡ଼ିଶା ବିଭାଗ ସହିତ ମିଳିତ ହେଲା ।

ଦୀର୍ଘ ଦଶବର୍ଷରୁ ଅଧିକ କାଳ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷାର ରକ୍ଷା ଓ ସମ୍ବଲପୁର ଜିଲ୍ଲାକୁ ଓଡ଼ିଶାରେ ମିଶାଇବା ପାଇଁ ଯେଉଁ ଜାଗରଣ ଦେଖାଦେଇଥିଲା ତାହାର ବର୍ଣ୍ଣନା ଏହି ପୁସ୍ତକରେ ସୁନ୍ଦର ଭାବରେ ଅଙ୍କିତ ହୋଇଛି ।

ସମ୍ବଲପୁର ଓଡ଼ିଶାରେ ମିଶିଲେ ମଧ୍ୟ ଲେଖକ ସନ୍ତୋଷ ପ୍ରକାଶ କରିନାହାନ୍ତି । ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚିନ୍ତିତ ଥିଲେ । ଏକ ସମୃଦ୍ଧିଶାଳୀ ରାଜ୍ୟରେ ଓଡ଼ିଶାକୁ ଗଠନ କରିବା ପାଇଁ ତାଙ୍କର ପ୍ରଚେଷ୍ଟା ଅଭିନନ୍ଦନୀୟ । ସେ ଥିଲେ ଜଣେ ଉନ୍ନତମନା, ନିର୍ଭୀକ ପୁରୁଷ । ''କେବଳ ସମ୍ବଲପୁର ଓଡ଼ିଶାରେ ମିଳିତ ହେଲା, ଅବଶିଷ୍ଟ ଓଡ଼ିଶା ଅଞ୍ଚଳ ସମୂହ ପୂର୍ବବତ ପାର୍ଶ୍ୱବର୍ତ୍ତୀ ପ୍ରଦେଶମାନଙ୍କରେ ରହିଲା । ଯଦି ଗଭର୍ଣ୍ଣମେଣ୍ଟ ବିଶାଳ ବଙ୍ଗ ପ୍ରଦେଶର ସୁସଭ୍ୟ, ସମୁନ୍ନତ ଓ ବିଭବଶାଳୀ ଏବଂ ପୂର୍ଣ୍ଣ ପାଶ୍ଚାତ୍ୟ ସଭ୍ୟତା ଲୋକପ୍ରାପ୍ତ ଓ କୋଟି ଅଧିବାସୀଙ୍କୁ ଦୁଇ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟଙ୍କର ଅଧୀନରେ ରଖିବା ସୁଶାସନାନୁମୋଦିତ ନୁହେଁ ବୋଲି ବିବେଚନା କଲେ, ତେବେ କ୍ଷୁଦ୍ର ଉତ୍କଳର ଦରିଦ୍ର, ଅନୁନ୍ନତ ପାଶ୍ଚାତ୍ୟପଦ, ପାଶ୍ଚାତ୍ୟ ସଭ୍ୟତାର କେବଳ କ୍ଷୀଣାଲୋକପ୍ରାପ୍ତ ଏକ କୋଟି ଅଧିବାସୀଙ୍କୁ ଯେ ଗଭର୍ଣ୍ଣମେଣ୍ଟଟାରି ଶାସନାଧୀନ କରି ବେଶୀ ଦିନ ରଖିବେ, ଏହା ବିଶ୍ୱାସ କରିବାକୁ ପ୍ରବୃତ୍ତି ହେଉ ନାହିଁ ।''

ଶ୍ରୀପତି ମିଶ୍ର 'ସିମିଲା ଯାତ୍ରା' ପୁସ୍ତକ ବ୍ୟତୀତ ହିରଣ୍ମୟ ନାମକ ଏକ ନାଟକ ଲେଖିଥିବା ଜଣାଯାଏ । ଏହା ପୁସ୍ତକାକାରରେ ପ୍ରକାଶିତ ହୋଇନାହିଁ । ସେ ପାଣ୍ଡୁଲିପି ମଧ୍ୟ ଦୁଷ୍ପ୍ରାପ୍ୟ । ଏହି ନାଟକଟି ବହୁବାର ଅଭିନୀତ ହୋଇଥିବା କଥା ଡକ୍ଟର ଶ୍ରଦ୍ଧାକର ସୁପକାର ତାଙ୍କର ଭାଷା ଆନ୍ଦୋଳନ ପୁସ୍ତକରେ ଉଲ୍ଲେଖ କରିଛନ୍ତି ।

୧୯୦୫ ମସିହା ଅକ୍ଟୋବର ମାସରୁ ସମ୍ବଲପୁର ସହରରୁ 'ଉତ୍କଳ ଦର୍ପଣ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏ ଅଞ୍ଚଳର ଅଭାବ ଅସୁବିଧା ଲୋକ ଲୋଚନକୁ ଆଣିବା । ଶ୍ରୀପତି ମିଶ୍ର ଏହାର ସମ୍ପାଦକ ହେଲେ । ଏହାର ତିବ୍ର ବ୍ୟଙ୍ଗ, ସମାଲୋଚନା ସରକାରୀ ମହଲରେ ଭୟ ସୃଷ୍ଟି କରୁଥିଲା । ଶାସନ କର୍ତ୍ତୃପକ୍ଷ ତାଙ୍କର ଶାଣିତ ଲେଖନୀରେ ବ୍ୟସ୍ତ ଓ ବିବ୍ରତ ହୋଇ ପଡୁଥିଲେ । ଏହା ୧୯୦୫ ମସିହାରୁ ୧୯୦୮ ମସିହା ପର୍ଯ୍ୟନ୍ତ ନିୟମିତ ରୂପେ ଚାଲିଥିଲା । ଏଥିରେ ଶ୍ରୀପତି ମିଶ୍ରଙ୍କ ସମ୍ପାଦକୀୟ ନିଷ୍ଠା ଓ ଅଧ୍ୟବସାୟ ପରିସ୍ଫୁଟ ।

୧୯୧୦ ମସିହାରେ ଶ୍ରୀପତିବାବୁ ଗାଙ୍ଗପୁର ରାଜ୍ୟର ନାବାଳକ ରାଜାଙ୍କର ଗୃହ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ । ସେତେବେଳେ ଗାଙ୍ଗପୁର ରାଜାଙ୍କର ଜଣେ ଗୋରା ଦେୱାନ ସାହେବ ଥିଲେ । ସେ ଅତି ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଥିଲେ । ଶ୍ରୀପତି ବାବୁଙ୍କୁ ସେ ଖୁବ୍ ଭଲ ପାଉଥିଲେ । ତାଙ୍କର ଇଂରାଜୀ ଭାଷାର ଦକ୍ଷତାର ପରିଚୟ ପାଇ ତାଙ୍କୁ ଗାଙ୍ଗପୁରରେ ମୁକ୍ତାରି କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ । ସେ ଏହି କାମ ୧୯୨୨ ମସିହା ପର୍ଯ୍ୟନ୍ତ କଲେ । ଠିକ ସେହିବର୍ଷ ତାଙ୍କ ପିତାଙ୍କ ମୃତ୍ୟୁ ହେଲା । ଫଳରେ ସେ ସମ୍ବଲପୁର ଚାଲି ଆସିଲେ । ଘରର ସମସ୍ତ ଦାୟିତ୍ୱ ନେଲେ । ସେ କେତେବର୍ଷ ସମ୍ବଲପୁର ଫ୍ରେଜର ପ୍ରେସର ପରିଚାଳକ କାର୍ଯ୍ୟ କରିଥିଲେ ।

୧୯୩୦ ମସିହା କାର୍ତ୍ତିକ ମାସ ଜଗଦ୍ଧାତ୍ରୀ ପୂଜା ଦିନ ତାଙ୍କର ଦେହାନ୍ତ ହେଲା । ଶ୍ରୀପତି ମିଶ୍ର ଥିଲେ ଜଣେ ବିଶିଷ୍ଟ ସଂଗଠକ, ସାହିତ୍ୟିକ, ଦକ୍ଷ ସମ୍ପାଦକ ଓ ଜଣେ ନିଷ୍ଠାପର କର୍ମୀ । ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳ ସମ୍ବଲପୁରର ଉନ୍ନତି ଲାଗି ଧନ, ମନ ଓ ପ୍ରାଣ ଉତ୍ସର୍ଗ କରିଯାଇଛନ୍ତି । ସେ ଏ ଜାତିର ଚିରନମସ୍ୟ ।

ସଂପାଦକ, ସମ୍ବଲପୁର ସାହିତ୍ୟ ସଂସଦ
ୱାଟର ମାନେଜମେଣ୍ଟ ପ୍ରୋଜେକ୍ଟ
ଏଚ.ସି. ଏ. ନୟାପଡ଼ା
ସମ୍ବଲପୁର - ୭୬୮୦୦୧

# ଉତ୍କଳ ପ୍ରୀତିର ପ୍ରତୀକ : କୃଷ୍ଣଚନ୍ଦ୍ର ଗଜପତି

ଡକ୍ଟର ସୀମାଞ୍ଚଳ ପ୍ରଧାନ

ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ଓଡ଼ିଶାର ଯେଉଁ କେତେଜଣ ବରପୁତ୍ର ନିଜକୁ ସଂପୂର୍ଣ୍ଣରୂପେ ନିୟୋଜିତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି ହେଉଛନ୍ତି ଅନ୍ୟତମ । 'ଉତ୍କଳ ସମ୍ମିଳନୀ'ର ପୁରୋଧା କୁଳବୃଦ୍ଧ ମଧୁସୂଦନ ଦାସଙ୍କର ସେ ଥିଲେ ଅତିପ୍ରିୟ । କୃଷ୍ଣଚନ୍ଦ୍ର ଗଜପତିଙ୍କଠାରେ ଉତ୍କଳପ୍ରୀତି ଥିବା ଲକ୍ଷ୍ୟ କରି ମଧୁସୂଦନ ଦାସ ଗଞ୍ଜାମର ଉପାନ୍ତ ଅଞ୍ଚଳ ପାରଳାଖେମୁଣ୍ଡିଠାରେ ଉତ୍କଳ ସମ୍ମିଳନୀର ଗୋଟିଏ ଅଧିବେଶନ ଅନୁଷ୍ଠିତ କରିବା ପାଇଁ ସ୍ଥିର କରିଥିଲେ । ଦଶମ ଉତ୍କଳ ସମ୍ମିଳନୀ ୧୯୧୪ ମସିହା ଡ଼ିସେମ୍ବର ୨୬ ଓ ୨୭ ତାରିଖ ଦୁଇଦିନ ଧରି ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ କୃଷ୍ଣଚନ୍ଦ୍ର ଗଜପତିଙ୍କ ମାମୁଁ ଜୟପୁର ରାଜା ବିକ୍ରମଦେବ ବର୍ମା । କୃଷ୍ଣଚନ୍ଦ୍ର ଗଜପତି ତାଙ୍କ ଅଭିଭାଷଣରେ ଯାହା କହିଲେ ତାହା ଅଗଣିତ ଶ୍ରୋତୃମଣ୍ଡଳୀ ମନରେ ଆନନ୍ଦ ଓ ଉନ୍ମାଦନା ସୃଷ୍ଟି କରିଥିଲା । ସେ ଚାହୁଁଥିଲେ ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବା ପାଇଁ କେବଳ ଦାବୀ ନକରି ବିଚ୍ଛିନ୍ନ ସମସ୍ତ ଓଡ଼ିଆ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା । ଗଜପତିଙ୍କର ଏଭଳି ମନୋଭାବ ମଧୁସୂଦନ ଦାସଙ୍କ ମନକୁ ପାଉନଥିଲା । ସେ ଏହି ପ୍ରସ୍ତାବରେ ଅସମ୍ମତି ପ୍ରକାଶ କରି କହିଲେ ସରକାର ବ୍ୟୟ ବହୁଳତା ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ଦେବେ ନାହିଁ । ମଧୁସୂଦନଙ୍କ ପ୍ରଶ୍ନର ଉତ୍ତରରେ ଗଜପତି କହିଲେ ''ବର୍ତ୍ତମାନ ବ୍ରିଟିଶ ସରକାର ଜର୍ମାନ୍ ଯୁଦ୍ଧ ହେତୁ ଆତୁର ହୋଇ ଆମ୍ଭମାନଙ୍କ ସହଯୋଗ ଓ ସହାନୁଭୂତି କାମନା କରୁଛନ୍ତି । ଏତିକିବେଳେ ଆମେ ଯଦି ଏହି ସୁଯୋଗଟି ହରାଇବା ତେବେ କଂଗ୍ରେସ ଭଳି ଏତ ବିରାଟ ଅନୁଷ୍ଠାନର ମନୋଭାବ ଯାହା ସେଥିଯୋଗୁଁ ଓଡ଼ିଆ ଜାତି ସେହି ଅନ୍ଧକାର ମଧ୍ୟରେ ହିଁ ରହିଯିବ ।'' କୃଷ୍ଣଚନ୍ଦ୍ର ଗଜପତିଙ୍କର ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା ସମ୍ମିଳନୀର ସମସ୍ତଙ୍କ ମନକୁ ଛୁଇଁଲା । ପରିଶେଷରେ ମଧୁବାବୁ ମଧ୍ୟ ଗଜପତିଙ୍କ ପ୍ରସ୍ତାବ ପ୍ରତି ସମର୍ଥନ ଜଣାଇ କହିଥିଲେ - ''କୃଷ୍ଣଚନ୍ଦ୍ର ଗଜପତି ଉତ୍କଳମାତାର ମୁଖ ଉଜ୍ଜ୍ୱଳ କରିବେ । ଯୁବକ ରାଜାଙ୍କର ବୁଦ୍ଧି ଓ କାର୍ଯ୍ୟଦକ୍ଷତା ଦିନେ ଓଡ଼ିଆ ଜାତିର ହୃତଗୌରବ ଫେରାଇ ଆଣିବ ।''

ବାଲେଶ୍ୱରଠାରେ ଅନୁଷ୍ଠିତ ଦ୍ୱାଦଶ ଉତ୍କଳ ସମ୍ମିଳନୀର ଅଧିବେଶନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ଏକ ସ୍ମାରକ ପତ୍ର ପ୍ରସ୍ତୁତ କରି ଇ.ଏସ. ମଣ୍ଟେଗୁ ଓ ବଡ଼ଲାଟ ଲର୍ଡ଼ ଚେମସ୍ ଫୋର୍ଡ଼ଙ୍କୁ ପ୍ରଦାନ କରାଯାଇଥିଲା । ସେଥିରେ ଉଲ୍ଲେଖ କରାଯାଇଥିଲା '' ଓଡ଼ିଆ ଭାଷାଭାଷୀ ସମସ୍ତ ଅଞ୍ଚଳ, ଯାହାକି ମାନ୍ଦ୍ରାଜ, ବଙ୍ଗଳା, ମଧ୍ୟପ୍ରଦେଶ ଓ ବିହାର ପ୍ରଦେଶମାନଙ୍କରେ ବିଚ୍ଛିନ୍ନ ହୋଇ ରହିଛି, ସେ ସମସ୍ତଙ୍କୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ଆବଶ୍ୟକ । ଯଦି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ସମ୍ଭବ ନହୁଏ, ତେବେ ସେ ଅଞ୍ଚଳଗୁଡ଼ିକ ଏକତ୍ର କରି ତାହା ବିହାରର ଏକ ଉପପ୍ରଦେଶ (Sub-Province) ରୂପେ ସ୍ଥାପନ କରିବା ଉଚିତ୍ ।''

ଅଭିମାନୀ ରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ମାରକ ପତ୍ରର ଦ୍ୱିତୀୟ ଦାବୀ ପ୍ରତି ସମର୍ଥନ ନ କରି ଏହି ପ୍ରତିନିଧି ଦଳରୁ ଅଲଗା ହୋଇ ରହିଥିଲେ । କୃଷ୍ଣଚନ୍ଦ୍ର ଗଜପତିଙ୍କୁ ବାଦ ଦେଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଦଳେ ପ୍ରତିନିଧି କଲିକତା ଯାଇ ୧୧।୨।୧୯୧୭ ରେ ମଣ୍ଟେଗୁ ଚେମସ୍ ଫୋର୍ଡ଼ଙ୍କୁ ସ୍ମାରକ ପତ୍ର ଦେଇଥିଲେ ।

ଚେମସ୍ ଫୋର୍ଡ଼ଙ୍କ ସହାୟତାରେ ମଣ୍ଟେଗୁ ରିପୋର୍ଟରେ ପ୍ରକାଶ ପାଇଲା ''ଓଡ଼ିଶା ଓ ବିହାରର ସବୁ ଘଟଣା ପ୍ରତି ଦୃଷ୍ଟିରଖି ଆମେ ଏମାନଙ୍କ ପାଇଁ ସବ୍‌ପ୍ରୋଭିନ୍‌ସ୍ ଗଢ଼ିବା ସମ୍ଭାବନାକୁ ବାଦ ନଦେଇ ଶୀଘ୍ର ଏ ବିଷୟ ବିଚାର କରିବା ଉଚିତ୍ ବୋଲି ଭାବୁଛୁ ।''

ଚେମସ୍ ଫୋର୍ଡ଼ଙ୍କର ରିପୋର୍ଟ ଉପରେ କୌଣସି ପଦକ୍ଷେପ ନିଆଯିବା ପୂର୍ବରୁ ଏହାର ସତ୍ୟାସତ୍ୟ ସଂପର୍କରେ ଜାଣିବା ପାଇଁ ଫିଲପ୍-ଡ଼ଫ କମିଟି ଗଠନ କରାଯାଇଥିଲା । ସର୍ବ ସାଧାରଣଙ୍କର ମତାମତ ସଂଗ୍ରହ କରିବା ପାଇଁ ଏହି କମିଟି ଗଞ୍ଜାମ ଓ ଜୟପୁରର ବିଭିନ୍ନ ଅଞ୍ଚଳ ବୁଲି ଜନମତ ସଂଗ୍ରହ କରିଥିଲେ । ଏହାପରେ ୨।୧୧।୧୯୨୪ ରେ ଏହି କମିଟି ପାରଳାଖେମୁଣ୍ଡିଠାରେ ପହଞ୍ଚିଲେ । କୃଷ୍ଣଚନ୍ଦ୍ର ଗଜପତିଙ୍କ ସହାୟତାରେ ସେମାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ସାକ୍ଷ୍ୟ ଗ୍ରହଣ କରିବାର ଚାରିଦିନ ପରେ ଫିଲପ୍-ଡ଼ଫ୍ କମିଟି ରିପୋର୍ଟରେ ପ୍ରକାଶ କଲେ ଯେ ନାରସେନା ପେଟା (ସଂପ୍ରତି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅନ୍ତର୍ଗତ) ତାଲୁକା ବ୍ୟତୀତ ସମଗ୍ର ପାରଳାଖେମୁଣ୍ଡି ରାଜ୍ୟ ତରଳାଠାରୁ ଆରମ୍ଭ କରି ଜୟପୁର ଜମିଦାରୀ ଓଡ଼ିଶାରେ ମିଶିଯିବା ଉଚିତ୍ ।

ଫିଲିପ୍-ଡ଼ଫ କମିଟି ଗଠନ, ସାକ୍ଷ୍ୟ ଗ୍ରହଣ ଓ ରିପୋର୍ଟ ପ୍ରକାଶନରେ ଗଜପତିଙ୍କର ପ୍ରଚ୍ଛନ୍ନ ହାତଥିବା ଲୋକେ ଅନୁଭବ

କରିପାରିଲେ । ତଥାପି କିଛି ତେଲୁଗୁ ଭାଷା ଭାଷୀ ଲୋକ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅନ୍ତରାୟ ସୃଷ୍ଟି କରୁଥିଲେ । କୃଷ୍ଣଚନ୍ଦ୍ର ଗଜପତି ନିଜର ବୁଦ୍ଧି ଓ କୌଶଳ ପ୍ରୟୋଗ କରି ଦ୍ୱିତୀୟ ଓ ତୃତୀୟ ଗୋଲଟେବୁଲ ବୈଠକର ସଭ୍ୟମାନଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲେ । ଫଳରେ ୧୯୩୧ ମସିହା ସେପ୍ଟେମ୍ବର ତା ୭ ରିଖରେ 'ଓଡ଼ିଶା' ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେଲା । ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ଆନ୍ଦୋଳନ ପରେ ୧୯୩୬ ମସିହା ଜାନୁୟାରୀ ତା ୨୧ ରିଖରେ ଏହି ଘୋଷଣାନାମା ଏପ୍ରିଲ ତା ୧ ରିଖରେ କାର୍ଯ୍ୟକାରୀ ହୋଇଥିଲା ।

ଓଡ଼ିଶାକୁ ଶାସନ କରିବା ପାଇଁ ଏକ ଉପଦେଷ୍ଟା କମିଟି ଗଠନ କରାଗଲା । କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶା ପ୍ରଶାସନିକ ଉପଦେଷ୍ଟା କମିଟିର ଥିଲେ ମୁଖ୍ୟ ସଭ୍ୟ । ଏହି କମିଟିର ପରାମର୍ଶରେ ରାଜ୍ୟପାଳ ଜନ୍ ଅଷ୍ଟିନ ହବାକ୍ ଓଡ଼ିଶାର ଶାସନ କାର୍ଯ୍ୟ ଚଳାଉଥିଲେ ।

୧୯୩୬ ମସିହା ଡ଼ିସେମ୍ବର ୧୯ ତାରିଖରେ ଗଂଜାମ ଜିଲ୍ଲାବୋର୍ଡ଼ ଗଠନ ପାଇଁ ନିର୍ବାଚନ ହୋଇଥିଲା । ଏହି ନିର୍ବାଚନରେ କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡି ଜୋନରୁ ବିପୁଳ ପରିମାଣରେ ଭୋଟ ପାଇ ସଭାପତି ଆସନ ଅଳଂକୃତ କରିଥିଲେ ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଓଡ଼ିଶା ବିଧାନସଭା ପାଇଁ ସଭ୍ୟ ନିର୍ବାଚିତ ହେଲେ ଓ ଓଡ଼ିଶାର ସଂଖ୍ୟା ଗରିଷ୍ଠ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ମନା କରିଦେବାରୁ ରାଜ୍ୟପାଳ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ୧୯୩୭ ମସିହା ଏପ୍ରିଲ ତା ୧ ରିଖରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହିସାବରେ ସେ ଶପଥ ଗ୍ରହଣ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ପ୍ରଧାନମନ୍ତ୍ରୀ ଥିଲାବେଳେ ଉଚ୍ଚଶିକ୍ଷାର ଅଭିବୃଦ୍ଧି ସକାଶେ ଉତ୍କଳବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ତତ୍କାଳୀନ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ଗଜପତିଙ୍କ ନିର୍ଦ୍ଦେଶରେ ତା ୩୦-୬-୧୯୪୩ ମସିହା ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ୍ ଆଲୋଚନା ପାଇଁ ଉପସ୍ଥାପନ କଲେ । ଏହି ବିଲ୍‌ଟି ଗୃହରେ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ପ୍ରଧାନମନ୍ତ୍ରୀ ଭାବରେ କୃଷ୍ଣଚନ୍ଦ୍ର ଗଜପତି ସରକାରୀ ଗସ୍ତ ଖର୍ଚ୍ଚକୁ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ବିନିଯୋଗ ନକରି ପ୍ରାୟ ଦଶ ହଜାର ଟଙ୍କା ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି ସକାଶେ ଅକୁଣ୍ଠ ଚିତ୍ତରେ ଦାନ କରିଥିଲେ ।

ତାଙ୍କର ଅନ୍ୟଏକ ଉଲ୍ଲେଖନୀୟ କୃତି ହେଉଛି କଟକ ମେଡ଼ିକାଲ ବିଦ୍ୟାଳୟକୁ ମେଡ଼ିକାଲ କଲେଜରେ ପରିଣତ କରିବା । ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଚଳନ ପାଇଁ ସେ ପ୍ରଥମେ ପୁରୀ, ବାଲେଶ୍ୱର ଓ ସମ୍ବଲପୁରଠାରେ ପ୍ରଥମ ଶ୍ରେଣୀ କଲେଜମାନ ପ୍ରତିଷ୍ଠା କରିଥିଲେ । ନାରୀ ଶିକ୍ଷାର ପ୍ରସାର ନିମନ୍ତେ ସେ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନେଇଥିଲେ ।

ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ କୃଷିର ବିକାଶ ଥିଲା ତାଙ୍କର ଅଭିଳାଷ । ଏହି ଅଭିଳାଷ ପୂରଣ ନିମନ୍ତେ ଧାନ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ହିସାବରେ ସେ ପ୍ରାତଃ ସ୍ମରଣୀୟ । କଟକର ବିଦ୍ୟାଧର ପୁରଠାରେ ଯେଉଁ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ, ତାହା ଗଜପତିଙ୍କ ମହାନ ଅବଦାନ ।

ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଉପସ୍ଥାପନ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି । ଏହାଛଡ଼ା ଟାଟା କମ୍ପାନୀ ସହିତ ସୁ ସଂପର୍କ ସ୍ଥାପନ କରି ପାରଳାଖେମୁଣ୍ଡିଠାରେ ଷିଲ କାରଖାନା ସେ ପ୍ରତିଷ୍ଠା କରିଥିଲେ । ଏଥିରେ ବହୁ ଶ୍ରମିକ ନିଯୁକ୍ତି ପାଇ ନିଜର ଗୁଜରାଣ ମେଣ୍ଟାଉଥିଲେ ।

ପାରଳାଖେମୁଣ୍ଡିର କୃତି ତଥା ମେଧାବୀ ଛାତ୍ରମାନଙ୍କୁ ବୃତ୍ତି ଦେଇ ଉଚ୍ଚତର ଶିକ୍ଷାଲାଗି ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟକୁ ପ୍ରେରଣ କରିବା ତାଙ୍କର ଅନ୍ୟଏକ ଅବଦାନ ବୋଲିବାକୁ ହେବ । ପ୍ରତିବର୍ଷ ଜଣେ ଓଡ଼ିଆ ଛାତ୍ରକୁ ମାନ୍ଦ୍ରାଜର 'କୁନୁରୁ' ଠାରେ ଥିବା ଖାଦ୍ୟ ଗବେଷଣା କେନ୍ଦ୍ରକୁ ଗବେଷଣା କରିବା ପାଇଁ ପଠାଉଥିଲେ । ଏହି ଗବେଷଣା କେନ୍ଦ୍ରରେ ପ୍ରତିବର୍ଷ ଗୋଟିଏ ସ୍ଥାନ ସଂରକ୍ଷଣ ପାଇଁ ଏକଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ସେହିଭଳି କୋଇମ୍ବାଟୁରର କୃଷି କଲେଜ ଓ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ମଧ୍ୟ ଓଡ଼ିଆ ଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିବାକୁ ଭୁଲି ନଥିଲେ ।

୧୯୨୭ ମସିହାରେ ମଧୁସୂଦନ ଦାସ ଦେବାଳିଆ ହୋଇଯିବାରୁ ତାଙ୍କରି ଗୃହ, ଗ୍ରନ୍ଥାଗାର, ଉତ୍କଳ ଟାନେରୀ ନିଲାମ ହୋଇଥିଲା । କୃଷ୍ଣଚନ୍ଦ୍ର ଗଜପତି ଏହି ଖବର ଶୁଣିବା ପରେ ମଧୁସୂଦନଙ୍କର ଜଣେ ସମର୍ଥକଙ୍କ ଦ୍ୱାରା ନିଲାମ ଡ଼ାକର ସମସ୍ତ ଟଙ୍କା ପରିଶୋଧ କରିଥିଲେ । ଫଳରେ ମଧୁସୂଦନ ନିଜ ଗୃହରେ ରହିବାର ସୁବିଧା ପାଇଥିଲେ । ଏତଦ୍‌ବ୍ୟତୀତ କୃଷ୍ଣଚନ୍ଦ୍ର ଗଜପତି ବହୁ ଅନୁଷ୍ଠାନର ଉନ୍ନତି ସକାଶେ ବିପୁଳ ଅର୍ଥଦାନ କରିବାକୁ ଆଦୌ କୁଣ୍ଠିତ ହୋଇନଥିଲେ । କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ଲଣ୍ଡନ ଯାଇଥିବା ବେଳେ, ବୈଠକର ଅବ୍ୟବହିତ ପୂର୍ବରୁ ନିଜର ଅଭିଭାଷଣ ପ୍ରସ୍ତୁତ କରୁଥିଲେ, ଘର ବାହାରେ ଏକ ନିରୋଳା ପରିବେଶରେ । ବହୁସମୟ ଧରି ଏକାକୀ ବସି ଏକାଗ୍ରଚିତ୍ତରେ ପରିଶ୍ରମ କରୁଥିବା ଦେଖି ଭାରତୀୟ ତାମିଲ ପଣ୍ଡିତ ରାମସ୍ୱାମୀ ମୁଦାଲିଅର ତାଙ୍କୁ କହିଲେ - ''ମହାରାଜା' ଆପଣ ଏତେ ପରିଶ୍ରମ କରୁଛନ୍ତି, ମୋତେ ତଥ୍ୟ ଦେଉନାହାନ୍ତି - ମୁଁ ଅତି ଉଚ୍ଚକୋଟୀର ଭାଷଣ ପ୍ରସ୍ତୁତ କରିଦେବି ।'' ମହାରାଜା ଉତ୍ତର ଦେଇଥିଲେ ''ତୁମେ ମୋ ଠାରୁ ଭଲ ଇଂରାଜୀ ଲେଖିପାର । କିନ୍ତୁ ମୋ ମା ମୋରି ଉତ୍କଳଜନନୀ ପାଇଁ ମୋ ହୃଦୟର ଯେଉଁ ଆବେଗ, ତୁମେ ସେଇଟି କେଉଁଠୁ ଆଣିବ ?''

ଏହି ବକ୍ତବ୍ୟରୁ କୃଷ୍ଣଚନ୍ଦ୍ର ଗଜପତିଙ୍କର ଉତ୍କଳପ୍ରୀତି କିଭଳି ଗଭୀର ଥିଲା, ତାହା ଅନୁଧ୍ୟାନ କରିବା କଥା ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମା ମାର୍କମା ମହାବିଦ୍ୟାଳୟ, ବିଷମ କଟକ
ଜିଲ୍ଲା : ରାୟଗଡ଼ା -୭୬୫ ୦୧୯

# ସାତବର୍ଷ ନ' ମାସ ତେର ଦିନ

## ଶ୍ରୀ କାନ୍ତି ନାରାୟଣ ମହାନ୍ତି

**ମା**ତୃଭାଷା ଓ ମାତୃଭୂମିର ସମ୍ମାନ ରକ୍ଷା ଉଦ୍ଦେଶ୍ୟରେ ଆଜକୁ ଛଅସ୍ତରୀ ବର୍ଷ ତଳେ ଜାତିର ପିତା ମହାତ୍ମାଗାନ୍ଧୀ କଟକର କାଠଯୋଡ଼ି ନଦୀବାଲିରେ ଯେଉଁ ଜାତୀୟତାବାଦୀ ଉଦ୍‌ବୋଧନ ଦେଇଥିଲେ ତାହା ପ୍ରତି ଉତ୍କଳୀୟଙ୍କ ପାଇଁ ଜାଗ୍ରତ ଚେତାବନୀ । ୧୯୨୧ ମସିହା ଏପ୍ରିଲମାସ ୨୪ ତାରିଖରେ ତାହା ଖବରକାଗଜରେ ପ୍ରକାଶ ପାଇଥିଲା । ସେ କହିଥିଲେ - ''ମୁଁ ବିଦ୍ୟାର୍ଥୀମାନଙ୍କୁ ହିନ୍ଦୀରେ କହିବି । ନ ବୁଝିପାରିଲେ ଇଂରାଜୀ କହିବି । କିନ୍ତୁ ମୁଁ କହିରଖେ ଯେ ତୁମେମାନେ ଓଡ଼ିଆ ଭଲ କରି ପଢ଼, ପ୍ରାଦେଶିକ ଭାଷାର ଉନ୍ନତି କର । କିନ୍ତୁ ହିନ୍ଦୁସ୍ତାନୀ ଭାରତର ରାଷ୍ଟ୍ରୀୟଭାଷା, ଏହାର ଚର୍ଚ୍ଚାକର । ଯେତେ ସମୟ ଆମେମାନେ ଇଂରାଜୀ ଭାଷା ଶିକ୍ଷାରେ ଦେଉଛୁ, ସେତିକି ସମୟ ହିନ୍ଦୁସ୍ତାନୀ ଭାଷାରେ ବ୍ୟୟ କଲେ ତୁମେମାନେ ବଡ଼ ଜ୍ଞାନୀ ହୋଇପାରିବ । ବିଦେଶ ପର୍ଯ୍ୟଟନରେ କେବଳ ଇଂରେଜୀ ଭାଷା ଦରକାର ।''

ମୁଁ ବାରମ୍ବାର କହିଆସୁଛି ''ପିଲାଦିନୁ ଇଂରେଜୀ ପଢ଼ିବାରେ ଏତେ ସମୟ ଦିଅନାହିଁ । ଏହା ଦ୍ୱାରା ନିଜ ଭାଷା ଓ ସଂସ୍କୃତିର ବହୁ କ୍ଷତିସାଧିତ ହେବ । ମାତୃଭାଷାର ଉନ୍ନତି କରି ଖଣ୍ଡ ବିଖଣ୍ଡିତ ରାଜ୍ୟକୁ ଏକ ପ୍ରଦେଶ କର । ଓଡ଼ିଆ ଛାତ୍ର ଉତ୍କଳକୁ ପୁଣ୍ୟ ଭୂମି ଓ ଓଡ଼ିଆକୁ ପୁଣ୍ୟ ଭାଷା ରୂପେ ଗ୍ରହଣ କରୁ । ଆମର ହିନ୍ଦୁସ୍ତାନୀ ଭାଷାକୁ ଆଦୌ ଛାଡ଼ ନାହିଁ । ଇଂରେଜଙ୍କ ଚାକିରି କରିବା ସକାଶେ ଲୋକେ ଇଂରାଜୀ ପଢ଼ନ୍ତି । ତଦ୍ୱାରା ଦେଶର କିଛି ଉପକାର ହୁଏ ନାହିଁ । ଯେବେ ହିନ୍ଦୁସ୍ତାନୀ ଛାଡ଼ି ଇଂରାଜୀ ପଢ଼ି ହିନ୍ଦୁସ୍ଥାନରେ ଗୋଲାମୀ କର ତେବେ 'ତିଳକ' 'ଚିତ୍ତରଂଜନ' 'ସତ୍ୟବାଦୀ'ଙ୍କ ନାମ ତୁଣ୍ଡରେ ଧର ନାହିଁ । ଆଜି ହିନ୍ଦୁସ୍ଥାନ, ହିନ୍ଦୁସ୍ତାନୀ ସକାଶେ ଉତ୍କଳ ଓ ଓଡ଼ିଆ ଭାଷା ନିମିତ୍ତ ବଳୀଦାନ କର । ତୁଳସୀ ଦାସ, ଇକବାଲ ଓ ଗୀତା ପାଠକର ମାତୃଭାଷା ଶିକ୍ଷାକର । ମୁଁ ଇଂରାଜୀକୁ ଘୃଣାକରେ ନାହିଁ । କିନ୍ତୁ ତୁମେମାନେ ମାତୃଭାଷା ଓ ରାଷ୍ଟ୍ରୀୟ ଭାଷା ପ୍ରତି ବ୍ୟଭିଚାର କରୁଛ ବୋଲି ଦେଖି କଷ୍ଟ ହେଉଛି । ଇଂରାଜୀ ଶିକ୍ଷାକରି ଆମେମାନେ ସେମାନଙ୍କୁ ଅନୁକରଣ କରି ଶିଖୁଛୁ ଓ ସ୍ୱଦେଶୀ ଏକା ବେଳେକେ ଭୁଲିଯାଉଛୁ । ସରକାରୀ (ଇଂରାଜୀ) ସ୍କୁଲ ମୋ ମତରେ ଆକାଶରେ ଖଣ୍ଡେ ଧଳା ମେଘପରି । ଏହାର ସଂପର୍କ ଶୀଘ୍ର ତୁଟାଅ । ଏ କଳ ଆମ୍ଭମାନଙ୍କୁ ଶିଳି ଓ ପେଷି ପକାଉଛି । ଏହାଠାରୁ ଦୂରରେ ରୁହ । ଓଡ଼ିଶାର ଓଡ଼ିଆ ଭାଷାର ଉନ୍ନତି କର ।''

କେତେକ ଡାକ୍ତରୀ ଛାତ୍ର ଓ ବ୍ରାହ୍ମ ସମାଜର ଭଦ୍ର ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତର ଦେଇ ଗାନ୍ଧିଜୀ କହିଥିଲେ - '' ଶଙ୍କର, ଚୈତନ୍ୟ, କବୀରଙ୍କୁ ଭାରତୀୟ ସଭ୍ୟତାର ସଂସ୍ଥାପକ ଓ ଏମାନେ ଭାରତ ଜାତିକୁ ଗଢ଼ିଛନ୍ତି ବୋଲି କିଏ ଅସ୍ୱୀକାର କରିବ ? ଅତି ଅଳ୍ପ ଜୀବଦଶା ଭିତରେ ଶଂକର ଭାରତ ପାଇଁ ଯାହା କରିଯାଇଛନ୍ତି ତାହା ସମସ୍ତ ଇଂରାଜୀ ଶିକ୍ଷିତ ଭାରତବାସୀ ଏପର୍ଯ୍ୟନ୍ତ କରିବାକୁ ଅସମର୍ଥ । ସେ କଣ ଇଂରାଜୀ ଶିକ୍ଷା କରିଥିଲେ ? ଗୁରୁ ନାନକ ଓ ଭାରତର ବହୁ ବାଗ୍ମୀଗଣ କଣ ଇଂରାଜୀ ଶିକ୍ଷାରେ ଆଜି ବିଶ୍ୱ ବିଦିତ ? ନା- ଭାରତୀୟ ଜାତୀୟ ଶିକ୍ଷା ଦ୍ୱାରା ସଂସ୍କୃତ, ହିନ୍ଦୀ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଶାସ୍ତ୍ରମାନ ନ ପଢ଼ି କି ରତ୍ନ ଯେ ମୁଁ ହରାଉଛି ମୁଁ ଏବେ ଭାବି ପାରୁଛି । ଯେତେବେଳେ ବଡ଼ବଡ଼ ବକ୍ତାମାନେ ହିନ୍ଦୀ ତଥା ଅନ୍ୟାନ୍ୟ ଭାଷାର ଉଦାହରଣ ଦିଅନ୍ତି ତା ହା ଶୁଣି ମୁଁ ମୋର କ୍ଷୁଦ୍ରତା ଅନୁଭବ କରେ ।''

ଅତି ଭାବପ୍ରବଣ ହୋଇ ସେ କହିଥିଲେ '' ମୁଁ ତୁମମାନଙ୍କୁ ଅନୁନୟ ହୋଇ ନିବେଦନ କରୁଛି ଏ ଇଂରାଜୀ ଭାଷା ଶିକ୍ଷାର ମୋହ ଅତି ଉତ୍କଟ ଏହାର ପରବର୍ତ୍ତୀ ଆରୋପକୁ ବୁଝିବାକୁ ଚେଷ୍ଟାକର । ଏ ଶିକ୍ଷା ଆମର ଶାନ୍ତି ଓ ମନୁଷ୍ୟତ୍ୱକୁ ନଷ୍ଟ କରୁଅଛି । ଇଂରାଜୀ ସାହିତ୍ୟରେ ରତ୍ନଖଣି ଅଛି ସତ କିନ୍ତୁ ଯେଉଁ ପ୍ରକାରରେ ଏ ଶିକ୍ଷା ଆମେ ପାଉଛୁ, ତାହା ଆମମାନଙ୍କ ପୁରୁଷତ୍ୱ ଲୋପ କରିଅଛି ଓ ଆମେମାନେ ଅସ୍ତବ୍ୟସ୍ତ ସହାୟହୀନ ହୋଇପଡୁଅଛୁ । ଆମେମାନେ ସ୍ୱାଧୀନତା ଚାହୁଁ । ମନୁଷ୍ୟ ହେବାକୁ ଚାହୁଁ । ଦାସତ୍ୱ ଶୃଂଖଳ ଥିବା ପର୍ଯ୍ୟନ୍ତ ଏ ଦେଶ ଆମର ନୁହେଁ । ଦ୍ୱାରେ ଦ୍ୱାରେ ଭିକ୍ଷାମାଗି ମରିଗଲେ କିଛି କ୍ଷତି ନାହିଁ । ଦାସତ୍ୱର ଜୀବନଧାରଣ ଅପେକ୍ଷା ଭିକ୍ଷାମାଗି ମରିବା ଶତଗୁଣେ ଶ୍ରେୟସ୍କର ।

ଏକଲକ୍ଷ ଇଂରେଜ ଏ ଦେଶର ତେତିଶ କୋଟି ଲୋକଙ୍କୁ ଧରି ବସିଛନ୍ତି । ଏଇ କୋଟି କୋଟି ଜନତା ଦାସତ୍ୱକୁ ସ୍ୱୀକାର କରି ନିଜେ ନିଜେ ଶୃଂଖଳାବଦ୍ଧ ହୋଇଛନ୍ତି । ଯେଉଁ ମୁହୂର୍ତ୍ତରେ ଏ ଗୋଲାମୀ ଆମେମାନେ ଛାଡ଼ିବୁ ସେହିକ୍ଷଣି ଆମର ସ୍ୱରାଜ ଆସିବ ।

ତୁମେମାନେ ସମସ୍ତେ ନିଜର ମର୍ଯ୍ୟାଦା ଓ ସମ୍ମାନ ବୁଝ । ମନେକର ତୁମ ଦେଶ ଦସ୍ୟୁପୂର୍ଣ୍ଣ ହୋଇଗଲା ତେବେ ତୁମର କର୍ତ୍ତବ୍ୟ କଣ ? ଅନ୍ୟଦ୍ୱାରା ଅତ୍ୟାଚାରିତ ହୋଇ ନିଜ ଦେଶରେ ରହିବା ଅପେକ୍ଷା ସ୍ୱାଧୀନ ହୋଇ ମରିବା କେତେ ମହତ୍ତର ? ଯେଉଁମାନେ ଆମ

ଦେଶରେ ଅତ୍ୟାଚାର କରି ଆମ ପୁରୁଷତ୍ୱର ଲୋପ ଓ ନାରୀତ୍ୱର ଅପମାନନା କରୁଅଛନ୍ତି ସେମାନଙ୍କୁ ଏ ଦେଶରେ ସ୍ଥାନ ଦେଇ ଏ ସବୁ କରାଇ ଦେବି ନାହିଁ । ମୁଁ ଏ ଅତ୍ୟାଚାର ଜର୍ଜରିତ ସଇତାନ ଶାସନର ପକ୍ଷାଘାତ କରାଇବା ପାଇଁ ମୋ ଜୀବନକୁ ଉତ୍ସର୍ଗ କରିଅଛି । ମୁଁ ଅରାଜକତା ରୂପକ ନିଆଁରେ ପଡ଼ି ପଛକେ ମରିଯିବି କିନ୍ତୁ ଦାସତ୍ୱରୂପ ଠେଙ୍କାଘାଣରେ ପଡ଼ି ଯେପରି ଛଟପଟ ଓ ବହଗଂଜ ନହୁଏ ।''

ନିଜ ଦେଶବାସୀଙ୍କଠାରେ ଜାତୀୟତା ମନ୍ତ୍ରକୁ ଉଜ୍ଜୀବିତ କରି ସେ ଏତି ଅସହାୟଭାବେ ପ୍ରକାଶ କରିଥିଲେ- ଆଉ ଅନ୍ୟାୟ ଅତ୍ୟାଚାର ସଙ୍ଗରେ ସହଯୋଗ କି ସଂମ୍ଭବ ହୋଇପାରେ କି ? ମୁଁ ଦୀର୍ଘ ତିରିଶି ବର୍ଷକାଳ ମାଡ଼ ଗୋଇଠା ଖାଇ ସରକାରଙ୍କ ସଙ୍ଗେ ସହଯୋଗ କରିଥିଲି । ମୁଁ ମଧ୍ୟ ଗଭର୍ଣ୍ଣମେଣ୍ଟଠାରୁ କିଛି ଲାଭ ଆଶା ରଖି ନଥିଲି । କିନ୍ତୁ ଶେଷରେ ଦେଖିଲି ଯେ ଶାସନକଳଟି ଫମ୍ପା, ମୂଳ ସଢ଼ା । ଯେତେ ଭଲଲୋକ ଶାସନକର୍ତ୍ତା ହୋଇ ଆସନ୍ତୁ ନା କାହିଁକି ଏ କଳଟି ଦୋଷରୁ ସମସ୍ତେ ଖରାପ ହେଉଛନ୍ତି ।

ଇଂରାଜୀ ଶାସନ ଓ ଶିକ୍ଷାର ପ୍ରଭାବ ବିଷୟରେ ସମସ୍ତେ ଅବଗତ । ଏ ଶିକ୍ଷାର ଆବଶ୍ୟକତା ବେଶୀଦିନ ହେଲେ ସଂସ୍କୃତିର ଅବକ୍ଷୟ ନିଶ୍ଚିତ । ଏହାର ପ୍ରତିକାର ନିମିତ୍ତ ଅନ୍ୟ ଏକ ଚୈତନ୍ୟଙ୍କ ଆବିର୍ଭାବ ଦରକାର । ସ୍ୱାଧୀନ ଭାରତରେ କେବଳ ଚୈତନ୍ୟ ଓ ରାମାନୁଜ ଜନ୍ମନେବେ ଓ ସେମାନେ କେବଳ ଏ କଳଙ୍କକୁ ଘୁଂଚାଇଦେବେ ।

ଠିକ୍ ସେଇ କଥା ହିଁ ଉତ୍କଳମଣି ତାଙ୍କ ଉଦାର ଓ ପ୍ରସାରିତ ଦୃଷ୍ଟିକୋଣରୁ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସଭାପତି ଅଭିଭାଷଣରେ କହିଥିଲେ '' ଆମେ ପ୍ରଥମେ ମନୁଷ୍ୟ ପରେ ଭାରତୀୟ ଏବଂ ସର୍ବ ଶେଷରେ ଓଡ଼ିଆ ''ଜଗତ ସରସେ ଭାରତ କମଳ, ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।'' ଯାହା ତାଙ୍କ ଅମୃତ ଲେଖନୀରେ ମଧ୍ୟ ପ୍ରକଟିତ ହୋଇଅଛି । ଆଜି ମହା ଆଡ଼ମ୍ବରରେ ସାରା ପ୍ରଦେଶରେ ପାଳିତ ହେଉଥିବା ସ୍ୱତନ୍ତ୍ର ଉତ୍କଳ ଦିବସ ପାଇଁ ଦୀର୍ଘ ତେତିଶ ବର୍ଷ ଲାଗି ଥିବା ଅକ୍ଳାନ୍ତ ଉଦ୍ୟମର ଫଳ । ଯାହାର ପ୍ରାଣ ପ୍ରତିଷ୍ଠାତା ଥିଲେ ମିଷ୍ଟର ଦାସ, ଉତ୍କଳ ଗୌରବ ମଧୁବାବୁ । ତାଙ୍କ ସହିତ କାନ୍ଧ ଲଗେଇ ଦେଇଥିଲେ ଉତ୍କଳମଣି । ପରବର୍ତ୍ତୀ ସମୟରେ ତାଙ୍କ ସତ୍ୟବାଦୀ ସହକର୍ମୀ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଏହି ଆନ୍ଦୋଳନରେ ଆତ୍ମନିବେଶ କରିଥିଲେ । ସତ୍ୟବାଦୀ ହେଲା ଉତ୍କଳ ସମ୍ମିଳନୀର କର୍ମପୀଠ । ବର୍ଷକୁ ବର୍ଷ ଅଧିବେଶନ ବସୁଥିଲା । ଦେଶ ମିଶ୍ରଣ ପାଇଁ ବିଭିନ୍ନ ପ୍ରସ୍ତାବ ଗୃହୀତ ହେଉଥିଲା ଏବଂ ଆବେଦନ ଆକାରରେ ସେସବୁ ସରକାରଙ୍କ ନିକଟକୁ ପଠାଯାଉଥିଲା । ସରକାର କର୍ଣ୍ଣପାତ କରୁ ନଥିଲେ । ସରକାରୀ ଦପ୍ତର ଏକ ପଥର କାନ୍ଥ ସେଥିରେ ମୁଣ୍ଡପିଟିବା ହିଁ ସାର ହେଉଥିଲା ।

୧୯୨୮ ମସିହାରେ ସାଇମନ କମିଶନ ପାଟନା ଆସିଲେ । ସେଠାରେ ପ୍ରତିନିଧିମାନଙ୍କ ସହ ବିଚାର ଆଲୋଚନା କରି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ମେଜର ଅଟଲୀଙ୍କୁ ସେ ଓଡ଼ିଶା ସଂବନ୍ଧୀୟ ଆଲୋଚନା ଲାଗି ଗଠିତ ସବକମିଟିରେ ଅଧ୍ୟକ୍ଷ ରଖିଲେ ।

ଅଧ୍ୟକ୍ଷଙ୍କୁ ଭେଟିବା ପାଇଁ ଓଡ଼ିଶାରୁ ଗୋପବନ୍ଧୁଙ୍କ ଅଂତରଙ୍ଗ ବ୍ରଜସୁନ୍ଦର ଦାସ, ପାରେଶ୍ୱର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ କଟକରୁ ବାହାରି କଲିକତା ଦେଇ ପାଟନାରେ ପହଞ୍ଚିଲେ । ଅଧ୍ୟକ୍ଷ ମେଜର ଅଟଲୀ ସେମାନଙ୍କ ସହ ଆଲୋଚନା ପରେ ସେମାନଙ୍କ ଯାତ୍ରାପଥ ଭାଷା ଓ ଅନ୍ୟାନ୍ୟ ବିଭିନ୍ନତାକୁ ପରିଲକ୍ଷିତ କରି ଓଡ଼ିଶା ବିହାରରୁ ସ୍ୱତନ୍ତ୍ର ହୋଇ ରହିବା ଉଚିତ ବୋଲି ମତ ଦେଇଥିଲେ, ଯାହାର ରିପୋର୍ଟ ୧୯୩୦ ମସିହାରେ ସାଇମନ କମିଶନ ପ୍ରକାଶ କରିଥିଲେ ।

ପାରଳାର ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ଅଖଣ୍ଡ ପ୍ରତିଷ୍ଠାରୁ ଗଞ୍ଜାମ, କୋରାପୁଟ, ଜୟପୁର ଓ ପାରଳାଖେମୁଣ୍ଡି ଓଡ଼ିଶାରେ ମିଶ୍ରଣ ହେବା ସମ୍ଭବ ହୋଇଥିଲା । ନଚେତ ଷଢ଼େଇକଳା ଖରସୁଆଁ ପରି ଏହା ବିଚ୍ଛିନ୍ନାଞ୍ଚଳ ହୋଇ ରହିଥାନ୍ତା ।

ଗୋପବନ୍ଧୁ ଆଉ ମାତ୍ର ସାତବର୍ଷ ନ'ମାସ ତେର ଦିନ ବଂଚିଥିଲେ ଓଡ଼ିଶା ଆଉ ଛିନ୍ନ ମସ୍ତାର ଆଖ୍ୟା ଲଭିନଥାନ୍ତା । ଉଭୟେ ମଧୁବାବୁ ଓ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ଗଠନ ହେବା ପୂର୍ବରୁ ଉତ୍କଳଜନନୀ କୋଳରେ ଶେଷ ବିଶ୍ରାମ ନେଇଯାଇଥିଲେ । ବଂଚି ରହିଥିଲେ ପୂର୍ଣ୍ଣାଙ୍ଗ ଉତ୍କଳଜନନୀ ହସିଉଠି ଥାନ୍ତା । ନେତୃତ୍ୱ ଓ ଜାତୀୟତା ଅଭାବରୁ ବିଚ୍ଛିନ୍ନାଞ୍ଚଳ ଆଜି ଓଡ଼ିଶାର ସତ୍ତା ତଥା ଓଡ଼ିଆ ଭାଷା ଠାରୁ ଦୂରେଇ ଯାଉଛି । ସରକାରୀ ସ୍ୱୀକୃତି ନ ପାଇଲେ କୌଣସି କାର୍ଯ୍ୟ ବଳିଷ୍ଠ ହୋଇପାରେ ନାହିଁ ବରଂ ବିଦେଶୀ ଭାଷା ନିଜର ହୋଇପଡ଼େ । ନହେଲେ ପାରସ୍ୟଭାଷା ଭାରତରେ ନଥାନ୍ତା କିମ୍ବା ମାତ୍ର ଶହେ କେତେ ବର୍ଷର ଇଂରାଜୀ ଭାଷାକୁ ଆମେ ନିଜ ଆଭିଜାତ୍ୟର ପରାକାଷ୍ଠା ବୋଲି ଦେଖାଉ ନଥାନ୍ତୁ ।

ଏକ ଶାସନାଧୀନ ହେଲେ ଓଡ଼ିଆ ସରକାରୀ ଭାଷାର ମର୍ଯ୍ୟାଦା ପାଇବ ଏବଂ ଓଡ଼ିଆ ଭାଷୀମାନେ ଅନ୍ୟ ଭାଷାଭାଷୀ ଅଞ୍ଚଳରେ ଦ୍ୱିତୀୟ ଶ୍ରେଣୀର ନାଗରିକ ହୋଇ ରହିବେ ନାହିଁ ଏହି ମର୍ମରେ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା । ଅତ୍ୟନ୍ତ ପରିତାପର ବିଷୟ ଦୀର୍ଘ ଷାଠିଏ ବର୍ଷପରେ ଆମେ ଶୁଦ୍ଧ ଓଡ଼ିଆରେ ଆମ ମାତୃଭାଷା ଲେଖିବାରେ ସକ୍ଷମ ହୋଇପାରିନାହୁଁ । ସେଇ ଗୋଲାମୀର ଶଗଡ଼ ଗୁଳାରେ ଆମ ଭାଷାର ସତ୍ତା ଆଜି ଏବେ ବି ମୁଣ୍ଡଟେକି ରହିଛି ।

ନିଜ ଗାଁ ମାଟି ପାଣି ପବନରୁ ଦେଶ ତଥା ବିଶ୍ୱପ୍ରୀତି ପାଇଁ ଯେଉଁମାନେ ଆପ୍ରାଣ ଉଦ୍ୟମ କରି ଏହି ଦଣ୍ଡଭବ୍ଧ ସଂଗ୍ରାମ ଚଳାଇଥିଲେ, ସେମାନେ ଆମ୍ଭମାନଙ୍କର ସର୍ବଥା ପୂଜ୍ୟ ।

କଲିକତାରେ ଆଇନ ପଢ଼ିବାକୁ ଯାଇ ଓଡ଼ିଆ ଛାତ୍ରମାନେ ବଙ୍ଗାଳୀମାନଙ୍କ ଦୃଷ୍ଟିରେ କିପରି ଘୃଣ୍ୟ ଓ ନ୍ୟୂନ ମନୋଭାବର ଶୀକାର

ହେଉଥିଲେ ତାର ପ୍ରତିକାର ଲାଗି ଗୋପବନ୍ଧୁ ଓଡ଼ିଆ ଛାତ୍ରାବାସ ସ୍ଥାପନ କରି ସେଠାରେ ଉପୁଜିଥିବା ନ୍ୟୂନ ଭାବକୁ ନିଜ ବ୍ୟକ୍ତିତ୍ୱ ଦ୍ୱାରା ଦୂରିଭୂତ କରିପାରିଥିଲେ । ସେହିପରି ଶ୍ରମିକ ବସ୍ତିର ଅବସ୍ଥା ଥିଲା ଅତି କାରୁଣ୍ୟ । ଦୁଇଶହ ଶ୍ରମିକ ଏକ ଅଣ ଓସାରିଆ ତିନିମହଲା କୋଠାରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବାର ଦେଖି ସେ ସେମାନଙ୍କ ମଙ୍ଗଳ କଳ୍ପେ ଶ୍ରମଜୀବୀ ସମିତି ଗଢ଼ି ଶେଷ ଜୀବନ କାଳରେ ଅକ୍ଳାନ୍ତ ପରିଶ୍ରମ କରି ଅନେକ ସୁବିଧା ସୁଯୋଗର ବ୍ୟବସ୍ଥା କରିପାରିଥିଲେ । ଓଡ଼ିଶା ଓ ଓଡ଼ିଆ ପ୍ରୀତି ଭାବାପନ୍ନ ସେପରି ମଣିଷଟିଏ କାହିଁ ? ସେ ଯଦି ଆଉ ସାତବର୍ଷ ନ' ମାସ ତେରଦିନ ବଞ୍ଚିଥାନ୍ତେ, ତେବେ ସ୍ୱତନ୍ତ୍ର ଉତ୍କଳର ରୂପରେଖ ଆଉ କିଛି ନୂଆମୋଡ଼ ନେଇଥାନ୍ତା ଓ ଓଡ଼ିଆ ଭାଷା ବିବାଦର ପଟାନ୍ତର ନଥାନ୍ତା ।

ସମୀକ୍ଷକ
ଅର୍ଥବିଭାଗ, ଶିବେଶ୍ୱର ସାହି, କଟକ - ୮

## ନୂତନ ପତ୍ରିକା 'କିଶୋର ଭାରତ' ଉନ୍ମୋଚିତ

ଗତ ମାର୍ଚ୍ଚ ୨ ତାରିଖ ଦିନ କଟକଠାରେ ଏକ ନୂତନ ପତ୍ରିକା 'କିଶୋର ଭାରତ' ରାଜ୍ୟ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ପ୍ରାକ୍-ସ୍ୱାଧୀନତା କାଳରେ ପତ୍ର ପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀମଲ୍ଲିକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କର ଉଦାରୀକରଣ ଶିଳ୍ପନୀତି ଓ ବୈଦେଶିକ ପୁଞ୍ଜି ବିନିଯୋଗ ଦ୍ୱାରା ଯେଉଁ ଶିଳ୍ପ ପ୍ରସାର ହେବାକୁ ଯାଉଛି ଯୁବ ସମାଜ ଏହାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ । ଏହି ପତ୍ରିକାଟି ଯୁବ, ଛାତ୍ରମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ସଫଳ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଆଶା ପ୍ରକାଶ କରିଥିଲେ ।

ଅନ୍ୟତମ ଅତିଥି ଭାବେ ଯୋଜନା ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହଳଧର କାଜୀ ଯୋଗଦେଇ ପଡ଼ୋଶୀ ପଶ୍ଚିମବଙ୍ଗର ପାଠକମାନଙ୍କର ପତ୍ରିକାର ଚାହିଦା ଥିବା ବେଳେ ଓଡ଼ିଶାରେ ପାଠକମାନଙ୍କ ମଧ୍ୟରେ ଏହାର ଘୋର ଅଭାବ ପରିଲକ୍ଷିତ ହେଉଥିବା ପ୍ରକାଶ କରିଥିଲେ ।

ମୁଖ୍ୟବକ୍ତା ଭାବରେ କଟକ ମହାନଗର ନିଗମର ପ୍ରଶାସକ ଭାବରେ ଶ୍ରୀ ଆରଜାକ୍ ବେହେରା ଯୋଗ ଦେଇ ପାଶ୍ଚାତ୍ୟ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ଏକ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ । ଭାରତୀୟ ଯୁବପିଢ଼ି ପାଶ୍ଚାତ୍ୟର କର୍ମ ସଂସ୍କୃତି ଓ ଶ୍ରମ ସଂସ୍କୃତିକୁ ଅନୁସରଣ ନ କରି ଅପସଂସ୍କୃତିକୁ ଆଦରି ନେଉଥିବାରୁ ଯୁବ ସମାଜ କୁପଥରେ ଆଗେଇ ଯାଉଛନ୍ତି । ଏ ଦିଗରେ ଏହି ନୂତନ ପତ୍ରିକାଟି ଯୁବ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ସେ କାମନା କରିଥିଲେ ।

ବରିଷ୍ଠ ସାମ୍ବାଦିକ ଶ୍ରୀ ବସନ୍ତ କୁମାର ମହାନ୍ତି ଅତିଥିମାନଙ୍କର ପରିଚୟ ପ୍ରଦାନ କରି ପତ୍ରିକାର ଲକ୍ଷ୍ୟ ଓ କାର୍ଯ୍ୟ ପ୍ରଣାଳୀ ଉପରେ ସୂଚନା ଦେଇଥିଲେ । ଏହାର ପ୍ରକାଶକ ଶ୍ରୀ ଜୟନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଷା ଆନ୍ଦୋଳନ : ଜାତୀୟ ଜାଗରଣର ଆଦ୍ୟ ଅବଦାନ

ଶ୍ରୀମତୀ ମମତା ନାୟକ

୧୫୬୮ ମସିହାରେ ହିନ୍ଦୁ ସାମ୍ରାଜ୍ୟର ପତନ ପରେ ଦୀର୍ଘକାଳ ଧରି ମୋଗଲ ଓ ମରହଟ୍ଟା ଶାସନର ଅନ୍ତର୍ଭୁକ୍ତ ହୋଇ ରହିବା ଫଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଶାର ବିଶାଳ ଭୂଖଣ୍ଡ ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିଲା । ୧୮୦୩ ମସିହାରେ ବ୍ରିଟିଶ ଶାସନ ବେଳକୁ ଓଡ଼ିଶାର ରାଜନୈତିକ ମାନଚିତ୍ର ଆହୁରି ସଙ୍କୁଚିତ ହୋଇ ପଡ଼ିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଛିନ୍ନ ବିଚ୍ଛିନ୍ନ ହୋଇ ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଶାସନର ଅଙ୍ଗୀଭୂତ ହୋଇ ରହିଥିଲା । ଏହାଫଳରେ ଓଡ଼ିଆମାନଙ୍କର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଭାଷା, ସଂସ୍କୃତି, କଳା-ସାହିତ୍ୟ, ଶିଳ୍ପ-ବାଣିଜ୍ୟ କ୍ଷେତ୍ରରେ ଏକଦା ବିଶ୍ୱରେ ସମୁନ୍ନତ ଓଡ଼ିଆ ଜାତି ଅତ୍ୟନ୍ତ ଅବହେଳିତ ହୋଇ ରହିଥିଲା । ଉନବିଂଶ ଶତାବ୍ଦୀ ବେଳକୁ ଓଡ଼ିଶା ଡ଼ିଭିଜନ ଉପକୂଳବର୍ତ୍ତୀ ତିନୋଟି ଜିଲ୍ଲା କଟକ, ବାଲେଶ୍ୱର ଓ ପୁରୀ ମଧ୍ୟରେ ସୀମିତ ରହିଥିଲା । ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ, ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଓ ଓଡ଼ିଶା ଡ଼ିଭିଜନ ବଙ୍ଗ ସରକାର ଅଧୀନରେ ରହିଥିବାରୁ ସେସବୁ ଭାଗ୍ୟରେ ଓଡ଼ିଆ ଭାଷା ଉଚ୍ଛେଦ ପାଇଁ କ୍ରମାଗତ ଷଡ଼ଯନ୍ତ୍ର ଚାଲିଥିଲା । ଓଡ଼ିଆଭାଷା ଅଞ୍ଚଳଗୁଡ଼ିକ ରାଜଧାନୀଠାରୁ ଦୂରରେ ଥିବା ହେତୁ ଶାସନଗତ ସୁବିଧା ସୁଯୋଗରୁ ବଂଚିତ ହେଉଥିଲେ । ପଡ଼ୋଶୀ ରାଜ୍ୟଗୁଡ଼ିକରେ ସଂଖ୍ୟାଲଘୁ ରୂପେ ରହି ଓଡ଼ିଆମାନେ ନାନା ନିର୍ଯ୍ୟାତନା ଭୋଗୁଥିଲେ । ସେମାନଙ୍କ ଉପରେ ଅନ୍ୟ ଭାଷା ଜୋର ଜବରଦସ୍ତ ଲଦି ଦିଆଯାଉଥିଲା । ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ପ୍ରଚଣ୍ଡ ଆକ୍ରମଣ ଚାଲିଥିଲା । ଓଡ଼ିଶା ଡ଼ିଭିଜନରେ ବଙ୍ଗଳା, ଗଞ୍ଜାମରେ ତେଲଗୁ ଏବଂ ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ଉଠାଇ ହିନ୍ଦୀଭାଷା ପ୍ରଚଳନ ପାଇଁ ପ୍ରଶାସନ ପକ୍ଷରୁ ଚାପ ପଡୁଥିଲା ।

ଉନବିଂଶ ଶତାବ୍ଦୀର ତୃତୀୟ ଦଶକରେ ଓଡ଼ିଶା ଡ଼ିଭିଜନର ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ଭାଷା ସଂପୂର୍ଣ୍ଣ ଭାବରେ ଉଠାଇ ଦେବାକୁ ଚକ୍ରାନ୍ତ ଚାଲିଥିଲା । ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାକୁ ଶିକ୍ଷା ମାଧ୍ୟମ କରାଗଲା । ଚାକିରି କ୍ଷେତ୍ରରେ ବଙ୍ଗୀୟ କର୍ମଚାରୀମାନଙ୍କର ପ୍ରଭାବ ଓ ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ, ବଙ୍ଗଳା ଭାଷାର ଲିପି ବୋଲି ଅପପ୍ରଚାର କରାଗଲା । ଓଡ଼ିଶାରୁ ଓଡ଼ିଆ ଭାଷା ମୂଳପୋଛ କରିଦେବା ପାଇଁ ବଙ୍ଗୀୟମାନେ ଯେଉଁ ଷଡ଼ଯନ୍ତ୍ର ଚଳାଇଥିଲେ ଜାତିପ୍ରାଣ ଓଡ଼ିଆ ଓ କେତେକ ଓଡ଼ିଆ ଅନୁରାଗୀ ଅଫିସରଙ୍କ ପ୍ରଚେଷ୍ଟାରେ ତାହା ପ୍ରତିହତ କରି ଦିଆଯାଇଥିଲା । ଏହାପରେ ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ଓ ଶିକ୍ଷାର ପ୍ରଚାର ପାଇଁ ପ୍ରବଳ ଉତ୍ସାହ ପ୍ରକାଶ ପାଇଥିଲା ।

୧୮୭୦ ମସିହାରେ ଗଂଜାମ ଜିଲ୍ଲାରେ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଦୀର୍ଘ କାଳ ଧରି ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ରହିଥିବାରୁ ଶିକ୍ଷାନୁଷ୍ଠାନ ଓ କୋର୍ଟ କଚେରୀରେ ତେଲଗୁ ଭାଷା ପ୍ରଚଳିତ ହେଉଥିଲା । ଓଡ଼ିଆମାନେ ଘୋର ଅସୁବିଧା ଭୋଗୁଥିଲେ । ଗଞ୍ଜାମବାସୀଙ୍କ ଆନ୍ଦୋଳନ ଫଳରେ ୧୮୭୩ ରେ ଓଡ଼ିଆଭାଷା ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଏକ ବିଷୟ ରୂପେ ଗୃହୀତ ହୋଇଥିଲା । ଅଫିସ ଓ କଚେରୀର ଓଡ଼ିଆ ଓ ତେଲଗୁ ଉଭୟ ଭାଷା ବ୍ୟବହାର ପାଇଁ ୧୮୯୦ ଅଗଷ୍ଟ ୧ ତାରିଖରେ ସରକାର ଆଦେଶ ଦେଇଥିଲେ ।

ବ୍ରିଟିଶ ଶାସନାଧୀନ ହେବାରେ ସମ୍ବଲପୁର ଭାରତରେ ସର୍ବଶେଷ ଅଞ୍ଚଳ । ୧୮୧୮ ମସିହାରେ ଏହି ଜିଲ୍ଲା ଇଂରେଜର ହସ୍ତଗତ ହୋଇଥିଲା । ୧୮୩୩ ରେ ସମ୍ବଲପୁରକୁ ଦକ୍ଷିଣ ପଶ୍ଚିମ ଏଜେନ୍ସିର ଅନ୍ତର୍ଭୁକ୍ତ କରାଯାଇଥିଲା । ୧୮୫୪ ରେ ଏହି ଏଜେନ୍ସି ଛୋଟ ନାଗପୁର ଏଜେନ୍ସି ନାମରେ ପରିଚିତ ହୋଇଥିଲା । ସେତେବେଳେ ସମ୍ବଲପୁର ଜିଲ୍ଲାରେ ସରକାରୀ ଭାଷା ଥିଲା ହିନ୍ଦୀ । ୧୮୫୫ ରେ କଟକ କମିଶନର ହେନେରୀ ରିକେଟସଙ୍କ ପ୍ରସ୍ତାବକ୍ରମେ ୧୮୬୧ ରେ ସମ୍ବଲପୁରକୁ ଓଡ଼ିଶା ଡ଼ିଭିଜନରେ ରଖାଯାଇ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହୋଇଥିଲା । କିନ୍ତୁ ୧୮୬୨ ରେ ପୁଣି ଏହାକୁ ଓଡ଼ିଶାରୁ କାଢ଼ି ଦେଇ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦିଆଗଲା । ୧୮୯୫ ଜାନୁଆରୀ ୧୫ ତାରିଖରେ ମଧ୍ୟପ୍ରଦେଶ ଚିଫ କମିଶନର ଜନ ଉଡ଼ବର୍ଣ୍ଣ ସମ୍ବଲପୁରରେ ସମସ୍ତ ରାଜ କାର୍ଯ୍ୟ ଓଡ଼ିଆ ପରିବର୍ତ୍ତେ ହିନ୍ଦୀଭାଷାରେ ହେବ ବୋଲି ଆଦେଶ ଜାରୀ କରିଥିଲେ । ସେ ଯୁକ୍ତି ଦର୍ଶାଇଥିଲେ ଯେ ମଧ୍ୟପ୍ରଦେଶ ଏକ ହିନ୍ଦୀଭାଷୀ ବହୁଳ ରାଜ୍ୟ । ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ପ୍ରଚଳନ ହେତୁ ପ୍ରଶାସନିକ

କ୍ଷେତ୍ରରେ ବିଶୃଙ୍ଖଳା ଘଟୁଛି । ତେଣୁ ହିନ୍ଦୀ ଭାଷା ପ୍ରବର୍ତ୍ତନ ହେଲେ ସେ ଅସୁବିଧା ଦୂର ହୋଇଯିବ । ନାଗପୁର ସେକ୍ରେଟେରୀଏଟରେ କାର୍ଯ୍ୟ କରୁଥିବା ଚନ୍ଦ୍ରଶେଖର ବେହେରା ବହୁ ପୂର୍ବରୁ ସରକାରଙ୍କର ଏହି ଷଡ଼ଯନ୍ତ୍ର ଗୋପନରେ ସମ୍ବଲପୁରର କେତେକ ବୁଦ୍ଧିଜୀବୀଙ୍କୁ ଜଣାଇ ସତର୍କ କରାଇଦେଇଥିଲେ । ଏହି ସମ୍ବାଦରେ ସମ୍ବଲପୁରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ବାମଣ୍ଡାରୁ ପ୍ରକାଶିତ ସମ୍ବଲପୁର ହିତୈଷିଣୀ ସମ୍ବାଦପତ୍ର ମଧ୍ୟପ୍ରଦେଶ ସରକାରଙ୍କର ଏ ଓଡ଼ିଆ ବିରୋଧୀ ଅଭିଯାନ ବିରୁଦ୍ଧରେ ଜନଚେତନା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । କବି ଗଙ୍ଗାଧର ମେହେର ବହୁ ଉଦ୍‌ବୋଧନ ମୂଳକ କବିତା ପ୍ରକାଶ କରି ଲୋକଙ୍କ ମଧ୍ୟରେ ଜାତୀୟତାବୋଧ ଜାଗ୍ରତ କଲେ । ଓଡ଼ିଆ ଭାଷାର ପୁନଃ ପ୍ରଚଳନ ଓ ଓଡ଼ିଶା ସହିତ ସମ୍ବଲପୁରର ମିଶ୍ରଣ ଦାବୀ କରି ପତ୍ରିକାରେ ଧାରାବାହିକ ସମ୍ବାଦ ଓ ଲେଖାମାନ ପ୍ରକାଶିତ ହେଲା । କବି ଗଙ୍ଗାଧର ଖେଦ ପ୍ରକାଶ କରି ଲେଖିଲେ-

ନିଜ ଘରେ ବସି ନିର୍ବାସନ ଦୁଃଖ
ଆମର କି କପାଳ ଲିଖନ
ମାତୃଭାଷା ମନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ ।

କର୍ମବୀର ଗୌରୀଶଙ୍କର ଉତ୍କଳ ଦୀପିକାରେ ଚିଫ କମିଶନରଙ୍କ ମନମୁଖୀ ଆଦେଶର କଠୋର ସମାଲୋଚନା କରିଥିଲେ । ବାଲେଶ୍ୱର କଲେକ୍ଟର ଜନ ବିମ୍‌ସଙ୍କ ଲିଖିତ କମ୍ପାରେଟିଭ୍ ଗ୍ରାମାରରୁ କେତେକ ଗୁରୁତ୍ୱପୂର୍ଣ୍ଣ ଅଂଶ ଉଦ୍ଧାର କରି ସେ ଲେଖିଥିଲେ, ବୀମସ୍ ଓଡ଼ିଶାରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନର ବିରୋଧ କରିଛନ୍ତି । ସମ୍ବଲପୁରରେ ହିନ୍ଦୀଭାଷା ପ୍ରବର୍ତ୍ତନ କ୍ଷେତ୍ରରେ ତାଙ୍କର ସେହି ଯୁକ୍ତି ଗ୍ରହଣ କରାଯିବା ଉଚିତ୍ । କେନ୍ଦ୍ର ପ୍ରଦେଶରୁ ଓଡ଼ିଆ ଉଚ୍ଛେଦ ଶୀର୍ଷକ ଲେଖାରେ ଗୌରୀଶଙ୍କର ଲେଖିଥିଲେ ବଙ୍ଗ ସରକାର ଲୋକଙ୍କ ଭାଷା ଶିକ୍ଷା କରିବାକୁ ନିଜ ଅଫିସରମାନଙ୍କୁ ଉତ୍ସାହିତ କରୁଥିବାବେଳେ ଚିଫ କମିଶନର ଲୋକମାନଙ୍କୁ ଅଫିସରମାନଙ୍କ ଭାଷା କହିବାକୁ ବାଧ୍ୟ କରୁଛନ୍ତି । ଉତ୍କଳ ଦୀପିକାରେ ଧାରାବାହିକ ଭାବରେ ଭାଷା ସମସ୍ୟା ଉପରେ ସଂପାଦକୀୟ ଓ ଲେଖାମାନ ପ୍ରକାଶ କରି ଗୌରୀଶଙ୍କର ସମ୍ବଲପୁରରେ ଜନଆନ୍ଦୋଳନକୁ ଗତିଶୀଳ କରାଇଥିଲେ ।

ସମ୍ବଲପୁରରେ ଭାଷା ଆନ୍ଦୋଳନର ବହୁ ପୂର୍ବରୁ ୧୮୭୨ ମସିହା ନଭେମ୍ବର ୧୬ ତାରିଖ ଉତ୍କଳ ଦୀପିକାରେ ଗୌରୀଶଙ୍କର ସୂଚନା ଦେଇ ଲେଖିଥିଲେ ''ସଂପ୍ରତି ଭାରତବର୍ଷର ଅନେକ ସମ୍ବାଦପତ୍ରରେ ଏହି ସମ୍ବାଦ ପ୍ରଚାରିତ ହୋଇଛି ଯେ ଲର୍ଡ଼ ନର୍ଥବ୍ରୁକ୍ ସାହେବ ଏହିଥର ମଧ୍ୟପ୍ରଦେଶର ପୃଥକ ଶାସନ କାର୍ଯ୍ୟ ଉଠାଇ ଦେଇ ତହିଁର କେତୋଟି ଅଂଶ ବମ୍ବେଇ, କେତେକ ବଙ୍ଗଳା ଓ କେତେକ ଉତ୍ତର ପଶ୍ଚିମ ବିଭାଗ ସଙ୍ଗେ ଯୋଗ କରିବେ ।.... ଯଦ୍ୟପି ତାହା ହେବ ତେବେ ନିଶ୍ଚୟ ଅନୁମାନ ହୁଅଇ ଯେ ସମ୍ବଲପୁର ଜିଲ୍ଲା ନିଶ୍ଚୟ ଓଡ଼ିଶା କମିଶନରଙ୍କ ଅଧୀନରେ ଆସିବ । କାରଣ ଓଡ଼ିଶା ସହିତ ସମ୍ବଲପୁରର ଯେତେ ପ୍ରକାର ସଂଯୋଗ ଅଛି ବଙ୍ଗଳାର ଅନ୍ୟ କୌଣସି ଜିଲ୍ଲା ସହିତ ସେ ରୂପ ନାହିଁ ।.... ତଥାପି ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଧ୍ୟାନ କରିବାକୁ ହେବ । ଏ ଦୁଇ ରାଜ୍ୟର ଭାଷା ଏକ ଓ ସରକାରୀ କାର୍ଯ୍ୟାଳୟମାନଙ୍କର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ଚଳଇ ।.... ପ୍ରଚଳିତ ଭାଷା ବିବେଚନାରେ ରାଜ୍ୟ ବିଭାଗ କରିବା ସର୍ବତ୍ରରେ ଉଚିତ୍ ଅଟଇ ଓ ଏ ଯୁକ୍ତି ଅନୁସାରେ ସମ୍ବଲପୁରକୁ କଦାଚ ବିଚ୍ଛିନ୍ନ କରିବାର ନୁହଇ ।

ଦ୍ୱିତୀୟରେ ବାଣିଜ୍ୟ, ନଦୀପଥ, ଜଳସ୍ଥଳ ଉଭୟ ପଥ ଜାରୀ ଅଛି । ଅତଏବ ଆମ୍ଭେମାନେ ଭରସା କରୁ ଯେ ସମ୍ବଲପୁରକୁ ଓଡ଼ିଶା ସହିତ ଯୋଗ କରିବା ବିଷୟରେ ଆଜ୍ଞା ପ୍ରଚାରିତ ହେଉ ।''

ମଧ୍ୟପ୍ରଦେଶ ସରକାରଙ୍କ ଓଡ଼ିଆଭାଷା ଉଚ୍ଛେଦ ନୀତିର ସମାଲୋଚନା କରି ଗୌରୀଶଙ୍କର ୧୮୯୫ ଜାନୁଆରୀ ୧୧ ତାରିଖ ଉତ୍କଳଦୀପିକାରେ ଲେଖିଥିଲେ '' ସମସ୍ତ ମଧ୍ୟପ୍ରଦେଶରେ ସ୍ଥୂଳରେ ୧୬ ଲକ୍ଷ ଓଡ଼ିଆ ବାସ କରନ୍ତି ଏବଂ ସେ ପ୍ରଦେଶର ମୋଟ ଜନସଂଖ୍ୟା ୧ କୋଟି ୨୯ ଲକ୍ଷ । ଅତଏବ ସମ୍ବଲପୁର ହିତୈଷିଣୀ ଯଥାର୍ଥ କହିଅଛନ୍ତି ଯେ ମଧ୍ୟପ୍ରଦେଶର ଚିଫ କମିଶନରଙ୍କ ଅଷ୍ଟମାଂଶ ପ୍ରଜା ଓଡ଼ିଆଭାଷା ବ୍ୟବହାର କରୁଥିବା ସ୍ଥଳେ ତାହାକୁ ଅଳ୍ପ ଲୋକର ଭାଷା ବୋଲି ଉପେକ୍ଷା କରାଯାଇ ନପାରେ ।

୧୮୯୫ ଫେବୃୟାରୀ ୧୧ ତାରିଖରେ ସମ୍ବଲପୁରର ବ୍ରହ୍ମପୁର । ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ଜନସଭା ସୋମନାଥ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୋର୍ଟ, କଚେରୀରେ ପୂର୍ବଭଳି ଓଡ଼ିଆ ଭାଷା ପ୍ରଚଳନ କରିବାକୁ ନଚେତ ସମ୍ବଲପୁରକୁ ଓଡ଼ିଶା ଡିଭିଜନର ଅନ୍ତର୍ଭୁକ୍ତ କରିବାକୁ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା । ସମ୍ବଲପୁରର ପ୍ରଥମ ମାଜିଷ୍ଟ୍ରେଟ ଧରଣୀଧର ମିଶ୍ର ଜିଲ୍ଲାବାସୀଙ୍କ ପକ୍ଷରୁ ବଡ଼ଲାଟଙ୍କ ପାଖକୁ ପଠାଯିବା ପାଇଁ ଏକ ସ୍ମାରକପତ୍ର ପ୍ରସ୍ତୁତ କରିଥିଲେ । ହିନ୍ଦୀଭାଷା ପ୍ରବର୍ତ୍ତନ ବିରୁଦ୍ଧରେ ସ୍ୱାକ୍ଷର ସଂଗ୍ରହ ପାଇଁ ସଭାରେ ସିଦ୍ଧାନ୍ତ ହୋଇଥିଲା ।

ମଇ ୧୧ ତାରିଖରେ କଟକରେ 'ଉତ୍କଳ ସଭା'ର ଏକ ବୈଠକ କରି ଭାଷା ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ଚିଫ୍ କମିଶନରଙ୍କ ଆଦେଶ ବିରୁଦ୍ଧରେ ଭାରତ ସରକାରଙ୍କୁ ଏକ ସ୍ମାରକପତ୍ର ପଠାଯାଇଥିଲା । ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଓଡ଼ିଆ ଏକ ଉନ୍ନତ ଆର୍ଯ୍ୟ ଭାଷା । ସରକାର ଏହାକୁ ଉପଯୁକ୍ତ ସମ୍ମାନ ଦେବା ଉଚିତ୍ । ଅତୀତରେ ବଙ୍ଗରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ଉଦ୍ୟମରୁ ସରକାର ନିବୃତ୍ତ ହୋଇଛନ୍ତି । ଏହି ସଭାରେ ମଧୁବାବୁ କହିଥିଲେ ଓଡ଼ିଆ ଭାଷୀ ଅଞ୍ଚଳରେ ଓଡ଼ିଆଭାଷା ଉଚ୍ଛେଦ ଅତ୍ୟନ୍ତ ପରିତାପର ବିଷୟ ।

ଷ୍ଟେଟସ୍‌ମ୍ୟାନ ସମ୍ବାଦପତ୍ର ଓଡ଼ିଆମାନଙ୍କ ଦାବୀକୁ ଦୃଢ ସମର୍ଥନ କରି ଲେଖା ପ୍ରକାଶ କରିଥିଲା । ସମ୍ବଲପୁରର ପ୍ରତି ଗ୍ରାମରେ

ଗ୍ରାମସଭାମାନ ହୋଇ ସରକାରଙ୍କ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରାଯାଇଥିଲା । ପଦ୍ମପୁର ଓ ବରପାଲିର ଜମିଦାରମାନେ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ବାଲେଶ୍ୱରର ସମ୍ବାଦବାହିକା ସମ୍ବାଦପତ୍ର ସରକାରଙ୍କ ଓଡ଼ିଆ ବିରୋଧୀ ନୀତିର ତୀବ୍ର ନିନ୍ଦା କରିଥିଲେ ।

ସମସ୍ତ ପ୍ରତିବାଦ, ପ୍ରତିକ୍ରିୟା, ସଭା-ସମ୍ମିଳନୀ, ସ୍ମାରକପତ୍ର ସତ୍ତ୍ୱେ ଚିଫ୍ କମିଶନରଙ୍କ ଆଦେଶ ଅପରିବର୍ତ୍ତିତ ରହିଥିଲା । ୧୮୯୬ ଜାନୁଆରୀ ପହିଲାଠାରୁ ସମ୍ବଲପୁର କୋର୍ଟ କଚେରୀ, ଶିକ୍ଷାନୁଷ୍ଠାନରୁ ଓଡ଼ିଆ ଭାଷା ଉଠାଇ ଦିଆଯାଇ ହିନ୍ଦୀଭାଷା ପ୍ରବର୍ତ୍ତିତ ହୋଇଥିଲା ।

ଏହିଠାରେ ସମାପ୍ତ ହେଲା ସମ୍ବଲପୁର ଭାଷା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ । ଏହି ଆନ୍ଦୋଳନର ଲକ୍ଷ୍ୟ ସାଧନ ହୋଇ ନଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ଅପୂର୍ବ ରାଜନୈତିକ ଚେତନା ଓ ଜାତୀୟତା-ବୋଧ ସୃଷ୍ଟି ହୋଇପାରିଥିଲା ।

ଓଡ଼ିଆ ଭାଷା ପୁନରୁଦ୍ଧାର ପାଇଁ ଧରଣୀଧର ମିଶ୍ରଙ୍କ ନେତୃତ୍ୱରେ ସମ୍ବଲପୁରରେ ଜନ ଆନ୍ଦୋଳନ ଅବ୍ୟାହତ ରହିଥିଲା । ୧୮୯୫ ଜୁନ ୧୩ ତାରିଖରେ ସମ୍ବଲପୁର ଜିଲ୍ଲାର ତିନି ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ବଡ଼ଲାଟ ଲର୍ଡ଼ ଏଲଗିନ ଓ ଚିଫ କମିଶନର ଉଡ୍‌ବର୍ଣ୍ଣଙ୍କ ପାଖକୁ ପଠାଯାଇଥିଲା । 'ଉତ୍କଳସଭା' ପକ୍ଷରୁ ମଧୁବାବୁ ଜୁନ ୨୦ ତାରିଖରେ ସମ୍ବଲପୁରବାସୀଙ୍କ ଦାବୀ ସପକ୍ଷରେ ଦୃଢ଼ ଯୁକ୍ତି ଦର୍ଶାଇ ବଡ଼ଲାଟଙ୍କୁ ଏକ ପତ୍ର ଦେଇଥିଲେ । ଅଳ୍ପ କେତେକ ଅଣ ଓଡ଼ିଆ କର୍ମଚାରୀଙ୍କ ଚକ୍ରାନ୍ତରେ ସମ୍ବଲପୁର ଜିଲ୍ଲାବାସୀଙ୍କୁ ନିଜ ମାତୃଭାଷା ବ୍ୟବହାରରୁ ବଞ୍ଚିତ କରାଯାଇଛି । ତୁରନ୍ତ ଏ ଆଦେଶ ପ୍ରତ୍ୟାହାର ପାଇଁ ସେ ଦାବୀ କରିଥିଲେ ।

୧୯୦୦ ମସିହାରେ ଲର୍ଡ଼ କର୍ଜନ ଭାରତର ବଡ଼ଲାଟ ହୋଇ ଆସିଲେ । ସାର ଆଣ୍ଡ୍ରୁ ଫ୍ରେଜର ମଧ୍ୟପ୍ରଦେଶର ଚିଫ୍ କମିଶନର ଭାବେ ନିଯୁକ୍ତ ହେଲେ । ୧୯୦୧ ମସିହାରେ ଧରଣୀଧର ମିଶ୍ର, ଦୀ ମଦନମୋହନ ମିଶ୍ର ପ୍ରମୁଖ ବଡ଼ଲାଟ ଓ ଚିଫ୍ କମିଶନରଙ୍କୁ ଏକ ସ୍ମାରକପତ୍ର ଦେଇ ଦର୍ଶାଇଥିଲେ ଯେ ସମ୍ବଲପୁରର ୮୨ ଟି ଓଡ଼ିଆ ପ୍ରାଥମିକ ସ୍କୁଲକୁ ସରକାର ମନମୁଖୀ ଭାବେ ଉଠାଇ ଦେଇଛନ୍ତି । ମାନ୍ଦ୍ରାଜ ଓ ବଙ୍ଗ ପ୍ରଦେଶ ଅନ୍ତର୍ଭୁକ୍ତ ଓଡ଼ିଆଭାଷୀ ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାକୁ ଅନୁମତି ଦିଆଯାଇ ଥିବାବେଳେ ସମ୍ବଲପୁରରୁ ଏହାର ଉଚ୍ଛେଦ ଅତ୍ୟନ୍ତ ଅନ୍ୟାୟ । ମଧ୍ୟପ୍ରଦେଶର ଗୋଟିଏ ଜିଲ୍ଲାରେ ଓଡ଼ିଆଭାଷା ରଖିବା ଯଦି ଅସମ୍ଭବ ହେଉଛି, ତାହାହେଲେ ତାକୁ ଓଡ଼ିଶା ସହିତ ମିଶାଇ ଦିଆଯିବା ଉଚିତ୍ । ସାର ଆଣ୍ଡ୍ରୁ ଫ୍ରେଜର ଏହି ମତକୁ ସମର୍ଥନ କରି ବଡ଼ଲାଟଙ୍କୁ ଏକ ପ୍ରସ୍ତାବ ଦେଇଥିଲେ ।

୧୯୦୧ ମସିହାରେ ଭାରତର ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ବଲପୁର ଜିଲ୍ଲାରେ ହିନ୍ଦୀରେ ଏ କାର୍ଯ୍ୟ କରିବାରେ ବହୁ ବିଭ୍ରାଟ ଘଟିବାରୁ ଡେପୁଟି କମିଶନର ସମ୍ବଲପୁରର ପ୍ରଥମ ଅତିରିକ୍ତ ସହକାରୀ କମିଶନର ବୈକୁଣ୍ଠନାଥ ପୂଜାରୀଙ୍କୁ ଜନଗଣନା ଦାୟିତ୍ୱ ଦେଇଥିଲେ । ମାର୍ଚ୍ଚ ମାସରେ ପ୍ରକାଶିତ ଜନଗଣନା ରିପୋର୍ଟରେ ସମ୍ବଲପୁର ଜିଲ୍ଲାରେ ଶତକଡ଼ା ୮୭ ଭାଗ ଓଡ଼ିଆ ଥିବା ଉଲ୍ଲେଖ କରାଯାଇଥିଲା ।

ଭାଷା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ୧୯୦୧ ଜୁଲାଇ ମାସରେ ସମ୍ବଲପୁରରୁ ବ୍ରଜମୋହନ ପଟ୍ଟନାୟକ, ବଳଭଦ୍ର ସୂପକାର, ମହନ୍ତ ବିହାରୀ ଦାସ ଓ ମଦନମୋହନ ମିଶ୍ରଙ୍କୁ ନେଇ ଏକ ପ୍ରତିନିଧି ଦଳ ନାଗପୁରଠାରେ ଚିଫ କମିଶନର ଫ୍ରେଜରଙ୍କୁ ସାକ୍ଷାତ କରି ସମ୍ବଲପୁର ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ସେପ୍ଟେମ୍ବର ମାସରେ ସିମିଳାଠାରେ ଭାରତ ଶିକ୍ଷା ସମ୍ମିଳନୀ ବସୁଥିବାରୁ ସେଠାରେ ବଡ଼ଲାଟଙ୍କୁ ଭେଟିବାକୁ ଫ୍ରେଜର ପ୍ରତିନିଧି ଦଳକୁ ପରାମର୍ଶ ଦେଇଥିଲେ । ନାଗପୁରରୁ ଫେରି ମଧୁବାବୁଙ୍କୁ ଏକ ପତ୍ର ଦେଇ ବଡ଼ଲାଟଙ୍କ ସହିତ ଆଲୋଚନା ନିମନ୍ତେ ସିମିଳା ଆସିବାକୁ ଅନୁରୋଧ କରିଥିଲେ । ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ପାଞ୍ଚ ଜଣିଆ ପ୍ରତିନିଧି ଦଳ ସିମିଳା ଯାଇଥିଲେ । କିନ୍ତୁ ବଡ଼ଲାଟ ବା ଚିଫ କମିଶନରଙ୍କୁ ସାକ୍ଷାତ କରି ନପାରି ନିରାଶରେ ଫେରିଥିଲେ । ମଧୁବାବୁ ବିଳମ୍ବରେ ପ୍ରତିନିଧି ଦଳର ପତ୍ର ପାଇବାରୁ ସିମିଳା ଯାଇପାରିନଥିଲେ । ବଡ଼ଲାଟ କର୍ଜନଙ୍କ ପାଖକୁ ସେ ଏକ ଦୀର୍ଘ ଟେଲିଗ୍ରାମ ପଠାଇ ଲେଖିଥିଲେ ଯେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳନ ଓ ଓଡ଼ିଶାରେ ସମ୍ବଲପୁରର ମିଶ୍ରଣ ପାଇଁ ୧୮୯୫ ରେ ଜିଲ୍ଲାବାସୀ ଓ ଉତ୍କଳସଭା ଯେଉଁ ସ୍ମାରକପତ୍ର ପଠାଇଛନ୍ତି ତାକୁ ଓଡ଼ିଶାବାସୀ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଛନ୍ତି । ୧୮୯୪ ମସିହା ବାର୍ଷିକ ପ୍ରଶାସନିକ ରିପୋର୍ଟରେ ଓଡ଼ିଶା ଡିଭିଜନର କମିଶନର ମିଃ କୁକ୍ ଓଡ଼ିଶାରେ ସମ୍ବଲପୁର ମିଶ୍ରଣ ସପକ୍ଷରେ ଯେଉଁ ମନ୍ତବ୍ୟ ଦେଇଥିଲେ ମଧୁବାବୁ ତାଙ୍କ ପତ୍ରରେ ସେ କଥା ସୂଚାଇ ଥିଲେ ।

ମିଃ କୁକ୍ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ ୧୮୪୧ର ଭାରତ ମାନଚିତ୍ରରେ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଓଡ଼ିଆଭାଷୀ ଅଞ୍ଚଳ ଓଡ଼ିଶାର ଅନ୍ତର୍ଭୁକ୍ତ ଥିବା ଉଲ୍ଲେଖ ଅଛି । ପ୍ରଶାସନିକ ସଂସ୍କାର ପାଇଁ ଡିଭିଜନର ସୀମା ସଂପ୍ରସାରଣ କରାଯିବା ଆବଶ୍ୟକ । ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ଏକ କ୍ଷୁଦ୍ର ଡିଭିଜନ । ତେଣୁ ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକୁ ଓଡ଼ିଶାର ଅନ୍ତର୍ଭୁକ୍ତ କରାଯିବା ଉଚିତ୍ । ମିଃ କୁକ୍ ଯେଉଁସବୁ ଅଞ୍ଚଳ ଓଡ଼ିଶାର ଅନ୍ତର୍ଭୁକ୍ତ କରିବା ପାଇଁ ସୁପାରିଶ କରିଥିଲେ, ସେଗୁଡ଼ିକ ହେଲା ପାଟନା, ସୋନପୁର, ରେଢ଼ାଖୋଲ, ବାମଣ୍ଡା, କଳାହାଣ୍ଡି ଗଡ଼ଜାତ ସମେତ ଛତିଶଗଡ଼ ଡିଭିଜନର ସମ୍ବଲପୁର ଜିଲ୍ଲା ଏବଂ ଖେମୁଣ୍ଡି ଓ ଘୁମୁସର ରାଜ୍ୟ ସମେତ ସଂପୂର୍ଣ୍ଣ ବା ଆଂଶିକ ଗଂଜାମ ଜିଲ୍ଲା ।

ବଡ଼ଲାଟଙ୍କ ଘରୋଇ ସଚିବ ମଧୁବାବୁଙ୍କ ପତ୍ରର ଉତ୍ତରରେ ଚିଫ କମିଶନର ଫ୍ରେଜରଙ୍କ ରିପୋର୍ଟ ମିଳିବା ପରେ ବଡ଼ଲାଟ ଏ ସଂପର୍କରେ ସିଦ୍ଧାନ୍ତ ଘୋଷଣା କରିବେ ବୋଲି ଜଣାଇ ଦେଇଥିଲେ ।

ସିମିଳା ସମ୍ମିଳନୀ ପରେ ଫ୍ରେଜର ସମ୍ବଲପୁର ପରିଦର୍ଶନରେ ଆସିଥିଲେ । ଗ୍ରାମ ଗ୍ରାମ ବୁଲି ହିନ୍ଦୀଭାଷା ପ୍ରବର୍ତ୍ତନ

ଯୋଗୁଁ ଲୋକେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସଂପର୍କରେ ଅନୁଧ୍ୟାନ କରିଥିଲେ । ଫ୍ରେଜର ବଡ଼ଲାଟଙ୍କୁ ତାଙ୍କର ରିପୋର୍ଟ ଦେବାପରେ ସମ୍ବଲପୁରରେ ଓଡ଼ିଆଭାଷା ପୁନଃ ପ୍ରଚଳନ ପାଇଁ ୧୯୦୨ ଜୁନମାସରେ ସରକାରୀ ଘୋଷଣା ପ୍ରକାଶ ପାଇଥିଲା । ୧୯୦୩ ମସିହା ଜାନୁଆରୀ ପହିଲାରୁ ଏହି ଘୋଷଣା କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସମ୍ବଲପୁରକୁ ଓଡ଼ିଶାର ଅନ୍ତର୍ଭୁକ୍ତ କରାଗଲା ନାହିଁ ।

୧୮୯୫ ରୁ ୧୯୦୫ - ଏହି ଦଶବର୍ଷ ଧରି ସମ୍ବଲପୁର ଭାଷା ଆନ୍ଦୋଳନ ପରବର୍ତ୍ତୀ କାଳରେ ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣର ପଥ ଉନ୍ମୁକ୍ତ କରିଥିଲା ।

ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ଦୃଷ୍ଟିରୁ ସେ ଜିଲ୍ଲାକୁ ଓଡ଼ିଶାରେ ମିଶାଇ ବଙ୍ଗ ପ୍ରଦେଶ ଅଧୀନରେ ରଖିବା ଉଚିତ୍, ନଚେତ୍ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରାଯାଇପାରେ ବୋଲି ଚିଫ କମିଶନର ଫ୍ରେଜର ବଡ଼ଲାଟଙ୍କୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଗ୍ରହଣ କରି ବଡ଼ଲାଟ ଲର୍ଡ଼ କର୍ଜନ ବଙ୍ଗ ବିଭାଜନ ପାଇଁ ସିଦ୍ଧାନ୍ତ ନେଇଥିଲେ । ୧୯୦୩ ଡ଼ିସେମ୍ବର ୩ ତାରିଖରେ ଭାରତ ସରକାରଙ୍କ ଘରୋଇ ସଚିବ ହରବର୍ଟ ରିସଲେ ଏକ ସର୍କୁଲାର ପ୍ରକାଶ କଲେ । ଏହି ରିସଲେ ସର୍କୁଲାରରେ ମଧ୍ୟପ୍ରଦେଶରୁ ସମ୍ବଲପୁର, ମାନ୍ଦ୍ରାଜରୁ ଗଂଜାମ ଓ ବିଶାଖାପାଟଣା ଏଜେନ୍ସି ଏବଂ ଛୋଟ ନାଗପୁର ଅନ୍ତର୍ଭୁକ୍ତ ସିଂହଭୂମି ଜିଲ୍ଲାର କେତେକାଂଶ ଆଣି ବଙ୍ଗର ଓଡ଼ିଶା ଡ଼ିଭିଜନ ସହ ମିଶାଇ ଦେବାର ପ୍ରସ୍ତାବ ହୋଇଥିଲା । ଓଡ଼ିଆଭାଷା ଅଞ୍ଚଳଗୁଡ଼ିକ ଗୋଟିଏ ସରକାର ଅଧୀନରେ ରହିଲେ ଶାସନ କାର୍ଯ୍ୟ ସୁଗମ ହେବ ବୋଲି ରିସଲେ ମତପ୍ରକାଶ କରିଥିଲେ ।

ଲର୍ଡ଼ କର୍ଜନ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ଏଣ୍ଡ୍ରୁଫ୍ରେଜରଙ୍କୁ ମଧ୍ୟପ୍ରଦେଶରୁ ଆଣି ବଙ୍ଗର ଛୋଟ ଲାଟ ରୂପେ ନିଯୁକ୍ତି ଦେଇଥିଲେ । କିନ୍ତୁ ୧୯୦୪ ଏପ୍ରିଲ ମାସରେ ବଡ଼ଲାଟ ଲଣ୍ଡନ ଚାଲିଯିବାରୁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରିନଥିଲା । ମାନ୍ଦ୍ରାଜର ଛୋଟ ଲାଟ ଲର୍ଡ଼ ଏମ୍‌ଟହିଲ ଅସ୍ଥାୟୀ ବଡ଼ ଲାଟ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ଓଡ଼ିଆ ବିଦ୍ୱେଷୀ ତେଲଗୁ ନେତାମାନଙ୍କ ଦ୍ୱାରା ପ୍ରଭାବିତ. ହୋଇ ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳ ଓଡ଼ିଶା ସହ ମିଶାଇବାକୁ ସେ ରାଜି ହେଲେ ନାହିଁ । କର୍ଜନଙ୍କ ପ୍ରସ୍ତାବ ଅନୁସାରେ ୧୯୦୫ ଜୁଲାଇ ୧୯ ତାରିଖରେ ଭାରତ ସରକାର ଓଡ଼ିଶାରେ ସମ୍ବଲପୁର ଜିଲ୍ଲା ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ । କିନ୍ତୁ ଗଞ୍ଜାମ-ବିଶାଖାପାଟଣା ମିଶ୍ରଣ ସ୍ଥଗିତ ରଖାଗଲା । ଅକ୍ଟୋବର ୧୬ ତାରିଖରେ ଓଡ଼ିଶା ସହିତ ସମ୍ବଲପୁରର ଐତିହାସିକ ମିଶ୍ରଣ ହୋଇ ସମ୍ବଲପୁରବାସୀଙ୍କ ଦୀର୍ଘ ଗୋଟିଏ ଦଶନ୍ଧିର ଭାଷା ଆନ୍ଦୋଳନ ସଫଳ ହେଲା ।

ସମ୍ବଲପୁର ଭାଷା ଆନ୍ଦୋଳନର ସଫଳତା ପଛରେ ସମ୍ବଲପୁରବାସୀଙ୍କ ନିରବଚ୍ଛିନ୍ନ ସଂଗ୍ରାମ ସଙ୍ଗେ ସଙ୍ଗେ ଗଂଜାମ, କଟକ ଓ ବାଲେଶ୍ୱରର ବିଭିନ୍ନ ଓଡ଼ିଆ ସଂଗଠନ, ସମ୍ବାଦପତ୍ର , ରାଜା-ଜମିଦାର ଓ ଜନନେତାମାନଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ।

ମାତୃଭାଷାର ସୁରକ୍ଷା, ଶିକ୍ଷାର ପ୍ରସାର ଓ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ଦିଗରେ କର୍ମବୀର ଗୌରୀଶଙ୍କରଙ୍କ ଉତ୍କଳ ଦୀପିକା ଭଳି ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ବାମଣ୍ଡାର ପ୍ରଜାବତ୍ସଳ ରାଜା ସାର ବାସୁଦେବ ସୁଢ଼ଳଦେବଙ୍କ ପୃଷ୍ଠପୋଷକତା ଓ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପ୍ରକାଶିତ ସମ୍ବଲପୁର ହିତୈଷିଣୀ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ୧୮୮୯ ରୁ ଦୀର୍ଘ ୩୫ ବର୍ଷ ଧରି ଏହି ପତ୍ରିକା ଜନ ଜାଗରଣର ବାର୍ତ୍ତାବହ ଭାବେ ଓଡ଼ିଆ ଭାଷା ଆନ୍ଦୋଳନକୁ ଉଜ୍ଜୀବିତ କରି ରଖିଥିଲା । କବିବର ରାଧାନାଥ, ବ୍ୟାସକବି ଫକୀର ମୋହନ, ଉତ୍କଳପ୍ରାଣ ମଧୁସୂଦନ, ପ୍ରକୃତି କବି ଗଙ୍ଗାଧର, କବିଶେଖର ଚିନ୍ତାମଣି ପ୍ରମୁଖ ପ୍ରତିଭାଧରଙ୍କ ସାରସ୍ୱତ ସମ୍ଭାରରେ ଏହି ପତ୍ରିକା ସମୃଦ୍ଧ ହୋଇ ଆଧୁନିକ ଓଡ଼ିଆ ସାହିତ୍ୟରେ ନବ ଯୁଗର ଅଭ୍ୟୁଦୟ କରିଥିଲା । ସୁଢ଼ଳ ଦେବ ଥିଲେ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା । ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ରାଜ୍ୟରେ ସେ ବହୁ ବିଦ୍ୟାଳୟ ସ୍ଥାପନ କରିଥିଲେ । ଗୁଣଗ୍ରାହୀ ରାଜାରୂପେ ଓଡ଼ିଶାର ଜ୍ଞାନୀ, ଗୁଣୀ ଓ ବିଦ୍ୱାନମାନଙ୍କୁ ସମ୍ମାନିତ କରି ସେ ପ୍ରତିଭାପୂଜାର ମହାନ୍ ପରମ୍ପରା ସୃଷ୍ଟି କରିଯାଇଛନ୍ତି । ୧୮୮୬ ମସିହାରେ ସେ ରାଧାନାଥ ରାୟଙ୍କୁ କବିବର ଉପାଧିରେ ସମ୍ମାନିତ କରିଥିଲେ । ସମ୍ବଲପୁର ହିତୈଷିଣୀ ଛଡ଼ା 'ବିଜୁଳି', 'ସେବକ', 'ସଂସ୍କାର' ଆଦି ପତ୍ରିକା ପ୍ରକାଶ କରି ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇ ଯାଇଛନ୍ତି ।

ସୁଢ଼ଳ ଦେବଙ୍କ ଓଡ଼ିଆ ପ୍ରୀତିରେ ଅଭିଭୂତ ହୋଇ ୧୯୦୩ ଡ଼ିସେମ୍ବର ୩୦ ତାରିଖରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିବାକୁ ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା । ମାତ୍ର ଦୁର୍ଭାଗ୍ୟର କଥା ନିମନ୍ତ୍ରଣ ଟେଲିଗ୍ରାମ ବାମଣ୍ଡାରେ ପହଞ୍ଚିବା ପୂର୍ବରୁ ଏହି ମହାନ୍ ଦେଶସେବକଙ୍କର ଦେହାବସାନ ଘଟିଥିଲା । ଉତ୍କଳ ସମ୍ମିଳନୀର ଯେଉଁ ସଭାମଞ୍ଚରେ ସେ ସଭାପତି ଅଭିଭାଷଣ ଦେଇଥାନ୍ତେ, ସେଠାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

ଭାଷା ଆନ୍ଦୋଳନରେ ସମ୍ବଲପୁର ହିତୈଷିଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି କବି ଗଙ୍ଗାଧର ମେହେର ଲେଖିଥିଲେ -

"ହେବାରୁ ସମ୍ବଲପୁର ନେତ୍ର ଉନ୍ମୀଳିତ
କଷ୍ଟକୁ ନ ଗଣି ହେଲା ଉତ୍କଳେ ମିଳିତ
ହିତୀର ଗ୍ରାସରୁ ହେଲା କି କଷ୍ଟେ ଉଦ୍ଧାର
ରାହୁ କବଳରୁ ସୁଧାକର ପରକାର ।"

ସୁଡ଼ଳ ଦେବଙ୍କ ପ୍ରତି ସମ୍ମାନ ଜଣାଇ ଫକୀରମୋହନ ଲେଖିଛନ୍ତି-

''ହେ ସୁଡ଼ଳ ମହାରାଜ କରେଁ ନମସ୍କାର
ହିତୈଷିଣୀ ତୁମ ଯଶ କରୁଛି ପ୍ରଚାର ।
ମୁଗଲ ବନ୍ଦୀ ଛତିଶଗଡ଼ ବହୁତ ଅନ୍ତର
ତୁହିଁକୁ ମିଳାଇ ଦେଇ ଅଛ ପରସ୍ପର ।''

ସମ୍ବଲପୁର ହିତୈଷିଣୀର ସୁଯୋଗ୍ୟ ସଂପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଗୁଣଗାନ କରି ଫକୀରମୋହନ ଲେଖିଥିଲେ-

''ଭାଷା ଯୋଗେ ଛିନ୍ନ ଭିନ୍ନ ଥିଲା ଏ ଉତ୍କଳ
ବାନ୍ଧିଲ ଏକତା ସୂତ୍ରେ ତୁମେହିଁ କେବଳ ।''

ରାଜ୍ୟ ସୁଡ଼ଳଦେବଙ୍କ ଭଳି ଖଡ଼ିଆଳ ରାଜାମାନଙ୍କ ଓଡ଼ିଆ ପ୍ରୀତି, ଜାତି ପ୍ରେମ ଓ ସାହିତ୍ୟାନୁରାଗ ଥିଲା ଅତୁଳନୀୟ । ଓଡ଼ିଆ ଭାଷାର ସୁରକ୍ଷା ଓ ଦେଶ ମିଶ୍ରଣ ଆନ୍ଦୋଳନରେ ସେମାନଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ । ରାଜା ବ୍ରଜରାଜ ୧୮୮୩ ମସିହାରେ ଖଡ଼ିଆଳ ସାହିତ୍ୟ ସମିତି ପ୍ରତିଷ୍ଠା କରିଥିଲେ । ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଦିଗରେ ଏହି ଅନୁଷ୍ଠାନଟି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ରାଜ୍ୟରେ ସେ କେତୋଟି ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିଥିଲେ । ରାଜା ବୀର ବିକ୍ରମ ଦେବ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ନେତୃତ୍ୱ ନେଇଥିଲେ । ଉତ୍କଳ ସମ୍ମିଳନୀରେ ସେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସ୍ୱରଚିତ ନାଟକ 'ଉତ୍କଳ ଦୁର୍ଦ୍ଦଶା' ମାଗଣାରେ ବାଣ୍ଟିଥିଲେ । ବିକ୍ରମଦେବଙ୍କ ଭାଇ ଶିବନାରାୟଣ ଦେବ ଓଡ଼ିଆ ସହିତ ଖଡ଼ିଆଳର ମିଶ୍ରଣ ପାଇଁ ଅହରହ ଉଦ୍ୟମ କରୁଥିଲେ । ସେ ରାଧାନାଥ ଗ୍ରନ୍ଥାବଳୀ ପ୍ରଥମେ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପାଇଁ ଶବ୍ଦ ସଂଗ୍ରହ କରି ନିଜର ଗଭୀର ସାହିତ୍ୟାନୁରାଗର ପରିଚୟ ଦେଇ ଯାଇଛନ୍ତି । ଓଡ଼ିଆ ଭାଷାର ସୁରକ୍ଷା ଓ ଦେଶ ମିଶ୍ରଣ ଆନ୍ଦୋଳନରେ ଖଡ଼ିଆଳବାସୀଙ୍କ ଅବଦାନ ଉଲ୍ଲେଖଯୋଗ୍ୟ ।

ସମ୍ବଲପୁର ଭାଷା ଆନ୍ଦୋଳନ ପରବର୍ତ୍ତୀ କାଳରେ ଦେଶ ଗଠନର ମୂଳଭିତ୍ତି ପକାଇଥିଲା । ଏହି ଭାଷା ଆନ୍ଦୋଳନରୁ ଓଡ଼ିଶାବାସୀଙ୍କ ମଧ୍ୟରେ ରାଜନୈତିକ ଚେତନା ଜାଗ୍ରତ ହୋଇଥିଲା । ଓଡ଼ିଆଭାଷୀମାନଙ୍କୁ ଐକ୍ୟବଦ୍ଧ ହେବାପାଇଁ ପ୍ରେରଣା ଦେଇଥିଲା । ଅବଶେଷରେ ଜାତୀୟ ସଂଗଠନ ଉତ୍କଳ ସମ୍ମିଳନୀ ଜନ୍ମଲାଭ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନେତୃତ୍ୱ ନେଇଥିଲା ।

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଜାତୀୟ ଜାଗରଣରେ ସମ୍ବଲପୁର ଏବଂ ଜାତୀୟ ସମ୍ମିଳନୀ ଗଠନ ଦିଗରେ ଗଂଜାମ ଜିଲ୍ଲାର ଭୂମିକାକୁ ପ୍ରଶଂସା କରି କୁହାଯାଇଥିଲା -

''ସମସ୍ତ ଉତ୍କଳବାସୀ ପ୍ରଦେଶରେ ଲୋକମାନେ ଆଜି ପର୍ଯ୍ୟନ୍ତ ନାନାବିଧ କାରଣରୁ ଭିନ୍ନ ଭିନ୍ନ ହୋଇ ନିଜ ନିଜକୁ ନ ଚିହ୍ନି ଯେ ଯେଉଁଠାରେ ପଡ଼ି ରହିଥିଲେ । ସବୁ ଭାଇ ଯାକ କିପରି ଥରେ ହେଲେ ଏକାଠେଇ ହୋଇ ପାରିବେ ଏ ଭାବ ସମସ୍ତଙ୍କ ମନରେ ଉଦୟ ହେଉଥିବାର ଢ଼େର ପ୍ରମାଣ ମିଳିଅଛି । ଭାଷା ସୂତ୍ରରେ ଏ ଭାବ ପ୍ରଥମେ ଉଦିତ ହେଲା ସମ୍ବଲପୁରରୁ । କେତେକ ଦିନ ପୂର୍ବେ ଯେତେବେଳେ କଚେରୀମାନଙ୍କରୁ ଓଡ଼ିଆ ଉଠିଗଲା ସେତେବେଳେକ ଓଡ଼ିଆମାନେ କାନ୍ଦି ଉଠିଲେ ଓ ଉତ୍କଳ ବ୍ୟାପୀ ହାହାକାର ପଡ଼ିଗଲା । ପରିଶେଷରେ ସମ୍ବଲପୁରର ଭାଇମାନଙ୍କ ଦୃଢ଼ ଚେଷ୍ଟା, ଏଠାର ଭାଇମାନଙ୍କ ମନରେ ଦୁଃଖ ଓ ସହାନୁଭୂତି ଓ ଭଗବାନଙ୍କ ଅନୁଗ୍ରହରୁ ବଙ୍ଗଳାର ବର୍ତ୍ତମାନ ଛୋଟଲାଟ ଶ୍ରୀଯୁକ୍ତ ଆଣ୍ଡ୍ରୁ ଫ୍ରେଜର ଯେକି ସେ ସମୟରେ ମଧ୍ୟପ୍ରଦେଶର ଭାଗ୍ୟ ବିଧାତା ରୂପେ ଠିଆ ହୋଇଥିଲେ ସେ ସମ୍ବଲପୁରର ଓଡ଼ିଆମାନଙ୍କୁ ଅଭୟ ଦେଇ ଓଡ଼ିଆଭାଷାକୁ ସମ୍ବଲପୁର କଚେରୀମାନଙ୍କରେ ଚଳାଇଲେ । ଯେତେବେଳେ ମୃତ ଓଡ଼ିଆ ଭାଷା ପୁନର୍ବାର ଜୀଇଁ ଉଠିଲା ସେତେବେଳେ ଉତ୍କଳ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଆନନ୍ଦରେ ମାତି ଉଠିଲା .... ଆମ୍ଭେମାନେ ବିଚାରୁଛୁ ସେହିଦିନ ଠାରୁ ଉତ୍କଳୀୟମାନଙ୍କର ଗୋଟିଏ ନବଯୁଗ ଆରମ୍ଭ ହେଲା ।

କେତେଦିନ ପରେ ଗଂଜାମର ଭାଇମାନେ ଶୁଭକ୍ଷଣରେ ଗୋଟିଏ ଜାତୀୟ ମେଳାର ସୂତ୍ରପାତ କଲେ । ଯଦିଚ ପୂର୍ବ ଘଟଣା (ସମ୍ବଲପୁର ଭାଷା ଆନ୍ଦୋଳନ)ରେ ଜାତୀୟ ଯୁଗ ପ୍ରଭାତର ଆଗାମୀ ସୂଚନା ଦେଖାଯାଇଥିଲା, ବ୍ରହ୍ମପୁରର ଜାତୀୟ ସମ୍ମିଳନୀ ସତକୁ ସତ ସେହି ଯୁଗ ପ୍ରଭାତ ଉତ୍କଳୀୟମାନଙ୍କୁ ଦେଖାଇଲା । .... ଗଂଜାମର ଜାତୀୟ ସମିତି ଛାଞ୍ଚରେ କଟକରେ ଗୋଟିଏ ପ୍ରକାଣ୍ଡ ସମ୍ମିଳନୀ ସଭା ସ୍ଥାପନର କଳ୍ପନା ହେଲା । ଆଜି ଯେଉଁ ଜାତୀୟ ଭାବ ଉତ୍କଳରେ ଦେଖା ଦେଇଛି ସେଥିନିମନ୍ତେ ଆମ୍ଭେମାନେ ସମ୍ବଲପୁର ଓ ଗଂଜାମବାସୀ ଭାଇମାନଙ୍କଠାରେ ଅନେକ ପରିମାଣରେ ଋଣୀ ।''

ମାର୍ଫତ - ମନୋଜ କୁମାର ନାୟକ
ଅନ୍ନପୂର୍ଣ୍ଣା ଲେନ୍
ପିଠାପୁର, କଟକ - ୭୫୩ ୦୦୧

★★★

# ନାଚିଉଠ ଓଡ଼ିଆ ଭାଇ

ଶ୍ରୀ ଦେବରାଜ ସାମନ୍ତରାୟ

ନାଚି ଉଠ ଓଡ଼ିଆ ଭାଇ
ବଜା ଭଣଶିଙ୍ଗା ଆସ ରଣସିଂହ
ଟେକି ତଲୱାର ବିଅ ଦେଖାଇ
ବଡ଼ ଦୁର୍ଦ୍ଦଣ୍ଡ ବୀର ଚଣ୍ଡାଶୋକ,
ପରାଣେ ପରାଣେ ଖେଳାଇଲା ଶୋକ,
କରୁଁ କରବାଳ ଖସି ପଡ଼ିଥିଲା
ପୁଣ୍ୟମାଟି ପ୍ରେମ ଦେଲା ଶିଖାଇ ।
ପ୍ରବଳ ପ୍ରତାପ ଯୋଦ୍ଧା ଖାରବେଳ,
କପିଳେନ୍ଦ୍ରଦେବ ଦେଖାଇଲେ ବଳ,
ଗଙ୍ଗାଠାରୁ ଗୋଦାବରୀ ପରିଯନ୍ତ
ରାଇଜର ସୀମା ଥିଲେ ବଢ଼ାଇ
ମହାଜ୍ଞାନୀ ମହାପୁରୁଷ ଚୈତନ୍ୟ
କରିଥିଲେ ଥରେ ପୁରୀ ଆଗମନ
ବୁଝି ଜ୍ଞାନେ ଜ୍ଞାନ ଜଗନ୍ନାଥ ଦାସେ
ଗଲେ ଅତିବଡ଼ି ଉପାଧି ଦେଇ
ଓଡ଼ିଆ ବଣିକେ ବୋଇତ ମେଲି
ଯାଇଥିଲେ ଜାଭା-ସିଂହଳ-ବାଲି
ସାକ୍ଷ୍ୟ ଦିଏ ଆଜି ମୂକ ଇତିହାସ
ଆଣିଥିଲେ ଧନ ରତନ ବହି
ତାରୁ ଜାରୁ ଭରା ଭଣ୍ଡାର ଘର
ଓଡ଼ିଶା ଜାଗତି ଜଗତେ ସାର
ମୁଖେ ଗୀତଗାଇ ପାଷାଣ ନର୍ତ୍ତକୀ
ଏବେ ବି ମନ୍ଦିରେ ନାଚ କରଇ
ଭୀମ ଭଇରବ ଉଡ଼ିଶୁଣି ଜାଣେ
ଚଣ୍ଡ ଗୋରାମୁଣ୍ଡ ନର୍ତ୍ତିଲା ଏ ଭୂମେ
ନାହାନ୍ତି ଆଜି ସେ ରଘୁ-ଦିବାକର
ପଡ଼ି ରହିଅଛି ଖୋରଧା ଭୂଇଁ
ଅଛି ସେ ଭୂଇଁରେ ସେ ଦିନ ରକତ
ରକତ ଦେଖିବୁ ହୁଅରେ ଜାଗତ
ଅଛିତୋ ଦଳସି ଶକତି ଦେହାକୁ
ମରିନିରେ ସିଏ ମରଣଜୟୀ
ବାହାସ୍ଫୋଟ ମାରି ଯାଣିଖୁଣ୍ଟେ ଆଜି
ପାଇକ ନାୟକ ଉଠଇ ଗରଜି
ଟୁଟିଛି କି ନାହିଁ ତୋ ନାଟ କୁହାଟ
ଆଉଥରେ ଟିକେ ଦେଖିବା ପାଇଁ ।
କାଳ-ସୁଏ ସିନା ଯାଉଛନ୍ତି ଭାସି,
ଜୀଇଁଛି ଜୀଇଁବ ମଧୁ ତେଜରାଶି,
କୋଟି କୋଟି ପ୍ରାଣେ ଏବେ ବି କିଏ ସେ
ମାଆଁ ମାଆ ବୋଲି ଡାକ ଦିଅଇ
ଉତ୍କଳର ମଣି ଗୋପବନ୍ଧୁ ଦାଶ,
ପର ହିତେଦେଇ ଜୀବନକୁ ଝାସ
ଭାରତ-ସାଗରେ ଉତ୍କଳ-ନାଆକୁ
ଏଇ ପ୍ରୁଅ ପଣ୍ଡା ଥିଲା ଭସାଇ
ଉତ୍କଳକେଶରୀ ବୀର ମହତାବ
ଓଡ଼ିଆ ଜାତିର ଗର୍ବ ଗଉରବ
ବୃହତ ଉତ୍କଳ ଗଢ଼ି ଯାଇଛନ୍ତି
ତାଙ୍କ ଯୋଗୁଁ ଜାତି ଉଠିଛି ଟେକିଁ
ନାହିଁ ବଡ଼ ସାନ ଭେଦାଭେଦ ମାନ
ଏକାଠି ଖାଆନ୍ତି ଚଣ୍ଡାଳ ବ୍ରାହ୍ମଣ
ଉଡ଼େ ବଡ଼ବାନା ବଡ଼ ଦେଉଳରେ
ଦେଖ ଚକାଡ଼ୋଳା ଅଛି ଅନାଇ
ଜୟ-ବୈଜୟନ୍ତୀ ଦିଅରେ ଉଡ଼ାଇ
ଅନ୍ୟାୟ-ଅନୀତି ତଣ୍ଟି ଚିପିଦେଇ
ଛିଡ଼ି ପାଡ଼ିଦେଲେ ବଇରୀ କଲିଜା
ଜନନୀ କାମନା ପୂରିବ ଯାଇ ॥

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
କ୍ୱାଟର ୨ଆର ଏ. - ୧୧
ୟୁନିଟ୍ - ୧
ପୋ - ଭୁବନେଶ୍ୱର - ୯
ଜି, ଖୋର୍ଦ୍ଧା

# ସମ୍ବାଦ ପରିକ୍ରମା

## ଲେଖକ ଦେଶର ଏକ ମୂଲ୍ୟବାନ ଅଙ୍ଗ :

-ରାଜ୍ୟପାଳ

ଲେଖକ ହେଉଛି ସମାଜର ଓ ଦେଶର ଏକ ମଲ୍ୟବାନ ଅଙ୍ଗ । ଲେଖାମାଧ୍ୟମରେ ମଣିଷର ଚେତନାକୁ ଉଦ୍‌ବୁଦ୍ଧ କରି ସମାଜ ତଥା ଦେଶକୁ ଏକ ନୂତନ ଦିଗ୍‌ଦର୍ଶନ ଦେଖାଇବାରେ ଲେଖକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି ସଂପ୍ରତି ୟୁନିଟ୍ - ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ତ୍ରୟୋଦଶ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗୋପାଳ ରାମାନୁଜମ୍ ପ୍ରକାଶ କରିଛନ୍ତି । ବିଶିଷ୍ଟ କବି ଓ ଲେଖକ, ଲେଖିକାମାନଙ୍କୁ ଏହି ଅବସରରେ ପୁରସ୍କୃତ କରି ରାଜ୍ୟପାଳ କହିଲେ ଯେ ସମୟର ପ୍ରକୃତ ବିନିଯୋଗ କରି ମାନବ ଜାତିର ଭବିଷ୍ୟତକୁ ସତ୍‌ମାର୍ଗ ପ୍ରଦର୍ଶନ କରିବା ଲେଖକଙ୍କ, ଲେଖିକାମାନଙ୍କର ଧ୍ୟେୟ ହେବା ଉଚିତ୍ । ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ଅପ୍ରାସଂଗିକତାକୁ ଦୂରକରି ଅଶିକ୍ଷିତମାନଙ୍କୁ ଶିକ୍ଷିତ କରି ସଂସ୍କୃତି ଓ ସଭ୍ୟତାର ଉନ୍ନତି କରିବାକୁ ଆହ୍ୱାନ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟପାଳ ଏଭଳି ପୁସ୍ତକ ମେଳା ସାମାଜିକ ସଂସ୍କାର କ୍ଷେତ୍ରରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଲେଖକମାନଙ୍କର ପୁସ୍ତକ ଉନ୍ମୋଚନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବଙ୍ଗଳା କଥା ସାହିତ୍ୟର ପ୍ରସିଦ୍ଧ ଲେଖକ ଓ କବି ଶ୍ରୀ ବୁଦ୍ଧଦେବ ଗୁହ, ପୁସ୍ତକ ମେଳା କମିଟିର ସଭାପତି ଶ୍ରୀ ସାତକଡ଼ି ହୋତା, ସଂପାଦକ ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ ପ୍ରମୁଖ ଉଦ୍‌ବୋଧନ ଦେଇ ଏହି ପୁସ୍ତକ ମେଳା ସମାଜରେ ଏକ ନବଜାଗରଣ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ ।

## ନରାଜ ବ୍ୟାରେଜର ଶିଳାନ୍ୟାସ

ନରାଜଠାରେ ବିଶ୍ୱବ୍ୟାଙ୍କ ସହାୟତାରେ ୧୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନରାଜ ବ୍ୟାରେଜ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି । ଏ ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଉକ୍ତ ପ୍ରକଳ୍ପ କଟକ ଓ ପୁରୀ ଜିଲ୍ଲାର ଚାଷୀମାନଙ୍କ ପାଇଁ ଏକ ଆଶୀର୍ବାଦ ସ୍ୱରୂପ । ସରକାର କୃଷିକୁ ପ୍ରାଧାନ୍ୟ ଦେଇ କୃଷି ଓ କୃଷକର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । କାରଣ ଚାଷୀର ଭାଗ୍ୟ ପରିବର୍ତ୍ତନ ହେଲେ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ ହେବ । ଏକର ପିଛା ଜଣେ ଚାଷୀ ଯେପରି ୧୫ ରୁ ୨୦ହଜାର ଟଙ୍କା ରୋଜଗାର କରି ପାରିବ, ସେଥିପାଇଁ କେନାଲ ଏବଂ ଉଠାଜଳସେଚନ ମାଧ୍ୟମରେ ସେମାନଙ୍କୁ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ।

ବୌଦ ସୋନପୁରଠାରୁ ଆରମ୍ଭ କରି ନୟାଗଡ଼, ଖଣ୍ଡପଡ଼ା, ବାଙ୍କୀ ପ୍ରଭୃତି ଦେଇ ପ୍ରବାହିତ ହେଉଥିବା ମହାନଦୀର ଯେଉଁଠାରେ ପାଣି ରହିଛି ସେସବୁ ସ୍ଥାନରେ ଉଠାଜଳସେଚନ ମାଧ୍ୟମରେ ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହା ଦ୍ୱାରା ୫୦ ହଜାର ଏକର ଜମି ଜଳସେଚିତ ହୋଇ ପାରିବ । ଆମ ରାଜ୍ୟକୁ ୩ ଲକ୍ଷ ଟନ ଆଳୁ ଅନ୍ୟାନ୍ୟ ରାଜ୍ୟରୁ ଆମଦାନୀ କରାଯାଉଛି । ନଦୀ ବାଲିରେ ଆଳୁଚାଷ ଆରମ୍ଭ କରାଯାଇ ଉକ୍ତ ଅଭାବ ପୂରଣ କରିବା ସଙ୍ଗେ ସଙ୍ଗେ ଆଗାମୀ ୨ ବର୍ଷରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟକୁ ଆଳୁ ରପ୍ତାନି କରିବାରେ ସକ୍ଷମ ହୋଇ ପାରିବ । ଉତ୍କୃଷ୍ଟ ବିହନ ପ୍ରୟୋଗ କରି ଉତ୍ପାଦନକୁ ୪ ଗୁଣ ବୃଦ୍ଧି 'କରିବା ପାଇଁ ଯେଉଁ ଚେଷ୍ଟା କରାଯାଇଥିଲା କେତେକ ଜାଗାରେ ଏହାର ସୁଫଳ ମିଳିବାରେ ଲାଗିଲାଣି । ଏଭଳି ଅନେକ କାର୍ଯ୍ୟକ୍ରମ ଦ୍ୱାରା ଆସନ୍ତା ୫ ବର୍ଷ ଭିତରେ ଓଡ଼ିଶାରୁ ମରୁଡ଼ି ନିଶ୍ଚିହ୍ନ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ବେକାର ଯୁବକମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିପାଇଁ ସରକାରଙ୍କ ତରଫରୁ ୨୦ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ । ଭୁବନେଶ୍ୱରଠାରେ ଏକ କମ୍ପ୍ୟୁଟର କେନ୍ଦ୍ର ପ୍ରତିଷ୍ଠା କରାଯାଇ ୯ ହଜାର ବେକାର ଇଞ୍ଜିନିୟରମାନଙ୍କୁ ଏଥିରେ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ଉତ୍ସବରେ ସଭାପତିତ୍ୱ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତକୁମାର ବିଶ୍ୱାଳ କହିଲେ ଯେ ଓଡ଼ିଶାର ଉନ୍ନତି ପାଇଁ ସରକାର ଯେଉଁ ପ୍ରତିଶ୍ରୁତିମାନ ଦେଇଥିଲେ ତାହା ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ବର୍ତ୍ତମାନ ରାଜ୍ୟର ୫୦ ଭାଗ ଜମିରେ ଜଳସେଚନ ପାଇଁ ଚାଷୀମାନଙ୍କୁ ଜଳ ଯୋଗାଇ ଦେବା ଲାଗି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୪ ଶହ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି ଏବଂ ତାହା ୧୯୯୮-୯୯ ଆର୍ଥିକ ବର୍ଷରେ ଏହି ବାବଦରେ ୧ ଶହ କୋଟି ଟଙ୍କା ବ୍ୟୟ କରାଯିବ । ଜଳବିଦ୍ୟୁତ ପ୍ରକଳ୍ପମାନ ପ୍ରତିଷ୍ଠା କରାଇ ଜଳସେଚନର ସୁବିଧା କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ ଶକ୍ତି ଉତ୍ପାଦନ ବୃଦ୍ଧି କରାଯିବ । ଉତ୍ସବରେ

ସମ୍ମାନିତା ଅତିଥି ଭାବେ ଯୋଗ ଦେଇ ରାଜ୍ୟସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ କହିଲେ ଯେ ଏହି ବ୍ୟାରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବନ୍ୟା ନିୟନ୍ତ୍ରଣ କରାଯିବା ସଙ୍ଗେ ସଙ୍ଗେ ମରୁଡ଼ିର ଆଶଙ୍କା ଜଳସେଚନ ଦ୍ୱାରା ରୋକାଯାଇ ପାରିବ ।

ଏଥିରେ କଟକ ଲୋକସଭା ସଦସ୍ୟ ଶ୍ରୀ ଅନାଦି ସାହୁ ଉଦ୍‌ବୋଧନ ଦେଇଥିଲେ । ଜଳସମ୍ପଦ ବିଭାଗର କମିଶନର ଶ୍ରୀ ରବୀନ୍ଦ୍ରନାରାୟଣ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ ।

## ବିଶ୍ୱନାହାକାଣିଠାରେ ରାଜସ୍ୱ ଡାକ ବଙ୍ଗଳାର ଶିଳାନ୍ୟାସ

ଗତ ମାର୍ଚ୍ଚ ୮ ତାରିଖ ଦିନ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଶ୍ୱନାହାକାଣିଠାରେ ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ୫ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ଏକ ରାଜସ୍ୱ ବିଭାଗ ଡାକ ବଙ୍ଗଳାର ଶିଳାନ୍ୟାସ କରିଛନ୍ତି ।

ଏ ଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ୫ ହଜାର ଆଦିବାସୀ ପୁରୁଷ ଓ ମହିଳାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଲେଙ୍କା କହିଛନ୍ତି ଯେ ୧୨ ଦଫା କାର୍ଯ୍ୟକ୍ରମରେ ଭୂମିହୀନଙ୍କୁ ଜମି ଓ ବାସହୀନଙ୍କୁ ଘରଡିହ ଯୋଗାଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ମରୁଡ଼ି ଜନିତ ପରିସ୍ଥିତିରୁ ଉଦ୍ଧାର ପାଇବା ଲାଗି ସ୍ୱଳ୍ପ ବୃଷ୍ଟିପାତ ଭିତରେ ବଞ୍ଚି ରହିପାରିବା ଭଳି ଧାନ, ତୈଳବୀଜ, ପନିପରିବା ଦ୍ୱାରା ମଧ୍ୟ ଅଧିକ ଉତ୍ପାଦନ କିପରି ସମ୍ଭବ, ତାହା କୃଷି ବିଭାଗ ଅଧିକାରୀମାନେ ଚାଷୀଙ୍କୁ ବୁଝାଇବା ଲାଗି ସେ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କୁସୁମପୁର ଓ ବଢ଼ବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଜଳସେଚନ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀ ଲେଙ୍କା କହିଲେ ଯେ ଏହି ଯୋଜନା ଶେଷ ହେଲେ, ଚାଷୀଙ୍କ ଜଳକଷ୍ଟ ଦୂର ହୋଇପାରିବ । ଏହି ଦୁଇ ପଞ୍ଚାୟତର ବେକାରଙ୍କୁ କର୍ମ ନିଯୁକ୍ତି ଦେବା ଲାଗି ଖାଦି ବୋର୍ଡ଼ ତରଫରୁ ଗ୍ରାମ୍ୟ ଶିଳ୍ପ ସ୍ଥାପନ ଜରିଆରେ ଆତ୍ମ ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଲେଙ୍କା ଘୋଷଣା କରିଥିଲେ ।

ଭୂଦାନ ଯଜ୍ଞ ସମିତି ପ୍ରଶାସକ ଭୂଦାନ ଜରିଆରେ ବଣ୍ଟନ ହୋଇଥିବା ଏହି ଅଞ୍ଚଳର ଜମି ଲାଗି ତଦବିରେ ଶୀଘ୍ର ପଟ୍ଟା ପ୍ରଦାନ କରିବେ ଏବଂ ଏଠାରେ ଏକ ଭୂଦାନ ଭବନ କରାଯିବା ଉଦ୍ୟମ ହେଉଥିବା ଦର୍ଶାଇଥିଲେ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଏକ ଟାଙ୍ଗୀ ମେଳାରେ ୨୩ ଜଣ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଲାଗି ଅର୍ଥ ଅନୁଦାନ, ବାର୍ଦ୍ଧକ୍ୟ ଭତ୍ତା ଓ ୪୫ ଜଣ ଆଦିବାସୀ, ହରିଜନ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ମହିଳାଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଥିଲେ ।

## ପ୍ରଗତି ପ୍ରଦର୍ଶନୀ ମେଳା ଜନସଚେତନତା ସୃଷ୍ଟି କରିବ

ସୂଚନା ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ

ଗତ ୫ ତାରିଖରେ ବାଙ୍କୀ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଦ୍ୱିତୀୟ ଉପଖଣ୍ଡ ସ୍ତରୀୟ ପ୍ରଗତି ପ୍ରଦର୍ଶନୀ ମେଳା - ୯୭ ର ଉଦ୍‌ଯାପନ ଉତ୍ସବରେ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉଦ୍‌ବୋଧନ ଦେଇ କହିଲେ ଯେ ସୂଚନା ଓ ଲୋକ ସଂପର୍କ ବିଭାଗ, ବାଙ୍କୀ ଉପଖଣ୍ଡ ଆନୁକୂଲ୍ୟରେ ଗତବର୍ଷ ପ୍ରଥମ ଥର ପାଇଁ ଆୟୋଜିତ ପ୍ରଗତି ପ୍ରଦର୍ଶନୀ ମେଳାର ସଫଳତା ପରେ ଚଳିତ ବର୍ଷଠାରୁ ରାଜ୍ୟ ସରକାର ସମସ୍ତ ଉପଖଣ୍ଡରେ ପ୍ରଦର୍ଶନୀ ଆୟୋଜନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହିପରି ପ୍ରଗତି ପ୍ରଦର୍ଶନୀ ମେଳାର ଆୟୋଜନ କରି ଗାଁ ଗହଳି ଜନସାଧାରଣଙ୍କ ମଧ୍ୟରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ସଚେତନତା ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ । ଏତଦ୍ ବ୍ୟତୀତ ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକ୍ରମ ସଂପର୍କରେ ଜନତାଙ୍କ ପ୍ରତିକ୍ରିୟା ସଂଗ୍ରହ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଦୁର୍ନୀତି ସଂପର୍କରେ ସୂଚନା ଓ ଲୋକ ସଂପର୍କ ଅଧିକାରୀମାନେ ଗୋପନୀୟ ବିବରଣୀ ପଠାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସଭାରେ ପ୍ରକାଶ କରିଥିଲେ । ସରକାରଙ୍କ ବିଭିନ୍ନ ବିଭାଗ ଯେଉଳି ଏହି ପ୍ରଦର୍ଶନୀରେ ଅଧିକରୁ ଅଧିକ ସାମିଲ ହୋଇ ସେମାନଙ୍କର ବିଭାଗୀୟ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରି ପାରିବେ ସେ ଦିଗରେ ସରକାରୀ ପଦକ୍ଷେପ ଗ୍ରହଣ କରାଯିବ । ବାଙ୍କୀ ପ୍ରଗତି ପ୍ରଦର୍ଶନୀମେଳା ସମସ୍ତ ଉପଖଣ୍ଡ ପାଇଁ ପଥ ପ୍ରଦର୍ଶକ ହୋଇ ପାରିଛି ବୋଲି ମନ୍ତ୍ରୀ ଶ୍ରୀମଲ୍ଲିକ କହିଥିଲେ ।

ପାର୍ଲାମେଣ୍ଟ ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ବିଶିଷ୍ଟ ଅତିଥିଭାବେ ଯୋଗଦାନ କରି କହିଲେ ଯେ ମହିଳାମାନେ ଗାଁ ଗହଳରେ ବିଭିନ୍ନ ହସ୍ତଶିଳ୍ପ ଉପକରଣମାନ ତିଆରି କରି ଏଭଳି ପ୍ରଦର୍ଶନୀ ମାଧ୍ୟମରେ ବଜାର ସୃଷ୍ଟି କରିଥାନ୍ତି । ଏଭଳି ପ୍ରଦର୍ଶନୀ ଆୟୋଜନ କରି ସୂଚନା ଓ ଲୋକସଂପର୍କ ବିଭାଗ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରାଇବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀମତୀ ପଟ୍ଟନାୟକ ମତପ୍ରକାଶ କରିଥିଲେ । ବାଙ୍କୀ ଉପଜିଲ୍ଲାପାଳ ଶ୍ରୀ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ, ପୂର୍ବତନ ବିଧାୟକ ଶ୍ରୀ ଅକ୍ଷୟ କୁମାର ପଟ୍ଟନାୟକ, ବାଙ୍କୀ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଶ୍ରୀମତୀ ଦିପ୍ତିକା ପଟ୍ଟନାୟକ ପ୍ରମୁଖ ପ୍ରଦର୍ଶନୀର ଉଚ୍ଚ ପ୍ରଶଂସା କରିଥିଲେ । ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ କମିଟିର ଆବାହକ ତଥା ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ବରଦାପ୍ରସନ୍ନ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ - ସମସ୍ତ ସରକାରୀ ବିଭାଗ ଏଭଳି ପ୍ରଦର୍ଶନୀ ମେଳାରେ ଅଂଶ ଗ୍ରହଣ ନିମନ୍ତେ ଯେପରି ଆଗ୍ରହ ପ୍ରକାଶ କରିବେ ସେ ଦିଗରେ ସ୍ପଷ୍ଟ ସରକାରୀ ନିର୍ଦ୍ଦେଶ ରହିଲେ ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ଏହି ପ୍ରଦର୍ଶନୀ ଜରିଆରେ ଲୋକ ଲୋଚନକୁ ଆସିପାରିବ ଓ ସୂଚନା ଏବଂ ଲୋକ ସଂପର୍କ ବିଭାଗର ଉଦ୍ୟମ ସଫଳତା ଲାଭ କରିପାରିବ ବୋଲି କହିଥିଲେ । ଏଭଳି ପ୍ରଦର୍ଶନୀରେ ସର୍ବମୋଟ ୨୬ଟି ଷ୍ଟଲ ଖୋଲାଯାଇଥିଲା । ଗତ ୩ ତାରିଖ ଉଦ୍‌ଘାଟନ ଉତ୍ସବରେ କଟକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଗମ୍ବର ମହାନ୍ତି, ମୁଖ୍ୟ ଅତିଥି ପ୍ରୋଜେକ୍ଟ ନିର୍ଦ୍ଦେଶକ ଶ୍ରୀ କୁଳମଣି ରାଉତ, ସମ୍ମାନିତ ଅତିଥି ସହଯୋଗୀ ସଂପାଦିକା ଶ୍ରୀମତୀ ମନୋରମା ମହାପାତ୍ର, ମୁଖ୍ୟବକ୍ତା

ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ଶ୍ରୀ ଅକ୍ଷୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଭାରେ ଉଦ୍‌ବୋଧନ ଦେଇଥିଲେ । ଉପଜିଲ୍ଲାପାଳ ଶ୍ରୀ ଦେବୀ ପ୍ରସାଦ ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ ।

## ତିହିଡ଼ି ବ୍ଲକର ସାପକାଟିଆ ଗ୍ରାମରେ ତିନିଗୋଟି ଉଠାଜଳସେଚନ ପଏଣ୍ଟ ଉଦ୍‌ଘାଟିତ

ଗତ ଫେବୃୟାରୀ ମାସ ୧୮ ତାରିଖରେ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ସାପକାଟିଆ ଗ୍ରାମରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଦ୍ୱାରା ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନିଗୋଟି ଉଠା ଜଳସେଚନ ପଏଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀ କହିଲେ ଯେ ଏହି ପ୍ରକଳ୍ପ କୃଷିର ବିକାଶ କରିବା ସଙ୍ଗେ ସଙ୍ଗେ ଏହି ଅଞ୍ଚଳର ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିବ । ସରକାର କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରି ଅଧିକ ଗୁରୁତ୍ୱାରୋପ କରୁଛନ୍ତି । ମରୁଡ଼ିର ସ୍ଥାୟୀ ପ୍ରତିକାର ଦିଗରେ ମଧ୍ୟ ଉଠାଜଳସେଚନ ପଏଣ୍ଟ ଚାଷୀକୁଳର ହିତସାଧନ କରିପାରିବ ବୋଲି ସେ କହିଥିଲେ ।

ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଚନ୍ଦବନ୍ଧଠାରେ ୧.୨୦ ଲକ୍ଷ ଟଙ୍କା ବ୍ୟୟରେ ୬୩ କେ.ଭି. ଟ୍ରାନ୍‌ସଫରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ସେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଗ୍ରାମାଞ୍ଚଳର ରାସ୍ତାଘାଟ, ଆଲୋକ ଓ ଶିକ୍ଷାର ଉନ୍ନତି ନହେବା ପର୍ଯ୍ୟନ୍ତ ଦେଶର ଉନ୍ନତି ସମ୍ଭବ ନୁହେଁ ବୋଲି କହିଥିଲେ । ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପୀତାମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ଦୈତାରୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଶରତ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ବ୍ରହ୍ମପୁରଠାରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଅନ୍ୟତମ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ମାର୍ଚ୍ଚ ଏକ ତାରିଖ ଦିନ ବ୍ରହ୍ମପୁରଠାରେ ଉଦ୍‌ଘାଟିତ ହୋଇଯାଇଛି । ଶିକ୍ଷା ବିଭାଗରେ କ୍ଷମତାର ବିକେନ୍ଦ୍ରୀକରଣ ପ୍ରକ୍ରିୟା ଆରମ୍ଭ ହେବା ପରେ ଏହା ହେଉଛି ରାଜ୍ୟର ଦ୍ୱିତୀୟ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ । ପୂର୍ବରୁ ଗତ ଫେବୃୟାରୀ ମାସରେ ସମ୍ବଲପୁରଠାରେ ରାଜ୍ୟର ପ୍ରଥମ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

ବ୍ରହ୍ମପୁର ଭବାନଗର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏହି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ୍ ସାମନ୍ତରାୟ ଉଦ୍‌ଘାଟନ କରି କହିଲେ ଯେ ଶିକ୍ଷା ବିଭାଗ କାର୍ଯ୍ୟକ୍ରମରେ ଶୃଙ୍ଖଳା ରକ୍ଷା ସଙ୍ଗକୁ ପ୍ରଶାସନିକ ସେବା ଯୋଗାଇବାରେ ଏହି ନିର୍ଦ୍ଦେଶାଳୟ ସହାୟକ ହେବ । ଗଞ୍ଜାମ ଓ ଗଜପତି ଜିଲ୍ଲା ସମେତ କୋରାପୁଟ ଓ କନ୍ଧମାଳ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଚ୍ଚଶିକ୍ଷାର ବ୍ୟାପକ ପ୍ରସାର ଦିଗରେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସଫଳ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏଥିରେ ପୌରୋହିତ୍ୟ କରି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି କହିଲେ ଯେ ଶାସନ ଓ ସେବାର ବିକେନ୍ଦ୍ରୀକରଣ ନହେଲେ, ଗଣତନ୍ତ୍ରର ସଫଳତା ଲୋକଙ୍କୁ ମିଳିବ ନାହିଁ । ସେହି ଲକ୍ଷ୍ୟରେ ଶିକ୍ଷା ବିଭାଗରେ କ୍ଷମତାର ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଖୋଲାଯାଉଛି । ରାଜ୍ୟର ତୃତୀୟ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅତିଶୀଘ୍ର ଭୁବନେଶ୍ୱରଠାରେ ଖୋଲାଯିବ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାପରେ ସେଠାରେ ଆଉଏକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଖୋଲାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ । ସେ କହିଲେ ଯେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷା ସ୍ତରରେ ଗୁଣାତ୍ମକ ହାର ହ୍ରାସ ପାଉଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୩୦ ଭାଗ, ମାଧ୍ୟମିକ ଶିକ୍ଷା ସ୍ତରରେ ଶତକଡ଼ା ୩୦ ଭାଗ ଏବଂ ଉଚ୍ଚଶିକ୍ଷା ସ୍ତରରେ ଶତକଡ଼ା ୯୫ ଭାଗ ପିଲାଙ୍କୁ ଶିକ୍ଷା ସୁବିଧା ଯୋଗାଇବା ବାକୀ ରହିଛି ।

ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀଜୟଦେବ ଜେନା ନବଉଦ୍‌ଘାଟିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ତାଙ୍କ ନିଜ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟ ବର୍ତ୍ତମାନ କାର୍ଯ୍ୟକରିବ ଏବଂ ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ କରାଯିବ ବୋଲି ସୂଚନା ଦେଇଥିଲେ ।

## ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଟ୍ରେଡ୍ ୟୁନିୟନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଭାରତୀୟ ଜାତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ରାଉରକେଲା ଇସ୍ପାତ ନଗରୀର ଟେଲିଫୋନ୍ ଭବନଠାରେ ଅନୁଷ୍ଠିତ ରାଜ୍ୟ ଶାଖା ଆଇ.ଏନ.ଟି.ୟୁ.ସି.ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ ମାଲିକ ଏବଂ ଶ୍ରମିକମାନଙ୍କ ମଧ୍ୟରେ ଏହି ଟ୍ରେଡ୍ ୟୁନିୟନ ସେତୁ ଭଳି କାର୍ଯ୍ୟ କରିଥାଏ । ଶ୍ରମିକ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇ ନପାରିଲେ, ଉତ୍ପାଦନ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଉଭୟଙ୍କର ପ୍ରଭୂତ କ୍ଷତି ଘଟିଥାଏ ବୋଲି ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଥିଲେ । ଶ୍ରମିକ ଶକ୍ତି ହିଁ ଦେଶକୁ ପ୍ରଗତି ପଥରେ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ସଂପ୍ରତି ଓଡ଼ିଶାରେ ୨୦ ଲକ୍ଷ ଶିକ୍ଷିତ ବେକାରଙ୍କର କର୍ମ ସଂସ୍ଥାନ ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରେ କଳକାରଖାନାମାନ ସ୍ଥାପନ

କରାଯିବାର ବ୍ୟବସ୍ଥା ହେଉଛି ଏବଂ କୃଷିକୁ ମଧ୍ୟ ଶିଳ୍ପର ମାନ୍ୟତା ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ ।

ରାଜ୍ୟସଭା ସଦସ୍ୟା ତଥା ଜାତୀୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ଟ୍ରେଡ୍ ୟୁନିୟନର ପରିସରଭୁକ୍ତ କରିବା ପାଇଁ ଉଦ୍ୟମ ହେବା ସଙ୍ଗେ ସଙ୍ଗେ ନିଯୁକ୍ତି କ୍ଷେତ୍ରରେ ଯେପରି ସେମାନେ ଅଧିକ ସୁବିଧା ପାଇ ପାରିବେ, ସେ ଦିଗରେ ସଂଘର କର୍ମକର୍ତ୍ତାମାନେ ଧ୍ୟାନ ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ରାଜ୍ୟ ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାର୍ଥରକ୍ଷା ପାଇଁ ଶ୍ରମିକମାନେ ଏକତାବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ ।

ରାଜ୍ୟ ଜଙ୍ଗଲ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇସ୍ପାତ ନଗରୀ ରାଉରକେଲାରେ ଶ୍ରମିକମାନଙ୍କର ସଂଖ୍ୟା ଅଧିକ ହୋଇଥିବାରୁ ଏହି ସଙ୍ଗଠନକୁ ଅଧିକ ସଙ୍ଗଠିତ କରାଯାଇ ପାରିଲେ, ସେମାନଙ୍କର ସ୍ୱାର୍ଥସାଧନ କ୍ଷେତ୍ରରେ ଅଧିକ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ ।

ଆଇ.ଏନ.ଟି.ୟୁ.ସି.ର ସଭାପତି ଶ୍ରୀ ଜି. ସଂଜୀବ୍ ରେଡ୍ଡୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ସହିତ ସେମାନଙ୍କୁ ଶୋଷଣମୁକ୍ତ କରିବା ଲକ୍ଷ୍ୟ ରଖି ସ୍ୱାଧୀନତା ପୂର୍ବରୁ ଭାରତୀୟ ଜାତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ଗଠନ କରାଯାଇଥିଲା ଏବଂ ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଏହି ସଂଗଠନ ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଚେଷ୍ଟା କରିଆସୁଛି । ଭିନ୍ନ ଭିନ୍ନ ମତବାଦୀ ଦଳମାନଙ୍କର ମିଳିତ ସରକାର କେନ୍ଦ୍ରରେ ରହିଥିବାରୁ ବର୍ତ୍ତମାନ ବହୁ ଶିଳ୍ପ ପ୍ରତିଷ୍ଠାନ ରୁଗ୍ଣ ଅବସ୍ଥାରେ ରହିଛି ଓ ଶ୍ରମିକମାନଙ୍କର ସ୍ୱାର୍ଥ ବ୍ୟାହତ ହେଉଛି ବୋଲି ଶ୍ରୀ ରେଡ୍ଡୀ ମତ ପ୍ରକାଶ କରିଥିଲେ ।

ଆଇ.ଏନ୍.ଟି.ୟୁ.ସି.ର ରାଜ୍ୟ ଶାଖା ସଭାପତି ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସଂପାଦକ ଶ୍ରୀ ଏନ୍.ଡି.ଏନ୍ ପାଳିକର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ଶୃଙ୍ଖଳା ବିନା ଦେଶର ପ୍ରଗତି ଅସମ୍ଭବ

ଶୃଙ୍ଖଳା ବିନା ଦେଶର ପ୍ରଗତି ଅସମ୍ଭବ ଏବଂ ଏହି ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପୋଲିସ୍ ବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପ ମୁଖ୍ୟମନ୍ତ୍ରୀ ତଥା ଅର୍ଥ, ଜଳ ସଂପଦ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ସଂପ୍ରତି ରାଉରକେଲାଠାରେ ଅନୁଷ୍ଠିତ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଚତୁର୍ଥ ବାଟାଲିଅନର ହାବିଲଦାର ଓ ସିପାହୀ ଶାଖା ସଂଘର ୧୮ ତମ ବାର୍ଷିକ ସମ୍ମିଳନୀରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଅପରାଧ ନିୟନ୍ତ୍ରଣ ଦିଗରେ ପୋଲିସ୍ ବାହିନୀକୁ ଆଧୁନିକୀକରଣ କରିବା ସହିତ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ସେଥିପାଇଁ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ । ରାଜ୍ୟରେ ଥିବା ଥାନାଗୁଡ଼ିକ ମଧ୍ୟରୁ ୧୧ ଟି ଥାନାକୁ ଆଧୁନିକୀକରଣ କରାଯାଇଥିବା ସହିତ ପ୍ରତ୍ୟେକ ଥାନାରେ କର୍ମଚାରୀ ସଂଖ୍ୟା ୭ ରୁ ୮ କୁ ବୃଦ୍ଧି କରାଯାଇଥିବା ବିଷୟରେ ମଧ୍ୟ ସେ ସୂଚନା ଦେଇଥିଲେ ।

ରାଜ୍ୟସଭା ସଦସ୍ୟା ତଥା ଜାତୀୟ ମହିଳା କମିଶନ୍‌ର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏହି ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ର ତଥା ରାଜ୍ୟରେ ପୋଲିସ୍ ବାହିନୀ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାଏ ବୋଲି ପ୍ରକାଶ କରିଥିଲେ । ରାଜ୍ୟକୁ ରକ୍ଷା କରିବା ଓ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଦାୟିତ୍ୱ ବହନ କରୁଥିବା ପୋଲିସ୍ ବାହିନୀର ଅସୁବିଧା ରହିଲେ, କର୍ତ୍ତବ୍ୟ ସଂପାଦନ କ୍ଷେତ୍ରରେ ତାହା ପ୍ରତିବନ୍ଧକ ସୃଷ୍ଟି କରିଥାଏ ବୋଲି ଶ୍ରୀମତୀ ପଟ୍ଟନାୟକ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଏହି ବାହିନୀର ପରିସର ମଧ୍ୟରେ ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପୋଲିସ୍ ବାହିନୀ ସମସ୍ତଙ୍କର ସୁଖ ଦୁଃଖର ସାଥୀ ଓ ସମାଜର ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରେ ବୋଲି ପ୍ରକାଶ କରିବା ସହିତ ଏହାର ସାମର୍ଥ୍ୟକୁ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଜଙ୍ଗଲ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୋଲିସ୍ ବାହିନୀ ତା'ର ସେବା ମନୋଭାବ ବୃଦ୍ଧି କରି ଜନସାଧାରଣଙ୍କର ଆସ୍ଥା ଭାଜନ ହେବାକୁ ପରାମର୍ଶ ଦେଇଥିଲେ ।


ସ୍ଥାନୀୟ ବିଧାୟକ ଶ୍ରୀ ପ୍ରଭାତ ମହାପାତ୍ର ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପୋଲିସ୍ ବାହିନୀର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ପଶ୍ଚିମାଂଚଳ ଡି.ଆଇ.ଜି. ଶ୍ରୀ ମନମୋହନ ପ୍ରହରାଜ ଏହି ବାହିନୀର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ହେତୁ ଏ ଅଞ୍ଚଳରେ କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜି ନଥିବାରୁ ପୋଲିସ ବାହିନୀକୁ ସାଧୁବାଦ ଜଣାଇଥିଲେ । ଏଥିରେ ଡେପୁଟି କମାଣ୍ଡେଣ୍ଟ ଶ୍ରୀ ଶୁକଦେବ କର ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।


ରାଉରକେଲା ଶାଖା ସଂଘର ସଭାପତି ଶ୍ରୀ ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂପାଦକ ଶ୍ରୀ ନିତ୍ୟାନନ୍ଦ ରାଉତ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି ଶ୍ରୀ ଚିତ୍ତରଂଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




OGP—MP—PTS (I&PR) 84—5,000—18-3-1997




ହୀରାକୁଦ ନଦୀବନ୍ଧ



ପାରାଦ୍ୱୀପ ବନ୍ଦର



ରାଜ୍ୟ ସଚିବାଳୟ



ଧଉଳି ଶାନ୍ତିସ୍ତୂପ




ସାମନ୍ତ ଚନ୍ଦ୍ରଶେଖର ପ୍ଲାନେଟୋରିୟମ

VOL. LIII. No. 9 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ଉଦୟଗିରି ଗୁମ୍ଫା



ଲଳିତଗିରି ବୌଦ୍ଧ ବିହାର



କୋଣାର୍କ ସୂର୍ଯ୍ୟମନ୍ଦିର



ବାରବାଟୀ ଦୁର୍ଗ

PRINTED AT ORISSA GOVERNMENT PRESS, CUTTACK-753010



# ଉତ୍କଳ ପ୍ରସଙ୍ଗ

ମଇ-ଜୁନ୍, ୧୯୯୭

